# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୮/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 18/2025 Page 16 ₹ 7.00 | SAMBALPUR

୫୧ଶ ଭାଗ ୫୬ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 56 ମୂଲ୍ୟ ₹୭/-




## ‘ବର୍ଡର-୨’ ଶୁଟିଂ ଆରମ୍ଭ

ନବେ ଦଶକର ସୁପରହିଟ୍ ଚଳଚ୍ଚିତ୍ର ବର୍ଡରର ଦ୍ୱିତୀୟ ଭାଗ ‘ବର୍ଡର-୨’ର ଶୁଟିଂ ଆରମ୍ଭ ହୋଇଛି।

୧୦

୧୪

## ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ

ବେଲାରୁଷର ଆରିନା ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# କୋଟାରେ ଓଡ଼ିଆ ଏନ୍ଇଇଟି ଆଶାୟୀଙ୍କ ଆତ୍ମହତ୍ୟା

**ରାଜସ୍ଥାନର ଶିକ୍ଷାନଗରୀ କୋଟାରେ ଆଉ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେଠାକାର କୋଚିଂ ସେଣ୍ଟରରେ ରହି ପଢ଼ୁଥିବା ସେହି ଏନ୍ଇଇଟି ଆଶାୟୀ ଓଡ଼ିଶା ମୟୂରଭଞ୍ଜ ଜିଲାର। ଗତ ୧୭ ଦିନ ମଧ୍ୟରେ ଏହା କୋଟାରେ ୩ୟ ଆତ୍ମହତ୍ୟା। ପ୍ରତିବର୍ଷ କୋଟାରେ ପ୍ରବେଶିକା ପରୀକ୍ଷା ସକାଶେ ଦେଶର ବିଭିନ୍ନ ଭାଗରୁ ଆସୁଥିବା ବିଦ୍ୟାର୍ଥୀମାନେ ପ୍ରସ୍ତୁତ ହେଉଥିବାବେଳେ ପଢ଼ା ଚାପରେ କେତେକ ନଇଁପଡୁଛନ୍ତି। ଫଳରେ ଅବସାଦ ମଧ୍ୟକୁ ଠେଲି ହୋଇଯାଉଥିବାରୁ ଆତ୍ମହତ୍ୟା ପ୍ରବଣତା ବଢ଼ିଯାଉଛି ବୋଲି ରିପୋର୍ଟମାନ ପ୍ରକାଶ ପାଉଛି। ଉପରଲିଖିତ ଘଟଣାରେ ହଷ୍ଟେଲ ରୁମ୍‌ରେ ଲାଗିଥିବା ସିଲିଂ ଫ୍ୟାନ୍ ଆତ୍ମହତ୍ୟା ଏଡ଼ାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ନିୟମ ଅନୁସାରେ ସଂଲଗ୍ନ ନ ଥିଲା ବୋଲି ପୋଲିସ ସ୍ପଷ୍ଟ କରିଛି।**

**■ ଏନ୍ଇଇଟି ପାଇଁ ପ୍ରସ୍ତୁତ ହେଉଥିଲେ**
**■ ୨୦୨୪ରେ ୧୭, ଚଳିତବର୍ଷ ତୃତୀୟ ମାମଲା**

**କୋଟା,୧୭।୧**
ରାଜସ୍ଥାନର କୋଟାରେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍ଇଇଟି) ପାଇଁ ପ୍ରସ୍ତୁତ ହେଉଥିବା ଜଣେ ଓଡ଼ିଆ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୟୂରଭଞ୍ଜ ଜିଲାର ୧୮ ବର୍ଷୀୟ ଛାତ୍ର ଅଭିଜିତ୍ ଗିରି ଗୁରୁବାର ରାତିରେ ନିଜ ହଷ୍ଟେଲ ରୁମ୍ ପଙ୍ଖାରେ ରଶି ଲଗାଇ ଝୁଲିପଡ଼ିଥିବା ସ୍ଥାନୀୟ ପୋଲିସ ଶୁକ୍ରବାର ସୂଚନା ଦେଇଛି।

ପୋଲିସ ସୂଚନା ମୁତାବକ ମୟୂରଭଞ୍ଜ ଜିଲା ବାସିନ୍ଦା ଅଭିଜିତ ୨୦୨୪ ଏପ୍ରିଲରୁ କୋଟାର ଏକ କୋଚିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ଏନ୍ଇଇଟିରେ ଉତ୍ତୀର୍ଣ୍ଣ ହେବା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଗୁରୁବାର ରାତି ୮ଟାରେ ମେସ୍‌ର ଜଣେ କର୍ମଚାରୀ ଅଭିଜିତ୍‌ଙ୍କୁ ଖାଦ୍ୟ ଦେବା ପାଇଁ ତାଙ୍କ ରୁମ୍‌କୁ ଯାଇଥିଲେ। ସେ ତାଙ୍କ ରୁମ୍ କବାଟ ବାଡେଇବା ପରେ ବି ତାହା ନ ଖୋଲିବାରୁ କର୍ମଚାରୀଙ୍କ ମନରେ ସନ୍ଦେହ ହୋଇଥିଲା। ଫଳରେ ସେ ଉକ୍ତ ଛାତ୍ରାବାସର ଅନ୍ୟ କେତେଜଣ ପିଲାଙ୍କ ସହ ମିଶି କବାଟକୁ ଭାଙ୍ଗିଥିଲେ। ସିଲିଂ ଫ୍ୟାନ୍‌ରେ ଅଭିଜିତ୍‌ଙ୍କ ମୃତଦେହ ଝୁଲୁଥିବା ସେମାନେ ଦେଖିବାକୁ ପାଇଥିଲେ ବୋଲି ଆସିଷ୍ଟାଣ୍ଟ ସବ୍-ଇନ୍‌ସ୍ପେକ୍ଟର (ଏଏସ୍ଆଇ) ଲାଲ ସିଂ ତନୱର ସୂଚନା ଦେଇଛନ୍ତି।

ପୋଲିସ ଟିମ୍ ହଷ୍ଟେଲକୁ ଯାଇ ମୃତଦେହକୁ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଛାତ୍ରଙ୍କ ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ। ଅଭିଜିତ୍‌ଙ୍କ ରୁମ୍‌ରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ। ତାଙ୍କ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ହଷ୍ଟେଲ ରୁମ୍‌ରେ ଲାଗିଥିବା ସିଲିଂ ଫ୍ୟାନ୍ ଆତ୍ମହତ୍ୟା ଏଡ଼ାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ନିୟମାନୁସାରେ ସଂଲଗ୍ନ ନ ଥିଲା ବୋଲି ତନୱର କହିଛନ୍ତି।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଜିତ୍ ଜଣେ ଭଲ ଛାତ୍ର ଥିଲେ। ସେ ନିୟମିତ ଭାବେ କୋଚିଂ କ୍ଲାସ୍‌କୁ ଯାଉଥିଲେ। ରାଜସ୍ଥାନର ଶିକ୍ଷାନଗରୀ କୋଟାର ବିଭିନ୍ନ କୋଚିଂ ସେଣ୍ଟରରେ ୨୦୨୪ରେ ଏଭଳି ୧୭ ମାମଲା ସାମ୍ନାକୁ ଆସିଥିବାବେଳେ ଚଳିତବର୍ଷ ଏହା ହେଉଛି କୋଚିଂ ସେଣ୍ଟରରେ ପଢୁଥିବା ଛାତ୍ରଙ୍କ ତୃତୀୟ ଆତ୍ମହତ୍ୟା। ପରୀକ୍ଷାକୁ ନେଇ ପ୍ରତିଯୋଗିତାମୂଳକ ଚାପ ଯୋଗୁ ପ୍ରତିବର୍ଷ ସେଠାରେ ଅନେକ ଛାତ୍ରୀଛାତ୍ର ଆତ୍ମହତ୍ୟା କରୁଥିବା ଅଭିଯୋଗ ହୋଇଆସୁଛି।



ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ୍‌ଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିପାକ୍ଷିକ ଆଲୋଚନା କରୁଛନ୍ତି।

# ୮ ପ୍ରକଳ୍ପକୁ ନେଇ ସିଙ୍ଗାପୁର ସହ ରାଜ୍ୟ ସରକାରଙ୍କ ଏମ୍ଓୟୁ

**ଭୁବନେଶ୍ୱର, ୧୭।୧(ସୁନିତ୍ ମିଶ୍ର)**
ସିଙ୍ଗାପୁର ସରକାରଙ୍କ ସହ ୮ଟି ପ୍ରକଳ୍ପକୁ ନେଇ ଶୁକ୍ରବାର ରାଜ୍ୟ ସରକାର ବୁଝାମଣା ପତ୍ର(ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି। ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମ୍ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଏହି ଏମ୍ଓୟୁ ସ୍ୱାକ୍ଷର କରାଯାଇଛି। ଅକ୍ଷୟ ଶକ୍ତି ଜ୍ଞାନକୌଶଳ ସମ୍ପର୍କରେ ଗବେଷଣା, ଇଣ୍ଡଷ୍ଟ୍ରିଆଲ ପାର୍କ, ନୂତନ ସହରର ବିକାଶ, ଗ୍ରୀନ୍ ହାଇଡ୍ରୋଜେନ୍, ପେଟ୍ରୋଲିୟମ୍ ଓ ଜେମିକଲ୍ସ ଏବଂ ପେଟ୍ରୋ କେମିକାଲ୍ ନିବେଶ କ୍ଷେତ୍ର, ସିଙ୍ଗାପୁର ଓଡ଼ିଶାର ଆର୍ଥିକ ପ୍ରଯୁକ୍ତିଗତ ପ୍ରବନ୍ଧନ ସୁଦୃଢ଼ୀକରଣ, ଭବିଷ୍ୟତ ପାଇଁ ଦକ୍ଷତା ବିକାଶ ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ ଆଦି ନେଇ ଉଭୟ ସିଙ୍ଗାପୁରର ବିଭିନ୍ନ ସଂସ୍ଥା ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା କମିଶନର ଭୂପେନ୍ଦ୍ର ସିଂ ପୁନିଆ ସ୍ୱାଗତ ଭାଷଣ ରଖିଥିଲେ। ଉପରୋକ୍ତ ୮ଟି କ୍ଷେତ୍ରରେ ସହଯୋଗକୁ ମଜଭୁତ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

**ସିଙ୍ଗାପୁର ଓ ଓଡିଶା ମଧ୍ୟରେ ସହଯୋଗ ପାଇଁ ଆପାର ସମ୍ଭାବନା ରହିଛି: ମୁଖ୍ୟମନ୍ତ୍ରୀ**

ସୂଚନାଯୋଗ୍ୟ, ସିଙ୍ଗାପୁର ରାଷ୍ଟ୍ରପତି ଶୁକ୍ରବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ବିମାନବନ୍ଦରଠାରେ ☞ପୃଷ୍ଠା-୪

# ଇମ୍ରାନ୍ ଖାନ୍‌ଙ୍କୁ ୧୪ ବର୍ଷ ଜେଲ, ବୁଶ୍ରା ବିବିଙ୍କୁ ୭



ଇମ୍ରାନ୍ ଖାନ୍



ବୁଶ୍ରା ବିବି

**ଇସ୍‌ଲାମାବାଦ,୧୭।୧(ପି.ଟି.)**
ଏକ ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ସେଠାର ଏକ ଅଦାଲତ ଶୁକ୍ରବାର ୧୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ସ୍ତ୍ରୀ ବୁଶ୍ରା ବିବିଙ୍କୁ ମଧ୍ୟ ୭ ବର୍ଷ ଜେଲଦଣ୍ଡାଦେଶ ହୋଇଛି। ୧୯୦ ନିୟୁତ ପାଉଣ୍ଡ ଅଲ୍-କାଦିର ଟ୍ରଷ୍ଟ ମାମଲାରେ ଉଭୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଇମ୍ରାନ୍ ଏବେ ଆଡିଲା ଜେଲ୍‌ରେ ରହିଥିବାବେଳେ ସେଠାରେ ଖୋଲାଯାଇଥିବା ଅସ୍ଥାୟୀ ଦୁର୍ନୀତି ନିବାରଣ ଅଦାଲତର ବିଚାରପତି ନାସିର ଜାଭେଦ ରାଣା ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୨ରେ ପାକ୍ ପାର୍ଲାମେଣ୍ଟରେ ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

**ଦୁଇଟି ନିଷ୍ପତ୍ତି**

# ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କ ଦରମା ୧୬ ହଜାର ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର, ୧୭।୧(ସୁନିତ୍ ମିଶ୍ର)**
ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନେ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ମାସିକ ୧୧ ହଜାର ୧୦୦ ଟଙ୍କା ପାରିଶ୍ରମିକ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବର୍ଗର ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି।

**ଉପକୃତ ହେବେ ୧୩,୭୪୦ ଶିକ୍ଷକ**

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକ ୧୧ ହଜାର ୧୦୦ ଟଙ୍କାରୁ ବୃଦ୍ଧି ପାଇ ୧୬ ହଜାର ଟଙ୍କା କରାଯାଇଛି। ଏହାସହ ଏହି ବର୍ଗର ଶିକ୍ଷକମାନଙ୍କ ଇପିଏଫ୍ ପରିମାଣ ମଧ୍ୟ ୧୪୪୩ ଟଙ୍କାରୁ ୧୯୫୦ ଟଙ୍କାକୁ ବୃଦ୍ଧି ପାଇଛି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ପ୍ରତ୍ୟେକ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କ ପାଇଁ ପୂର୍ବରୁ ୧୨,୫୪୩ ଟଙ୍କା ପ୍ରଦାନ କରୁଥିବା ବେଳେ ଏବେ ମାସକୁ ୧୭,୯୫୦ ଟଙ୍କା ପ୍ରଦାନ କରିବେ।

ସୂଚନାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ୧୩,୭୪୦ ଜଣ ସ୍କିମାଟିକ୍ କନିଷ୍ଠ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୮୯.୧୫ କୋଟି ଟଙ୍କା ବହନ କରିବେ। ରାଜ୍ୟରେ ପ୍ରାଥମିକ ☞ପୃଷ୍ଠା-୪

# ମହାକୁମ୍ଭରେ ରୁଷିଆର ‘ମସ୍କୁଲାର ବାବା’

**ପ୍ରୟାଗରାଜ,୧୭।୧**
ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭରେ ସାରା ବିଶ୍ୱରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ଗଙ୍ଗା, ଯମୁନା ଏବଂ ପୁରାଣବର୍ଣ୍ଣିତ ସରସ୍ୱତୀ ନଦୀର ମିଳନ ସ୍ଥଳ ତ୍ରିବେଣୀ ସଙ୍ଗମରେ ଅନୁଷ୍ଠିତ ଏହି ମେଳାକୁ ବିଶ୍ୱର ସବୁଠୁ ବଡ଼ ଧର୍ମୀୟ ସମାବେଶ କୁହାଯାଉଛି, ଯେଉଁଥିରେ ୪୦ କୋଟିରୁ ଊର୍ଦ୍ଧ୍ୱ ଭାରତୀୟ ଓ ବିଦେଶୀ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ସାମିଲ ହେବା ଆକଳନ କରାଯାଇଛି। ମହାକୁମ୍ଭରେ ଶିବିର ପକାଇଥିବା ବହୁସଂଖ୍ୟକ ସନ୍ଥଙ୍କ ମଧ୍ୟରେ ଆତ୍ମପ୍ରେମ ଗିରି ମହାରାଜ ତାଙ୍କ ଶରୀର ଗଠନ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ସନ୍ଥ ‘ମସ୍କୁଲାର ବାବା’ ବା ବାହୁବଳି ବାବା ଭାବେ ବେଶ୍ ଜଣାଶୁଣା। ୭ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ବାବା ଗୈରିକ ବସ୍ତ୍ର ପରିଧାନ ସହ ରୁଦ୍ରାକ୍ଷ ମାଳା ପିନ୍ଧିଛନ୍ତି। ତାଙ୍କୁ ଅନେକେ ଆଧୁନିକ ଯୁଗରେ ଭଗବାନ ପର୍ଶୁରାମଙ୍କ ଅବତାର ବୋଲି ବର୍ଣ୍ଣନା କରିଛନ୍ତି। ରୁଷିଆର ଏହି ବାବା ୩୦ ବର୍ଷ ପୂର୍ବରୁ ସନାତନ ଧର୍ମ ଗ୍ରହଣ କରିବା ସହ ହିନ୍ଦୁତ୍ୱବାଦ୍‌ର ପ୍ରଚାର ପ୍ରସାରରେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଏକଦା ଶିକ୍ଷକତା କରୁଥିବା ଗିରି ନିଜ ପେସାଦାରି କ୍ୟାରିୟର ଛାଡ଼ି ଆଧ୍ୟାତ୍ମିକତାର ସନ୍ଧାନରେ ବୁଡ଼ି ରହିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ସେ ନେପାଳରେ ରହୁଥିବାବେଳେ ଜୁନା ଆଖଡ଼ାର ସଦସ୍ୟ ମଧ୍ୟ ଅଛନ୍ତି। ☞ପୃଷ୍ଠା-୪



ଆତ୍ମପ୍ରେମ ଗିରି ମହାରାଜ




Govt. of Uttarakhand

युवा कार्यक्रम एवं खेल मंत्रालय
MINISTRY OF YOUTH AFFAIRS AND SPORTS

INDIA

38वें राष्ट्रीय खेल उत्तराखंड

# A WARM WELCOME TO

## 38th National Games UTTARAKHAND

**28th Jan - 14th Feb 2025**



**Pushkar Singh Dhami**
Chief Minister, Uttarakhand



**Narendra Modi**
Prime Minister

## SANKALP SE SHIKHAR TAK

### Venues for National Games

**Dehradun:** Squash, Archery, Shooting Pistol & Rifle, 5x5 & 3x3 Basketball, Gymnastics, Netball, Wushu, Judo, Rugby Sevens, Lawn Bowl, Athletics, Weightlifting, Badminton, Table tennis, Tennis

**Rishikesh & Tehri:** Extreme slalom, Canoeing slalom, Beach handball, Beach Volleyball, Beach Kabaddi.

**UdhamSingh Nagar:** Cycling Trek, Cycling Road, Handball, Volleyball, Shooting Trap, Skate, Mallakhamb.

**Haldwani:** Football, Kho-Kho, Taekwondo, Modern Pentathlon, Swimming, Fencing, Triathlon.

**Haridwar:** Hockey, Kabaddi, Kushti, Kalaripayattu.

**New Tehri:** Kayaking and Canoeing (Spring), rowing.

**Nainital(Bhimtal):** Cycling MTB.

**Almora:** Yogasan

**Pithoragarh:** Boxing

**Champawat:** Rafting

About 10,000 players from across the country will showcase their sporting skills

Organization of the National Games will provide a new platform to the sporting talent of Uttarakhand.

Players from across the country will showcase their strength across 35 sports events.

Yoga and Malkhamb have been included in the National Games.



**Tejaswini** (Torch)



**Mauli** (Mascot)







For more info log on to:
https://38nguk.in/

ISSUED IN PUBLIC INTEREST BY DEPARTMENT OF INFORMATION AND PUBLIC RELATIONS, UTTARAKHAND

www.uttarainformation.gov.in | DIPR_UK | UttarakhandDIPR | UttarakhandDIPR

# ନିରାପଦ ଯାତ୍ରା କରି ଖୁସିରେ ଘରକୁ ଫେରନ୍ତୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧(ସୁନିତ୍ ମିଶ୍ର)

■ ୬ ଜିଲାର ୮୦୦ ନାଗରିକ ଗଲେ ଶିରିଡ଼ି, ନାସିକ

■ ଚଳିତ ବର୍ଷ ୮ ହଜାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା କରିବେ

ଯେମିତି ଖୁସି ମନରେ ତୀର୍ଥଯାତ୍ରା କରିବାକୁ ଆପଣମାନେ ଯାଉଛନ୍ତି, ସେମିତି ସୁସ୍ଥ ଓ ନିରାପଦ ଭାବେ ଅଶେଷ ପୁଣ୍ୟ ଅର୍ଜନକରି ଘରକୁ ଫେରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱରଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ଅବସରରେ କହିଛନ୍ତି। ଭୁବନେଶ୍ୱର ରେଳ ଷ୍ଟେଶନଠାରୁ ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲାର ୮୦୦ ବରିଷ୍ଠ ନାଗରିକ ମହାରାଷ୍ଟ୍ରର ପ୍ରସିଦ୍ଧ ତୀର୍ଥସ୍ଥଳୀ ଶିରିଡ଼ି ଓ ନାସିକ ଦର୍ଶନ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ପାରମ୍ପରିକ ପୂଜା ସହ ପତକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହାସହ ଟ୍ରେନ୍ ଭିତରେ ବୁଲି ବୁଲି ତୀର୍ଥଯାତ୍ରୀମାନଙ୍କୁ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କ ଆଧ୍ୟାତ୍ମିକ ଏବଂ ଧାର୍ମିକ ଆକାଂକ୍ଷା ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରାଯାଇଛି। ଚଳିତ ବର୍ଷ ରାଜ୍ୟର ୮୦୦୦ ବରିଷ୍ଠ ନାଗରିକଙ୍କ ପାଇଁ ୧୦ଟି ପର୍ଯ୍ୟାୟରେ ଶିରିଡ଼ି, ନାସିକ, କୋଲକାତା ଦକ୍ଷିଣେକାଳୀ, କାମାକ୍ଷା, ଅଯୋଧ୍ୟା, ବାରାଣସୀ ଆଦି ତୀର୍ଥସ୍ଥାନ ଭ୍ରମଣର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାୟଗଡ଼ା ଓ ବାଲେଶ୍ୱର ଷ୍ଟେଶନରୁ ୨ଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ପାଇଁ ଟ୍ରେନ ଚଳାଚଳ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକମାନଙ୍କୁ କହିଛନ୍ତି, ସନାତନ ପରମ୍ପରା ଅନୁଯାୟୀ, ଜୀବନକାଳ ମଧ୍ୟରେ କିଛିକିଛି ଧର୍ମସ୍ଥଳୀ ଦର୍ଶନକରି ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ସମସ୍ତଙ୍କ ଇଚ୍ଛା ଥାଏ। କୌଣସି କାରଣବଶତଃ ଏହା ସମ୍ଭବ ହୋଇ ନ ଥାଏ। ଖୁସିର କଥା ଆପଣମାନଙ୍କ ପାଇଁ ବାବା ଭୋଲେନାଥ ଓ ଶିରିଡ଼ି ସାଇଙ୍କ ଦରବାରକୁ ଡୋରି ଲାଗିଛି ଏବଂ ଆପଣମାନେ ତାଙ୍କ ଦର୍ଶନ ପାଇଁ ଯାଉଛନ୍ତି। ଭାରତୀୟ ସଂସ୍କୃତିକୁ ଏକ ସୂତ୍ରରେ ବାନ୍ଧି ରଖିଛି ଆମ ମନ୍ଦିର ପରମ୍ପରା। ତୀର୍ଥଯାତ୍ରୀମାନେ ଯେପରି ସୁରୁଖୁରୁରେ ଭ୍ରମଣ ଓ ଦର୍ଶନ କରିପାରିବେ ସେଥିପାଇଁ ସେମାନଙ୍କ ସହ ପୂରା ଯାତ୍ରା ସମୟ ପାଇଁ ସ୍ୱତନ୍ତ୍ର ଅଧିକାରୀ, ଗାଇଡ୍ ଓ ଡାକ୍ତରୀ ଦଳର ବ୍ୟବସ୍ଥା ରହିଛି। ସମସ୍ତ ତୀର୍ଥଯାତ୍ରୀଙ୍କୁ ନିଜ ଗ୍ରାମଠାରୁ ସେମାନେ ଯାତ୍ରା ଆରମ୍ଭ କରୁଥିବା ରେଳ ଷ୍ଟେଶନ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଯିବା ଆସିବା ସୁବିଧା କରାଯାଇଛି। ଭାଜପା ସରକାର ରାଜ୍ୟର ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ଉତ୍ତମ ଜୀବନଯାପନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟର ସାଂସ୍କୃତିକ ପର୍ଯ୍ୟଟନର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ହେଉଛି ଏକ ଅନନ୍ୟ କାର୍ଯ୍ୟକ୍ରମ। ଏହି ତୀର୍ଥଯାତ୍ରା ସମସ୍ତଙ୍କୁ ଏକ ନୂତନ ଦୃଷ୍ଟିଭଙ୍ଗୀ ଓ ଅନୁଭବ ପ୍ରଦାନ କରିବ। ଏହି ଯୋଜନା ମାଧ୍ୟମରେ ଆମେ ଆମ ବରିଷ୍ଠ ନାଗରିକଙ୍କ ଇଚ୍ଛାକୁ ଯଥାର୍ଥ ସମ୍ମାନ ଜଣାଇପାରୁଛୁ। ଏହି ଯୋଜନା ଆମ ବରିଷ୍ଠ ନାଗରିକମାନଙ୍କୁ ମାନସିକ ଓ ଧାର୍ମିକ ଶାନ୍ତି ପ୍ରଦାନ କରିବା ସହ ସେମାନଙ୍କର ତୀର୍ଥଯାତ୍ରା କରିବାର ସ୍ୱପ୍ନ ପୂରଣ କରୁଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ।

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ**



ଭୁବନେଶ୍ୱର ରେଳ ଷ୍ଟେଶନରେ ତୀର୍ଥଯାତ୍ରୀ ଟ୍ରେନ୍ ମଧ୍ୟରେ ବରିଷ୍ଠ ନାଗରିକଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାବ ବିନିମୟ କରୁଛନ୍ତି।

## ୧୯ରେ ଅବସର ନେବେ ହାଇକୋର୍ଟ ମୁଖ୍ୟ ବିଚାରପତି

କଟକ,୧୭।୧(କାର୍ତ୍ତିକ ସାହୁ)

**ଦାୟିତ୍ୱ ସମ୍ଭାଳିବେ ବିଚାରପତି ଅରିନ୍ଦମ ସିହ୍ନା**



ଅରିନ୍ଦମ ସିହ୍ନା

ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଆସନ୍ତା ୧୯ ତାରିଖରେ ଅବସର ଗ୍ରହଣ କରିବେ। ତେଣୁ ୨୦ ତାରିଖରୁ ମୁଖ୍ୟ ବିଚାରପତିଙ୍କ କାର୍ଯ୍ୟାଳୟର ଦାୟିତ୍ୱ ହାଇକୋର୍ଟ ବିଚାରପତି ଅରିନ୍ଦମ ସିହ୍ନା ସମ୍ଭାଳିବେ। ବିଚାରପତି ସିହ୍ନାଙ୍କୁ ରାଷ୍ଟ୍ରପତି ଏହି ନିଯୁକ୍ତି କରିଥିବା ନେଇ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ଜଗନ୍ନାଥ ଶ୍ରୀନିବାସନ୍ ଏନେଇ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ବିଚାରପତି, ମୁଖ୍ୟ ଶାସନ ସଚିବ, ଆକାଉଣ୍ଟାଣ୍ଟ ଜେନେରାଲ ଓ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ପ୍ରମୁଖଙ୍କୁ ପତ୍ର ଯୋଗେ ଅବଗତ କରାଇଥିବା ଜଣାଯାଇଛି।

## ନବ ଦାସ ହତ୍ୟାକାଣ୍ଡରେ ନୂଆମୋଡ

ଝାରସୁଗୁଡ଼ା ୧୭।୧
(ଆଶିଷ ରଞ୍ଜନ ଦାଶ )

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡରେ ନୂଆ ମୋଡ଼ ଆସିଛି। ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକ ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି, ନବ ଦାସଙ୍କୁ ଗୁଳି ମରାଯିବା ବେଳେ ଗୋପାଳ ଦାସ ୩ ଥର ଉପରକୁ ବ୍ଲାଙ୍କ ଫାୟାରିଂ କରିଥିଲେ। ଦୂରରେ ଥିବା ଅନ୍ୟ କୌଣସି ବ୍ୟକ୍ତି ନବ ଦାସଙ୍କୁ ଗୁଳି ମାରିଥିଲେ। ଯେଉଁମାନେ ତାଙ୍କୁ ଫୁଲମାଳ ପିନ୍ଧାଇବାକୁ ଆସିଥିଲେ ସେମାନଙ୍କୁ ଯାଞ୍ଚ କରାଯାଇ ନ ଥିଲା। ନବ ଦାସଙ୍କ ରକ୍ତଭିଜା ସାର୍ଟ ଅନୁସନ୍ଧାନକାରୀ ଅଫିସର ସିଜର ତାଲିକାରେ ରଖି ନ ଥିବା କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଲକ୍ଷ୍ମୀକାନ୍ତ ବେହେରା ଓ ପି. କେ. ସାମନ୍ତରାୟଙ୍କୁ ଜେରା ବେଳେ ଜଣାପଡିଥିବା ଓକିଲ ନାୟକ ସୂଚନା ଦେଇଛନ୍ତି। ଆହୁରି ସେ କହିଛନ୍ତି, ନବ ଦାସଙ୍କ ପତ୍ନୀ ମିନତି ଦାସ ଓ ପୁଅ ବିଶାଳ ଦାସ ମଧ୍ୟ ଏହାକୁ ଯୋଜନାବଦ୍ଧ ହତ୍ୟା ବୋଲି ମତ ଦେଇଛନ୍ତି। ଗୋପାଳ ଦାସ ନବ ଦାସଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଯୋଗୁ ଗୁଳି ଫୁଟିବାରୁ ସେ ସୁରକ୍ଷା ପାଇଁ ୩ ଥର ବ୍ଲାଙ୍କ ଫାୟାରିଂ କରିଥିଲେ। ଗୋପାଳ ନବ ଦାସଙ୍କୁ ଗୁଳି ମାରିନାହାନ୍ତି ଅନ୍ୟ କେହି ଗୁଳି ମାରିଛନ୍ତି ବୋଲି ନାୟକ କହିଛନ୍ତି। ଗୋପାଳଙ୍କ ଓକିଲଙ୍କ ଏହି ସୂଚନା ପରେ ନବ ଦାସ ହତ୍ୟାକାଣ୍ଡ ନୂଆ ମୋଡ଼ ନେଇଛି ।

## ମିଳୁନି ୩ ଶ୍ରମିକଙ୍କ ପତ୍ତା, ଚାଲିଛି ଉଦ୍ଧାର କାର୍ଯ୍ୟ

ସୁନ୍ଦରଗଡ଼, ରାଜଗାଙ୍ଗପୁର,୧୭।୧
(ଜୟନାରାୟଣ ମେଣ୍ଡୁଲି/ ଅଶୋକ ପାଣି)

**ଡାଲମିଆ ସିମେଣ୍ଟ ପ୍ଲାଣ୍ଟରେ କୋଲ୍ ହପର ଭୁଶୁଡ଼ିବା ଘଟଣା**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ କାରଖାନାରେ ଗୁରୁବାର ସନ୍ଧ୍ୟାରେ କୋଲ୍ ହପର ଭୁଶୁଡ଼ିବା ଘଟଣାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତାହତଙ୍କ ସମ୍ପର୍କରେ କୌଣସି ଠିକ ସୂଚନା ମିଳିପାରି ନ ଥିବାବେଳେ ୩ ଜଣ ଶ୍ରମିକ ନିଖୋଜ ଅଛନ୍ତି। ସେମାନେ ସ୍ଥାନୀୟ ଶ୍ରମିକ। ସେମାନଙ୍କ ନାମ ସୁଶାନ୍ତ ରାଉତ, ଦଶରଥ ପାତ୍ର ଓ ରଞ୍ଜିତ ଭୋଳ ବୋଲି ସ୍ଥାନୀୟ ତହସିଲଦାର ଜଗବନ୍ଧୁ ମଲ୍ଲିକ ସୂଚନା ଦେଇଛନ୍ତି। କୋଇଲା ଓ ଲୁହା ଷ୍ଟ୍ରକ୍ଚର ଖସି ପଡ଼ିଥିବାରୁ ସେଗୁଡ଼ିକ ଖାଲି କରାଯାଉଥିବା ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ପ୍ରକାଶ କରିଛନ୍ତି। ଡିଆଇଜି ରାୟଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କାରଖାନାର ବରିଷ୍ଠ ଅଧିକାରୀ ସେଠାରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ଉଦ୍ଧାର କାର୍ଯ୍ୟରେ ୪ଟି ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ଓ କାରଖାନା ସୁରକ୍ଷା ଟିମ୍ ନିୟୋଜିତ ଅଛନ୍ତି। କାରଖାନା ବାହାରେ ନିଖୋଜ ଶ୍ରମିକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଉପସ୍ଥିତ ଅଛନ୍ତି। କାରଖାନା ଭିତରକୁ କାହାକୁ ଛଡ଼ା ଯାଉନାହିଁ। ଡାଲମିଆ ସିମେଣ୍ଟ କର୍ତ୍ତୃପକ୍ଷ ତାଙ୍କର ଏଜେନ୍ସୀ ମାଧ୍ୟମରେ ସୂଚନା ପ୍ରଦାନ କରି କହିଛନ୍ତି, ଗୁରୁବାର ସନ୍ଧ୍ୟା ୬ଟା ସମୟରେ ପାୱାର ପ୍ଲାଣ୍ଟର କୋଲ୍ ହପର ଭୁଶୁଡି ପଡିଥିଲା। ଏହି ଘଟଣାରେ ଆମେ ଦୁଃଖିତ। ବର୍ତ୍ତମାନ ପର୍ଯ୍ୟନ୍ତ ୩ଜଣଙ୍କର ପତ୍ତା ମିଳିପାରି ନାହିଁ। କମ୍ପାନୀ ତାର ସମସ୍ତ ଜରୁରୀକାଳୀନ ସେବାକୁ ତ୍ୱରାନ୍ୱିତ କରିଛି। କାରଖାନା ପରିଚାଳନା ଦଳ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ୨ ନମ୍ବର ପ୍ଲାଣ୍ଟରେ ଥିବା ବଏଲର ଫାଟି ଯାଇ କୋଇଲା ଗଦା ହୋଇଯାଇଥିଲା। ଖବର ପାଇ ପଶ୍ଚିମାଞ୍ଚଳ ଡିଆଇଜି ରାଏ, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, ରାଜଗାଙ୍ଗପୁର ବିଧାୟକ ଡା. ଏସ୍ ରାଜନ ଏକ୍କା ଓ ଅନ୍ୟ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ।

## ମାଟିରେ ମିଶିଲା ବୈକୁଣ୍ଠ ଧାମ ଆଶ୍ରମ

ଭୁବନେଶ୍ୱର,୧୭।୧(ସତ୍ୟଜିତ୍ ରାଉତ)



ଶ୍ରୀ ବୈକୁଣ୍ଠ ଧାମ ଆଶ୍ରମକୁ ଉଚ୍ଛେଦ କରାଯାଉଛି।

ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ମୌଜାସ୍ଥିତ ଶ୍ରୀ ବୈକୁଣ୍ଠ ଧାମ ଆଶ୍ରମ ମାଟିରେ ମିଶିଛି। ସରକାରୀ ପ୍ଲଟ୍ ନଂ.୯୦୩୭/୯୦୩୮ ଉପରେ ବେଆଇନ ଭାବେ ଗଢ଼ି ଉଠିଥିବା ଏହି ବିବାଦୀୟ ଆଶ୍ରମକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ମିଳିତ ଟିମ୍ ପୋଲିସ ସହାୟତାରେ ସମ୍ପୂର୍ଣ୍ଣ ଉଚ୍ଛେଦ କରିଛି। ନିର୍ଦ୍ଧାରିତ ଦିନ ୧୨ଟାରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ୧୦ଟି ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ଜିଏ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ୨ଟି ଜେସିବି ସାହାଯ୍ୟରେ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ଆଶ୍ରମ ପାଚେରି, କୋଠା ଓ ଅନ୍ୟାନ୍ୟ ନିର୍ମାଣକୁ ଆଦିକୁ ଭାଙ୍ଗି ଦିଆଯିବା ପରେ ଉକ୍ତ ସ୍ଥାନରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସାଇନବୋର୍ଡ ଲଗାଯାଇଛି। ଉକ୍ତ ସ୍ଥାନ ଓଡ଼ିଶା ସରକାରଙ୍କ ସମ୍ପତ୍ତି ଓ ଅନଧିକାର ପ୍ରବେଶ ଦଣ୍ଡନୀୟ ବୋଲି ସେଥିରେ ଉଲ୍ଲେଖ କରାଯାଇଛି।

**ଅଭିଯୋଗ ଆଣି କାନ୍ଦିଲେ ଅନୁଗାମୀ**

ତେବେ ଉଚ୍ଛେଦ ବେଳେ ଉକ୍ତ ଆଶ୍ରମ ନିକଟରେ ସ୍ଥାନୀୟ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲ। ଏପରିକି କିଛି ଅନୁଗାମୀମାନେ ଗଣମାଧ୍ୟମ ଆଗରେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଜଣେ ଅନୁଗାମୀ ଏହି ଉଚ୍ଛେଦ ପ୍ରକ୍ରିୟାକୁ ବେଆଇନ କହି ବିରୋଧ କରିବା ସହ ସହ ଏହା ହିନ୍ଦୁଧର୍ମ ବିଶ୍ୱାସ ଉପରେ କୁଠାରାଘାତ ହେଉଥିବା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୨ରେ ବିଡିଏ ପକ୍ଷରୁ ଆଶ୍ରମ ଉଚ୍ଛେଦ କରାଯିବା ନେଇ ଘୋଷଣା ହୋଇଥିଲା। ହେଲେ ଏହାକୁ ଚ୍ୟାଲେଞ୍ଜ କରି ଆଶ୍ରମ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ପିଟିଶନ୍ ଦାଖଲ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଶ୍ରମ ନିର୍ମାଣ ଅନୁମତି ଦିଆଯାଇଥିବା ନେଇ ଟ୍ରଷ୍ଟ ପକ୍ଷରୁ କୁହାଯାଇଥିଲା। ପରେ ହାଇକୋର୍ଟ ଏହି ଉଚ୍ଛେଦ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ ଆଶ୍ରମକୁ କୌଣସି ଅନୁମତିପତ୍ର ଦିଆଯାଇନାହିଁ ବୋଲି ଉଲ୍ଲେଖ କରାଯାଇଥିଲା। ଏପରି କି ଆଶ୍ରମକୁ ମିଳିଥିବା ଅନୁମତିପତ୍ର ଜାଲ୍ ବୋଲି ଜଣାପଡ଼ିଥିଲା। ଫଳରେ ଜାନୁଆରୀ ୧୦ ଶୁଣାଣିରେ ହାଇକୋର୍ଟ ଉଚ୍ଛେଦ ଉପରେ ଜାରି ରହିତାଦେଶକୁ ହଟାଇଦେଇଥିଲେ।

## ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଆବେଦନ

କଟକ,୧୭।୧(କାର୍ତ୍ତିକ ସାହୁ)

**ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାର ତଦନ୍ତ ଅଗ୍ରଗତି ହେଉନି**

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଭାରତ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଶୁକ୍ରବାର ଏକ ପିଟିଶନ ଦାଏର କରାଯାଇଛି। ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ୨ୟ ଥର ପାଇଁ ଏହି ପିଟିଶନ୍ ଦାଏର କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ୨୦୨୩ ଜାନୁୟାରୀ ୨୯ରେ ବ୍ରଜରାଜନଗରର ଗାନ୍ଧୀ ଛକଠାରେ ଜଣେ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ଦାବି କରି ପରିଷଦ ପକ୍ଷରୁ ୨୦୨୩ ଫେବୃଆରୀ ୯ରେ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। ମାତ୍ର ସେତେବେଳେ ମାମଲାଟି ପ୍ରାଥମିକ ଅବସ୍ଥାରେ ଥିବାରୁ ହାଇକୋର୍ଟ ଆବେଦନକୁ ଖାରଜ କରିଦେବା ସହ ପରେ ଆବେଦନ କରିପାରିବେ ବୋଲି କହିଥିଲେ। ନବ ଦାସଙ୍କ ହତ୍ୟା ଘଟଣାକୁ ୨ ବର୍ଷ ପୂରିବାକୁ ଥିବାବେଳେ ଅଦ୍ୟାବଧି ତଦନ୍ତର କୌଣସି ଅଗ୍ରଗତି ହେଉନାହିଁ। ପୁଣି ୨୦୨୫ ଜାନୁୟାରୀ ୧୭ ତାରିଖରେ ନବ ଦାସଙ୍କ ପରିବାରବର୍ଗ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। ତେଣୁ ପରିଷଦ ପକ୍ଷରୁ ଦ୍ୱିତୀୟ ଥର ହାଇକୋର୍ଟଙ୍କୁ ଏହି ମର୍ମରେ ଆବେଦନ କରାଯାଇଛି। ଜଣେ ପୋଲିସ ଏଏସ୍‌ଆଇ ନବ ଦାସଙ୍କୁ ହତ୍ୟା କରିଥିବାରୁ ଓଡ଼ିଶା ପୋଲିସ ହାତରେ ତଦନ୍ତ ଭାର ରହିଲେ ତାହା ଠିକ୍ ଭାବେ ହୋଇପାରିବ ନାହିଁ। ସେଥିପାଇଁ ହାଇକୋର୍ଟ ସିବିଆଇ ତଦନ୍ତ ନିର୍ଦ୍ଦେଶ ପାଇଁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

## ଶିମିଳିପାଳ ସୁରକ୍ଷାରେ ୬୬ ସଶସ୍ତ୍ର ପୋଲିସ, ୧୦୦ ଏଆଇ କ୍ୟାମେରା

ବାରିପଦା,୧୭।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ଶୁକ୍ରବାରଠାରୁ ଯୋଡ଼ି ହୋଇଛି ସଶସ୍ତ୍ର ପୋଲିସବାହିନୀ। ବିରଳ କଳା ମହାବଳ ବାଘଛାଲ ଜବତ ଘଟଣାକୁ ଗମ୍ଭୀରତାର ସହ ନିଆଯାଇ ସଚେତନତା ଓ ସୁରକ୍ଷା ଦିଗରେ ପୋଲିସକୁ ମୁତୟନ କରାଯାଇଛି। ତେବେ ବନ୍ୟଜନ୍ତୁଙ୍କ ସୁରକ୍ଷା ଯୋଗାଇବାକୁ ନେଇ ଆଗାମୀ ଦିନରେ କାଠଚୋର ଓ ଶିକାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇପାରିବ ବୋଲି ଓଡିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟରୁ ୩ଟି ମହାବଳ ବାଘ ଶିକାର ଘଟଣାକୁ ନେଇ ଜିଲାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେବେ ମହାବଳ ବାଘ ଛାଲ ଜବତ ଘଟଣାରେ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ମହାବଳ ବାଘ ସୁରକ୍ଷାକୁ ନେଇ ଏଆଇ କ୍ୟାମେରା, ୱାଚ୍‌ଟାୱାର, ଅଲ୍ ଟେରେନ ଗାଡି(ଏଟିଭି) ମୁତୟନ, କଡ଼ା ପ୍ରହରା ସତ୍ତ୍ୱେ ଶିକାରୀମାନେ ସହଜରେ ଶିକାର କରିବାରେ ସକ୍ଷମ ହୋଇପାରୁଛନ୍ତି। ଫଳରେ ମହାବଳ ବାଘ ଅସୁରକ୍ଷିତକୁ ନେଇ 'ଶିମିଳିପାଳ: ବିପଦରେ ମହାବଳ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଯାହାକୁ ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା। ଘଟଣାକୁ ନେଇ ଶିମିଳିପାଳ ସୁରକ୍ଷାରେ ୨ ପ୍ଲାଟୁନ ପୋଲିସଫୋର୍ସ ନିୟୋଜିତ କରାଯାଇଛି। ଏଥିରେ ୬୬ଜଣ ପୋଲିସ କର୍ମଚାରୀ ବିଭିନ୍ନ ବନଖଣ୍ଡ ଅଞ୍ଚଳରେ ନିୟୋଜିତ ରହି ଶିକାରୀଙ୍କୁ ଧରିବା ଓ ରୋକିବା ସହ ସର୍ଚ୍ଚ ଅପରେଶନରେ ବନବିଭାଗ ସହିତ ସାମିଲ ହେବେ। କୋର ଅଞ୍ଚଳରେ ମହାବଳ ବାଘ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ନେଇ ଶହେଟି ଏଆଇ କ୍ୟାମେରା ଖଞ୍ଜାଯାଇ ଡିସେମ୍ବର ସୁଦ୍ଧା ୪୦ଶିକାରୀଙ୍କୁ ଗିରଫ କରାଯାଇଛି। ଅଗାମୀ ଦିନରେ ସମ୍ପୂର୍ଣ୍ଣ ଶିକାରକୁ ରୋକିବା ନିମନ୍ତେ ୨/୩ ମାସ ଲାଗିବ। ତେବେ କଳା ମହାବଳ ବାଘ ଛାଲ ଜବତ କରିବାରେ ପାଖାପାଖି ୩ମାସ ସମୟ ଲାଗିଥିଲା। ତଥ୍ୟ ସଂଗ୍ରହ କରି ଶିମିଳିପାଳ ଟାଇଗର ରିଜର୍ଭର କର୍ମଚାରୀମାନେ ଚଢାଉ କରି ସଫଳ ହୋଇଥିଲେ ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେୀ କହିଛନ୍ତି।

# ବଢୁଛି ଗୋଁଣ୍ଡ ପେଣ୍ଟିଂ କ୍ରାଫ୍ଟ କ୍ଲଷ୍ଟର ଆଦର

କେନ୍ଦୁଝର,୧୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଆଦିବାସୀ ଚିତ୍ରକଳାର ଚାହିଦା ବଢୁଛି। ବିଭିନ୍ନ ମେଳା, ମହୋତ୍ସବରେ ଉକ୍ତ ଚିତ୍ରକଳାକୁ ବହୁ ଆଦର ମିଳୁଛି। ମାତ୍ର ଏହାକୁ ରୂପ ଦେଉଥିବା ଆଦିବାସୀ କଳାକାର ଉଚିତ ମୂଲ୍ୟ ପାଉ ନାହାନ୍ତି। ଏପରିକି ହ୍ୟାଣ୍ଡଲୁମ୍, ଟେକ୍ସଟାଇଲ ଓ ହ୍ୟାଣ୍ଡକ୍ରାଫ୍ଟ ବିଭାଗ ପକ୍ଷରୁ ଲାଗିଥିବା ସୂଚନା ଫଳକ ଭୁଲ୍ ଥିବାରୁ ପର୍ଯ୍ୟଟକ ହୀନସ୍ତା ହେଉଛନ୍ତି। ବିଶେଷକରି ସରକାରଙ୍କ ପକ୍ଷରୁ ଅଧିକ ପ୍ରୋତ୍ସାହନ ଓ ବଜାର ସୁବିଧା କରାଗଲେ କଳାକାର ଅଧିକ ଲାଭବାନ୍ ହୋଇପାରିବେ ବୋଲି କୁହାଯାଇଛି।

ସୂଚନା ଅନୁଯାୟୀ, ବାଂଶପାଳ ବ୍ଲକ୍ ଗୋନାସିକା, ତେଲକୋଇ ବ୍ଲକ୍ ଏବଂ ଘଟଗାଁ ବ୍ଲକ୍ ହରିଚନ୍ଦନପୁର ବ୍ଲକ୍ ପୁରୁମୁଣ୍ଡା ଗ୍ରାମ ଆଦିବାସୀ ଚିତ୍ରକଳା ପାଇଁ ପ୍ରସିଦ୍ଧ। ଆଦିବାସୀ ଚିତ୍ରକଳାକୁ ଗୋଁଣ୍ଡ ପେଣ୍ଟିଂ କ୍ରାଫ୍ଟ କ୍ଲଷ୍ଟର ବୋଲି କୁହାଯାଏ। ଟସର ସିଲ୍କ କପଡ଼ା ଉପରେ ଚିତ୍ର କରାଯାଇ ସ୍ୱତନ୍ତ୍ର ଅଠା ମାରି ଏକ ବୋର୍ଡ ଉପରେ ସିଧା ଭାବରେ ରଖାଯାଇଥାଏ। ପରେ ପେନ୍‌ସିଲରେ ଚିତ୍ର ଆଙ୍କିବା ପରେ ବ୍ରଶ୍‌ରେ ବିଭିନ୍ନ ଫେବ୍ରିକ୍ସ ରଙ୍ଗରେ ରଙ୍ଗାଯାଏ। ବିଶେଷକରି ଶବର, ଗୋଁଣ୍ଡ ସମ୍ପ୍ରଦାୟଙ୍କ ଚିତ୍ରର ଚାହିଦା ଅଧିକ ରହିଛି। ଏବେ ମର୍ଡନ ଚିତ୍ର ୱାଲ ହ୍ୟାଙ୍ଗିଂ ମଧ୍ୟ ଲୋକେ ପସନ୍ଦ କରୁଛନ୍ତି। କଳାକାରଙ୍କ କହିବା ମୁତାବକ, ସରଞ୍ଜାମ ନିଜେ ଭୁବନେଶ୍ୱରରୁ ଆଣିଥାନ୍ତି। ବର୍ଗ ଇଞ୍ଚକୁ ୧.୮୦ ରୁ ୨ ଟଙ୍କା ମିଳେ। ଏଠାରେ ବିକ୍ରିବଟାର ସୁଯୋଗ ନ ଥିବାରୁ ଭୁବନେଶ୍ୱରରେ ବିକ୍ରି କରିଥାନ୍ତି। ପ୍ରତି ଚିତ୍ର ପ୍ରାୟ ୪୦୦ ଟଙ୍କାରେ ବିକ୍ରି ହୋଇଥାଏ। ସେ ହିସାବରେ ମାସିକ ୩୦ ହଜାର ଟଙ୍କା ମିଳିଯାଏ ବୋଲି ଚିତ୍ରକଳାକାର କୁହନ୍ତି।

ଚିତ୍ରକଳାକାର ପୁରନ୍ଦର ନାୟକ କୁହନ୍ତି, ଏସ୍‌ସି, ଏସ୍‌ଟି ବିଭାଗ ଦ୍ୱାରା ତାଲିମ ନେଇ ୧୫ ବର୍ଷ ହେଲା ଏହି କାମ କରିଆସୁଛନ୍ତି। ଭୁବନେଶ୍ୱରରୁ ନିଜେ ଅର୍ଡର ଆଣି ଘରେ ଚିତ୍ରକାମ କରୁଛନ୍ତି। ତାଙ୍କୁ ସ୍ତ୍ରୀ ଆରତୀ ଦାସ, ବଡ ଭାଇ ଗୋରେଖ ଚରଣ ନାୟକ ସହଯୋଗ କରିଥାନ୍ତି। ଗୋଟିଏ ପିସ୍ ଆଙ୍କିବାକୁ ପ୍ରାୟ ୨ ଘଣ୍ଟା ଲାଗିଥାଏ। ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁନାହିଁ। କୌଣସି ପ୍ରୋତ୍ସାହନ ଭତ୍ତା କିମ୍ବା ସହାୟତା ମିଳିନାହିଁ। ନିଜ ଖର୍ଚ୍ଚରେ କାମ କରୁଛନ୍ତି, ବିକ୍ରି କରୁଛନ୍ତି। ପ୍ରସ୍ତୁତ ଚିତ୍ର ରଖିବା ପାଇଁ ଗ୍ୟାଲେରି ଆବଶ୍ୟକ। ଏ ନେଇ ସୁବିଧା କରାଗଲେ ବାହାରୁ ଆସୁଥିବା ଲୋକେ ଦେଖିପାରିବେ। ସେଠାରେ ଚିତ୍ର ପ୍ରଦର୍ଶନ ସହିତ ଅନ୍ୟ ଯୁବକଙ୍କୁ ତାଲିମ ଦେଇପାରିବେ। ସେହିପରି ଦେଓବନ୍ଧ ଛକରେ ବୋର୍ଡ ନ ମାରି ପଣ୍ଡାପଡ଼ା ଛକରେ ବୋର୍ଡ ମରାଯାଇଛି। ଏ ନେଇ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି। ସେହିପରି ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ କିମ୍ବା କୌଣସି ସୁବିଧା ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ସମନ୍ୱିତ ଆଦିବାସୀ ଉନ୍ନୟନ ସମିତି ପ୍ରୋଜେକ୍ଟ ମ୍ୟାନେଜର ସଚ୍ଚିଦାନନ୍ଦ ମିଶ୍ର, କହିଛନ୍ତି, ସେମାନଙ୍କୁ ବିଭିନ୍ନ ସମୟରେ ପ୍ରଦର୍ଶନୀରେ ଭାଗିନେବାକୁ ସୁଯୋଗ ଦିଆଯାଉଛି। ତାଲିମ ଦେବା ପାଇଁ ମଧ୍ୟ ନିୟୋଜିତ କରାଯାଉଛି। ନିଜେ ମଧ୍ୟ ଚିତ୍ର ବିକ୍ରି କରି ରୋଜଗାରକ୍ଷମ ହୋଇ ପାରୁଛନ୍ତି। ହସ୍ତକଳା ପ୍ରମୋସନ ଅଧିକାରୀ ଶୁଭଦ୍ରିକା ସାହୁ କହିଛନ୍ତି, ଏଭଳି ବହୁ କଳାକାର ଜିଲାରେ ଅଛନ୍ତି। ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀରେ ସାମିଲ କରିବା ସହ ଚିତ୍ରକରିବା ଏବଂ ଚିତ୍ରକଳା ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଛି। ଗ୍ୟାଲେରି କରିବା ନେଇ କୌଣସି ବ୍ୟବସ୍ଥା ନାହିଁ। ସବୁ ବୋର୍ଡ ସ୍ଥାନୀୟ ଲୋକଙ୍କୁ ବୁଝି ରାଜ୍ୟ ପକ୍ଷରୁ ଲଗାଯାଇଛି। ଠିକ୍ ସ୍ଥାନରେ ଲଗାଯାଇଥିବ। ଏଣୁ ସେ ସମ୍ପର୍କରେ ଅଧିକ ଜାଣିନାହାନ୍ତି।

ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଦ୍ୟାଧର ବେହେରା କହିଛନ୍ତି, ବୋର୍ଡକୁ ଠିକ୍ ସ୍ଥାନରେ ଲଗାଯାଉ। କଳାର ବିକାଶ ପାଇଁ ଦେଓବନ୍ଧଠାରେ ଏକ ଗ୍ୟାଲେରି ବା ତାଲିମ କେନ୍ଦ୍ର ଖୋଲାଗଲେ କେନ୍ଦୁଝରରୁ ହରିଚନ୍ଦନପୁର ଦେଇ କଟକ ଯାଉଥିବା ଲୋକ ଦେଖି ପାରିବେ ଏବଂ ପ୍ରସ୍ତୁତ ସାମଗ୍ରୀ କିଣିପାରିବେ। ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା କରାଗଲେ ଏହା ଅଧିକ ଆଦୃତ ହୋଇପାରିବ।

**ଚାହିଦା ଅନୁଯାୟୀ ଆଦିବାସୀଙ୍କୁ ପ୍ରୋତ୍ସାହନ ମିଳୁନି**



**ତ୍ରୁଟିପୂର୍ଣ୍ଣ ସ୍ଥାନରେ ଫଳକ, ଦର୍ଶକ ହୀନସ୍ତା**

ହ୍ୟାଣ୍ଡଲୁମ୍, ଟେକ୍ସଟାଇଲ ଓ ହ୍ୟାଣ୍ଡକ୍ରାଫ୍ଟ ବିଭାଗ ପକ୍ଷରୁ ହରିଚନ୍ଦନପୁର ରାସ୍ତାର ନୁଦୁରପଡ଼ା ଛକରେ ଏକ ବୋର୍ଡ ମରାଯାଇଛି। ମାତ୍ର ଭୁଲ୍ ସ୍ଥାନରେ ଏହି ବୋର୍ଡ ଲାଗିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ବୋର୍ଡରେ ଜଂଘିରା ରାସ୍ତାକୁ ତୀର ଚିହ୍ନ ଦେଇ ୫ କି.ମି. ଦୂର ପୁରୁମୁଣ୍ଡା ଗ୍ରାମ ବୋଲି ଦର୍ଶାଇଯାଇଛି। କିନ୍ତୁ ବାସ୍ତବରେ ଉକ୍ତ ରାସ୍ତାରେ ସେହି ଗ୍ରାମ ନାହିଁ। ସେଠାରୁ ପ୍ରାୟ ୧୦ କି.ମି. ଦୂରରେ ଦେଓବନ୍ଧ ଗ୍ରାମ ରହିଛି। ସେଠାରୁ ୫ କି.ମି. ଦୂରରେ ପୁରୁମୁଣ୍ଡା ଗ୍ରାମ ପଡୁଛି। ଭୁଲ୍ ଫଳକ ଯୋଗୁ ଦର୍ଶକ ବା ପର୍ଯ୍ୟଟକ ଗ୍ରାମକୁ ଯିବାକୁ ହୀନସ୍ତା ହେବାକୁ ପଡୁଥିବା ଅଭିଯୋଗ ହୋଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରମାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଦିବସ ବର୍ଣ୍ଣାଳୀ, ସ୍ଥାନ: ପ୍ରାଚୀନ ପ୍ରେକ୍ଷାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ପତ୍ରିକା ସ୍ମୃତିଲିପିର ୩୦ତମ ବାର୍ଷିକୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୩ଟା ୪୫।
- ସୁମନ୍ତ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମହୋତ୍ସବ 'ସ୍ମୃତି ସୁମନ୍ତ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ହାବେଳି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭେଣ୍ଡିଂ ଜୋନ୍ ଉଦ୍‌ଘାଟନ ଓ ସଭା, ସ୍ଥାନ: ଟିଏଲ୍‌ସି ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- 'କୋଶମ୍ -୨୦୨୫'ର ଷଷ୍ଠ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ୩୪ତମ ଏଫ୍‌ଏଫ୍‌ଟିଏ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଫିସାରି ପଡ଼ିଆ, ବାହାବଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏକ୍ସପୋ ଓଡ଼ିଶା-୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦ୍ୟୋଗ ଭବନ, ସମୟ: ଅପରାହ୍ନ ୫ଟା।
- ଅଲ୍ ଓଡ଼ିଶା ବ୍ୟାଡ୍‌ମିଣ୍ଟନ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ୭୪ତମ ବାର୍ଷିକ ସାର୍ବଜନୀନ ଗଙ୍ଗାମାତା ପୂଜା ପଞ୍ଚମ ଦିବସ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସିଦ୍ଧିବିନାୟକଙ୍କ ଦ୍ୱାଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ କଳସ ଯାତ୍ରା, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସିଏମ୍ ଟ୍ରଫି, ଜିଲାସ୍ତରୀୟ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ତୃତୀୟ ମ୍ୟାଚ୍, ସ୍ଥାନ: ଦୋବଲ କାଳୀପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ, ସ୍ଥାନ: ଆନନ୍ଦପୁର, ଧାମନଗର, ସମୟ: ଅପରାହ୍ନ ୩ଟା।
- ୧୦୨ତମ ମକର ମହୋତ୍ସବ ପାଲା କାର୍ଯ୍ୟକ୍ରମ, ସ୍ଥାନ: ଭଜନା ମୁନି ମଣ୍ଡପ, ମନ୍ଦାରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଶ୍ରୀ ଶନିଗ୍ରହଙ୍କ ମନ୍ଦିରରେ ମାନସିକ ମେଳା, ପୂଜା, ହୋମ, ଭଜନ ସମାରୋହ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ସମୟ: ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଶଢ଼ା, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ସଙ୍ଗୀତ, ବେବି ସୋ, କୁକୁର ସୋ, ରଙ୍ଗୋଲି, ସାଲାଡ, କଟ ଫ୍ଲାୱାର, ଟଗ ଅଫ୍ ୱାର ପ୍ରତିଯୋଗିତା, ସ୍ଥାନ: ଉତ୍ସବ ପଡ଼ିଆ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା ଏବଂ ଅପରାହ୍ନ ୩ ଟା।
- କ୍ରିକେଟ୍ ଟୁର୍ନାମେଣ୍ଟ ଉତ୍ସବ, ସ୍ଥାନ: ଶାଳକଣିଆଁ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ, ଅର୍ଥବ ବକ୍ସି ଓ ସାମ୍ମୁଖ୍ୟ ପ୍ରିୟାଙ୍କ ଅର୍କେଷ୍ଟ୍ରା, ସ୍ଥାନ: ଉତ୍ସବ ପଡ଼ିଆ, ବଡ଼ବିଲ, ସମୟ: ଅପରାହ୍ନ ୫ଟା ୪୫ ରୁ ରାତ୍ରି ୧୦ଟା।

- ମା' ଦୁଆରଶୁଣି ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଟୁକୁଣା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ତାରିଣୀ ପୀଠରେ ତ୍ରିସ୍ତରୀୟ ବାର୍ଷିକୋତ୍ସବ, ସ୍ଥାନ: କୁଆଁରପାଳ, ଖଣ୍ଡିହୁଡି, ଉଦଳା, ସମୟ: ସକାଳ ୯ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ମହାପ୍ରଭୁଙ୍କ ନବଯୌବନ ଦର୍ଶନ, ସ୍ଥାନ: ଦୁର୍ଗାଦେବୀ, ବଡ଼ସାହି ବ୍ଲକ, ଦାମୋଦର ମେଳା, ସ୍ଥାନ: ସୁନାମୁହିଁ ବାରୁଣୀ ଘାଟ ମଧୁବନ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା
- ତ୍ରିରଙ୍ଗା କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ତ୍ରିରଙ୍ଗା କ୍ଲବ ବାରିପଦା, ସମୟ: ଅପରାହ୍ନ ୨ଟା।
- ମକର ମେଳା, ସ୍ଥାନ: ସିଂହଟିଆ ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୩ଟା।
- ୧୪ତମ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ, ସ୍ଥାନ: ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ ଟା।
- ବେତନଟୀ ବନାଞ୍ଚଳର ସ୍ୱତନ୍ତ୍ର ବୈଠକ, ସ୍ଥାନ: ଝିଙ୍କିରିଆ କଲ୍ୟାଣ ମଣ୍ଡପ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

## ବ୍ରହ୍ମପୁର

- ଗବେଷଣା ଚକ୍ରର ବାର୍ଷିକ ସମ୍ମିଳନୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୯ଟା।

## ଗଞ୍ଜାମ

- ଫିଜିକ୍ସ ସମ୍ମିଳନୀ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କୁଲାଡ କବି ସମ୍ରାଟ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜାପିତା ବ୍ରହ୍ମବାବାଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମକୁମାରୀସ୍ ତପସ୍ୟାଧାମ୍ କଳିଙ୍ଗାରୋଡ଼ ଆସିକା, ସମୟ: ମଧ୍ୟାହ୍ନ ୧୨ଟା।
- ମମ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ, ସ୍ଥାନ: ସତ୍ୟନାରାୟଣ ମନ୍ଦିର ଆସିକା, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ

- ବାର୍ଷିକ ଉତ୍ସବ, ସ୍ଥାନ: କ. ନୂଆଗାଁ ବ୍ଲକ କୁତୁଡୁଳିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ୧୦ଟା।
- ବାରଖମା ବ୍ଲକ ଗଠନ ଦାବିରେ ଶୋଭାଯାତ୍ରା, ସ୍ଥାନ : ଗାନ୍ଧୀ ଛକ, ବାଲିଗୁଡା,ସମୟ : ପୂର୍ବାହ୍ନ ୧୧ଟା।
- ଆଦିବାସୀ କଲେଜ ବାର୍ଷିକ କ୍ରୀଡା ଉଦଯାପନୀ, ସ୍ଥାନ: ବାଲିଗୁଡ଼ା ବିଜୁ ପଟ୍ଟନାୟକ ମିନିଷ୍ଟାଡ଼ିୟମ,ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା ୩୦।

## ଜଗତ୍‌ସିଂହପୁର

- କୋଷ୍ଟଗାର୍ଡ ପକ୍ଷରୁ ୪୯ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ଗଙ୍ଗାମାତାଙ୍କ ପୂଜା ଓ ମେଳା ଉତ୍ସବ, ସ୍ଥାନ: ପାଞ୍ଚଗୋଛିଆ, ସୁନିତି, ମହାକାଳପଡ଼ା, ସମୟ: ସକାଳ ୯ଟା।

## ଯାଜପୁର

- ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଟିକଟାଠାରେ ୩ ଦିନିଆ ରାଜ୍ୟସ୍ତରୀୟ ଇଜତେମା ଆରମ୍ଭ, ସ୍ଥାନ: କଟିକଟା ଇଜତେମା ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଯୋଗ ଶିବିର ଉଦ୍‌ଘାଟନ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡ଼ା, ସମୟ: ସକାଳ ୭ଟା୩୦।
- ଟି ୨୦ କିକେଟ୍ ଟୁର୍ନାମେଣ୍ଟ (ମହିଳା ଓ ପରୁଷ) ମ୍ୟାଚରେ ରୟାଲ ଚ୍ୟାଲେଞ୍ଜରସ୍ ଖଣ୍ଡପଡ଼ା ବନାମ ପିଟିଏସ୍ ନୟାଗଡ଼, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ), ସମୟ: ସକାଳ ୯ଟା ।
- ମକର ସଂକ୍ରାନ୍ତି ଯାତ୍ରାର ୫ମ ଦିବସ, ସ୍ଥାନ: ଗୋଡ଼ିପଡ଼ା ନିକଟସ୍ଥ ହରିଡ଼ାବନ୍ଧ ହଟକେଶ୍ୱର ମହାଦେବ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଟି ୨୦ କ୍ରିକେଟ୍ ଟୁର୍ନାମେଣ୍ଟର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଟି ୨୦ କିକେଟ୍ ଟୁର୍ନାମେଣ୍ଟ (ମହିଳା ଓ ପରୁଷ) ମ୍ୟାଚରେ ଡିପିଓ କେନାଇଟ୍ ରିଡର୍ସ ବନାମ ଡେଞ୍ଜରିୟସ ଏକାଦର୍ଶ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ), ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ନୟାଗଡ଼ କପ୍ ଷଷ୍ଠ ଦିବସରେ ସ୍ୱତନ୍ତ୍ର ମହିଳା ଫୁଟବଲ ମ୍ୟାଚ, ସ୍ଥାନ: ନୟାଗଡ଼ ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ଟା୩୦।
- ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ନୟାଗଡ଼ କପ୍ ଷଷ୍ଠ ଦିବସରେ ମଣ୍ଡିଂ କ୍ଲବ ନୟାଗଡ଼ ବନାମ ନୟାଗଡ଼ ଭେଟରାନ ୧୧ ଫୁଟବଲ ମ୍ୟାଚ, ସ୍ଥାନ: ନୟାଗଡ଼ ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା୩୦।
- ସିରିୟସ ଜୋନ ନାଟକ ମହୋତ୍ସବର ୨ୟ ଦିବସ ନାଟକ ଏବଂ କିଏ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା ।
- ରାୟଗଡ଼ା
- ସ୍ୱଳ୍ପକାଳୀନ ଏବଂ ଦୀର୍ଘ ମିଆଦି ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଏବଂ ଚୟନ କାର୍ଯ୍ୟକ୍ରମ,
- ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଲ୍ୟାଣସିଂପୁର, ସମୟ: ପୂର୍ବାହ୍ନ ୧୦ ଟା ।
- ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ଅଡିଟୋରିୟମ ହଲ୍, ସମୟ: ପୂର୍ବାହ୍ନ ୧୧ଟା ୨୦ ।

## ନବରଙ୍ଗପୁର

- ପର୍ଯ୍ୟାପ୍ତ ଜଳ ପଞ୍ଚାୟତ ତାଲିମ୍, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଉଦ୍ୟାନ କୃଷି ତାଲିମ୍, ସ୍ଥାନ: ବ୍ଲକ୍ ଉଦ୍ୟାନ ବିଭାଗ ନର୍ସରୀ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଏକାଭିମୁଖୀ ବୈଠକ, ସ୍ଥାନ: ଡାବୁଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଭୋଟର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଅଶୋକ ମେହେଟା ବୈଠକ ଗୃହ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ମାଲକାନଗିରି

- ବନ ବିଭାଗ ପକ୍ଷରୁ ପକ୍ଷୀଗଣନା, ସ୍ଥାନ: ମାଲକାନଗିରି ସତିଗୁଡ଼ା, ମାଥିଲି ଓ ବାଲିମେଳା ଜଳଭଣ୍ଡାର, ସମୟ: ସକାଳ ୬ଟା।

## ସମ୍ବଲପୁର

- ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ରେଲୱେ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ମହାରାଜଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ବଡସଡକ, ସମୟ: ପୂର୍ବାହ୍ନ ୧୦ଟା।
- କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ଭାଜପା ମଣ୍ଡଳ ସଭାପତି ଓ ଜିଲାପ୍ରତିନିଧିମାନଙ୍କ ସମ୍ବର୍ଦ୍ଧନା ସଭା, ସ୍ଥାନ: କୁଚିଣ୍ଡା ଟାଉନହଲ,ସମୟ: ପୂର୍ବାହ୍ନ ୧୦ଟା।
- କୁଚିଣ୍ଡା ବ୍ଲକ ଚନ୍ଦନୀମାଲ ହୀରାଧର ଯୁବକସଂଘ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ-ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଚାଉଁରପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ ଭାଗବତ ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଦଧିବାମନ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା।
- ବିଶ୍ୱାମ୍ ଚେତନା ପରିଷଦ ଆୟୋଜିତ ଶ୍ରୀମଦ ଭାଗବତ ସାଧ୍ୟାୟ ସୂତ୍ର କାର୍ଯ୍ୟକ୍ରମ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରାରେ ରଙ୍ଗସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ମୁଖ୍ୟମନ୍ତ୍ରୀ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚମ୍ପୟନ୍‌ଶିପ୍ ସ୍ଥାନ: ସଦାଇପାଲି, ସମୟ: ଅପରାହ୍ଣ ୨ଟାସ୍ଥାନ: ଭାଲେର, ସମୟ: ଅପରାହ୍ଣ ୩ଟା ୩୫ ମିନିଟ।
- ଲଳିତ ନାୟକ ସ୍ମାରକୀ ସର୍ବଭାରତୀୟ ଫ୍ଲଡଲାଇଟ୍ କ୍ରିକେଟ ମ୍ୟାଚ,ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ: ୧୧ଟା।
- ତରଭା ବ୍ଲକ ରୁଗୁଡିପାଲି ତ୍ରିବେଣୀ ଛକ ମକର ମେଳାର ଶେଷ ସନ୍ଧ୍ୟା, ସ୍ଥାନ: ତ୍ରିବେଣୀ ଛକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ନାରାୟଣୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁମେଲସିଂହା, ଅତାବିରା, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ସହରାପାଲି, ବରଗଡ଼, ସମୟ: ସକାଳ ୮ଟା।
- ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସହରାପାଲି, ବରଗଡ଼, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଡ଼ମାଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ଆ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଅଲେଖ ନିରଞ୍ଜନ ମହିମା ପ୍ରଚାର, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୧ଟା।
- ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଡିଏମ୍‌ଏଫ୍ ହଲ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପନ,ସ୍ଥାନ:ମହାବିଦ୍ୟାଳୟ ପରିସର ପଡିଆ,ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ମହାବୀର ମାନସ ପରିଷଦ ପକ୍ଷରୁ ରାମାୟଣ ପାଠର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ମିଟକୁନ୍ଦରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାକ୍ରୀଡ଼ା ସଂଘ ପକ୍ଷରୁ ପ୍ରତିଯୋଗିତାର ୩ୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୨ଟା ୩୦।
- ରେଳବାଇ ଗାର୍ଡ କାଉନସିଲ୍ ପକ୍ଷରୁ ମଣ୍ଡଳସ୍ତରୀୟ ବୈଠକ, ସ୍ଥାନ: ରାଉରକେଲା ଷ୍ଟେଶନ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ କୃଷି ପାଠଶାଳା, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ ସଧାରଣ ସଭା, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ନବନିର୍ମିତ ଜଗନ୍ନାଥ ମନ୍ଦିର ଦେବସ୍ଥାନମର ରତ୍ନମୁଦ, ମହାସ୍ନାନ, ବିଗ୍ରହ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ଲାଞ୍ଜିଗଡ଼ ବେଦାନ୍ତ ଟାଉନଶିପ ପରିସର, ସମୟ: ସକାଳ ୮ଟା।

## ନୂଆପଡ଼ା

- ଜିଲାସ୍ତରୀୟ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ବିଜୁ ପଟ୍ଟାନାୟକ ଇଣ୍ଡୋର ଷ୍ଟାଡିୟମ ଖଡିଆଳ, ସମୟ: ସନ୍ଧ୍ୟା ୭ଟା ।
- ୧୮ ତମ ରୟାଲ କପ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆାରୀ ଗାଁ ଖେଳପଡିଆ, ସମୟ: ସକାଳ ୯ଟା ।
- ୩ୟ ମା' ବସ୍ତ୍ରାଣୀ କପ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିଭୂଜ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ୯ତମ ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଳ ମହିଳା ଡିଗ୍ରୀ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୩୫ତମ ବାର୍ଷିକ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆପଡ଼ା, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ସର୍ମପଣ ଉତ୍ସବ ଉଦ୍‌ଘାଟନ ସମାରୋହ, ସ୍ଥାନ: ମିନି ଷ୍ଟାଡିୟମ ଲୁଣିବାହାଲ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା ।
- ୨୧ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ତିଳେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ତିଳେଶ୍ୱର, ହରଭଙ୍ଗା, ସମୟ: ଅପରାହ୍ନ ୩ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ର ଧନାଧିପତି ନକ୍ଷତ୍ରରେ ଅବସ୍ଥାନ କରି ଆପଣଙ୍କୁ ଅର୍ଥ, ସୁଖ, ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରିବେ। ବୋଝ ଭଳି ରହିଥିବା ସମସ୍ୟା ଆଜି ସମାଧାନ ହୋଇଯିବାରୁ ମନ ହାଲୁକା ହୋଇଯିବ। ରବି ପାପଗ୍ରହ କେତୁଙ୍କ ସହ କର୍ମସ୍ଥ ପାରିବାରିକ ମତାନ୍ତରଜନିତ ସୁସମ୍ପର୍କ ବ୍ୟାହତ ହେବ। ଯାତ୍ରା, ବ୍ୟବସାୟ, ପରିବହନ ପାଇଁ ଦିନଟି ମଧ୍ୟମ ପ୍ରକାର ରହିବ।

**ବୃଷ** ତୃତୀୟାଧିପତି ଚନ୍ଦ୍ର କେନ୍ଦ୍ରସ୍ଥ ଯୋଗୁ କାମ ହାସଲ ସକାଶେ ଆଜି ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ଆନୁଷ୍ଠାନିକ କାମ, ବ୍ୟବସାୟ, ବାଣିଜ୍ୟରେ ଅସୁବିଧା ହେବନାହିଁ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ଉଚ୍ଚଶିକ୍ଷା ଓ ସନ୍ତାନଙ୍କ ସମସ୍ୟା ତଥା ବନ୍ଧୁଙ୍କ ସହ ଆଲୋଚନାଦି ଫଳପ୍ରଦ ହୋଇ ନ ପାରେ।

**ମିଥୁନ** କର୍ମସ୍ଥାନରେ ରାହୁଙ୍କ ଅବସ୍ଥିତି ପ୍ରତ୍ୟେକ କାମରେ ସମସ୍ୟା ସୃଷ୍ଟି କରିପାରନ୍ତି। ତରବରିଆ ପଦକ୍ଷେପ ନେଲେ ସମସ୍ୟା ବଢ଼ିଯାଇପାରେ। ମାଲିମକଦ୍ଦମା, ଆଗାମୀ ପ୍ରମୋଶନ ଓ ଅଯଥା ଟେନ୍‌ସନ ସୃଷ୍ଟି ହୋଇ ମନକୁ ଭାରାକ୍ରାନ୍ତ କରିପାରେ। ଦିନଟିରେ ପୁନର୍ବସୁ ନକ୍ଷତ୍ରର ଅର୍ଥ ଓ ସହଯୋଗ, ସୁଖ ସମ୍ମାନ ଊଣା ହେବ ନାହିଁ।

**କର୍କଟ** ପାପଗ୍ରହ ଦୃଷ୍ଟି ବର୍ଜିତ କର୍ମାଧିପତି ରାଶିରେ ଥିବାରୁ ଆଜି ଯାହା ଆଶା କରୁଛନ୍ତି ତାହା ପୂରଣ ହେବ। ଅନୁକୂଳ ବାତାବରଣ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟକୁ ସମ୍ପନ୍ନ କରିପାରିବେ। ଆତ୍ମୀୟମାନେ ଶତ୍ରୁତା କଲେ ମଧ୍ୟ କୌଣସି ଅସୁବିଧା ହେବନି। ଆଜିର ଦୂର ଯାତ୍ରା, ବନ୍ଧୁ ମିଳନ, ଆନୁଷ୍ଠାନିକ କାମ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**ସିଂହ** ରାଶ୍ୟାଧିପ ଶତ୍ରୁ ଗୃହରେ ରହିଥିବାରୁ ସ୍ୱାସ୍ଥ୍ୟ ଓ ପରିବାର ପ୍ରତି ସମତାଳ ଦେଇ କାମ କରିବା କାଠିକର ପାଠ ହେବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସମୟକୁ ଅପେକ୍ଷା କରିପାରିଲେ ପ୍ରତ୍ୟେକ ଦିଗରୁ ଉପକୃତ ହେବେ। ସାମାଜିକ ସ୍ତରରେ ପ୍ରଶଂସା ପାଇବେ। ବାଣିଜ୍ୟ, କର୍ମକ୍ଷେତ୍ର ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**କନ୍ୟା** ବୁଧଙ୍କ ଶୁଭଦୃଷ୍ଟି ହେତୁ କର୍ମକ୍ଷେତ୍ରରେ ମନ ମୁତାବକ କାର୍ଯ୍ୟ ସମ୍ପନ୍ନ କରି ଆଶ୍ୱସ୍ତି ଲଭିବେ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁଙ୍କ ନିକଟରୁ ଅଥବା ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ କଳ୍ପନାପ୍ରବଣ ହୋଇପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିପାରନ୍ତି।

**ତୁଳା** ଉଚ୍ଚାରୋହୀ ରାଶ୍ୟାଧିପଙ୍କ କାରଣରୁ ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ଲାଘବ ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ନୂତନ ଗୃହ, ଯାନବାହନାଦି ଲାଭର ସୁଯୋଗ ପାଇବାର ଆଶା ରହିଛି। ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି।

**ବିଛା** ବନ୍ଧୁଙ୍କ ଉପରେ ବୃଥା ଅଭିମାନ କରି ଚୁପ୍ ରହିଲେ ସୁଯୋଗ ହରାଇବା ସାର ହେବ। ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ସମାଧାନ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ଅଧ୍ୟୟନରେ ସମୟକୁ ବିନିଯୋଗ କରିପାରନ୍ତି। ସପ୍ତମାଧିପଙ୍କ ଯୋଗୁ ପ୍ରତିଦ୍ୱନ୍ଦିତା କାରଣରୁ ଶିଳ୍ପ ଓ ବାଣିଜ୍ୟରେ ଉନ୍ନତି ଘଟିପାରେ।

**ଧନୁ** ଶନି ଯୁକ୍ତ ଶୁକ୍ର ହେତୁ ଆପଣଙ୍କ ସାହାଯ୍ୟ ପ୍ରାପ୍ତିର ଅନୁରୋଧକୁ ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି କାମକୁ ଆସି ନ ପାରେ। ବକେୟା ଅର୍ଥ ଆଦାୟରେ ଟଣାଓଟରା ଲାଗିପାରେ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଆଜି ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର** ସ୍ୱାସ୍ଥ୍ୟ ସମସ୍ୟା, ବାଣିଜ୍ୟ, ପରିବହନରେ ସମସ୍ୟା, ତଥା ଅତୀତ ଘଟଣା ମନରେ ଆଲୋଡନ ସୃଷ୍ଟିକରିବ। ପୂଜା ସାମଗ୍ରୀ, କ୍ଷେଟସନାରୀ ତଥା ହୋଟେଲ ବ୍ୟବସାୟରେ ସଫଳତା ହାସଲ କରିବେ। ବନ୍ଧୁମିଳନ, ଭ୍ରମଣ, ଆନୁଷ୍ଠାନିକ କାମ ଓ ଆଲୋଚନା ପ୍ରତିଦାୟକ ରହିବ। ବନ୍ଧୁଙ୍କ ଜରିଆରେ ହଜିଯାଇଥିବା ଜିନିଷ ପାଇ ଖୁସି ହେବେ।

**କୁମ୍ଭ** ଷଷ୍ଠାଧିପ ଚନ୍ଦ୍ର ସପ୍ତମ ସ୍ଥାନରେ ସ୍ତ୍ରୀ/ସ୍ୱାମୀଙ୍କ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଶତଭିଷା କିନ୍ତୁ ଯେଉଁ କାମରେ ହାତଦେବେ ତାହା ବିଳମ୍ବରେ ସାଧିତ ହୋଇପାରିବ। ଗୁଜବ କିମ୍ବା ଅସମର୍ଥିତ ସୂତ୍ରରୁ ହଠାତ୍ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ପୂର୍ବ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ ଓ ଅର୍ଥଲାଭ ହେବ।

**ମୀନ** ମଙ୍ଗଳ କୋଣ ଭାବରେ ରହିଥିବାରୁ ଧାର୍ମିକ ତଥା ଜନ ହିତକର କାମ କରିବା ସକାଶେ ମନ ଦେଇପାରନ୍ତି। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସାବଧାନ ରହିବା ଭଲ ହେବ। ଈର୍ଷାପରାୟଣ ହୋଇ ନିଜ ପରିସରର ବ୍ୟକ୍ତିବିଶେଷମାନେ ଅସହଯୋଗ କରିପାରନ୍ତି। ପାରସ୍ପରିକ ମତଭେଦ କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

ଆଜି ଜାନୁୟାରୀ ୧୮ ତାରିଖ, ମାଘ କୃଷ୍ଣ ୫ମୀ, ଶନିବାର, ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୧୦।୩୪ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୨ ଗତେ ଘ.୧୦।୩୪ ମଧ୍ୟେ ରାହୁକାଳ।

# ଓଡ଼ିଶାକୁ ଯୌତୁକମୁକ୍ତ ରାଜ୍ୟ କରିବାକୁ ନିର୍ଦ୍ଦେଶଦେଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୧(ସୁନିତ୍ ମିଶ୍ର)** ଯୌତୁକ ଏକ ପରମ୍ପରା, ସଂସ୍କୃତି କି ବ୍ୟକ୍ତିଗତ ବ୍ୟାପାର ନୁହେଁ। ଏହା ଏକ ସାମାଜିକ ବ୍ୟାଧି। ଯୌତୁକ ନିଷେଧ ଆଇନ ୧୯୬୧ ପ୍ରଣୟନର ୬୦ ବର୍ଷ ପରେ ମଧ୍ୟ ସମାଜରେ ଏବେ ବି ଯୌତୁକ ଦିଆନିଆ ହେଉଛି ବୋଲି ଏକଦିବସୀୟ ଯୌତୁକ ନିଷେଧ ଆଇନ ୧୯୬୧ ଉପଜିଲାପାଳ ସମ୍ମିଳନୀ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନର କନ୍‌ଭେନସେନ ସେଣ୍ଟରଠାରେ ଶୁକ୍ରବାର ଏକଦିବସୀୟ ଯୌତୁକ ନିଷେଧ ଆଇନ ୧୯୬୧ ଉପଜିଲାପାଳ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାକୁ ଏକ ଯୌତୁକମୁକ୍ତ ରାଜ୍ୟ ଭାବେ ପରିପ୍ରକାଶ କରିବା ନିମନ୍ତେ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ତୃଣମୂଳସ୍ତରରେ ଉକ୍ତ ପ୍ରସଙ୍ଗ ଉପରେ ଚର୍ଚ୍ଚା ଓ ଆଲୋଚନା ହେବାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଛନ୍ତି। ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନଗୁଡ଼ିକ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବା ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ। ତେଣୁ ଉପଜିଲାପାଳ ଭାବେ ଏହି ଯୌତୁକ ନିଷେଧ ଅଧିନିୟମ, ୧୯୬୧ ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ସହ ଏହି ଆଇନର ଦୁରୁପଯୋଗକୁ ରୋକିବାରେ ଉପଜିଲାପାଳଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ଉପ-ଜିଲାପାଳ ତଥା ସବ୍-ଡିଭିଜନାଲ ମାଜିଷ୍ଟ୍ରେଟ୍‌ମାନଙ୍କୁ ଯୌତୁକ ନିଷେଧ ଅଧିକାରୀ ଭାବେ ଘୋଷଣା କରାଯାଇଛି। ଏହି ଆଇନ ଅନୁଯାୟୀ ଯୌତୁକ ନିଷେଧ ଅଧିକାରୀମାନଙ୍କୁ ଯୌତୁକ ମାମଲାରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା, ଅନୁସନ୍ଧାନ କରିବା ଏବଂ ପ୍ରମାଣ ସଂଗ୍ରହ କରିବାକୁ କ୍ଷମତା ପ୍ରଦାନ କରାଯାଇଛି। ପ୍ରତ୍ୟେକ ଅଧିନିୟମର ସଫଳତା ଠିକ୍ ଓ ସମୟୋଚିତ କାର୍ଯ୍ୟକାରିତା ତଥା ବ୍ୟାପକ ଜନସଚେତନତା ଉପରେ ନିର୍ଭରକରେ। ବର୍ତ୍ତମାନର ଡିଜିଟାଲ ଯୁଗରେ ସୋସିଆଲ ମିଡିଆ ମାଧ୍ୟମରେ ଯୌତୁକ ଆଇନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟିକରିବା ନିମନ୍ତେ ସେ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳାମାନଙ୍କ ସମ୍ମାନ ପାଇଁ ଏହା ଏକ ବଡ଼ ପଦକ୍ଷେପ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଓ ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୦ ଜିଲାର ଉପଜିଲାପାଳମାନେ ଯୋଗଦେବା ସହ ମୁଖ୍ୟବକ୍ତା ଭାବେ ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଦୀପକ ନରେନ୍ଦ୍ର ଯୋଗଦେଇଥିଲେ ।

## ପ୍ରଥମ ପୃଷ୍ଠାରୁ...

### ଇମ୍ରାନ୍ ଖାନ୍‌ଙ୍କୁ ୧୪...

ଇମ୍ରାନ୍ ଟ୍ରଷ୍ଟ ଭୋଟରେ ହାରିବା ପରେ ଅନେକ ମାମଲାର ସମ୍ମୁଖୀନ ହୋଇଛନ୍ତି। ଦୁର୍ନୀତି ଏବଂ କ୍ଷମତାର ଦୁରୁପଯୋଗ ମାମଲାରେ ଇମ୍ରାନ୍ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କ ସ୍ତ୍ରୀ ଦୋଷୀ ହୋଇଛନ୍ତି। ୨୦୨୩ ଅଗଷ୍ଟରୁ ଜେଲରେ ଥିବା ଇମ୍ରାନ୍‌ଙ୍କୁ ୧ ନିୟୁତ ଟଙ୍କା ଏବଂ ତାଙ୍କ ସ୍ତ୍ରୀଙ୍କୁ ୫ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅର୍ଥ ପୈଠ କରିବାରେ ବିଫଳ ହେଲେ ଇମ୍ରାନ୍‌ଙ୍କୁ ଆଉ ୬ ମାସ ଏବଂ ବିଶ୍ରାଙ୍କୁ ୩ ମାସ ଜେଲରେ ରହିବାକୁ ପଡ଼ିବ। ଖାନ୍ ଦମ୍ପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଅଲ୍-କାଦିର ୟୁନିଭର୍ସିଟିର ଜମିକୁ ଜବତ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡ ଶୁଣାଣି ପରେ ବିଶ୍ରା ବିବିଙ୍କୁ କୋର୍ଟ ପରିସରରୁ ଗିରଫ କରାଯାଇଛି। ଏହି ସମୟରେ ଇମ୍ରାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ (ପିଟିଆଇ) ପାର୍ଟିର ନେତା ଓ ସମର୍ଥକମାନେ ପାର୍ଲାମେଣ୍ଟ ଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଇମ୍ରାନ୍ ଓ ତାଙ୍କ ସ୍ତ୍ରୀଙ୍କ ମୁକ୍ତି ଦାବିରେ ସେମାନେ ସ୍ଲୋଗାନ ଦେଇଥିଲେ। ଶୁକ୍ରବାରର ରାୟ ନ୍ୟାୟପାଳିକାର ଖ୍ୟାତିକୁ କ୍ଷୁଣ୍ଣ କରିଛି। ଏହି ମାମଲାରେ ନା ସେ ଲାଭବାନ ହୋଇଥିଲେ, ନା ସରକାର କ୍ଷତି ସହିଥିଲେ। ସେ ସବୁ ମାମଲାର ସମ୍ମୁଖୀନ ହେବାକୁ ଚାହାନ୍ତି। ଜଣେ ଏକଛତ୍ରବାଦୀ ଏସବୁ କାର୍ଯ୍ୟ କରୁଥିବା ଇମ୍ରାନ୍ କହିଛନ୍ତି।

### ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କ ...

ଶିକ୍ଷାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୧୬ ହଜାରରୁ ଅଧିକ କନିଷ୍ଠ ଶିକ୍ଷକ ନିଯୁକ୍ତ କରାଯାଇଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ଏହି ବର୍ଗର କନିଷ୍ଠ ଶିକ୍ଷକମାନେ ଉପକୃତ ହେବେ ଏବଂ ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

### ମହାକୁମ୍ଭରେ ରୁଷିଆର...

୭ ଫୁଟ୍ ଉଚ୍ଚ ଏବଂ ବଳିଷ୍ଠ ଚେହେରାର ଏହି ବାବାଙ୍କ ଫଟୋକୁ ଲୋକେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ପୋଷ୍ଟକୁ ଅନେକେ ଦେଖିବା ସହ ହର ହର ମହାଦେବ କମେଣ୍ଟ ଦେଇଛନ୍ତି।

### ୮ ପ୍ରକଳ୍ପକୁ ନେଇ ସିଙ୍ଗାପୁର ...

ସ୍ୱାଗତ କରିଥିଲେ। ଏହାପରେ ସିଙ୍ଗାପୁର ରାଷ୍ଟ୍ରପତି ଓଡ଼ିଶା ବିଶ୍ୱ ଦକ୍ଷତା କେନ୍ଦ୍ର ବୁଲି ଦେଖିଥିଲେ। ସିଙ୍ଗାପୁର ସହ ସମ୍ପର୍କକୁ ଗଭୀର କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସିଙ୍ଗାପୁର ଓ ଓଡ଼ିଶା ମଧ୍ୟରେ ସହଯୋଗ ପାଇଁ ଅପାର ସମ୍ଭାବନା ରହିଛି। ଦକ୍ଷତା ବିକାଶ, ଶିଳ୍ପ ପାର୍କ, ମାଷ୍ଟର ପ୍ଲାନିଂ, ବନ୍ଦର ଏବଂ ପାରାଦୀପ, ଅକ୍ଷୟ ଶକ୍ତି, ସେମିକଣ୍ଡକ୍ଟର, ସୂଚନା ପ୍ରଯୁକ୍ତିବିଦ୍ୟା, ତଥ୍ୟ କେନ୍ଦ୍ର, ସଂସ୍କୃତି ଓ ସଂଯୋଗୀକରଣ ଭଳି ମୁଖ୍ୟ ବିଷୟବସ୍ତୁକୁ ବୈଠକରେ ଉପସ୍ଥାପିତ କରାଯାଇଛି। ଏହି ସମୟରେ ସିଙ୍ଗାପୁର ରାଷ୍ଟ୍ରପତି ବିଶ୍ୱ ଦକ୍ଷତା କେନ୍ଦ୍ରରେ ଭର୍ଟିକାଲ ଟ୍ରାନ୍ସପୋର୍ଟ ଲାବ୍ ଏବଂ ଟ୍ରାଭେଲେଟର ଲାବ୍ ପରିଦର୍ଶନ କରିଛନ୍ତି। ବୈଷୟିକ ଶିକ୍ଷା ଏବଂ ନବସୃଜନ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଇ ଛାତ୍ର ଓ ପ୍ରଶିକ୍ଷତଙ୍କ ସହ ଅର୍ଥନ କଥାବାର୍ତ୍ତା ହୋଇଛନ୍ତି। ଦକ୍ଷତା ବିକାଶ ତଥା ନବସୃଜନତାକୁ ପ୍ରୋତ୍ସାହିତ କରିବାରେ ଓଡ଼ିଶାର ଉଦ୍ୟମକୁ ସେ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଓଡ଼ିଶା ଏବଂ ସିଙ୍ଗାପୁର ମଧ୍ୟରେ ଚାଲିଥିବା ସହଭାଗିତାର ପ୍ରତୀକ ଭାବେ ସିଙ୍ଗାପୁରରୁ ଆସିଥିବା ଅନ୍ୟମାନଙ୍କୁ ଉତ୍ତରୀୟ ଓ ସ୍ମାରକୀ ଦେଇ ସ୍ୱାଗତ କରିଛନ୍ତି। ଅନ୍ୟପଟେ ସିଙ୍ଗାପୁର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିଭିନ୍ନ ବିଷୟକୁ ନେଇ ଏକ ଘରୋଇ ହୋଟେଲରେ ଦ୍ୱିପାକ୍ଷିକ ଆଲୋଚନା କରାଯାଇଛି। ସିଙ୍ଗାପୁର ରାଷ୍ଟ୍ରପତି ଶନିବାର କୋଣାର୍କ ମନ୍ଦିର ପରିଦର୍ଶନରେ ଯିବା କାର୍ଯ୍ୟକ୍ରମ ରହିଛି।

**୨୦ରେ ହେବନି ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି**

ଭୁବନେଶ୍ୱର,୧୭।୧(ସୁନିତ୍ ମିଶ୍ର): ଜାନୁଆରୀ ୨୦ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଏହିଦିନ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି।




# ନବ ଦାସଙ୍କ ଭାଇଙ୍କ ଘରେ ଆଇଟି ରେଡ୍

ସମ୍ବଲପୁର,୧୭।୧(ଭବାନୀ ଶଙ୍କର ଭୋଇ)

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଭାଇ ବ୍ରଜକିଶୋର ଦାସଙ୍କ ଘରେ ଶୁକ୍ରବାର ଆୟକର (ଆଇଟି) ବିଭାଗ ପକ୍ଷରୁ ଚଢ଼ଉ ହୋଇଛି। ସିଟି ଷ୍ଟେଶନ ନିକଟସ୍ଥ ସମ୍ବଲଭୂମି କଲୋନିରେ ଭଡ଼ାଘରେ ଏହି ରେଡ୍ କରାଯାଉଛି। ସକାଳ ୬ଟାରୁ ବ୍ରଜଙ୍କ ସମ୍ବଲପୁର ଘରେ ଯାଞ୍ଚ ଆରମ୍ଭ କରାଯାଇଥିବା ଜଣାପଡ଼ିଥିଲା। ୧୦ଟି ଇନୋଭା ଗାଡ଼ିରେ ଭୁବନେଶ୍ୱର ସମେତ ବାହାରୁ ଟିମ୍ ଆସି ରେଡ୍ କରିଥିବା ସୂଚନା ମିଳିଛି। ତେବେ ରେଡ୍ ସମ୍ପର୍କରେ କେହି ମୁହଁ ଖୋଲି ନ ଥିବାବେଳେ ସମୁଦାୟ କେତୋଟି ସ୍ଥାନରେ ରେଡ୍ କରାଯାଇଛି ତା'ର ସବିଶେଷ ତଥ୍ୟ ମିଳିପାରିନାହିଁ। ଆୟକର ଫାଙ୍କିବା ଅଭିଯୋଗରେ ଏହି ଚଢ଼ାଉ କରାଯାଇଥିବା କୁହାଯାଉଛି। ସମ୍ବଲଭୂମି କଲୋନିରେ ତାଙ୍କର ନିଜ ଘର ସହ ଅଫିସ ରହିଛି। ତେବେ ଚାରିମାସ ହେବ ବ୍ରଜଙ୍କ ଘର ମରାମତି ଚାଲିଥିବାରୁ ସେ ପାଖରେ ଏକ ଭଡ଼ାଘରେ ରହୁଥିଲେ। ଏପରି କି ତାଙ୍କର ଏକ ବିଲ୍ଡିଂରେ ଏକ ଘରୋଇ କମ୍ପାନୀର କର୍ମଚାରୀ ଭଡ଼ାରେ ରହୁଛନ୍ତି।

# ପାସ୍‌ପୋର୍ଟ ଜାଲିଆତି କରିଛନ୍ତି ହଂସିତା

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ, ଜ୍ୱାଇଁ ପରିଚୟ ଦେଇ ଠକେଇ ଘଟଣା

ଭୁବନେଶ୍ୱର,୧୭।୧(ସତ୍ୟଜିତ୍ ରାଉତ)

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁର ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକିଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭିଲିପ୍‌ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦ ଓ ଅନିଲ କୁମାର ମହାନ୍ତି ଏବେ ଜେଲରେ ଦିନ କାଟୁଛନ୍ତି। କମିଶନରେଟ ପୋଲିସ, ଆୟକର ବିଭାଗ ଓ ଇଡି ପକ୍ଷରୁ ତଦନ୍ତ ଚାଲିଥିବାବେଳେ ଦିନକୁ ଦିନ ଅଭିଯୁକ୍ତଙ୍କ ନୂଆ କାରନାମା ପଦାକୁ ଆସୁଛି। ଅଭିଯୁକ୍ତା ହଂସିତା ପାସ୍‌ପୋର୍ଟ ଜାଲିଆତି କରିଥିବା ଜଣାପଡ଼ିବା ପରେ ଇନ୍‌ଫୋସିଟି ଥାନାରେ ତାଙ୍କ ନାଁରେ ଆଉ ଏକ ମାମଲା (ନଂ.୧୧/୨୦୨୫) ରୁଜୁ ହୋଇଛି। ପୂର୍ବ ମାମଲାର ତଦନ୍ତ ଅଧିକାରୀ ଦାୟିତ୍ୱରେ ଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସ୍‌ସିୟୁ)ର ଇନ୍ସପେକ୍ଟର ମାନସ କୁମାର ସ୍ୱାଇଁ ଘଟଣାର ଅନୁସନ୍ଧାନ କରୁଥିବାବେଳେ ହଂସିତା ନାଁ ବଦଳାଇ ପାସ୍‌ପୋର୍ଟ ଜାଲିଆତି କରିଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଇନ୍‌ଫୋସିଟି ଥାନାରେ ଏତଲା ଦେବା ପରେ ନୂଆ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏ ସମ୍ପର୍କରେ ପୋଲିସ ପକ୍ଷରୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୨ କୋର୍ଟକୁ ଶୁକ୍ରବାର ଅବଗତ କରାଯାଇଛି। ସେହିପରି ହଂସିତା ମଧ୍ୟ କୋର୍ଟରେ ବ୍ୟକ୍ତିଗତ ହାଜର

### ଆଉ ଏକ ମାମଲା ରୁଜୁ

ହେବା ପରେ ତାଙ୍କୁ ନୂଆ ମାମଲା ନେଇ ଜଣାଇ ଦିଆଯାଇଛି। ଅପରପକ୍ଷରେ ସ୍ୱାମୀଙ୍କ ଦେହ ଅସୁସ୍ଥ ଦର୍ଶାଇ ହଂସିତା ଅତିରିକ୍ତ ଜିଲା ଦୌରାଜଜ୍-୨ଙ୍କ କୋର୍ଟରେ ଗୁରୁବାର ଜାମିନ ଆବେଦନ କରିଥିବାବେଳେ ଶନିବାର ଏହାର ଶୁଣାଣି ହେବ ବୋଲି ଜଣାପଡ଼ିଛି। ପୋଲିସ ରିପୋର୍ଟ ଓ ଜାମିନ ଆବେଦନରେ ହଂସିତାଙ୍କ ନାମ ଅଲଗା ରହିଥିବାରୁ ପ୍ରକୃତ ସ୍ୱାମୀ କିଏ ତାହାକୁ ନେଇ ଏବେବି ଚର୍ଚ୍ଚା ଲାଗି ରହିଛି।

ସୂଚନାଯୋଗ୍ୟ, ବିଭିନ୍ନ ଲୋକଙ୍କୁ ଠକେଇ ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ମାମଲା ରୁଜୁ କରି ହଂସିତା ଏବଂ ଅନିଲଙ୍କୁ ଗିରଫ କରିଥିଲା। ପରେ ଉଭୟ ବ୍ୟବହାର କରୁଥିବା କୋଟିକୋଟି ଟଙ୍କାର ଏକାଧିକ ଦାମୀ ଗାଡ଼ି ଏବଂ ସମ୍ପତ୍ତି ଠାବ କରିଥିଲା ପୋଲିସ ଓ ଆୟକର ବିଭାଗ। ଏପରିକି ଉଭୟଙ୍କ ବିରୋଧରେ ହୋଇଥିବା ଏତଲା କପି, ସମସ୍ତ ତଥ୍ୟ ଓ କାଗଜପତ୍ର କମିଶନରେଟ ପୋଲିସ ଏବଂ ଆୟକର ବିଭାଗଠାରୁ ଇଡି ସଂଗ୍ରହ କରିନେବା ସହ ଆର୍ଥିକ ଦିଗ ଉପରେ ଅଧିକ ଖୋଳତାଡ଼ ଚଳାଇଛି।

# 'ମିସେସ୍ ଇଣ୍ଡିଆ ତେଲଙ୍ଗାନା' ଟାଇଟଲ୍ ହାତେଇଲେ ଓଡ଼ିଆ ଝିଅ

ଭୁବନେଶ୍ୱର,୧୭।୧(ବନ୍ଦନା ସେଠୀ)

ଜାତୀୟସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତାରେ ବାଜି ମାରିନେଲେ ଓଡ଼ିଆ ଝିଅ ମୈତ୍ରୀ ଅମୃତା ଷଡ଼ଙ୍ଗୀ। ସେ ହାଇଦ୍ରାବାଦଠାରେ ଆୟୋଜିତ 'ମିସେସ୍ ଇଣ୍ଡିଆ ତେଲଙ୍ଗାନା'ରେ ନିଜ ପ୍ରତିଭା ଦେଖାଇ ଟାଇଟଲ ହାସଲ କରିଛନ୍ତି। ଭୁବନେଶ୍ୱର ବରମୁଣ୍ଡା ହାଉସିଂବୋର୍ଡ କଲୋନୀ ବାସିନ୍ଦା ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ଓ ସୈନିକ ସ୍କୁଲର ଅବସରପ୍ରାପ୍ତ ଗଣିତ ଶିକ୍ଷକ ନିଶାମଣି ଷଡ଼ଙ୍ଗୀଙ୍କ ମଧ୍ୟମ କନ୍ୟା ହେଉଛନ୍ତି ମୈତ୍ରୀ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଫାଇନାଲିଷ୍ଟମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସେମାନଙ୍କୁ ନେଇ ପ୍ରଥମ ରାଉଣ୍ଡରେ 'ମିସେସ୍ ସ୍ପାର୍କଲିଙ୍ଗ୍', ସେକେଣ୍ଡ ରାଉଣ୍ଡରେ ପରିବାର ସମ୍ପର୍କୀୟଙ୍କ ଭୋଟ୍




ମୈତ୍ରୀ ଅମୃତା ଷଡ଼ଙ୍ଗୀ

ଅନୁଯାୟୀ 'ମିସେସ୍ ପପୁଲାର୍' ଏବଂ ଶେଷରେ ଜୁରିମାନଙ୍କ ନମ୍ବର, ପ୍ରତ୍ୟେକ ପ୍ରତିଯୋଗିତାର ଫଳ ଓ ଅନ୍ ଦି ସ୍ପଟ୍ ଭୋଟିଂକୁ ଆଧାର କରି ବିଜେତାଙ୍କୁ ଚୟନ କରାଯାଇଥିଲା। ମୈତ୍ରୀ ପ୍ରଥମ ରାଉଣ୍ଡରେ ସମ୍ବଲପୁରୀ ଶାଢ଼ି ଓ ଦ୍ୱିତୀୟ ରାଉଣ୍ଡରେ ଗାଉନ୍ ପିନ୍ଧି ଜୁରିମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତା ମମତା ତ୍ରିବେଦୀଙ୍କ ଦ୍ୱାରା ଗତ ୫ବର୍ଷ ଧରି ହୋଇଆସୁଛି। ପ୍ରତିଯୋଗିତା ପାଇଁ ୮ମାସ ଧରି ବିଭିନ୍ନ ପରୀକ୍ଷା ହୋଇଆସୁଥିଲା। ମହିଳାମାନଙ୍କ ଉନ୍ନତି ଯଥା ସ୍ୱାସ୍ଥ୍ୟ, ଦୃଢତା, ସର୍ବଗୁଣ ସମ୍ପନ୍ନତାକୁ ଦୃଷ୍ଟିରେ ରଖି ପ୍ରତିଭା ଚୟନ କରାଯାଇ ଆସୁଛି।















❝ ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି । ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ ।-ଶ୍ରୀଅରବିନ୍ଦ



# ଦୁଇଟି ନିଷ୍ପତ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ନେଇଥିବା ଦୁଇଟି ନିଷ୍ପତ୍ତିକୁ ନେଇ ପଞ୍ଜାବ ଏବଂ ହରିୟାଣାର ଅଂଶୀଦାର ରାଜଧାନୀ ଚଣ୍ଡିଗଡ଼ ପୁଣି ଥରେ ଦୃଷ୍ଟି ଆକର୍ଷଣ କରିଛି । ଏଭଳି ନିଷ୍ପତ୍ତି ରାଜନୈତିକ ଦ୍ୱନ୍ଦ୍ୱ ବା ଉତ୍ତେଜନା ସୃଷ୍ଟିକରିଛି। ବିଶେଷକରି ପ୍ରଶାସନିକ ପରିବର୍ତ୍ତନ ତଥା ଅମଲାତାନ୍ତ୍ରିକ ଅଦଳବଦଳ ନିଷ୍ପତ୍ତି ପଞ୍ଜାବକୁ କ୍ରୋଧିତ କରିଛି। ପ୍ରଥମେ କାର୍ମିକ ମନ୍ତ୍ରଣାଳୟ ଚଣ୍ଡିଗଡ଼ ପ୍ରଶାସକଙ୍କ ପରାମର୍ଶଦାତା ପଦବୀକୁ ରଦ୍ଦକରି ତା'ସ୍ଥାନରେ କେନ୍ଦ୍ରଶାସିତ ଅଞ୍ଚଳ( ୟୁଟି)ର ମୁଖ୍ୟ ଶାସନ ସଚିବ ପଦବୀ ସୃଷ୍ଟି ବିଷୟରେ ଘୋଷଣା କରିଥିଲା। ଏଥିପାଇଁ ଆମ୍ ଆଦ୍‌ମୀ ପାର୍ଟି (ଏଏପି), କଂଗ୍ରେସ, ଶିରୋମଣି ଅକାଲୀ ଦଳ (ଏସ୍ଏଡି) ଏବଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀମାନେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହା କେବଳ ଏକ ଟାଇଟଲ ଅଦଳବଦଳ ବିଷୟ ନୁହେଁ; ୟୁଟି ଉପରେ ପଞ୍ଜାବର ସମ୍ମାନ ଏବଂ ଅଧିକାର ଦୃଷ୍ଟିକୋଣରୁ ଏକ ଝଟକା ବୋଲି ସେମାନେ କହିଛନ୍ତି। ଏହି ସମୟରେ କେନ୍ଦ୍ରର ଅନ୍ୟ ଏକ ନିଷ୍ପତ୍ତି ଚଣ୍ଡିଗଡ଼ ପୋଲିସ ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ପୂର୍ବରୁ ଥିବା ଏଲ୍‌ଜିପି ନେତୃତ୍ୱାଧୀନ ପଦାନୁକ୍ରମ ପରମ୍ପରାକୁ ବଦଳାଇ ବର୍ତ୍ତମାନ କେନ୍ଦ୍ର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜିପି) ଏବଂ ଡେପୁଟି ଇନ୍ସପେକ୍ଟର ଜେନେରାଲ (ଡିଆଇଜି) ପାଇଁ ପଦବୀ ମଞ୍ଜୁର କରିଛି। ଏହି ପୁନଃ ବ୍ୟବସ୍ଥା ବର୍ତ୍ତମାନର ପୋଲିସର ମୁଖ୍ୟ ଏଡିଜିପି ସୁରେନ୍ଦର ସିଂ ଯାଦବଙ୍କ ନେତୃତ୍ୱକୁ ପରିବର୍ତ୍ତନ କରିବ ନାହିଁ । ଏଭଳି ପୁନଃ ବ୍ୟବସ୍ଥା ଚଣ୍ଡିଗଡ଼ର ପୋଲିସ ବ୍ୟବସ୍ଥାକୁ ଅନ୍ୟ ୟୁଟି ସହ ସମାନ କରିବା ଦିଗରେ ଏକ ଆନୁଷ୍ଠାନିକ ପରିବର୍ତ୍ତନର ସଙ୍କେତ ଦିଏ। ଦୀର୍ଘଦିନ ଧରି ଚଣ୍ଡିଗଡ଼କୁ ନିଜର ଅଧିକାର ଅଞ୍ଚଳ ଭାବେ ଦେଖିଆସୁଥିବା ପଞ୍ଜାବ ପାଇଁ ଏହିସବୁ ପଦକ୍ଷେପଏକ ଅପମାନ ସଦୃଶ ମନେହୁଏ। ପ୍ରଶାସନକୁ ଶୃଙ୍ଖଳିତ କରିବା ପାଇଁ ଏହା ବୋଧହୁଏ କେନ୍ଦ୍ରର ଏକ ପ୍ରୟାସ।

### ପ୍ରଶାସନିକ ଅଦଳବଦଳ

କେନ୍ଦ୍ର ଏହାର ମୁଖ୍ୟ ପ୍ରଶାସନିକ ପଦବୀଗୁଡ଼ିକରେ ଅଦଳବଦଳ କରିଛି। ଏଥିରେ ୧୯୯୨ ବ୍ୟାଚ୍ ବିହାର କ୍ୟାଡର ଆଇଏଏସ୍ ଅଧିକାରୀ ଅରୁନିଶ ଚାୱଲାଙ୍କୁ ରାଜସ୍ୱ ସଚିବ ପଦରୁ ବଦଳିକରି ତାଙ୍କ ସ୍ଥାନରେ ଓଡ଼ିଶା କ୍ୟାଡର ୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତୁହିନକାନ୍ତ ପାଣ୍ଡେଙ୍କୁ ଅବସ୍ଥାପିତ କରାଯାଇଛି। ଏବେ ଚାୱଲାଙ୍କୁ ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ(ଡିଆଇପିଏଏମ୍) ସଚିବ ଭାବରେ ଦାୟିତ୍ୱ ଦିଆଯାଇଥିବାବେଳେ ପାଣ୍ଡେ ରାଜସ୍ୱ ସଚିବ ପଦବୀରେ ପାଦ ଦେଇଛନ୍ତି। ଏହି ପଦକ୍ଷେପ କେନ୍ଦ୍ର ବଜେଟ ସେଶନ ମଧ୍ୟରେ ନିଆଯାଇଥିବାରୁ ଏହାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏହି ଅଦଳବଦଳରେ ପାଣ୍ଡେଙ୍କୁ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ବିଭାଗ (ଡିପିଇ)ର ଅତିରିକ୍ତ ଦାୟିତ୍ୱରୁ ମୁକ୍ତି ମିଳିଛି। ସେ ଜୁଲାଇ ୩୧ରେ ଅବସର ଗ୍ରହଣ କରିବାକୁ ଥିବାରୁ ଏହା ପୂର୍ବରୁ ଅନ୍ତତଃ କିଛି ମାସ ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ଉପରେ ଧ୍ୟାନ ଦେବେ। ଏହି ସମୟରେ ଚାୱଲା ଡିଆଇପିଏଏମ୍‌ରେ ସଂସ୍କୃତି ମନ୍ତ୍ରଣାଳୟ ଓ ଡିପିଇ ଦ୍ୱୈତ ଭାର ବହନ କରିଛନ୍ତି। ଚାୱଲାଙ୍କ ସର୍ଭିସ୍ କାର୍ଯ୍ୟକାଳ ୨୦୨୮ ପର୍ଯ୍ୟନ୍ତ ଥିବାରୁ ତାଙ୍କ ପାଖରେ ଏହି ଦାୟିତ୍ୱ ତୁଲାଇବା ପାଇଁ ଏକ ଲମ୍ବା ସମୟ ରହିଛି। ଏହି ଅଦଳବଦଳର ସମୟ ଏବଂ ସ୍ଥିତିକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ରାଜସ୍ୱ ବିଭାଗର, ବିଶେଷକରି କେନ୍ଦ୍ର ବଜେଟ ପୂର୍ବରୁ, ରାଜସ୍ୱ ସଚିବ ପଦବୀର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । କେତେକେ ଯୁକ୍ତି କରନ୍ତି , ଚାୱଲାଙ୍କ ଅତିରିକ୍ତ କାର୍ଯ୍ୟଭାର ବିଶେଷକରି ଗଣତନ୍ତ୍ର ଦିବସ ଏବଂ ମହାକୁମ୍ଭ ଭଳି ପ୍ରମୁଖ ଘଟଣାକୁ ନେଇ ନିଆଯାଇଥାଇପାରେ। ଏହି ଅଦଳବଦଳରେ ସରକାର ଅଭିଜ୍ଞତାକୁ ପ୍ରାଥମିକତା ଦେଇଥିବା ଅନେକେ ବିଶ୍ୱାସ କରନ୍ତି । ହେଲେ ଆକସ୍ମିକ ଭାବେ ନିଆଯାଇଥିବା ପଦକ୍ଷେପ ଅନେକ ଅଧିକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

### ଡିଜିଟାଲ ଯୋଦ୍ଧା

ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଏବଂ ଛାତ୍ରମାନଙ୍କୁ 'ଡିଜିଟାଲ ଯୋଦ୍ଧା' ଭାବରେ ତାଲିକାଭୁକ୍ତ କରିବାକୁ ଉତ୍ତରପ୍ରଦେଶ ପୋଲିସ ଗ୍ରହଣ କରିଥିବା ପଦକ୍ଷେପକୁ ନେଇ ଉତ୍ସୁକତା ପ୍ରକାଶ ପାଇଛି। ଏହା ଭୁଲ୍ ଖବର ରୋକିବା , ବ୍ୟାପୁଥିବା ସାଇବର ଅପରାଧ ଉପରେ ସଚେତନତା ସୃଷ୍ଟିକରିବା ସହ ପୋଲିସର ସଫଳତାକୁ ସାମ୍ନାକୁ ଆଣିବ। ଏହି ଯୋଜନା ପୂର୍ବରୁ ଥିବା ଏକ 'ଡିଜିଟାଲ ସ୍ୱେଚ୍ଛାସେବୀ' କାର୍ଯ୍ୟକ୍ରମକୁ ଭିତ୍ତିକରି ଗଠନ ହୋଇଥିବାବେଳେ ଏହାର ନୂତନ ବିସ୍ତାରିତ କ୍ଷେତ୍ର ପ୍ରକୃତ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଛି। ପୂର୍ବରୁ ଶିକ୍ଷକ, ଓକିଲ ଏବଂ ଅବସରପ୍ରାପ୍ତ ସୈନ୍ୟଙ୍କ ଭଳି ସ୍ୱେଚ୍ଛାସେବୀଙ୍କ ଉପରେ ପୋଲିସ ନିର୍ଭର କରୁଥିଲା। ସେମାନେ ହ୍ୱାଟ୍ସଆପ୍ ମାଧ୍ୟମରେ ଅପରାଧ ସମ୍ପର୍କରେ ରିପୋର୍ଟ କରିବା ଏବଂ ଗୁଜବ ଦୂରକରିବାରେ ପୋଲିସକୁ ଯୋଗାଯୋଗ କରୁଥିଲେ। ବର୍ତ୍ତମାନ, ମହାକୁମ୍ଭ ଚାଲିଥିବାବେଳେ, ପୋଲିସ ଇନ୍‌ଷ୍ଟାଗ୍ରାମ ଏବଂ ଏକ୍ସ (ପୂର୍ବରୁ ଟୁଇଟର) ଭଳି ପ୍ଲାଟ୍‌ଫର୍ମରେ କାର୍ଯ୍ୟ କରିବା ପାଇଁ ବୈଷୟିକ ଜ୍ଞାନକୌଶଳ ଶିକ୍ଷାପ୍ରାପ୍ତ ଛାତ୍ର ଏବଂ ଇନ୍‌ଫ୍ଲୁଏନ୍ସରଙ୍କୁ ଅଧିକ ଚାହୁଁଛି। ଏହି ଯୋଜନାରେ କର୍ମଶାଳା, ସାଇବର ସଚେତନତା ପ୍ରଶିକ୍ଷଣ ଏବଂ ସ୍କୁଲରେ ଡିଜିଟାଲ ସାକ୍ଷରତା ବୃଦ୍ଧି ପାଇଁ ସାଇବର କ୍ଲବ୍ ଗଠନକୁ ସାମିଲ କରାଯାଇଛି। ବାହାରକୁ ସୁସଙ୍ଗଠିତ ଦେଖାଯାଉଥିବା ଏହି ଯୋଜନା ଅନ୍‌ଲାଇନ ଭୁଲ୍ ତଥ୍ୟର ମୁକାବିଲା ପାଇଁ ଯୁବକମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି । ସୂଚନା ବିଶ୍ଳେଷଣ ଏବଂ ଯାଞ୍ଚ କରିବାକୁ ଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେବା ପ୍ରଶଂସନୀୟ। ଡିଜିଟାଲ ଯୁଗରେ ଯଦି ଜନସାଧାରଣଙ୍କ ସଶକ୍ତୀକରଣ ଏବଂ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଏ, 'ଡିଜିଟାଲ ଯୋଦ୍ଧା' ଯୋଜନା ଏକ ପରିବର୍ତ୍ତନଶୀଳ ପଦକ୍ଷେପ ହୋଇପାରେ।

Email: dilipcherian@gmail.com

# ଶ୍ରମ ପିପାସୁ ଉଚ୍ଚ ପଦାଧିକାରୀ



ରୁଦ୍ରପ୍ରସନ୍ନ ମିଶ୍ର

ସମ୍ପ୍ରତି କର୍ମକ୍ଷେତ୍ରରେ ଦୈନନ୍ଦିନ କାର୍ଯ୍ୟ ସମୟ ବୃଦ୍ଧି ନେଇ ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଏବଂ ଲାର୍ସନ ଆଣ୍ଡ ଟୁବ୍ରୋର ଅଧ୍ୟକ୍ଷ ଦେଇଥିବା ମନ୍ତବ୍ୟ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ପରିବେଶରେ ଉତ୍ପାଦକତା ଏବଂ କାର୍ଯ୍ୟ-ଜୀବନ ସନ୍ତୁଳନ ବିଷୟରେ ବିତର୍କକୁ ଉଜାଗର କରେ। ସମର୍ଥକମାନେ ଉତ୍ପାଦନ ବୃଦ୍ଧି କରିବାର ଆବଶ୍ୟକତା ପାଇଁ ଯୁକ୍ତି ବାଢ଼ନ୍ତି; ସମାଲୋଚକମାନେ କର୍ମଚାରୀମାନଙ୍କ ଉପରେ ଅତ୍ୟଧିକ ବୋଝ ଲଦିବା ବିରୋଧରେ ସତର୍କ କରନ୍ତି।

ଏହି ପୃଷ୍ଠଭୂମିରେ ତଥା ବଦଳୁଥିବା ପ୍ରଯୁକ୍ତିବିଦ୍ୟା ସାମାଜିକ-ଅର୍ଥନୈତିକ ଗଠନକୁ ପ୍ରଭାବିତ କରୁଛି। କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) କ୍ଷେତ୍ରରେ ହେଉଥିବା ନୂଆନୂଆ ଉଦ୍ଭାବନ ଓ ଉପଯୋଗ, ଆମ ଜୀବନଶୈଳୀକୁ ପ୍ରଭାବିତ କରିବାକୁ ଲାଗିଲାଣି। ଆନୁବଂଶିକ ବିଜ୍ଞାନ (ଜେନେଟିକ୍ସ), କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଥ୍ରୀ-ଡି ମୁଦ୍ରଣ ଏବଂ ଜୈବ ପ୍ରାଦ୍ୟୋଗିକୀ (ବାୟୋଟେକ୍ନୋଲୋଜି) ଆଦି କ୍ଷେତ୍ରରେ ହେଉଥିବା ବିକାଶ ଜୀବନରେ ତଥା କାର୍ଯ୍ୟ ପ୍ରଣାଳୀରେ ପରିବର୍ତ୍ତନ ଆଣିବାରେ ଲାଗିଛି। ଯଦିଓ ଏ ସବୁ କ୍ଷେତ୍ରରେ ବିକାଶ ନୂଆନୂଆ ପ୍ରଯୁକ୍ତିବିଦ୍ୟା ତଥା ତତ୍‌ସମ୍ବନ୍ଧୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରେ, ତଥାପି ପ୍ରକ୍ରିୟାର ସରଳୀକରଣ ଓ ସଞ୍ଚାଳନ ଫଳରେ ଶ୍ରମ ବଜାରରେ ରୋଜଗାରହାନିର ପାର୍ଶ୍ୱପ୍ରଭାବ ଅନୁଭୂତ ହୁଏ। ନୂଆନୂଆ ପ୍ରଯୁକ୍ତିବିଦ୍ୟାର ପ୍ରଚଳନ ହେତୁ ହେଉଥିବା ରୋଜଗାର ହାନି, କର୍ମନିଯୁକ୍ତିରେ ହ୍ରାସ ଓ କାର୍ଯ୍ୟ ପ୍ରକ୍ରିୟାରେ ପରିବର୍ତ୍ତନ ଇତ୍ୟାଦିକୁ ଶ୍ରମ ବଜାରରେ ବିଘାତକ ପରିବର୍ତ୍ତନ ଭାବରେ ଆଖ୍ୟା ଦିଆଯାଉଛି।

ବ୍ୟବସାୟ ଜଗତର ମୋଟା ଦରମା ନେଉଥିବା ଅଧିକାରୀମାନେ ବୁଝିବା ଦରକାର ଯେ ସମାଜର ଉନ୍ନତି ପାଇଁ ଲାଭ, ବ୍ୟବସାୟ ଏବଂ ଦୀର୍ଘ କାର୍ଯ୍ୟ ସମୟ ହେଉଛି ଏକ ସାଧନ; ସବୁକିଛି ନୁହେଁ। ଏକ ସୁସ୍ଥ ସମାଜ ନିରନ୍ତର ଆର୍ଥିକ ଅଭିବୃଦ୍ଧି ଅପେକ୍ଷା ଜନକଲ୍ୟାଣ, ସମାନ ସୁଯୋଗ ଏବଂ ଏକ ସ୍ଥାୟୀ ପରିବେଶକୁ ପ୍ରାଥମିକତା ଦିଏ। ଉତ୍ପାଦକତାକୁ ସର୍ବାଧିକ କରିବାର ନିରନ୍ତର ଚାପ ଯୋଗୁ ମାନବିକ ମର୍ଯ୍ୟାଦା, ସାମୁଦାୟିକ ବନ୍ଧନ ଏବଂ ସାଂସ୍କୃତିକ ସମୃଦ୍ଧି ବିକଶିତ ହୋଇପାରେ ନାହିଁ। ଯେତେବେଳେ କାର୍ଯ୍ୟ ଜୀବନକୁ ପ୍ରାଧାନ୍ୟ ଦେବା ପରିବର୍ତ୍ତେ ସମର୍ଥନ କରେ, ସେତେବେଳେ ସମାଜ ସର୍ବୋତ୍ତମ ଭାବରେ କାର୍ଯ୍ୟ କରେ। ପ୍ରକୃତ ପ୍ରଗତି ମାନବିକ ମୂଲ୍ୟବୋଧ ଏବଂ ସାମାଜିକ ସମନ୍ୱୟ ସହିତ ଆର୍ଥିକ ଲକ୍ଷ୍ୟକୁ ସନ୍ତୁଳିତ କରିବାରେ ନିହିତ।

ବଦଳୁଥିବା ପ୍ରଯୁକ୍ତିବିଦ୍ୟା, ଉଚ୍ଚ କର୍ତ୍ତୃପକ୍ଷଙ୍କର ଅଧିକ କାର୍ଯ୍ୟ ସମୟ ପାଇଁ ନିରନ୍ତର ଚାପ ଓ କ୍ଷୟମାନ ନିଯୁକ୍ତି ସୁଯୋଗର ପୃଷ୍ଠଭୂମିରେ, ସରକାରଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ । ଅନ୍ୟଭାବରେ



କହିବାକୁ ଗଲେ, ନାନାଦି ବିତ୍ତୀୟ, ସାମାଜିକ ଓ ବ୍ୟକ୍ତିଗତ ସମସ୍ୟା ଦେଇ ଗତି କରୁଥିବା ନାଗରିକଙ୍କ ସାମାଜିକ ଓ ଅର୍ଥନୈତିକ ସନ୍ତୁଷ୍ଟି ନିମିତ୍ତ ସରକାରଙ୍କୁ ଅନେକ ଜନ କଲ୍ୟାଣ ଯୋଜନା କରିବାକୁ ପଡ଼େ। ଏହି ଚିନ୍ତା ନୂଆ ନୁହେଁ। ରୋମାନ ସମୟରେ ସାମରିକ ସେବା ପାଇଁ ଜନସାଧାରଣଙ୍କୁ ଆକୃଷ୍ଟ ଓ ସେବାନିବୃତ୍ତ କର୍ମଚାରୀଙ୍କୁ ସୁରକ୍ଷା ଦେବା ଲାଗି ଏପରି ବ୍ୟବସ୍ଥା ପ୍ରଚଳିତ ଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଓ ୧୯୩୦ ମସିହା ବେଳକୁ ବିଶ୍ୱରେ ଦେଖାଯାଇଥିବା ଅର୍ଥନୈତିକ ମହା ମାନ୍ଦାବସ୍ଥା ପରେ, ଯୁକ୍ତରାଷ୍ଟ୍ର ଆମେରିକା ଓ ଗ୍ରେଟ୍ ବ୍ରିଟେନ୍‌ରେ ଦାରିଦ୍ର୍ୟ ସ୍ପଷ୍ଟ ହୋଇଥିଲା। ଏସବୁ ଦେଶ ନୂଆ ଟିକସ ଲାଗୁକରି ଆଦାୟ ହୋଇଥିବା ଅର୍ଥରାଶିକୁ ବୃଦ୍ଧ, ରୋଗୀ, ଦୁସ୍ଥ, ବେକାର ଆଦି ଆତୁର ନାଗରିକଙ୍କ ମଧ୍ୟରେ ନାନାଦି ଯୋଜନା ମାଧ୍ୟମରେ ପୁନଃବିତରଣ କରିବାକୁ ଲାଗିଲେ। ଆଧୁନିକ ଯୁଗରେ ଅଧିକାଂଶ ବିକଶିତ ରାଷ୍ଟ୍ରରେ ପ୍ରଚଳିତ ସ୍ୱାସ୍ଥ୍ୟ, ଶିକ୍ଷା, ଅବସରକାଳୀନ ଭତ୍ତା (ପେନ୍‌ସନ), ସାମୂହିକ ଯାତାୟାତ ପରି ସାମାଜିକ ସୁରକ୍ଷା ଓ କଲ୍ୟାଣକାରୀ ଯୋଜନା ସେ ସମୟର ଜନକଲ୍ୟାଣ ରାଷ୍ଟ୍ରର ଏକ ବିସ୍ତାର ମାତ୍ର।

ସମ୍ପ୍ରତି ବିକଶିତ ରାଷ୍ଟ୍ରଗୁଡ଼ିକରେ ସରକାର ସଭିଙ୍କୁ ସର୍ବନିମ୍ନ ମୌଳିକ ଆୟ ବା ଭତ୍ତା ଦେବାର ବିଚାର ଜୋର ଧରିଲାଣି। ସର୍ବନିମ୍ନ ମୌଳିକ ଆୟ ବା ଭତ୍ତା ଏକ ସାମାଜିକ ସୁରକ୍ଷାର ପରିରୂପ, ଯେଉଁଥିରେ ଦେଶର ନାଗରିକମାନଙ୍କୁ ସରକାର କୌଣସି ବିନା ସର୍ତ୍ତରେ ନିୟମିତ ପୂର୍ବ ନିର୍ଦ୍ଧାରିତ ନ୍ୟୂନତମ ଆୟ ବା ଭତ୍ତା ପ୍ରଦାନ କରିଥାନ୍ତି। ଉଭୟ ବେରୋଜଗାର ଓ ଉପାର୍ଜନକ୍ଷମ ନାଗରିକ ଏହି ଅର୍ଥ ରାଶି ସମ ଭାବରେ ପ୍ରାପ୍ତିର ଅଧିକାର ରଖନ୍ତି। ସପକ୍ଷବାଦୀଙ୍କ ମତରେ ଜୀବନ ଧାରଣର ଅତ୍ୟାବଶ୍ୟକ ସାମଗ୍ରୀର କ୍ରମାଗତ ମୂଲ୍ୟ ବୃଦ୍ଧି ଘଟିଚାଲିଛି। କିନ୍ତୁ ବ୍ୟକ୍ତିଗତ ଆୟ ବୃଦ୍ଧି ହାର, ମୂଲ୍ୟ ବୃଦ୍ଧି ହାରଠାରୁ ଅନେକ କମ୍। ପୁନଶ୍ଚ ଅର୍ଥନୈତିକ ମାନ୍ଦାବସ୍ଥା ଓ ଶ୍ରମ ବଜାରରେ ବିଘାତକ ପରିବର୍ତ୍ତନ ହେତୁ ନିଯୁକ୍ତି ସୁଯୋଗ ପ୍ରଭାବିତ ହେଉଛି। ତେଣୁ ସରକାର ଏକ ବିକଳ୍ପ ପନ୍ଥା ସ୍ୱରୂପ ପ୍ରତ୍ୟେକ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ଆୟ ବା ଭତ୍ତା ପ୍ରଦାନ କରିବାର ଦାବି ଅନେକ ବିକଶିତ ରାଷ୍ଟ୍ରରେ କରାଯାଉଛି। ବିରୋଧୀମାନେ ଏହି ସର୍ବନିମ୍ନ ମୌଳିକ ଆୟ ଦାବିକୁ ବ୍ୟୟସାପେକ୍ଷ ଓ ନୈତିକତା କ୍ଷୟକାରୀ ବୋଲି ବିବେଚନା କରନ୍ତି। ସେମାନଙ୍କ କହିବା କଥା ଏପରି ନୀତି ଦେଶରେ ଅସ୍ଥିର ଅର୍ଥବ୍ୟବସ୍ଥା ଓ ପ୍ରେରଣାହୀନ ନିକମା ବାରବୁଲା ନାଗରିକ ସୃଷ୍ଟି କରିବ। ଅନେକ ବିକଶିତ ରାଷ୍ଟ୍ରରେ ଦେଶର ସକଳ ଉତ୍ପାଦନ କ୍ରମାଗତ ଘଟିଚାଲୁଥିବା ବେଳେ, ନିଃସର୍ତ୍ତ ସର୍ବନିମ୍ନ ମୌଳିକ ଭତ୍ତା, ଦେଶରେ ମୁଦ୍ରାସ୍ଫୀତି ହାରରେ ବୃଦ୍ଧି ଓ ଜନସାଧାରଣଙ୍କ କ୍ରୟ ଶକ୍ତିର ସମତାକୁ ପ୍ରଭାବିତ କରିବ।

ଏହି ବ୍ୟବସ୍ଥାର କିଛି ଲାଭ ରହିଛି। ଏହି ଯୋଜନା ଦ୍ୱାରା ଅତିକମ୍ ରୋଜଗାର କରୁଥିବା ଓ ବିନା ଆୟରେ କାମ କରୁଥିବା ବ୍ୟକ୍ତି (ଯଥା ଦିନମଜୁରିଆ ଓ ଗୃହିଣୀ)ଙ୍କ ରୋଜଗାରରେ ଅର୍ଥପୂର୍ଣ୍ଣ ବୃଦ୍ଧି ଘଟିପାରିବ। ଏହି ଯୋଜନା ଦ୍ୱାରା ଅନେକ ପରିବାରକୁ ଅତି କମ୍ ସମୟରେ ଦାରିଦ୍ର୍ୟ ସୀମାରେଖା ତଳୁ ଉପରକୁ ଅଣାଯାଇ ପାରିବ। ଏପରି ସୁରକ୍ଷାତନ୍ତ୍ରର ଉପସ୍ଥିତି ଉଦ୍‌ଯୋଗ-ପ୍ରବୃତ୍ତିକୁ ପ୍ରୋତ୍ସାହିତ କରେ। ଏହି ବ୍ୟବସ୍ଥା ଶ୍ରମିକ-ମାଲିକ ସମ୍ପର୍କରେ ସନ୍ତୁଳନ ଆଣିବାରେ ସହାୟକ ହୁଏ (ଶ୍ରମ ପିପାସୁ ଉଚ୍ଚ ପଦଧିକାରୀଙ୍କ ମାନସିକତାକୁ ଆୟତ୍ତ କରିବାର ବାଟ)। ଅନ୍ୟପକ୍ଷରେ ଉଦ୍ୟୋଗୀମାନେ ଅଧିକ ଉତ୍ପାଦକତା ବୃଦ୍ଧିକାରୀ ନିବେଶ କରିବେ, ଯାହା ନୂଆ ଉଦ୍ଭାବନ ପାଇଁ ବାଟ ଫିଟାଇବ। ଭାରତରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ସରକାରୀ ସବ୍‌ସିଡି ଏବଂ ଲାଭର ସିଧାସଳଖ, ସ୍ୱଚ୍ଛ ସ୍ଥାନାନ୍ତରକୁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁନିଶ୍ଚିତ କରେ, ଯାହା ଦ୍ୱାରା ଲିକେଜ ହ୍ରାସ ହୁଏ ଓ ସୁଭଦ୍ରା ଯୋଜନା ଓ ମହାରାଷ୍ଟ୍ରର ଲାଡକି ବହିନ ଯୋଜନା ଏହାର ଏକ ଝଲକ ମାତ୍ର। ୨୦୨୪ ନିର୍ବାଚନ ପାଇଁ କଂଗ୍ରେସ ନିର୍ବାଚନୀ ଇସ୍ତାହାରରେ ମହାଲକ୍ଷ୍ମୀ ଯୋଜନା ସର୍ବନିମ୍ନ ମୌଳିକ ଆୟର ଏକ ରୂପ।

ଅନ୍ୟ ପକ୍ଷରେ ସର୍ବନିମ୍ନ ମୌଳିକ ଆୟର ପ୍ରଚଳନ ଦ୍ୱାରା ରାଜକୋଷ ଉପରେ ଚାପ ବହୁତ ବଢିଯିବ। ପ୍ରତ୍ୟେକ ନାଗରିକଙ୍କୁ ନିମ୍ନତମ ମୌଳିକ ଭତ୍ତା ପ୍ରଦାନ ପାଇଁ ଦେଶଗୁଡ଼ିକୁ କରଦାତାମାନଙ୍କଠାରୁ ଅଧିକ ଟିକସ ଅଦାୟ କରିବାକୁ ହେବ ଓ ଅନେକ ଜନକଲ୍ୟାଣ ସାମାଜିକ ବ୍ୟୟ କାର୍ଯ୍ୟକ୍ରମ ବନ୍ଦ କରିବାକୁ ପଡ଼ିବ। ବେରୋଜଗାର ନାଗରିକମାନଙ୍କ ମଧ୍ୟରେ ଆୟର ପୁନଃବିତରଣ ମାନେ ଶ୍ରମଜୀବୀମାନଙ୍କ ଉପରେ ଅଧିକରୁ ଅଧିକ ଟିକସ ବୋଝ ଲଦିଦେବ।

ସଭିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଆମର ପ୍ରାଥମିକ ଉଦ୍ଦେଶ୍ୟ ହେଉ। ବ୍ୟବସାୟ ଜଗତର ବଡ଼ପଣ୍ଡାମାନେ ସ୍ଥାୟୀ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ପାଇଁ ଶ୍ରମ ପିପାସୁ ନ ହୋଇ ନବସୃଜନ, ବିବିଧତା ଏବଂ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଭଳି ସୃଜନଶୀଳ ବିସ୍ତାରକୁ ପ୍ରାଥମିକତା ଦେବା ଉଚିତ।

**ମୁମ୍ବାଇ, ମହାରାଷ୍ଟ୍ର**
**ମୋ:୭୭୩୮୩୦୨୨୨୮**

# ୟୁଜିସି ନିୟମାବଳୀ ଡ୍ରାଫ୍ଟ



ହିତାଂଶୁ ଶେଖର ମହାନ୍ତ

ଦୀର୍ଘଦିନ ଧରି ଦେଶର ଉଚ୍ଚଶିକ୍ଷା ବ୍ୟବସ୍ଥା ବିଦେଶୀ ଢାଞ୍ଚାରେ ପରିଚାଳିତ ହେଉଥିଲା। ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଧ୍ୟ ସ୍ୱଦେଶୀ ନୁହେଁ, ପରନ୍ତୁ ଶିକ୍ଷାଦାନର ପ୍ରଣାଳୀ ଓ ପ୍ରକ୍ରିୟା ଥିଲା ବିଦେଶୀ। କାରଣ ସେତେବେଳେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବ୍ରିଟିଶ ନିୟନ୍ତ୍ରଣରେ ଥିଲା। ତେବେ ବର୍ତ୍ତମାନ ଏକ ସଂଘୀୟ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଥିବା 'ଶିକ୍ଷା'କୁ ଅଗ୍ରାଧିକାର ଦିଆଯାଉଛି। କେନ୍ଦ୍ର ସରକାର ୟୁଜିସି ଅଧିନିୟମ-୨୦୨୫ର ଡ୍ରାଫ୍ଟ (ଉଚ୍ଚଶିକ୍ଷାର ମାନ ବଜାୟ ଲକ୍ଷ୍ୟରେ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀଙ୍କ ସର୍ବନିମ୍ନ ଯୋଗ୍ୟତା ଏବଂ ପଦୋନ୍ନତି ନିୟମାବଳୀ-୨୦୨୫) ପ୍ରସ୍ତୁତ ଜରିଆରେ ଏଥିରେ ସଂସ୍କାର ଆଣିବାକୁ ଉଦ୍ୟମ କରୁଛନ୍ତି।

ଏହି ଅଧିନିୟମ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି ତଥା ପଦୋନ୍ନତି ନିମନ୍ତେ ସର୍ବନିମ୍ନ ଯୋଗ୍ୟତା ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଉନ୍ନତ ମାନ ବଜାୟ ରଖିବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗକୁ ସହାୟକ ହେବ। ତେବେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଏହି ସୁଧାର ଯେ ବିରୋଧୀଙ୍କୁ ସୁହାଇବ, ତାହାର ଗ୍ୟାରେଣ୍ଟି ନାହିଁ। କାରଣ ଦୀର୍ଘ ସମୟରୁ ମନ୍ତ୍ରଣାଳୟ 'ୟୁଜିସି ନିୟମାବଳୀ-୨୦୨୫' ପ୍ରସ୍ତୁତିରେ ଲାଗିଛି। ଏହା ହୋଇପାରିଲେ ଦେଶର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ କେନ୍ଦ୍ର ନିୟନ୍ତ୍ରଣକୁ ଆସିଯିବ। ତେବେ ଏଥିରେ ଅସୁବିଧା ବୋଲି ଦର୍ଶାଯାଉଥିବା କାରଣ ପଛରେ କୌଣସି ବଳିଷ୍ଠ ଯୁକ୍ତି ନାହିଁ।

ଅବଶ୍ୟ ରାଜ୍ୟପାଳଙ୍କ ଦ୍ୱାରା ପରୋକ୍ଷରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବା କେନ୍ଦ୍ରର ଲକ୍ଷ୍ୟ। ଏଥିସହ ସମ୍ପୃକ୍ତ ଡ୍ରାଫ୍ଟ କହୁଛି, ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଚୟନ କିମ୍ବା ନିଯୁକ୍ତି ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଭୂମିକା ସଙ୍କୁଚିତ ହେବ। ଏହାଛଡ଼ା ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଗବେଷଣା, ସହଯୋଗ ଏବଂ ଅଧ୍ୟାପକ-କର୍ମଚାରୀ ଚୟନ ଦାୟିତ୍ୱରେ ଥିବା କମିଟିଗୁଡ଼ିକର କ୍ଷମତାକୁ ମଧ୍ୟ ସଂକୁଚିତ କରିଦିଆଯିବ। ଏହା ପରିବର୍ତ୍ତେ ସମସ୍ତ କ୍ଷମତା କୁଳାଧିପତିଙ୍କଠାରେ (ଅର୍ଥାତ୍ ସମ୍ପୃକ୍ତ ରାଜ୍ୟର ରାଜ୍ୟପାଳ)ଠୁଳ ରହିବ। ତେବେ ନୂଆକରି ପ୍ରସ୍ତାବିତ କମିଟିରେ କୁଳାଧିପତି, ୟୁଜିସି ଅଧ୍ୟକ୍ଷ ଏବଂ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ କିମ୍ବା ସିନେଟ୍ ଦ୍ୱାରା ଚୟନ କରିଯାଇଥିବା ବ୍ୟକ୍ତିବିଶେଷ ସାମିଲ ହେବେ। କୁଳାଧିପତି ଉକ୍ତ କମିଟି ଦ୍ୱାରା ମନୋନୀତ ତିନିରୁ ପାଞ୍ଚଟି ନାମ ମଧ୍ୟରୁ କାହାରି ଜଣଙ୍କ ନାମ କୁଳପତି ପାଇଁ ଚୟନ କରିବେ।

ପ୍ରସ୍ତାବିତ ଡ୍ରାଫ୍ଟ ଅନୁଯାୟୀ ଏଇଠି ସରକାର ଟିକିଏ କଠୋର ହୋଇପାରନ୍ତି। ଏଇ ଯେମିତିକି, ଏଥିରେ କୌଣସି ପ୍ରକାର ଉଲ୍ଲଂଘନ ହେଲେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ୟୁଜିସି ଯୋଜନାଗୁଡ଼ିକରୁ ବଞ୍ଚିତ ହୋଇପାରେ। ଏଥିସହ ୟୁଜିସି ଅଧିନିୟମ ଅନୁସାରେ ଦିଆଯାଉଥିବା ଆର୍ଥିକ ଅନୁଦାନ ଉପରେ ମଧ୍ୟ କଟକଣା ଲାଗିପାରେ। ବିଭିନ୍ନ ରାଜ୍ୟର ସ୍ଥାନୀୟ ସରକାର ଏବଂ ସମ୍ପୃକ୍ତ ରାଜ୍ୟର



ରାଜ୍ୟପାଳଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତିକୁ ନେଇ ଚାଲିଥିବା ଶୀତଳ ଯୁଦ୍ଧ ପରିପ୍ରେକ୍ଷୀରେ ବର୍ତ୍ତମାନ ଏହି ଡ୍ରାଫ୍ଟ କଥା ସାମ୍ନାକୁ ଆସିଛି। ତାମିଲନାଡୁ ଭଳି ରାଜ୍ୟରେ ଏହି ଶୀତଳ ଯୁଦ୍ଧ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେତୃତ୍ୱ ଦାୟିତ୍ୱରୁ ବଞ୍ଚିତ କରିଛି। ତେଣୁ ସ୍ୱାଭାବିକ ଭାବରେ ଏହି ରାଜ୍ୟ ସମେତ ଅନ୍ୟମାନଙ୍କ ପକ୍ଷରୁ ମଧ୍ୟ ବିରୋଧାଭାସ ଦେଖାଦେଇଛି। ଗୃହରେ ଏକ ପ୍ରସ୍ତାବ ପାରିତ କରି କେନ୍ଦ୍ର ଏହି ଅଧିନିୟମକୁ ପ୍ରତ୍ୟାହାର କରିବାକୁ ଦାବି ହେଉଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନଙ୍କ କହିବା କଥା, ଏହି ଅଧିନିୟମ ଖାଲି ସମ୍ବିଧାନରେ ନିହିତ ମୂଳ ସଂଘୀୟ ସିଦ୍ଧାନ୍ତକୁ ବିରୋଧ କରିବ ନାହିଁ, ଅଧିକନ୍ତୁ ଉଚ୍ଚଶିକ୍ଷା ବ୍ୟବସ୍ଥା ପ୍ରତି ମଧ୍ୟ ଏକ ସତର୍କ ଘଣ୍ଟି ପାଲଟିବ । କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍‌ଙ୍କ ସମେତ ଏଆଇଏଡିଏମ୍‌କେ ଏବଂ ସିପିଆଇ(ଏମ୍) ଷ୍ଟାଲିନଙ୍କୁ ସମର୍ଥନ କରିଛନ୍ତି। ଫଳରେ ଅଣଶିକ୍ଷାବିତ୍‌ଙ୍କୁ କୁଳପତି ପଦରେ ନିଯୁକ୍ତି ଆଶଙ୍କାକୁ ନେଇ ଆଲୋଚନା ହୋଇଛି। ଡ୍ରାଫ୍ଟ ଏକଥା ବି ସୂଚାଉଛି, ଏଭଳି ମହତ୍ତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହେବାପାଇଁ ଶିଳ୍ପ ଜଗତ, ସାଧାରଣ ପ୍ରଶାସନ ଏବଂ ସେହିପରି ସର୍ବସାଧାରଣ କ୍ଷେତ୍ରର ବରିଷ୍ଠ ପଦ ପଦବୀରେ ଅତିକମ୍‌ରେ ୧୦ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ଖାଲି ସେତିକି ଯଥେଷ୍ଟ ହେବନାହିଁ, ସମ୍ପୃକ୍ତ ଅଧିକାରୀଙ୍କ ବିଗତ କାର୍ଯ୍ୟକାଳର ଟ୍ରାକ୍ ରେକର୍ଡ ମଧ୍ୟ ସନ୍ତୋଷଜନକ ଥିବା ବିଧେୟ।

ତେବେ ବିରୋଧୀ, ବିଶେଷକରି ପିନାରାଇ ବିଜୟନ୍ ଏହାକୁ ଭୟ କରିବାର ସବୁଠୁ ହାସ୍ୟାସ୍ପଦ ଦିଗଟି ହେଲା, ସେମାନେ ଆଶଙ୍କା କରୁଛନ୍ତି ହୁଏତ କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ତଥା ବିଶ୍ୱସ୍ତମାନଙ୍କୁ କୁଳପତି ପଦରେ ନିଯୁକ୍ତି ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ଡ୍ରାଫ୍ଟ ପ୍ରସ୍ତୁତ କରୁଛି। ତେବେ ସେମାନେ ଏ ଅଭିଯୋଗ ଉଠାଇବା ସମୟରେ ହୁଏତ ଭୁଲିଯାଉଛନ୍ତି ଯେ, ପୂର୍ବତନ ରାଷ୍ଟ୍ରପତି କେ. ଆର୍. ନାରାୟଣନ୍ ଏବଂ ବୈଜ୍ଞାନିକ ୱାଇ. ନାଇଡୁମ୍ମାଙ୍କ ପରି ଅଣଶିକ୍ଷାବିତ୍‌ମାନେ ମଧ୍ୟ ଅତୀତରେ ବିଶ୍ୱବିଦ୍ୟାଳୟ କୁଳପତି ପଦ ମଣ୍ଡନ କରିଛନ୍ତି ଓ ସେମାନଙ୍କ ଅଭିଜ୍ଞତାରୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟ ଆଶାତୀତ ଲାଭ ପାଇପାରିଛି।

ଏହାଛଡ଼ା ବିରୋଧୀ କେନ୍ଦ୍ରକୁ ଯେଉଁକଥାଟି ପାଇଁ ପ୍ରଶଂସା କରିଛନ୍ତି, ତାହା ହେଲା କୁଳପତିଙ୍କ କାର୍ଯ୍ୟକାଳକୁ ୩ ବର୍ଷରୁ ବଢ଼ାଇ ୫ ବର୍ଷ କରାଯିବା। ତେବେ ସମ୍ପ୍ରତି ୟୁଜିସି ଏହି ଡ୍ରାଫ୍ଟ ନିୟମାବଳୀରେ ଥିବା ସଂଘୀୟ ଢାଞ୍ଚାର ବିରୋଧୀ ଧାରାଗୁଡ଼ିକୁ ଅପସାରଣ କରିବା ସହ ଏ ସମ୍ପର୍କିତ ଆଶଙ୍କାକୁ ଦୂର କରିବା ହିଁ ସମସ୍ତଙ୍କ ପାଇଁ ମଙ୍ଗଳଦାୟକ ହେବ। ଏଥିପାଇଁ ଦୀର୍ଘମିଆଦି ସୂତ୍ରରେ ବିଶ୍ୱବିଦ୍ୟାଳୟ ପ୍ରଶାସନରେ କେବଳ ଆର୍ଥିକ ନେଣଦେଣକୁ ଛାଡ଼ି ସରକାରଙ୍କର ଅନ୍ୟ କୌଣସି ଭୂମିକାକୁ ନିଃଶେଷ କରିବା ନେଇ ବିରୋଧୀ ଦୀର୍ଘଦିନରୁ ଦାବି କରୁଛନ୍ତି। ମାତ୍ର ସରକାର ଏହାକୁ କିପରି ଦେଖୁଛନ୍ତି, ଡ୍ରାଫ୍ଟର ଚୂଡ଼ାନ୍ତ ରୂପରେଖ ଆସିବା ପରେ ଓ ନିୟମରେ ପରିଣତ ହେବାପରେ ହିଁ ଜଣାପଡ଼ିବ।

**ଯଶିପୁର, ମୟୂରଭଞ୍ଜ**
**ମୋ:୯୪୩୭୮୭୨୯୦୪**

## ଏଇ ଭାରତରେ

ଟେକ୍ସଟାଇଲ ୱେଷ୍ଟ ବା ବର୍ଜ୍ୟର ଉପଯୋଗ କରି ନାଗପୁରର ୧୭ ବର୍ଷ ବୟସ୍କ ତେଜସ ପୁଗାଲିଆ ସ୍କୁଲ ବ୍ୟାଗ ତିଆରି କରୁଛନ୍ତି। ଏହି ବ୍ୟାଗକୁ ସେ ଗରିବ ଛାତ୍ରଙ୍କୁ ମାଗଣାରେ ଯୋଗାଇ ଦେଉଛନ୍ତି। ସେ 'ଥ୍ରେଡ୍ସ ଫର୍ ଗୁଡ୍' ଷ୍ଟାର୍ଟଅପ୍ ମାଧ୍ୟରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଗୋଟିଏ ପଟେ ଏହାଦ୍ୱାରା ଟେକ୍ସଟାଇଲ ବର୍ଜ୍ୟ ହ୍ରାସ ହେଉଥିବାବେଳେ ଅନ୍ୟପଟେ ସେ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ବିଶେଷ କରି ସେ ଗରିବ ଓ ଦିବ୍ୟାଙ୍ଗଙ୍କୁ ବ୍ୟାଗ ତିଆରି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ତେଜସ ଏବେ ସେଣ୍ଟର ପଏଣ୍ଟ ସ୍କୁଲର ଦ୍ୱାଦଶ ଶ୍ରେଣୀର ଛାତ୍ର। ବର୍ଷାଦିନେ ବ୍ୟାଗ ନଥିବା ହେତୁ ଗରିବ ପିଲାମାନେ ସ୍କୁଲ ଯାଉ ନ ଥିବା ଲକ୍ଷ୍ୟ କରିବା ପରେ ଏଭଳି ଯୋଜନା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ ତେଜସ୍। ପରେ ନାଗପୁରରେ ଥିବା ଟେକ୍ସଟାଇଲ ମିଲ୍‌ଗୁଡ଼ିକରୁ ଅଦରକାରୀ କନା ସଂଗ୍ରହ କରି ସେଥିରେ ବ୍ୟାଗ ତିଆରି କରିବା ଆରମ୍ଭ କରିଦେଇଥିଲେ । ସେ ଭାରତର ବିଭିନ୍ନ ସ୍ଥାନରେ ସମାନ ଚିନ୍ତାଧାରାର ସ୍ୱେଚ୍ଛାସେବୀଙ୍କ ସହ ସୋସିଆଲ ମିଡିଆ ମାଧ୍ୟମରେ ଯୋଡ଼ି ହୋଇ ଏହି କାର୍ଯ୍ୟରେ ସେମାନଙ୍କୁ ସାମିଲ କରୁଛନ୍ତି। ବ୍ୟାଗ ଆବଶ୍ୟକ କରୁଥିବା ଗରିବ ପିଲାଙ୍କୁ ଠାବ କରିବା ସକାଶେ ସେ ଏମାନଙ୍କୁ ନେଇ ରବିନହୁଡ ଆର୍ମି ଗଠନ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଜାନୁଆରୀ ୧୯୭୬

- ଓଡ଼ିଶା ଯୌତୁକ ନିରୋଧ ବିଲ୍ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଛି।
- ବର୍ମାସେଲ୍ କମ୍ପାନୀର ଭାରତରେ ଥିବା ଶାଖାଗୁଡ଼ିକର ପରିଚାଳନା ଦାୟିତ୍ୱ କେନ୍ଦ୍ର ସରକାର ନିଜ ହାତକୁ ନେବା ସଂକ୍ରାନ୍ତରେ ଏକ ବିଲ୍ ଲୋକସଭାରେ ଗୃହୀତ ହୋଇଛି।
- ସୋଭିଏତ୍ ରୁଷିଆ ସମର୍ଥିତ ଏମ୍‌ପିଏଲ୍ଏ ମୁକ୍ତିବାହିନୀର ସୈନ୍ୟମାନେ ଆଙ୍ଗୋଲାର ସମଗ୍ର ଉତ୍ତରାଞ୍ଚଳକୁ ଦଖଲ କରିନେଇଛନ୍ତି।

## ଚିରନ୍ତନୀ

ଦେଖ ସାଗର ଦେଖ ଗୋ ନଦୀ
ପୁରୁବ ସ୍ନେହ ରହିଛି ଯଦି
ହତାଶ ଆଜି ତୃଷିତ କବି
ଭୁବନଗୋଟା ଶିରରେ ଲଦି।
-(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 7 | | | 9 | 2 | | |
| 1 | 3 | | | | | | | |
| | | 2 | 8 | | | | | |
| | 7 | | | | | | 5 | |
| | | | 9 | | | 1 | 7 | 6 |
| | | 8 | | | | | | |
| | | 4 | | 2 | 6 | | | 5 |
| 6 | | | 4 | 3 | | | 1 | |
| | | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 2 | 1 | 3 | 5 | 4 | 9 | 7 |
| 7 | 9 | 5 | 4 | 6 | 8 | 1 | 3 | 2 |
| 3 | 1 | 4 | 9 | 2 | 7 | 8 | 6 | 5 |
| 4 | 8 | 9 | 2 | 7 | 3 | 6 | 5 | 1 |
| 6 | 7 | 1 | 5 | 9 | 4 | 3 | 2 | 8 |
| 2 | 5 | 3 | 8 | 1 | 6 | 7 | 4 | 9 |
| 5 | 4 | 6 | 7 | 8 | 2 | 9 | 1 | 3 |
| 1 | 3 | 7 | 6 | 5 | 9 | 2 | 8 | 4 |
| 9 | 2 | 8 | 3 | 4 | 1 | 5 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଞ୍ଚାୟତ ସ୍ତରରେ ଦୁର୍ନୀତି ହେଉଛି

ମହାଶୟ,

ଓଡ଼ିଶାର ପ୍ରତି ପଞ୍ଚାୟତକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାର୍ଷିକ କୋଟି କୋଟି ଟଙ୍କା ଦେଉଛନ୍ତି ବିକାଶ ପାଇଁ; ହେଲେ ସବୁ ଯୋଜନା ଅର୍ଥର ନିରନ୍ତର ବାଟମାରଣା ହେଉଛି। କାମସବୁ ଅତ୍ୟନ୍ତ ନିମ୍ନମାନର କରାଯାଇଛି। ଫଲ୍ସ ବିଲ୍ ହେଉଛି। ସରପଞ୍ଚ, ସମିତିସଭ୍ୟ, ବ୍ଲକ ଚେୟାରମ୍ୟାନ, ବ୍ଲକ ତଥା ପଞ୍ଚାୟତର ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଲାଞ୍ଚ ନେଉଛନ୍ତି। ଏଥିପାଇଁ ଗ୍ରାମାଞ୍ଚଳ ବିକାଶ ସମ୍ଭବ ହେଉନାହିଁ। ବ୍ଲକ ଓ ପଞ୍ଚାୟତ ଅଫିସରେ ଲାଞ୍ଚ ନ ଦେଲେ ଗରିବ ଲୋକେ ଜନକଲ୍ୟାଣମୂଳକ ଯୋଜନାର ହିତାଧିକାରୀ ହୋଇପାରୁନାହାନ୍ତି। ରାସ୍ତାଘାଟ ନିର୍ମାଣ, ନଦୀନାଳ, ପୁଷ୍କରିଣୀର ଖନନ ଓ ପୁନରୁଦ୍ଧାର, ଶିକ୍ଷାନୁଷ୍ଠାନ ଓ ଅଫିସ ଘର ନିର୍ମାଣ ଆଦି ସବୁ କାମ ଅତ୍ୟନ୍ତ ନିମ୍ନମାନର ହେଉଛି। ଗାନ୍ଧୀଙ୍କ ସ୍ୱପ୍ନର ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ବର୍ତ୍ତମାନ ଗାଁ ଟାଉଟରମାନଙ୍କ ଶାଗ କିଆରି ପାଲଟିଛି। ଏଥିପାଇଁ ପଞ୍ଚାୟତର ବିକାଶ ହୋଇପାରିଲା ନାହିଁ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପୀରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL - 329

ODISHA NEW OPPORTUNITIES | CII Confederation of Indian Industry

# MAKE IT GROW

## Accelerate Industries and Innovations in Odisha

From Tech to Textiles, and beyond, the **Utkarsh Odisha - Make in Odisha Conclave 2025** will showcase the state's industrial prowess and future-ready, pro-business initiatives and microclimate.
Come, let's huddle together, network and collaborate, to create an Odisha that will be a force multiplier of economic and sustained growth and unbounded prosperity for all sections of society.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*

### Attend Engaging Sectoral Sessions

- Chemicals, Petrochemicals And Plastics
- Healthcare, Pharma & Biotechnology
- Renewable Energy & Equipment
- Agri Industry & Food Processing
- Mining & Metallurgy
- IT / ITeS And Electronics
- Textiles And Apparel
- Tourism Development




### Join The Incubation, Skilling And Start-up Ecosystem With:

- Start-up Odisha
- Women Entrepreneurship enable by SUBHADRA
- Countries-of-Focus Session
- Skilled in Odisha

**BECOME A PART OF THE "VIKSIT ODISHA 2036" JOURNEY**

# INVEST IN ODISHA, INVEST IN FUTURE

- Networking Opportunities -B2G MEETINGS
- Gala Cultural Events
- 6 Thematic Sessions
- Grand Make In Odisha Expo
- 12 Sectoral Sessions
- Vision Viksit Odisha 2036 Showcase

**REGISTER NOW**

Scan to Register

Visit us at https://mio.investodisha.gov.in

OIPR-14005/13/0024/2425

# କଳାହାଣ୍ଡି ହେଉଛି କଳା, ସଂସ୍କୃତି, ଐତିହ୍ୟର ମାଟି


କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

**ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଯାପିତ**

ଭବାନୀପାଟଣା,୧୭।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଉତ୍ସବ ଘୁମୁରା ଯୋଗୁ କଳା ଓ ସଂସ୍କୃତିର ମହାମଳିନ ହେଉଛି। ୪ଦିନର ଏହ ମହୋତ୍ସବ ସମସ୍ତଙ୍କ ହୃଦୟକୁ ଛୁଇଁଛି। ଜିଲା ତଥା ଜିଲା ବାହାରର ଦର୍ଶକଙ୍କ ସମାଗମ ଓ ରାଜ୍ୟ ତଥା ରାଜ୍ୟ ବାହାରର କଳା, ସଂସ୍କୃତି ନିଆରା ପରମ୍ପରାରେ ଏହି ମହାସଙ୍ଗମ ଚିରଦିନ ପାଇଁ ଅଭୁଲା ହୋଇରହିବ ବୋଲି ଶୁକ୍ରବାର ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୭ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଲୋକସଭା ସାଂସଦ ମାଳବିକା ଦେବୀ ପ୍ରମୁଖ ଯୋଗଦେଇଥିଲେ। ସଭାକୁ ସତ୍ୟନାରାୟଣ ମୁଣ୍ଡଛିନା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ସୂରଜ ତାଙ୍କ ଅଭିଭାଷଣରେ କହିଥିଲେ, କଳାହାଣ୍ଡି ହେଉଛି କଳା, ସଂସ୍କୃତି, ଐତିହ୍ୟର ମାଟି। ଏଠାକାର ନର୍ଲା ବ୍ଲକର ଅସୁରଗଡରେ ପ୍ରଥମ ନଗର ସଭ୍ୟତା, ଭୀମକେଲାରେ ପ୍ରସ୍ତର ଯୁଗୀୟ ଭଗବାନ ବିଷ୍ଣୁଙ୍କ ଗ୍ରାନାଇଟ୍ ମୂର୍ତ୍ତି, ରେଣ୍ଡୋ ମାଝୀଙ୍କର ବୀରତ୍ୱର ଗାଥା, କଳାହାଣ୍ଡିର ଗଙ୍ଗା ଇନ୍ଦ୍ରାବତୀ, ହାବସପୁରୀ ଶାଢି, କନ୍ଦାଗଡର ପଥର ଶିଳ୍ପୀ, ଖଏରପଦର କାଠ କାମ ଆଦି ସମଗ୍ର ଦେଶରେ ପରିଚୟ ସୃଷ୍ଟି କରିପାରିଛି। ୪ଦିନ ଧରି ଭବାନୀପାଟଣା ସହର ଓ ଉତ୍ସବ ପଡିଆର ପରିମଳ ବ୍ୟବସ୍ଥାକୁ ଠିକ୍ ରଖିଥିବାରୁ ସ୍ଥାନୀୟ ପୌରପାଳିକାକୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଜିଲା ତଥା ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ କଳାହାଣ୍ଡି କଳାକେନ୍ଦ୍ର ପକ୍ଷରୁ ଓଡିଶୀ, କାରୁଣ୍ଡ କଳା କେନ୍ଦ୍ର ଘୁମୁରା, ଆସାମର ବିହୁ, ମୟୂରଭଞ୍ଜର ଛଉ ନୃତ୍ୟ, ସମ୍ବଲପୁରର ଲହରୀ, ଭବାନୀପାଟଣା ସଙ୍ଗମ, ମାଲକାନଗିରିର ଢେମସା, ଭବାନୀପାଟଣା ମୟୁରୀ, ଟ୍ରାଇବାଲ ଡ୍ୟାନ୍ସ ଏକାଡେମୀ, ଗଞ୍ଜାମର ବିଚିତ୍ରା ବର୍ଣ୍ଣାଳି, ପ୍ରଗତୀର ବଜାଶାଲ ଆଦି ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନୋଜ ଶର୍ମା, ସୁଧୀର ନାଏକ, ଆଶୁତୋଷ ପାତ୍ର, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ପରେ ଷ୍ଟାର ନାଇଟ୍ ପୋଗ୍ରାମରେ ଗାୟକ ଦୁଷ୍ମନ୍ତ ସୁନା, ଅମର ଦାଶ, ରାଜଶ୍ରୀ କୁମ୍ଭାର ଓ ରାଜା ବ୍ୟାଣ୍ଡ ଦ୍ୱାରା ସମ୍ବଲପୁରୀ ଫ୍ୟୁଜନ୍ ଅର୍କେଷ୍ଟ୍ରା ପରିବେଷଣ ହୋଇଥିଲା। ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ୩୩୮ଟି ଷ୍ଟଲ ଖୋଲିଥିବାବେଳେ ଶାନ୍ତି ଶୃଙ୍ଖଳା ପାଇଁ ୧୦ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲେ।


ଅତିଥିଙ୍କ ଦ୍ୱାରା 'କଳା ଝରଣ' ପୁସ୍ତକ ଉନ୍ମୋଚନ କରାଯାଉଛି।

## ଧର୍ମଗଡ଼ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ

ଧର୍ମଗଡ଼,୧୭।୧(ଆକାଶ କୁମାର ଜଗତ)

ଧର୍ମଗଡ଼ଠାରେ ଗତ ୧୫ ତାରିଖରୁ ଚାଲିଥିବା କଳାହାଣ୍ଡି ଉତ୍ସବ 'ଘୁମୁରା' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକମାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି କ୍ରୀଡା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ପଟଯୋଶୀ ଯୋଗଦେଇଥିଲେ। ଭାରତ ବର୍ଷର ସଂସ୍କୃତି ପରମ୍ପରାକୁ ଋଦ୍ଧିମନ୍ତ କରିବାରେ କଳାହାଣ୍ଡିର ଭୂମିକା ଅତୁଳନୀୟ ବୋଲି ମନ୍ତ୍ରୀ ସୁରଜ ତାଙ୍କ ବକ୍ତବ୍ୟରେ କହିଥିଲେ। ପରେ ଅତିଥିଙ୍କ ଦ୍ୱାରା କଳାହାଣ୍ଡି ଉତ୍ସବର ବାର୍ତ୍ତାବହ 'କଳା ଝରଣ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଭବାନୀପାଟଣାର ମାଲହର, ଫୋକ ଡ୍ୟାନ୍ସ, ସୁହାଗପୁରର ବଜାସାଲ, ଝରଖଣ୍ଡର ମୟୂରୀ, ଖୋର୍ଦ୍ଧାର ପାଇକ ଆଖଡା, ହରିୟାଣାର ଫଗ ଡ୍ୟାନ୍ସ, ପଞ୍ଜାବର ଭାଙ୍ଗଡ଼ା ସମେତ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଗୀତରେ ଦର୍ଶକ ଝୁମିଥିଲେ।

## ସଂକ୍ଷେପରେ

### ମୃତଦେହ ଜବତ, ହତ୍ୟା ଅଭିଯୋଗ

**ଥୁଆମୂଳ ରାମପୁର, ୧୭।୧ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ପେଙ୍ଗଡୁସି ଠାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ରାୟଗଡ଼ା ଜିଲା କାଶୀପୁର ଥାନା ଭାଟିପାସ ଗ୍ରାମର ଲକ୍ଷ୍ମଣ ମାଝୀ (୨୬)। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଗ୍ରାମରେ ନାଟକ ପରିବେଷିତ ହେଉଥିବାବେଳେ ଲକ୍ଷ୍ମଣ ଦେଖିବାକୁ ଆସିଥିଲେ। ହେଲେ ଗୁରୁବାର ତାଙ୍କ ମୃତ୍ୟୁ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ସକାଳେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଓଲଟିଲା ଟ୍ରାକ୍ଟର, ବର୍ତ୍ତିଲେ ୨ ଯୁବକ

**ଏମ୍. ରାମପୁର,୧୭।୧ (ଶଶିଭୂଷଣ ପ୍ରହରାଜ):** କଳାହାଣ୍ଡି ଜିଲା ମ. ରାମପୁର ସହର ଚାରିଛକ ଦେଇ ରିଶିଡ଼ା ରାସ୍ତାରେ ଗରୁବାର ଏକ ଧାନବୋଝେଇ ଟ୍ରକ୍ ସିମେଣ୍ଟ କଂକ୍ରିଟ ଚେୟାରରେ ପିଚିହୋଇ ଓଲଟି ପଡିଥିଲା। ଫଳରେ ଏଥିରେ ଥିବା ୨ ଯୁବକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାକୁ ନେଇ କିଛିସମୟ ଧରି ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମେଶିନ ସାହାଯ୍ୟରେ ଟ୍ରାକ୍ଟର ଉଠାଯିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ସୁନା କାରିଗର ଦୋକାନରୁ ଚୋରି

**ନୂଆପଡ଼ା,୧୭।୧ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ଥାନା ଅଧୀନ ଭେଲା ଗାଁର ମା' ମଙ୍ଗଳା ସୁନା କାରିଗର ଦୋକାନରୁ ସୁନା ଅଳଙ୍କାର ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ବଲାଙ୍ଗୀର ଜିଲା ପାଟଣାଗଡ ଅଞ୍ଚଳରୁ ରମାକାନ୍ତ ମେହେର ନାମଙ୍କ ଜଣେ ବ୍ୟକ୍ତି ପ୍ରାୟ ବର୍ଷେ ହେବ ଭେଲା ଗାଁକୁ ଆସି ଏକ କ୍ୟାବିନ ଭଡାରେ ନେଇ ଲୋକେ କିଣିଥିବା ସୁନାକୁ କାଟାଲଗ ଦେଖାଇ ପସନ୍ଦ ଅନୁଯାୟୀ ତିଆରି କରୁଥିଲେ । ଶୁକ୍ରବାର ଅଧାହ୍ନରେ ଏକ ପଲସର ଗାଡିରେ ଦୁଇ ଜଣ ବ୍ୟକ୍ତି ଆସି ସୁନା ତିଆରି କରିବା ପାଇଁ କାଟାଲଗ ଦେଖାଇବା ପାଇଁ କହିଥିଲେ। କାରିଗର କାଟାଲଗ ଦେଖାଉଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଟେବୁଲ ଡ୍ରୟରରେ ଥିବା କିଛି ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇ ଯାଇଥିଲେ । ରମାକାନ୍ତ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବଦଳିବ ଶହୀଦ ବିଜେନ୍ଦ୍ରନାଥ ରାଉତଙ୍କ ସ୍ମୃତି ପୀଠର ରୂପରେଖ

**ଗୋଲାମୁଣ୍ଡା,୧୭।୧(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଛକସ୍ଥିତ ଶହୀଦ ବିଜେନ୍ଦ୍ର ନାଥ ରାଉତଙ୍କ ସ୍ମୃତି ପୀଠର ରୂପରେଖ ବଦଳିବାକୁ ଯାଉଛି। ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ଶୁକ୍ରବାର ଉଦ୍‌ଘାଟନ କରାଯାଇଛି। ପୂର୍ବରୁ ଶହୀଦ ଦିବସ ଅବସରରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ସ୍ମୃତି ପୀଠର ଉନ୍ନତୀକରଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ସ୍ମୃତି ପୀଠର ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧୦ଲକ୍ଷ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୦ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରିଛନ୍ତି।

## କଳା ପ୍ରଦର୍ଶନ କରି ଚର୍ଚ୍ଚାରେ ୨ ମହିଳା ପ୍ରଶାସନିକ ଅଧିକାରୀ


ନୃତ୍ୟାଙ୍ଗନା ଛାତ୍ରୀମାନଙ୍କ ସହ ସହକାରୀ ଜିଲାପାଳ।


ଓଡ଼ିଶୀ ନୃତ୍ୟ ପରବେଷଣ କରୁଛନ୍ତି

ଭବାନୀପାଟଣା,୧୭।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗତ ୧୪ ତାରିଖରୁ ୨୭ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ନିଜର କଳା ପ୍ରଦର୍ଶନ କରି ଜିଲାର ଦୁଇଜଣ ମହିଳା ପ୍ରଶାସନିକ ଅଧିକାରୀ ଚର୍ଚ୍ଚାରେ ରହିଛନ୍ତି। ବୁଧବାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଭବାନୀପାଟଣା ତହସିଲଦାର ଶୁଭସ୍ମିତା ମିଶ୍ର ଉଚ୍ଚକୋଟିର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଉତ୍ସବର ତୃତୀୟ ସନ୍ଧ୍ୟାରେ ଗୁରୁବାର ସହକାରୀ ଜିଲାପାଳ ମମତା ଦାସ କୋରାପୁଟର ଢେମସା ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ମମତା ସ୍ଥାନୀୟ ଏକ ଘରୋଇ ସ୍କୁଲର ଛାତ୍ରୀମାନଙ୍କୁ ଢେମସା ନୃତ୍ୟ ଶିକ୍ଷାଦେବା ସହ ସେମାନଙ୍କ ସହ ନୃତ୍ୟ ପରିବେଷଣ କରିଥିବା ଦେଖାଯାଇଥିଲା।

## ଘରଡିହ ଜମି ଚିହ୍ନଟ ପାଇଁ ଦାବିପତ୍ର

ନୂଆପଡ଼ା,୧୭।୧ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ୍ ଆମାନାରା ରାଜସ୍ୱ ନିରୀକ୍ଷକ ଓ ପଞ୍ଚାୟତ ଅଧୀନ ମୁଶରଙ୍ଗି ଗାଁର ହିତାଧିକାରୀ ଘରଡିହ ବାବଦକୁ ଜମିପଟ୍ଟା ପାଇଥିଲେ ମଧ୍ୟ ଜମି ଚିହ୍ନଟ ହୋଇନାହିଁ। ଏହାକୁ ନେଇ ଗୁରୁବାର ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ହିତାଧିକାରୀମାନେ ନୂଆପଡ଼ା ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ଏହାର ତଦନ୍ତକରି ୧୫ ଦିନ ଭିତରେ ଜମି ଚିହ୍ନଟକରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଅନୁଯାୟୀ ମୁଶରଙ୍ଗି ଗାଁର ୨୬ଜଣ ହିତାଧିକାରୀ ଘରଡିହ ବାବଦକୁ ୪ ଡେସିମିଲ ଲେଖାଏ ଜମି ପଟ୍ଟା ଲିଜ୍ ସୂତ୍ରରେ ପାଇଛନ୍ତି। ପଟ୍ଟା ଥିଲେ ମଧ୍ୟ ପ୍ରାୟ ୧୫ ବର୍ଷ ହେବ ଜମି ଚିହ୍ନଟ ନ ହେବାରୁ ହିତାଧିକାରୀମାନେ ପାଇଥିବା ଆବାସ ଗୃହ ନିର୍ମାଣ କରିପାରୁନାହାନ୍ତି। ଜମି ଚିହ୍ନଟ ପାଇଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଯାଇ ଆବେଦନ କରୁଥିଲେ ସୁଦ୍ଧା ସୁଫଳ ମିଳିପାରୁନାହିଁ। ନିରୁପାୟ ହୋଇ ହିତାଧିକାରୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆଗାମୀ ୧୫ ଦିନ ଭିତରେ ଜମି ଚିହ୍ନଟ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଲୋକ କଳା ଓ ଲୋକ ସଂସ୍କୃତିରେ ଝଲସିଲା ପାରବା ମଞ୍ଚ



ଭବାନୀପାଟଣା,୧୭।୧( ଉତ୍ତମ କୁମାର ଦାଶ)

ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମର ପାରବା ମଞ୍ଚରେ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମି ଉଠିଥିଲେ ଦର୍ଶକ। ଜିଲା ଓ ରାଜ୍ୟ ତଥା ରାଜ୍ୟ ବାହାରର ବହୁ କଳାକାରଙ୍କ କଳା ପ୍ରଦର୍ଶନରେ ଉଲ୍ଲସିତ ହୋଇଉଠିଥିଲେ ପିଲାଠାରୁ ବୁଢା ସଭିଏଁ। ଅତିଥି ଭାବେ ପ୍ରଭାସ ଚନ୍ଦ୍ର ମିଶ୍ର ଓ ସଙ୍ଗୀତା ପଣ୍ଡା ଯୋଗଦେଇଥିଲେ। ପ୍ରଗତି ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରେ ରାଜସ୍ଥାନର ମାଂନିହାର୍ ଓ କାଲ୍ବେଲିଆ, ଚୁନି ଡ୍ୟାନ୍ସ ଗ୍ରୁପ, ମୟୁରୀଡ୍ୟାନ୍ସ ଗ୍ରୁପ, କିଶୋର ଡ୍ୟାନ୍ସ ଗ୍ରୁପ, ସୁଦୀକ୍ଷା ମିଶ୍ର, ପ୍ରଗତିର ସମ୍ବଲପୁରୀ, ଲାଞ୍ଜିଗଡ ବ୍ଲକର ଖଞ୍ଜଣୀ ଭଜନ ପ୍ରଭୃତି ପ୍ରଦର୍ଶିତ ହୋଇଥିଲା। ରିୟାଜ ଖାନ, ହେମନ୍ତ ସାହୁ, ଆଶୁତୋଷ ପୁରୋହିତ, ଧନଞ୍ଜୟ ପଣ୍ଡା, ସୌରଭ ମହାପାତ୍ର, ବନଶ୍ରୀ ଦାଶ, ଶିବଶକ୍ତି ପୁରୋହିତ, ଆକାଶ ମୁଣ୍ଡ ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ।

## ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜର ବାର୍ଷିକୋତ୍ସବ



ଜୁନାଗଡ଼,୧୭।୧(ସୁନୀଲ କୁମାର ସିଂହ/ ଅଂଶୁମାନ ଯୋଶୀ)

କଳାହାଣ୍ଡିଜିଲା ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜର ୪୦ତମ ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିଭୁତି ଭୂଷଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଅଞ୍ଚଳରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଖୁବଶୀଘ୍ର ପିଜି କଲେଜ ଖୋଲାଯିବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ, ଜିଲାପାଳ ପାୱାର ସଚିନ ପ୍ରକାଶ ପ୍ରକାଶ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଶ୍ୱରଞ୍ଜନ ପଣ୍ଡା ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରିୟ ବ୍ରତ ବାଣୁଆ ଧନ୍ୟବାଦ ଦେଇଥିଲେ। ପରେ ମନ୍ତ୍ରୀଙ୍କ ଦ୍ୱାରା କଲେଜର ନୂତନ ଏକାଡେମିକ କୋଠା ଉଦ୍‌ଘାଟିତ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବରେ ଜୁନାଗଡ଼ ସହରର ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ସମେତ କଲେଜ କର୍ମଚାରୀ ଉପସ୍ଥିତ ଥିଲେ।

## ଜନବସତିକୁ ପଶିଆସୁଛି ଭାଲୁ, ଲୋକେ ଭୟଭୀତ

କୋକସରା,୧୭।୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)



କଳାହାଣ୍ଡି ଜିଲା କୋକସରା ବ୍ଲକ୍ ବରାଡ଼ଙ୍ଗା ପଞ୍ଚାୟତ ଶିଉନି ଗ୍ରାମ ଆଖପାଖ ଜନବସତିକୁ ଏକ ଭାଲୁ ପଶିଆସି ବିଚରଣ କରୁଥିବା ଦେଖିବାକୁ ମିଳୁଛି। ଭାଲୁଟି ଗାଁ ନିକଟ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ପ୍ରତିଦିନ ଚାଲି ଆସି କେତେବେଳେ ରାସ୍ତା ଉପରେ ତ କେତେବେଳେ ରାସ୍ତାକଡ଼ରେ ଥିବା ପାଚେରି ଉପରେ ଚଢ଼ି ବୁଲୁଛି। ଏ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ କହିବା ମତେ ଦୁଇଗୋଟି ଭାଲୁ ଦୀର୍ଘଦିନ ଧରି ଗାଁ ନିକଟରେ ରହିଛନ୍ତି। ଫଳରେ ଗ୍ରାମର ଲୋକେ ଦିନରେ କିମ୍ବା ରାତିରେ ଘରୁ ବାହାରିବାକୁ ଭୟ କରୁଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଭାଲୁ ଆକ୍ରମଣରେ କେତେଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନେକେ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ଆମପାଣି ଫରେଷ୍ଟର ଚିତ୍ତରଞ୍ଜନ ବେହେରାଙ୍କ ପ୍ରତିକ୍ରିୟା ନେବାରୁ ଭାଲୁର ଗତିବିଧି ଉପରେ ଆମ କର୍ମଚାରୀ ନଜର ରଖିଛନ୍ତି ଓ ଭାଲୁକୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ଉଦ୍ୟମ କରାଯିବ ବୋଲି କହିଛନ୍ତି।

## ଆନ୍ତଃ ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ

ଖଡ଼ିଆଳ,୧୭।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଖଡ଼ିଆଳ ଯୁବମୋର୍ଚ୍ଚା ପକ୍ଷରୁ ଆନ୍ତଃ ଜିଲା ଡବଲ୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଡ଼ିଆଳ ଲୋୟର ଇନ୍ଦ୍ର ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ନନ୍ଦକୁମାର ନାଗ, ମେଜର ରାମଚନ୍ଦ୍ର ମିଶ୍ର, ଖବରଦାତା କୁନୁ କରୁଆଁ, ସଞ୍ଜୟ ସେଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମାରୋହରେ ଖଡ଼ିଆଳ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ସିଂଦେଓ ଅଧ୍ୟକ୍ଷତା କରିଥିବାବେଳେ ରାମଚନ୍ଦ୍ର ମିଶ୍ର ସଭା ପରିଚାଳନା କରିଥିଲେ। ସରୋଜ କୁମାର ପଣ୍ଡା, ସୌରଭ ପଣ୍ଡା ଖେଳ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ ୩ଦିନ ଧରି ହେବାକୁ ଥିବାବେଳେ ୩୫ ବର୍ଷରୁ କମ୍ ଏବଂ ଅଧିକ ବୟସ୍କ ବର୍ଗର ବିଭିନ୍ନ ଜିଲାରୁ ମୋଟ ୩୬ଟି ଟିମ୍ ଭାଗ ନେଇଛନ୍ତି।



ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

## ପ୍ରାକ୍ ଶିକ୍ଷାରୁ ବଞ୍ଚିତ କୋମଳମତି ଶିଶୁ

ନୂଆପଡ଼ା,୧୭।୧ (ମକାରୁ ବେମାଲ)

**ମାରାଗୁଡ଼ାରେ ନାହିଁ ଅଙ୍ଗନୱାଡ଼ି କେନ୍ଦ୍ର**

କେନ୍ଦ୍ର ତଥା ରାଜ୍ୟ ସରକାର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଶିଶୁଙ୍କ ପ୍ରାକ୍ ଶିକ୍ଷା ପାଇଁ ଅଙ୍ଗନୱାଡି କେନ୍ଦ୍ରଠାରୁ ଆରମ୍ଭ କରି ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରୁଛନ୍ତି। ହେଲେ ନୂଆପଡ଼ା ଜିଲା ସଦର ବ୍ଲକ କେରମେଲି ପଞ୍ଚାୟତ ମାରାଗୁଡା ଗାଁରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁ ପ୍ରାକ୍ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସେହିପରି ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ ଗାଁର ଅଧିକାଂଶ ପିଲା ପାଠପଢାରୁ ବଞ୍ଚିତ ହେଉଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ ନୂଆପଡ଼ା ସଦର ବ୍ଲକ ପତୋରାଠାରେ ୧୯୮୭-୮୮ରେ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମୟରେ ମାରାଗୁଡା ପଞ୍ଚାୟତର ମାରାଗୁଡା, ଟିକ୍ରାପଡା, ଝଲପ, ବୋଇରଭାଡି ଓ ପୋଛିପଡା ଗାଁ ପ୍ରକଳ୍ପରେ ସଂପୂର୍ଣ୍ଣ ଲୀନ ହୋଇଗଲା। ସେ ସମୟରେ ଏହି ଗାଁର ଲୋକେ ଅନ୍ୟତ୍ର ପଳାୟନ କଲେ। ହେଲେ ମାରାଗୁଡା ଗାଁର ୩୬ ପରିବାର ନିଜ ଭିଟାମାଟି ନ ଛାଡି ପାହାଡ ତଳେ ଘର କରି ରହିଛନ୍ତି। ଗାଁରେ ଗଉଡ ସମ୍ପ୍ରଦାୟର ୨୦, ଶବର ୮ ପରିବାର, ଗୌଣ୍ଡ ୫ ପରିବାର ଓ ପହରିଆ ଆଦିମ ଜନଜାତି ସମ୍ପ୍ରଦାୟର ୩ ପରିବାର ମୋଟ ୨ ଶହରୁ ଅଧିକ ଲୋକ ଅଛନ୍ତି। ଗାଁରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁମାନେ ପ୍ରାକ୍ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ପ୍ରାଥମିକ ବିଦ୍ୟାଳୟ ନ ଥିବା ଯୋଗୁଁ ଅଧିକାଂଶ ପିଲା ଛେଳି, ମେଣ୍ଢା ଚରାଉଛନ୍ତି। ଗାଁଠାରୁ ପେଠିଆପାଲି ୫ କିଲୋମିଟର ଗଲେ ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ରହିଛି। ଜଙ୍ଗଲିଆ ରାସ୍ତା ହୋଇଥିବାରୁ ଛୋଟ ପିଲା ଯିବା ଅସମ୍ଭବ ହୋଇପଡିଛି। ଗାଁର ହିତାଧିକାରୀ ସେହି ରାସ୍ତାରେ ୭ କିଲୋମିଟର କେରମେଲି ପଞ୍ଚାୟତ କାର୍ଯ୍ୟାଳୟକୁ ରାଶନ ଚାଉଳ ଓ ଭତ୍ତା ପାଇଁ ଯାଉଛନ୍ତି । ଗାଁରେ ୧୧ ହିତାଧିକାରୀଙ୍କୁ ମୋ କୁଡିଆ ଯୋଜନାରେ ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩ ଜଣଙ୍କୁ ମିଳିଛି । ଗାଁରେ ବିଜୁଳି ସୁବିଧା ରହିଛି। ହେଲେ ଗାଁକୁ ପକ୍କା ରାସ୍ତାଟିଏ ନାହିଁ। କାହାର ଘର ଡିହ କିମ୍ବା ଜମି ପଟ୍ଟା ନାହିଁ। ଗାଁରେ ନେଟ୍‌ୱର୍କ ପାଉ ନ ଥିବାରୁ ରୋଗ ହେଲେ ଆମ୍ବୁଲାନ୍ସକୁ ଖବର ଦେବା ପାଇଁ ପାହାଡ ଉପର ଚଢି ଫୋନ କରିଥାନ୍ତି। ନୂଆପଡା ଜିଲାପାଳ ମଧୁସୂଦନ ଦାସ ମାରାଗୁଡା ବାସୀଙ୍କ ପାଇଁ ପେଠିଆପାଲି ଗାଁରେ ଘରଡିହ ପଟ୍ଟା ୪ ଡେସମିଲ ପ୍ରଦାନ କରି ଆବାସ ଗୃହ କରି ଦିଆଯିବ ବୋଲି କହିଛନ୍ତି ।


ମାରାଗୁଡା ଗାଁର ଦୃଶ୍ୟ।

## ମଲ୍‌ରେ ପୀଡ଼ିତାଙ୍କ ସହ ଯୁବକଙ୍କ ଫଟୋ

ବରଗଡ଼,୧୭।୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ଯୁବତୀଙ୍କୁ ଅପହରଣ, ବଳାତ୍କାର ଏବଂ ହତ୍ୟା ଉଦ୍ୟମ ଘଟଣା ସମସ୍ତଙ୍କୁ ଚକିତ କରିଛି। ଘଟଣାକୁ ୫ଦିନ ବିତିଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ମାମଲାର ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇପାରି ନାହିଁ। ଏହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ ବିଜେଡ଼ି, କଂଗ୍ରେସ ସମେତ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କ ଅଞ୍ଚଳବାସୀ ପୀଡ଼ିତାଙ୍କୁ ନ୍ୟାୟ, ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗୁରୁବାର ବରଡ଼ୋଲ ଛକରେ ରାସ୍ତାରୋକୋ କରିଥିଲେ। ପୋଲିସ ପ୍ରଶାସନିକ ଅଧିକାରୀ ଆନ୍ଦୋଳନସ୍ଥଳକୁ ପହଞ୍ଚି ୪୮ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ୟାପକ ତନାଘନା ଚଳାଇଥିବାବେଳେ ବରଗଡ଼ର ଏକ ମଲ୍‌ରୁ ବାହାରୁଥିବା ସମୟରେ ନିଖୋଜ ଯୁବତୀଙ୍କ ସହିତ ଜଣେ ଯୁବକ ରହିଥିବା ସିସିଟିଭି ଫୁଟେଜ୍ ଫଟୋକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ପୋଲିସ ତାକୁ ଅଧାର କରି ସମ୍ପୃକ୍ତ ଯୁବକଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଅନ୍ୟପଟେ ଅଭିଯୁକ୍ତମାନେ ପୋଲିସ ଜାଲରେ ପଡ଼ିସାରିଥିବା ନେଇ ମଧ ସାଧାରଣରେ ଆଲୋଚନା ହେଉଛି।

# ଅଧିକାରୀ ବଦଳୁଛନ୍ତି, ଉଚ୍ଛେଦ ହେଉନି

**ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜିରା ବ୍ରିଜ୍ ରାସ୍ତା ଜବରଦଖଲ ପ୍ରସଙ୍ଗ**
- ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଣଦେଖା
- ପ୍ରଶାସନକୁ ଚ୍ୟାଲେଞ୍ଜ କରି ପୁନଃ ନିର୍ମାଣ
- ଚର୍ଚ୍ଚାରେ ଜନ ପ୍ରତିନିଧିଙ୍କ ନିରବତା

ବରଗଡ଼,୧୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ବ୍ୟସ୍ତବହୁଳ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜିରା ବ୍ରିଜ୍ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ସରକାରୀ କଳ ହାତ ବାନ୍ଧି ବସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଉଚ୍ଛେଦ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ଗତ ଦେଢ଼ବର୍ଷ ମଧ୍ୟରେ ୨ଥର ରାୟ ଦେଇ ସାରିଲେଣି। ଏହାସତ୍ତ୍ୱେ ଏଥିପ୍ରତି ପ୍ରଶାସନିକ ଉଦାସୀନତା ଏବଂ ଜନପ୍ରତିନିଧିଙ୍କ ନିରବତା ସମସ୍ତଙ୍କୁ ଚକିତ କରିଛି। ଅନ୍ୟପଟେ ଉଚ୍ଛେଦ ସପକ୍ଷରେ ରାୟ ଆସିବା ପରେ ଜଣେ ପରେ ଜଣେ ବିଭାଗୀୟ ଅଧିକାରୀଙ୍କ ବଦଳି ହେଉଛି। ଇତିମଧ୍ୟରେ ୨ ଉପଜିଲାପାଳ ଏବଂ ୨ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ହୋଇ ସାରିଲାଣି। କିନ୍ତୁ ଉଚ୍ଛେଦ ପ୍ରକ୍ରିୟା ଯେଉଁଠି ସେଇଠି ଅଟକି ରହିଛି। ଉଚ୍ଛେଦ ପ୍ରକ୍ରିୟାରେ ସମୟ ଗଡ଼ାଇବାକୁ ବିଭାଗୀୟ ଅଧିକାରୀଙ୍କ ସେଭଳି ବଦଳି ପ୍ରକ୍ରିୟା ଚାଲିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ୨୦୨୩ରେ ଉଚ୍ଛେଦ ପ୍ରକ୍ରିୟାର ପ୍ରାଥମିକ ପର୍ଯ୍ୟାୟରେ ଭଙ୍ଗା ଯାଇଥିବା କିଛି ଅଂଶରେ ପୁଣି ନିର୍ମାଣ କାର୍ଯ୍ୟ ଚାଲିବା ପ୍ରଶାସନକୁ ଚ୍ୟାଲେଞ୍ଜ ସଦୃଶ ବୋଲି ସାଧାରଣରେ ଆଲୋଚନା ହେଉଛି।

ବରଗଡ଼ ସହରରେ ଟ୍ରାଫିକ୍ ସମସ୍ୟା ଏକ ନିତିଦିନିଆଁ ଘଟଣା। ସହରରେ ରାସ୍ତାପାର୍ଶ୍ୱ ଜବରଦଖଲ ଏହାର ପ୍ରମୁଖ କାରଣ ପାଲଟିଛି। ଏହି କ୍ରମରେ ସହରର ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜିରା ବ୍ରିଜ୍ ପର୍ଯ୍ୟନ୍ତ ଉଚ୍ଛେଦ ସହରବାସୀଙ୍କ ଦୀର୍ଘବର୍ଷର ଦାବି ରହିଆସିଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଦାବି ଜୋର୍ ଧରିଥିଲା। ୨୦୨୩ରେ ସ୍ଥାନୀୟ ସମଲେଶ୍ୱରୀ ସଂଘ ଉଚ୍ଛେଦ ଦାବିକୁ ଜୋର୍ କରିଥିଲା। ଜିଲା ଓକିଲ ସଂଘ ଏହାର ନେତୃତ୍ୱ ନେଇଥିଲା ଏବଂ ବିଭିନ୍ନ ସଙ୍ଗଠନ ସମେତ ଜନସାଧାରଣ ମଧ ଉଚ୍ଛେଦ ଦାବିକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ କରିଥିଲେ। ସହରବାସୀଙ୍କ ଦୃଢ଼ ଦାବି ପରେ ସେତେବେଳେ ପ୍ରଶାସନ ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲା। ରାସ୍ତାପାର୍ଶ୍ୱ ଜବରଦଖଲ ଚିହ୍ନଟ କରି କିଛି ଅଂଶ ଭଙ୍ଗା ଯାଇଥିଲା। ମାତ୍ର ଉଚ୍ଛେଦ ମାମଲା ଉଚ୍ଚ ନ୍ୟାୟାଳୟକୁ ଯିବା ପରେ ଏହା ଅଧାରେ ଅଟକି ରହିଥିଲା।



ବରଗଡ଼ ସହରର ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜିରା ବ୍ରିଜ୍ ରାସ୍ତା।

ଉଚ୍ଚ ନ୍ୟାୟାଳୟ ସେତେବେଳେ ଜବରଦଖଲ ଉଚ୍ଛେଦ ସପକ୍ଷରେ ରାୟ ଦେଇଥିଲେ। ଏହାସତ୍ତ୍ୱେ ଉଚ୍ଛେଦ ଅଭିଯାନ ଆଗେଇ ନ ଥିଲା। ଅନ୍ୟପଟେ ତତ୍କାଳୀନ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଉପଜିଲାପାଳଙ୍କ ବଦଳି ହୋଇ ଯାଇଥିଲା। ସେହିପରି ସାଧାରଣ ନିର୍ବାଚନ ପୂର୍ବରୁ ଉଚ୍ଛେଦ ଦାବି ଯେଭଳି ଜୋର୍ ଧରିଥିଲା, ନିର୍ବାଚନ ସରିବା ପରେ ଲୋକଙ୍କ ସ୍ୱର ମଧ ଧିମେଇ ଗଲା ଏବଂ ଉଚ୍ଛେଦ ନୋଟିସ୍‌ରେ ତାହା ସୀମିତ ରହିଗଲା। ଅପରପକ୍ଷେ ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ରାୟ ଦେବା ପରେ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ହେବାରୁ ପ୍ରଭାବିତ ଲୋକେ ପୁଣି ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ। ଫଳରେ ଉଚ୍ଚ ନ୍ୟାୟାଳୟରେ ମାମଲା ଗଡ଼ି ଚାଲିଥିଲା। ନୂଆ ସରକାର ଆସିବା ପରେ ଦୀର୍ଘବର୍ଷର ଏହି ଦାବି ପୂରଣ ହେବ ବୋଲି ସହରବାସୀ ଆଶା କରିଥିଲେ। କିନ୍ତୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଯଥାପୂର୍ବଂ ତଥା ପରଂ ସ୍ଥିତିରେ ରହିଛି। ସେହିପରି ଉଚ୍ଚ ନ୍ୟାୟାଳୟ ତର୍ଜମା କରି ଉଚ୍ଛେଦ ପ୍ରକ୍ରିୟା ସପକ୍ଷରେ ଦ୍ୱିତୀୟ ଥର ପାଇଁ ରାୟ ଦେଲେ। ଏହାସତ୍ତ୍ୱେ ଉଚ୍ଛେଦ ପ୍ରକ୍ରିୟା ଆଗେଇ ନାହିଁ। ଅନ୍ୟପଟେ ୨ଦିନ ତଳେ ସ୍ଥାନୀୟ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ହୋଇଛି।

ଉଚ୍ଚ ନ୍ୟାୟାଳୟର ଆଦେଶ ସତ୍ତ୍ୱେ ଉଚ୍ଛେଦ ପ୍ରକ୍ରିୟା ଆଗେଇ ନ ଥିବାବେଳେ ବିଭାଗୀୟ ଅଧିକାରୀଙ୍କ ବଦଳି ଡ୍ରାମା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଥିବାବେଳେ ଏଥିରେ ସରକାରୀ କଳର ଭୂମିକାକୁ ନେଇ ମଧ ନାନା ସନ୍ଦେହ ସୃଷ୍ଟି ହେଉଛି। ଉଚ୍ଚ ନ୍ୟାୟାଳୟର ରାୟ, ସହରବାସୀଙ୍କ ଦୃଢ଼ ଦାବି ସତ୍ତ୍ୱେ ଉଚ୍ଛେଦ କରିବାକୁ କାହିଁକି ସରକାରୀ କଳ ସାହସ ଜୁଟାଇ ପାରୁନାହିଁ ବୋଲି ସହରରେ ଚର୍ଚ୍ଚା ଜୋର୍ ଧରିଛି। ଏ ସମ୍ପର୍କରେ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କୁ ପଚାରିବାରୁ ସେ କହିଥିଲେ, ଉଚ୍ଚ ନ୍ୟାୟାଳୟ ତର୍ଜମା କରି ଉଚ୍ଛେଦ ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରଶାସନ ଉଚ୍ଛେଦ ନ କରିବା ଦୁଃଖଦାୟକ। ଉଚ୍ଚ ନ୍ୟାୟାଳୟର ଆଦେଶକୁ ଅବମାନନା ମଧ ଦୁର୍ଭାଗ୍ୟଜନକ। ନ୍ୟାୟାଳୟ ଆଦେଶକୁ ଯଥାଶୀଘ୍ର ପାଳନ କରିବା ପାଇଁ ପୌର ପରିଷଦ, ପ୍ରଶାସନକୁ ଅନୁରୋଧ କରୁଛୁ। ସେହିପରି ଉଚ୍ଚ ନ୍ୟାୟାଳୟର ଆଦେଶକ୍ରମେ ଜବରଦଖଲ ଉଚ୍ଛେଦ କରାଯାଉ। ନଚେତ୍ ଅତିଶୀଘ୍ର ସମଲେଶ୍ୱରୀ ସଂଘ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ସଂଘ ସଭାପତି ସମୀର ପ୍ରଧାନ କହିଛନ୍ତି।

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

ପାଇକମାଳ, ୧୭।୧(ବଡ ଶତପଥୀ)

୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବରଗଡ ଜିଲା ପାଇକମାଳ ବ୍ଲକ୍ ସଭାଗୃହରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇକମାଳ ବିଡିଓ ପ୍ରଫୁଲ କୁମାର ଓଦୁ ସଭାପତିତ୍ୱ କରିଥିବା ବେଳେ ପାଇକମାଳ ଆଡିଶନାଲ ତହସିଲଦାର ପ୍ରତାପ ପୂଝାରୀ, ବ୍ଲକ୍ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ମଞ୍ଚାସୀନ ଥିଲେ। ଭବାନୀ ପଟେଲ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ପତାକା ଉତ୍ତୋଳନ ପାଇଁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କୁ ମୁଖ୍ୟଅତିଥି ଭାବେ ନିମନ୍ତ୍ରଣ କରିବାକୁ ସ୍ଥିର କରାଗଲା। ଆସନ୍ତା ୨୦ ତାରିଖରେ ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ୪ଟି ସ୍ତରରେ କରାଯାଇ ୩ ପ୍ରତିଯୋଗୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏବଂ ଦୁଇ ଦଳରୁ ୨୪ ଜଣଙ୍କୁ ବଛାଯାଇ ୨୬ ତାରିଖରେ ପୁରସ୍କୃତ କରାଯିବ ବୋଲି ଆଲୋଚନା କରାଗଲା। ବୈଠକରେ ପାଇକମାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ଡ଼ ଦ୍ୱାଦଶ ପ୍ରଧାନ, ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ନମିତା ସାହୁ, ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁ, ଫାୟାର ଅଫିସର ଭରତ କୁମାର ସିଂ ତଥା ପାଇକମାଳ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଓ ପିଇଟି ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିଇଓ ଚୂଡ଼ାମଣି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଗବାଚା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

ସରଣ୍ଡା, ୧୭।୧(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲିଠାରେ ଦୁଇଦିନ ଧରି ଚାଲିଥିବା ନାଗବାଚା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଯାଦବ ପର୍ଡିଆ, ଦଶରଥ ପ୍ରଧାନ, ହରେରାମ କର୍ଣ୍ଣ ଓ ଏକଲବ୍ୟ ଛନ୍ଦ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ହିମାଂଶୁ ତ୍ରିପାଠୀ, ସୀତାଂଶୁ ତ୍ରିପାଠୀ ଓ ସୁଧାନ୍ତ ଦାଶ ପୂଜାକାର୍ଯ୍ୟ ଓ ହୋମଯଜ୍ଞ ସମ୍ପାଦନ କରିଥିଲେ। ଭକ୍ତମାନଙ୍କ ପାଇଁ ପ୍ରତ୍ୟହ ଅନ୍ନକୋଟ ବ୍ୟବସ୍ଥା ହୋଇଥିଲା। ସୁନିତା ସାହୁ, ସୌରେନ୍ଦ୍ରି ଜାଲଙ୍କ ମହିଳା ସଂକୀର୍ତ୍ତନ, ସତଲମାର ରଶ୍ମି ସାହୁଙ୍କ ପାରାୟଣ ଏବଂ ଦେଶକୁମ୍ଭାରୀ ଓ ବରାହମୁଣ୍ଡା ମହିଳା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗମ୍ଭାରୀପାଲି ନାଗବାଚା ପୂଜା କମିଟି, ଗ୍ରାମବାସୀ ଓ ମାଁ ମାହେଶ୍ୱରୀ ସେନାର ସଦସ୍ୟମାନେ ସହଯୋଗ କରିଥିଲେ ।



ନାଗବାଚା ମନ୍ଦିର ପ୍ରତିଷ୍ଠା ପାଇଁ ହୋମଯଜ୍ଞ ।

## ପୀଡ଼ିତାଙ୍କ ପରିବାରକୁ ଭେଟିଲା କଂଗ୍ରେସ



ବରଗଡ଼,୧୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ଯୁବତୀଙ୍କୁ ଅପହରଣ, ବଳାତ୍କାର ଏବଂ ହତ୍ୟା ଉଦ୍ୟମ ଘଟଣାକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ଶୁକ୍ରବାର ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟିଥିଲେ। ଭୀମସାର୍, ବୁର୍ଲାରେ ଚିକିତ୍ସାଧୀନ ଥିବା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ପଚାରି ବୁଝିବା ସହିତ ଦଳ ପକ୍ଷରୁ ପରିବାର ଲୋକଙ୍କୁ ସମସ୍ତ ପ୍ରକାର ନ୍ୟାୟିକ ସହଯୋଗ ଯୋଗାଇ ଦିଆଯିବ ବୋଲି ଏହି ପ୍ରତିନିଧି ଦଳ କହିଥିଲେ। ଅନ୍ୟପଟେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ପୋଲିସ ହାଲୁକା ଭାବେ ନେଇଥିବା ଅଭିଯୋଗ କରି କଂଗ୍ରେସ ପ୍ରତିନିଧି ଦଳ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଏସ୍‌ପିଙ୍କୁ ଭେଟିବେ ବୋଲି କହିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଅବହେଳା କଲେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଏହି ପ୍ରତିନିଧି ଦଳରେ କଂଗ୍ରେସର ବରିଷ୍ଠ ନେତା ହରଦୀପ ସିଂ, ଅନନ୍ତ ଶୟନ ପାଢ଼ୀ, ନିପନ ଦାଶ, ବ୍ରହ୍ମାନନ୍ଦ ମହାକୁଡ଼, ଅଭିଷେକ ସେଟ, ସରୋଜ ଷଡ଼ଙ୍ଗୀ, ପ୍ରତାପ ନାୟକ, ରବିନାରାୟଣ ପଣ୍ଡା, ସୁଧୀର ଜେନା, ମୋତିଲାଲ ଦାଶ, ପଞ୍ଚାନନ ମିଶ୍ର, ବିମଳ ଦାଶ, ସୁନିତା ବାଗ, ନିଲିମା ଅଗ୍ରୱାଲ, ମାନସ ଦାଶ, ଦେବୁ ସ୍ୱାଇଁ, ରଞ୍ଜନ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଭୀମସାର୍, ବୁର୍ଲା ଯାଇ ପୀଡ଼ିତାଙ୍କୁ ଭେଟିଥିଲେ।

## ଟାଣ୍ଡୋଲରେ ମକରମେଳା ସମ୍ପନ୍ନ

ସୋହେଲା,୧୭।୧(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା ବ୍ଲକ ଟୁଙ୍ଗିବନ୍ଧଲି ପଞ୍ଚାୟତ ଅନ୍ତର୍ଗତ ଟାଣ୍ଡୋଲ ଗ୍ରାମରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ସ୍ଥାନୀୟ ବିଧାୟକ ଇରାସିସ୍ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ପିଢ଼ି ସମାଜ ପାଇଁ ଥିବା ନିଜର ଦାୟିତ୍ୱ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଗ୍ରାମର ଗୌନ୍ତିଆ ଗୋବିନ୍ଦ ସାହା ଏଥିରେ ସଭାପତିତ୍ୱ କରିଥିଲେ। ସୋହେଲାର ନବନିଯୁକ୍ତ ମଣ୍ଡଳ ସଭାପତି ଅଶ୍ୱିନୀ ପାତ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭା ସଂଯୋଜନା କରିଥିଲେ ତରଣୀ ଦୀପ। କାର୍ଯ୍ୟକ୍ରମରେ ଦୁଇ ଦିନ ଧରି ହୋମ, ନାମ ସଂକୀର୍ତ୍ତନ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମ ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ମନ୍ଦିର ପ୍ରତିଷ୍ଠା ପାଇଁ କଳାକାର ବରଣ

ବରଗଡ଼,୧୭।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ବିରମାଲ ପଞ୍ଚାୟତ ଅନ୍ତର୍ଗତ ପୋଡ଼ମୁଣ୍ଡା ଗ୍ରାମରେ ଆସନ୍ତା ମାର୍ଚ୍ଚ ୨୦ରୁ ୨୪ତାରିଖ ପର୍ଯ୍ୟନ୍ତ କରମସାନୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ କଳାପାହାଡ଼ ମହାରାଜ ଦରବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରମରେ କଳାପାହାଡ଼ ମହାରାଜ ଭୂମିକାରେ ଅଭିନୟ ପାଇଁ ସୋନପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସାରସମାଲ ଗ୍ରାମର ମନୋରଞ୍ଜନ ଚିରଗୁଣଙ୍କୁ ବରଣ କରାଯାଇଛି। କଳାକାର ବରଣ ସମୟରେ ବିରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ, ମୁଖ୍ୟ କର୍ତ୍ତା କ୍ଷୀରୋଦ୍ର ସାହୁ, ମନ୍ଦିର କମିଟି ମୁଖ୍ୟ ବନମାଳି ସାହୁ, ଅନି ସାହୁ, ଅଶୋକ ସାହୁ, ରଞ୍ଜନ ବିଶ୍ୱାଳ, କୃଷ୍ଣ ଦାଶ, କୁନୁ ଆଚାର୍ଯ୍ୟ, ଲୁଗୁରୁ ସାହୁ, କରମସାନି ମନ୍ଦିର ଯାତ୍ରା କମିଟି ସଭ୍ୟ ଉପସ୍ଥିତ ଥିଲେ।



କଳାପାହାଡ଼ ମହାରାଜ ଅଭିନେତାଙ୍କୁ କଳାକାର ବରଣ କରୁଛନ୍ତି।

## ଜାତୀୟ ପୁନର୍ବାସ ନିର୍ଦ୍ଦେଶକଙ୍କ ପରିଦର୍ଶନ

ବରଗଡ଼,୧୭।୧(ପ୍ରେମାନନ୍ଦ ଖମାରୀ)

ଭାରତ ସରକାରଙ୍କ ଅଧୀନ ଜାତୀୟ ପୁନର୍ବାସ କେନ୍ଦ୍ର, ବଲାଙ୍ଗୀରର ନିର୍ଦ୍ଦେଶକ ଗୁର୍ବୁକ୍ଷ ଚାନ୍ଦ ଜାଜୋଟା ଗୁରୁବାର ବରଗଡ଼ସ୍ଥିତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ କରିଥିଲେ। ତାଙ୍କ ସହିତ ପୁନର୍ବାସ ଅଧିକାରୀ ସୌମ୍ୟଶେଖର ପାଣିଗ୍ରାହୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ, କିଶୋର ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ, ଛାତ୍ରୀଛାତ୍ର ଏବଂ ସାମାଜିକ କର୍ମୀ ଦିବାକର ମାଝି ପ୍ରମୁଖ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସେହିପରି ବିଦ୍ୟାଳୟରେ ଚାଲିଥିବା ସଙ୍କେତ-ମୋ ଭାଷା ତାଲିମ କାର୍ଯ୍ୟକ୍ରମରେ ଜାତୀୟ ପୁନର୍ବାସ କେନ୍ଦ୍ର ନିର୍ଦ୍ଦେଶକ ଜାଜୋଟା ଏବଂ ପୁନର୍ବାସ ଅଧିକାରୀ ପାଣିଗ୍ରାହୀ ଅତିଥି ଭାବେ ଯୋଗଦାନ କରିଥିଲେ। ଜାତୀୟ ପୁନର୍ବାସ କେନ୍ଦ୍ର, ବଲାଙ୍ଗୀରରେ ଦିବ୍ୟାଙ୍ଗମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ, ଉପକରଣ ଉପରେ ସୂଚନା ଦିଆଯାଇଥିଲା। ୨ବର୍ଷିଆ ସାଙ୍କେତିକ ଭାଷା ଅନୁବାଦକ ପାଠ୍ୟକ୍ରମ ତାଲିମ ନେବା ପାଇଁ ଯୋଗ୍ୟ ଯୁକ୍ତ ୨ କିମ୍ବା ତଦୂର୍ଦ୍ଧ୍ୱ ଯୋଗ୍ୟତା ସମ୍ପନ୍ନ ଲୋକଙ୍କୁ ଆହ୍ୱାନ ଦିଆଯାଇଥିଲା। ଶିକ୍ଷୟିତ୍ରୀ ରିତୁ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ।




ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଜାତୀୟ ପୁନର୍ବାସ କେନ୍ଦ୍ର ନିର୍ଦ୍ଦେଶକ ଓ ଅନ୍ୟମାନେ।

## ସିଲେଇ ତାଲିମ ନେଲେ ୬୦ ମହିଳା

ପାଇକମାଳ, ୧୭।୧(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ଗ୍ରାମପଞ୍ଚାୟତରେ ସାଧନ ମିଶନ ଶକ୍ତି ବ୍ଲକସ୍ତରୀୟ ମହାସଂଘ ଆୟୋଜନରେ ଗ୍ରାମପଞ୍ଚାୟତସ୍ତରୀୟ ସିଲେଇ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉକ୍ତ ଶିବିର ଗତ ଡିସେମ୍ବର ୧୪ରୁ ଆରମ୍ଭ ହୋଇଥିଲା। ୨ଟି ବ୍ୟାଚ୍‌ରେ ୬୦ ଜଣ ମହିଳା ସିଲେଇ ଶିକ୍ଷା ଗ୍ରହଣ କରିଥିଲେ। ଶୁକ୍ରବାର ପାଇକମାଳ ବିଡ଼ିଓ ପ୍ରଫୁଲ୍ଲ ଓଦୁ ତାଲିମପ୍ରାପ୍ତ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ଉପରେ ବୁଝାଇଥିଲେ। ମହାସଂଘ ସଭାନେତ୍ରୀ ଜାହ୍ନବୀ ପଟ୍ଟନାୟକ ଓ ସମ୍ପାଦିକା ହେମଲତା ସାହୁ ଶିବିର ପରିଚାଳନା କରିଥିଲେ। ରିନା ସାହୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ରବିଶଙ୍କର ନାଏକ, ଡିଇଓ ସଙ୍ଗୀତ ରଣା ଓ ମହାସଂଘର ସମସ୍ତ ପରିଚାଳନା କମିଟି ସଦସ୍ୟା ଉପସ୍ଥିତ ଥିଲେ।



ତାଲିମ ଗ୍ରହଣ କରିଥିବା ମହିଳା।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ପଦ୍ମପୁର,୧୭।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆତ୍ମରକ୍ଷା ଅଧିକାରୀ ବୁନି ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପଣ୍ଡା କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ସରୋଜ ନାଏକ, ଅଧ୍ୟାପିକା ପୂର୍ଣ୍ଣିମା ଦୋରା, ରୀନା ଧର୍ମ ବିନାୟକ, ଡ. ମମତା ମୟୀ ଗୁରୁ ଯୋଗଦାନ କରିଥିଲେ। ପ୍ରଶିକ୍ଷିକା ସୁନିତି ମହାପାତ୍ର, ନମ୍ରତା ତାଣ୍ଡି ପ୍ରମୁଖ ବିଭିନ୍ନ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ପୂର୍ଣ୍ଣିମା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରାଜବୋରାସମ୍ବର ବ୍ଲକ ଦହିତା ବୁଦ୍ଧଦେବ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ ସାହୁ ଶିବିରରେ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଆବଶ୍ୟକତା ଓ ଉପଯୋଗିତା ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ମାଷ୍ଟର ଟ୍ରେନର ସ୍ମୃତି ମହାନ୍ତି ୭୪ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଖେଳ ଶିକ୍ଷକ ରାଜେଶ ଥନାପତି ଶିବିର ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଲମ୍ବୋଦର ତାଣ୍ଡି, ସୁଶାନ୍ତ ମିଶ୍ର, ଶତ୍ରୁଘ୍ନ ପ୍ରଧାନ, ପ୍ରିୟରଞ୍ଜନ ସାହୁ, ଅଧ୍ୟାପିକା ଶୋଭାମୟୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ଆତ୍ମରକ୍ଷା ଶିବିରରେ ଭାଗ ନେଇଥିବା ଛାତ୍ରୀଗଣ।

## ବୋଡ଼ାସମ୍ବର କ୍ରିକେଟ: ରାଜା ୱାରିୟର ରାଜମଣ୍ଡ୍ରି ବିଜୟୀ

ପଦ୍ମପୁର,୧୭।୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆରେ ଚାଲିଥିବା ୨୯ତମ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ କପ୍‌ର ଶୁକ୍ରବାର ସପ୍ତମ ଦିବସରେ ଦ୍ୱିତୀୟ ଗ୍ରୁପ୍‌ର ତୃତୀୟ ମ୍ୟାଚ୍‌ରେ ରାଜା ୱାରିୟର ରାଜମଣ୍ଡ୍ରି ଓ ରୟାଲ ୧୧ ପାଟଣା ମଧ୍ୟରେ ମ୍ୟାଚ ହୋଇଥିଲା। ପାଟଣା କ୍ରିକେଟ ଦଳ ଟସ୍ ଜିଣି ରାଜମଣ୍ଡ୍ରି ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ରାଜମଣ୍ଡ୍ରି ଦଳ ନିର୍ଦ୍ଧାରିତ ୨୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମନୀକାନ୍ତ ୩୯ ବଲରେ ୪୦ ରନ ଓ ପ୍ରସନ୍ନ ୩୨ ବଲରେ ୩୨ରନ ସଂଗ୍ରହ କରିଥିଲେ। ପାଟଣା ପକ୍ଷରୁ ଆକାଶ ରାଜ ୨୦ ରନ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ପାଟଣା ଦଳ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରି ପରାସ୍ତ ହୋଇଥିଲା। ପାଟଣା ଦଳ ପକ୍ଷରୁ ଅଫସର କ୍ୟାରେସୀ ୫୫ ବଲରେ ୬୬ ରନ ସଂଗ୍ରହ କରିଥିଲେ। ରାଜମଣ୍ଡ୍ରି ଦଳ ପକ୍ଷରୁ ଲିଖିତ ୩ଟି ଓ ପ୍ରସନ୍ନ ୨ଟି ଉଇକେଟ ନେଇଥିଲେ। ଫଳରେ ୪୫ ରନରେ ରାଜମଣ୍ଡ୍ରି ଦଳ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ରାଜମଣ୍ଡ୍ରି ଦଳର ପ୍ରସନ୍ନଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟାର ଅମୀୟ ଭୂଷଣ ସାହୁ ଏବଂ ବିଶ୍ୱମ୍ଭର ମହାକୁର ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରାଜା ୱାରିୟର ରାଜମଣ୍ଡ୍ରି ଓ ବ୍ଲୁ ଡାଇମଣ୍ଡ ବରଗଡ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ଲହୁଣୀପଡା,୧୭।୧(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଭୁଟୁଡା ପଞ୍ଚାୟତ ଭୁଟୁଡା ଗ୍ରାମର ମୁଣ୍ଡା ସାହିରେ ଗୁରୁବାର ସନ୍ଧ୍ୟାରେ ଟାଙ୍ଗିଆରେ ହାଣି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ଫିଡିଙ୍ଗା ମୁଣ୍ଡା (୪୬)। ଲହୁଣୀପଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହତ୍ୟାକାରୀଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ହତ୍ୟାର ପ୍ରକୃତକାରଣ ଜଣାପଡିନାହିଁ। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ୬ଟାରେ କୌଣସି କାରଣରୁ ଫିଡିଙ୍ଗାଙ୍କୁ ସେହି ଗ୍ରାମର ଜଣେ ଯୁବକ ଟାଙ୍ଗିରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ପ୍ରଚୁର ରକ୍ତ ସ୍ରାବ ହେବାରୁ ଘଟଣା ସ୍ଥଳରେ ଫିଡିଙ୍ଗାଙ୍କ ମୃତ୍ୟୁ ଘଟିଥିଲା। ପରେ ହତ୍ୟାକାରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ପୋଲିସ ହତ୍ୟାକାରୀଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି।

### ଓଲଟିଲା ଅଟୋ: ଜଣେ ଗୁରୁତର, ୨ ଆହତ

**ବଣାଇଁ,୧୭।୧(ପ୍ରଦୀପ ତ୍ରିପାଠୀ):** ବଣାଇଁ ଥାନା ଅନ୍ତର୍ଗତ କେନ୍ଦ୍ରିକଲା ଛକରେ ଭାରସାମ୍ୟ ହରାଇ ଏକ ଅଟୋ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ଅଟୋ ଚାଳକଙ୍କ ସହ ବସିଥିବା ଦମ୍ପତି ଆହତ ହୋଇଥିଲେ। ସୂଚନାଅନୁସାରେ, ବଣାଇଁ ଉପୁର୍ଡା ଗ୍ରାମର ଏକ ଦମ୍ପତି କୌଣସି କାର୍ଯ୍ୟରେ ଅଟୋ ଯୋଗେ ରାଉରକେଲା ଯାଇଥିଲେ। ଅପରାହ୍ନରେ ବଣାଇଁ ଅଭିମୁଖେ ଫେରୁଥିବା ସମୟରେ କେନ୍ଦ୍ରିକଲା ଛକରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଅଟୋ ଚାଳକଙ୍କ ସମେତ ଅଟୋରେ ବସିଥିବା ଦମ୍ପତି ସୁର କିସାନ (୪୭) ଏବଂ ପଦ୍ମିନି କିସାନ (୪୨) ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବଣାଇଁ ସରକାରୀ ଡ଼ାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଇଥିଲେ। ଅଟୋ ଚାଳକ ଭୀମ କିସାନ (୩୫) ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

### ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

**ସୁନ୍ଦରଗଡ,୧୭।୧(ଜୟ ନାରାୟଣ ମେଣ୍ଡୁଲି):** ଲେଫ୍ରିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷ ସୁଦାମ ଚରଣ ନାଏକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ନରୋତ୍ତମ କାଲୋ ଯୋଗଦାନ କରି ଛାତ୍ରୀମାନେ କିପରି ନିଜକୁ ନିଜେ ସୁରକ୍ଷିତ କରିପାରିବେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ଓଡ଼ିଆ ଅଧ୍ୟାପିକା ଡ.ସୁରେଖା ନାଏକ ଆତ୍ମ ଶକ୍ତିର ମହତ୍ତ୍ୱ ଛାତ୍ରୀଙ୍କ ଆଗରେ ଉପସ୍ଥାପନା କରିଥିଲେ। କ୍ରୀଡ଼ା ଶିକ୍ଷକ ଗିରିଶ ଚନ୍ଦ୍ର ମିଶ୍ର ସଭା ପରିଚାଳନା କରିଥିଲେ। ଅଧ୍ୟାପକ କୁସୁମ କୁମାର ପଟେଲ, ନୀଳାମ୍ବର ପଟେଲ ଓ ନିହାର ରଞ୍ଜନ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଶ୍ରୀ ଜୟଶ୍ରୀ ଟପ୍ପୋ ଦେଇଥିବା ତାଲିମକୁ ଛାତ୍ରୀମାନେ ନିଜ ଦୈନନ୍ଦିନ ଜୀବନରେ କରିପାରିଲେ ତାଙ୍କ ଶ୍ରମ ସାଫଲ୍ୟ ହେବ ବୋଲି ବ୍ୟକ୍ତ କରିଥିଲେ। ଶେଷରେ ଅଧ୍ୟାପକ ନୀଳାମ୍ବର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଶ୍ରୁତି ରଖିଲେ ଜିଲାପାଳ: ତଦନ୍ତ ଦିନ ଧାର୍ଯ୍ୟ ହେଲା

**ବଣାଇଁ,୧୭।୧(ପ୍ରଦୀପ ତ୍ରିପାଠୀ)**

- ପ୍ରଶାସନର ନିଷ୍ପତ୍ତିକୁ ୱାର୍ଡ ମେମ୍ବରଙ୍କ ସ୍ୱାଗତ
- କେନ୍ଦ୍ରିକଲା ପଞ୍ଚାୟତର ଅଚଳାବସ୍ଥା ପ୍ରସଙ୍ଗ

ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଲା ପଞ୍ଚାୟତରେ ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କ ମଧ୍ୟରେ ଥିବା ଆରୋପ ପ୍ରତ୍ୟାରୋପ ଯୋଗୁ ଅଚଳାବସ୍ଥା ସୃଷ୍ଟି ହେବା ସହିତ ଉନ୍ନୟନ ମୂଳକ କାମ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଉଗ୍ରସେନ କିଷାନ ତାଙ୍କୁ ୱାର୍ଡ ମେମ୍ବରମାନେ ସହଯୋଗ କରୁନଥିବା ନେଇ କିଛିଦିନ ତଳେ ଉପଖଣ୍ଡ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ପ୍ରାୟ ଦେଢବର୍ଷ ଆଗରୁ ସମ୍ପୃକ୍ତ ପଞ୍ଚାୟତର ନାଏବ ସରପଞ୍ଚ ଲବଙ୍ଗ ପାତ୍ରଙ୍କ ସମେତ ୧୧ ଜଣ ୱାର୍ଡ ମେମ୍ବର ସରପଞ୍ଚଙ୍କ ବିରୋଧରେ ଅଭିଯୋଗ କରି ଆସୁଥିଲେ। ଏପରିକି ଗତ ନଭେମ୍ବରରେ କେନ୍ଦ୍ରିକଲା ପଞ୍ଚାୟତର ସମୁଦାୟ ୧୪ ଜଣ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ୧୧ ଜଣ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ବଣାଇଁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାଏବ ସରପଞ୍ଚଙ୍କ ସହ ୧୧ ଜଣ ୱାର୍ଡ ମେମ୍ବର ଅହୋରାତ୍ର ଅନଶନରେ ବସିଥିଲେ। ଶେଷରେ ଗତ ୯ ତାରିଖରେ ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନ ପତ୍ରାଙ୍କ– ୩୮/୯.୧.୨୦୨୫ ମାଧ୍ୟମରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଉପରେ ଜିଲା ପଞ୍ଚାୟତ ଅଧିକାରୀ ବଣାଇଁ ବିଡିଓ ଏବଂ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ (ପ୍ରଶାସନ)ଙ୍କୁ ପତ୍ରାଙ୍କ ୮୨/୧୭.୧.୨୦୨୫ ମାଧ୍ୟମରେ ଅବଗତ କରି ଆସନ୍ତା ୨୨ ତାରିଖରେ ତଦନ୍ତ ଦିନ ଧାର୍ଯ୍ୟ କରିଛନ୍ତି। ୨୪ ଦିନ ଧରି ୱାର୍ଡ ମେମ୍ବରମାନେ ଚଳାଇଥିବା ଅହୋରାତ୍ର ଅନଶନ ଜିଲାପାଳଙ୍କ ତଦନ୍ତ ପ୍ରତିଶ୍ରୁତି ପରେ ଗତ ୯ ତାରିଖ ପ୍ରତ୍ୟାହୃତ ହୋଇଥିଲା। କଥା ଦେଇ ଜିଲାପାଳ କଥା ରଖିଥିବାରୁ କେନ୍ଦ୍ରିକଲା ପଞ୍ଚାୟତର ନାଏବ ସରପଞ୍ଚ ଲବଙ୍ଗ ପାତ୍ରଙ୍କ ସମେତ ୧୧ ଜଣ ୱାର୍ଡ ମେମ୍ବର ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରି ଜିଲା ପ୍ରଶାସନକୁ ସାଧୁବାଦ ଜ୍ଞାପନ କରିଛନ୍ତି।



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଗୋପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲହୁଣୀପଡ଼ା,୧୭।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣେଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିକାରୀ ବିଶ୍ୱଦର୍ଶୀ ସାହୁ, ସମ୍ମାନିତ ଅତିଥି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅତିରିକ୍ତ ଜନମଙ୍ଗଳ ଅଧିକାରୀ ବାବୁଲାଲ ମାଝୀ, ଏଡ଼ିଡବ୍ଲ୍ୟୁଓ ଅଜୟ କୁମାର ଜେନା, ଯୋଗୀନ୍ଦ୍ର ରାଉତ, ବିମଳାଗଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲାଲ ବାହାଦୂର ଷଡଙ୍ଗୀ, ଫୁଲଝର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୁରିଶ୍ରବା ବେହେରା, ଇଦପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାନୁପ୍ରଭା କୁଲୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଦର୍ଶନ ହାଁସଦା ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ କୋଇଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଗଗନ କୁମାର ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ଣ୍ଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ବାର୍ଷିକୀ ଉତ୍ସବ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ବିଦ୍ୟାଳୟର ଅଧ୍ୟାପିକା ମଞ୍ଜୁଲତା କର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୋପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ ସୁପ୍ରଭା ମହାକୁଡ଼, ନମିତା କର, ଲାଲୁ ମାହାନ୍ତ, କୁନିଲତା ମାଝୀ, ସଂଧ୍ୟାରାଣୀ ମାହାନ୍ତ ପ୍ରମୁଖଙ୍କ ସହ ବିଦ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

**ଲହୁଣୀପଡ଼ା,୧୭।୧(ଦାଶରଥି ପଣ୍ଡା)**

ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ମିଶ୍ରପାଲି ସ୍ଥିତ ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଦ୍ୱିତୀୟ ବାର୍ଷିକ ଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଏକ ବିଦାୟ କାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ସୁଦାମ ତ୍ରିପାଠୀ, ମୁଖ୍ୟ ବକ୍ତାଭାବେ କୁମାର ଗୌତମ ବାରିକ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଝରଣା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀ ମହାରଣା ହିନ୍ଦ୍ରଲି କ୍ରିଷ୍ଣା ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ଭବାନୀ ନାଏକ ମଞ୍ଚ ପରିଚାଳନା କରିଥିଲେ। ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ବଦାୟୀ ଛାତ୍ରୀଙ୍କ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ କାମନା କରିବା ସହିତ ଉତ୍ତମ ଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ସୃଷ୍ଟି କରିବା ପାଇଁ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ପରାମର୍ଶ ଦେଇଥିଲେ। ପ୍ରଥମ ବର୍ଷର ଛାତ୍ରୀମାନେ ବିଦାୟୀ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ବଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଭାଶେଷରେ ଛାତ୍ରୀ ରାଧିକା ଓରାମ ଧନ୍ୟବାଦ ଅର୍ପଣ କରିଥିଲେ। ଅଜିତ ଦଳବେହେରା,ଇତିଶ୍ରୀ ପଟ୍ଟନାୟକ, କବିତା ମୁଖାର୍ଜୀ, ଅନିତା ପ୍ରଧାନ, ପଦ୍ମିନୀ ନାୟକ,କୁହଁରୁ ପାତ୍ର,ବାସନ୍ତୀ କିଷାନ,ମନ୍ଦାକିନି ନାୟକ ରଜତ ମାହାନ୍ତ, ସୁରେନ୍ଦ୍ର ମାହାନ୍ତ,ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପକ୍ଷୀ ଗଣନା ପାଇଁ ବନ ବିଭାଗର ପ୍ରସ୍ତୁତି



**ସୁନ୍ଦରଗଡ,୧୭।୧(ଜୟ ନାରାୟଣ ମେଣ୍ଡୁଲି)**

ପକ୍ଷୀ ଗଣନାର ପୂର୍ବ ପ୍ରସ୍ତୁତି ଭାବେ ସୁନ୍ଦରଗଡ ବନଖଣ୍ଡ ଉଜଳପୁର ବନାଞ୍ଚଳତରଫରୁ ନାକ ରାଇବଗା ପୋଖରୀରେ ପୂର୍ବ ଅଭ୍ୟାସ ବିଭାଗ ପକ୍ଷରୁ କରାଯାଇଛି। ଗତ୧୩ତାରିଖରୁ ଆରମ୍ଭ ହୋଇଥିବା ଏହିପୂର୍ବଅଭ୍ୟାସ କାର୍ଯ୍ୟକ୍ରମରେ ଦର୍ଲିପାଲି ସ୍ଥିତ ଦାମୋଦର ନାଏକ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ ହେମନ୍ତ ନାଏକଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ଏହି ଅଭ୍ୟାସରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତଥା ପରିବେଶବିତ, ଅବୈତନିକ ବନ୍ୟାପ୍ରାଣୀ ତତ୍ତ୍ୱାବଧାରକ ଡ. ଆଶୁତୋଷ ନାଏକ ଛାତ୍ରୀଛାତ୍ରମାନଙ୍କୁ ପକ୍ଷୀ ଗଣନାର ଉଦ୍ଦେଶ୍ୟ ଓ ପକ୍ଷୀଙ୍କ ସଂରକ୍ଷଣର ଆବଶ୍ୟକତା ଉପରେ ବୁଝାଇଥିଲେ। ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ବନପାଳ ହେମବତୀ ସିଂ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦେଶୀ ଓ ଦେଶାନ୍ତର ପକ୍ଷୀଙ୍କୁ ଦୂରବିକ୍ଷଣ ଯନ୍ତ୍ର ସହାୟତାରେ ତଥା ଫୋଟୋ ଦେଖାଇ ଚିହ୍ନାଇଥିଲେ। ଛାତ୍ରୀଛାତ୍ରଙ୍କୁ ପକ୍ଷୀ ଗଣନା ଅଭ୍ୟାସରେ ଭାଗ ନେବା ତଥା ପକ୍ଷୀ ପରିବେଶ ସମନ୍ଧୀୟ ଶିକ୍ଷା ପାଇବାରେ ସୁଯୋଗ ଦେଇଥିବାରୁ ମହାବିଦ୍ୟାଳୟ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

## ବଡ଼ଗାଁରେ ଆକ୍ସିସ ବ୍ୟାଙ୍କ ଶାଖା ଉଦ୍‌ଘାଟିତ


ବରିଷ୍ଠ ନାଗରିକ ଦୀପ ପ୍ରଜ୍ୱଳନ କରୁଛନ୍ତି।

**ବଡ଼ଗାଁ,୧୭।୧(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁରେ ଏକ୍ସିସ ବ୍ୟାଙ୍କର ଶାଖା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ଗାଁ ବିଡିଓ ସୁମତୀ ପଣ୍ଡା, ବଡ଼ଗାଁ ଫରେଷ୍ଟ ରେଞ୍ଜର ପ୍ରଦୀପ ଭୁତିଆ, କେନ୍ଦୁପତ୍ର ରେଞ୍ଜର ଅମିତ କୁମାର୍ ମହାନ୍ତି, ସରପଞ୍ଚ ସଂଘ ସଭାପତି ଯୋଗେନ୍ଦ୍ର କିସାନ, ବଡ଼ଗାଁ ସରପଞ୍ଚ ସୁନ୍ଦର ସମୁଏଲ ସଏ, ଭୋଇପାଲି ସରପଞ୍ଚ ମହେଶ୍ୱର ବରିହାଙ୍କ ସହିତ ଅଞ୍ଚଳର ବରିଷ୍ଠ ନାଗରିକ,ବ୍ୟବସାୟୀ ଓ ଠିକାଦାରମାନେ ଯୋଗଦେଇଥିଲେ। ବିଡ଼ିଓ ସୁମତୀ ପଣ୍ଡା ଫିତା କାଟି ବ୍ୟାଙ୍କ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲାବେଳେ ଫରେଷ୍ଟ ରେଞ୍ଜର ପ୍ରଦୀପ ଭୁତିଆ ଏଟିଏମକୁ ଉଦ୍‌ଘାଟନ କରିଥିଲେ। ଏକ୍ସିସ ବ୍ୟାଙ୍କର ଓଡ଼ିଶା ମୁଖ୍ୟ ସୋମଦିପ୍ତ ଚନ୍ଦ୍ର, କ୍ଲଷ୍ଟର ହେଡ ମନୋରଞ୍ଜନ ମିଶ୍ର, ରାଜଗାଙ୍ଗପୁର ବ୍ରାଞ୍ଚ ମୁଖ୍ୟ ଅସିତ ଦାସ, ଏକ୍ସିସ ବ୍ୟାଙ୍କ ବଡ଼ଗାଁ ଶାଖାର ମ୍ୟାନେଜର ରଞ୍ଜୟ ଷଡ଼ଙ୍ଗୀ, କର୍ମଚାରୀ ସପ୍ତିକ ରାଉତ, ବିକ୍ରମ ସିଂ, କ୍ଷିରୋଦ କାନ୍ତ ଦାସ, ଆଂଶିକ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାଖା ବ୍ୟାଙ୍କ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ଗାଁର ବ୍ୟବସାୟୀ ଭିଖୁ ଅଗ୍ରୱାଲ, ଶିବ ଶଙ୍କର ଅଗ୍ରୱାଲ, ପ୍ରକାଶ ସାହୁ, ଚନ୍ଦ୍ରକାନ୍ତ ଦୁବେ, ଭାଗିରଥି ସାହୁ, ଭୋଲାନଥ ଦାସ, ହିମାଂଶୁ ବେହେରା ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ।

## ଭୋଇପାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ

**ବଡ଼ଗାଁ,୧୭।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ୨ ଦିନ ଧରି ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚତୁର୍ଭୁଜ ରାଉଡିଆ, ସିଆରସିସି ଭାରତୀ ନରବିନା, ବରିଷ୍ଠ ଗ୍ରାମବାସୀ ଲାଲମୋହନ ନାଏକ, ଶଶିର ପଟେଲ, ଗୋବିନ୍ଦ ମହାନନ୍ଦ, ସ୍କୁଲ ପରିଚାଳନା କମିଟି ସଭାପତି କୈଳାସ ମହାନନ୍ଦ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ପବିତ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଶେଷରେ ପୁରସ୍କାର ବିତରଣ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ମୃତଦେହ ଜବତ, ହତ୍ୟା ଅଭିଯୋଗ

**ଥୁଆମୂଳ ରାମପୁର, ୧୭।୧ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ପେଙ୍ଗତୁସି ଠାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ରାୟଗଡ଼ା ଜିଲା କାଶୀପୁର ଥାନା ଭାଟିପାସ ଗ୍ରାମର ଲକ୍ଷ୍ମଣ ମାଝୀ (୨୬)। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଗ୍ରାମରେ ନାଟକ ପରିବେଷିତ ହେଉଥିବାବେଳେ ଲକ୍ଷ୍ମଣ ଦେଖିବାକୁ ଆସିଥିଲେ। ହେଲେ ଗୁରୁବାର ତାଙ୍କ ମୃତ୍ୟୁ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ସକାଳେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ବାଲିଶଙ୍କରା,୧୭।୧( ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ଛାତ୍ରୀଙ୍କ ନିମନ୍ତେ ଚାଲିଥିବା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କୁଳମଣୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭା ଆୟୋଜିତ ହୋଇଥିଲା। ଉକ୍ତ ଆତ୍ମସୁରକ୍ଷା ତାଲିମ ଶିବିର ଗତ ୮ ତାରିଖରୁ ଆରମ୍ଭ ହୋଇ ୮ ଦିନ ଧରି ଚାଲୁ ରହିଥିଲା । ଅଧ୍ୟାପିକା ଶୋଭା ସା ସଭାପରିଚଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବାଲିଶଙ୍କରା ଅତିରିକ୍ତ ଶିକ୍ଷା ଅଧିକାରୀ (ଏବିଇଓ) ଜାନକୀ ପଟେଲ ଯୋଗଦେଇଥିଲେ। ପ୍ରଶିକ୍ଷିକାଭାବେ ଜାସିନ୍ତା ବାଗ ଛାତ୍ରୀଙ୍କୁ ଉଚ୍ଚ କୋଟିର ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପିକା ଦୀପ୍ତିମୟୀ ବେହେରା, ଅଧ୍ୟାପିକା ତନୟା ପଟେଲ, ଲାଇବ୍ରେରିଏନ ଅନିତା ଟେରେସା ଲାକ୍ରା ,ପିଇଟି ପ୍ରଶାନ୍ତ ପଟେଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସିଏମ୍ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ୨ୟ ଦିବସ

**ସୁନ୍ଦରଗଡ,୧୭।୧(ଜୟ ନାରାୟଣ ମେଣ୍ଡୁଲି)**

ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା ସିଏମ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ୨ୟ ଦିବସ। ଜିଲା କ୍ରୀଡା ସଂସଦ ଷ୍ଟାଡିୟମରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଜିଲା କ୍ରୀଡା ସଂସଦର ଉପସଭାପତି ବିମଲ ବୋଷ, ସହସମ୍ପାଦକ ଜୟଦେବ ପାତ୍ର ଓ ପୂର୍ବତନ ଖେଳାଳି ତଥା ସୁନ୍ଦରଗଡର କୋଚ ହୃଦୟ ରଞ୍ଜନ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚରେ ଟାଉନ କ୍ଲବ ସୁନ୍ଦରଗଡ ୪–୦ ଗୋଲରେ ନବଜୀବନ କ୍ଲବ ଠାରୁବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ସଂଘର୍ଷ କ୍ଲବ, ବାଲିଶଙ୍କରା ଶିବ ଶକ୍ତି କ୍ଲବ ସୁନ୍ଦରଗଡଠାରୁ ବିଜୟୀ ହୋଇଛି।


ଅତିଥିଙ୍କ ସହ ଖେଳାଳିମାନେ।

## ବରସୁଆଁ ଲୌହଖଣି ପକ୍ଷରୁ ଆଦିବାସୀ ନୃତ୍ୟ ପ୍ରତିଯୋଗିତା

**ଟେନସା,୧୭।୧(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା ଟେନସାରେ ଥିବା ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ବରସୁଆଁ ଲୌହଖଣି (ସେଲ) ଫେରିଫେରିୟାଲ ବିଭାଗ ପକ୍ଷରୁ ଆଦିବାସୀ ନୃତ୍ୟ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବଣାଇଁ ପାରିପାର୍ଶ୍ୱିକ ଅଞ୍ଚଳର ଆଦିବାସୀ ଅଧ୍ୟୁଷିତ ମହିଳାମାନେ ଅଂଶ ଗ୍ରହଣ କରିଥିଲେ। ଟେନସା ଇସ୍ପାତ ଷ୍ଟାଡିୟମରେ ଠାରେ ଅନୁଷ୍ଠିତ ମଞ୍ଚରେ ଆଦିବାସୀମାନେ ଆଦିବାସୀ ସଂସ୍କୃତି ଆଧାରିତ ନୃତ୍ୟ ପରିବେଷଣ କରିଥିଲେ । ମାଦଲ, ଝିକିଆ, ଡୋଲିକି ଭଳି ବିଭିନ୍ନ ପ୍ରକାର ଆଦିବାସୀ ନୃତ୍ୟ କଳା ପ୍ରଦର୍ଶନ କରିଥିଲେ। ଏଥିରେ ବରସୁଆଁ ପ୍ରଥମ, କାଲାଟା ଦ୍ୱିତୀୟ, ଟେନସା ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରସୁଆଁ ଲୌହ ଖଣିର ସିଜିଏମ ହିମାଂଶୁ ମିଶ୍ର, ପ୍ରଶାସନ ବିଭାଗ ଜି ଏମ ନୃସିଂହ ଚରଣ ପଣ୍ଡା, ମେକାନିକାଲ ଡିଜିଏମ ତରୁଣ ପ୍ରବୀଣ ଏକ୍କା, ସିଭିଲ ଏବଂ ସିଏସଆର ବି ଦତ୍ତ, ମେକାନିକ ଏବଂ ସିଏସଆର ଅରୁଣ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବରସୁଆଁ ଲୌହ ଖଣି ସାମାଜିକ ଦାୟିତ୍ୱ ବୋଧ ମ୍ୟାନେଜର ଅମୀୟ ରଞ୍ଜନ ରାଉତ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ପରିଚାଳନା କରିଥିଲେ। ଆଦିବାସୀ ଅଧ୍ୟୁଷିତ ବଣାଇ ଉପଖଣ୍ଡରେ କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ବରସୁଆଁ ଲୌହ ଖଣି ଯେଉଁ ପ୍ରୟାସ ଆରମ୍ଭ କରିଛି ତାହା ଏକ ସ୍ୱାଗତ ପଦକ୍ଷେପ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# କଂସ ମହାରାଜଙ୍କ ମଥୁରା ଭ୍ରମଣ

ସମ୍ବଲପୁର,୧୭।୧(ବି.ଶଙ୍କର)

ସମ୍ବଲପୁରୀ ଧନୁଯାତ୍ରାର ତୃତୀୟ ଦିବସରେ ମହାରାଜ କଂସ ଶୁକ୍ରବାର ସହର ପରିକ୍ରମା କରିଛନ୍ତି। ନଗର ଭ୍ରମଣ କରିବା ସମୟରେ ସହରବାସୀଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେଇଥିଲା। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମହାବୀରପଡାରୁ ମହାରାଜା କଂସ ଓ ମନ୍ତ୍ରୀ ପାରିଷଦଙ୍କ ଯାତ୍ରା ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୦ ଟାରୁ ନିଜ ଦରବାରରୁ ମହାରାଜା କଂସ ନିଜର ମନ୍ତ୍ରୀ ପାରିଷଦ ଓ ଗୁପ୍ତଚର ସହ ବାହାରି ନେଲସନ ମଣ୍ଡେଲା, ଜେଲଖାନା ଛକ ଦେଇ ଧନୁପାଲି, ମହାବୀରପଡା, ଗୋବିନ୍ଦତୋଳା ପ୍ରଭୃତି ଅଞ୍ଚଳ ବୁଲି ଗଙ୍ଗାଧର ମୁକ୍ତ ମଣ୍ଡପ ନିକଟସ୍ଥ ରାଜ ଉଆସକୁ ଫେରିଥିଲେ। ଏହି ସମୟରେ ମହାରାଜ କଂସ ଜନସାଧାରଣଙ୍କ ଦୁଃଖସୁଖ ପଚାରି ବୁଝିଥିଲେ। ଏକ ସାଂସ୍କୃତିକ ଓ ସଂହତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବାକୁ ମହାରାଜ ଆହ୍ୱାନ ଦେଇଥିଲେ। ମହାରାଜ କଂସଙ୍କ ନଗର ଭ୍ରମଣ ସମୟରେ ଏଭଳି ଜନକଲ୍ୟାଣମୂଳକ ସଚେତନତା କାର୍ଯ୍ୟକୁ ନେଇ ସହରବାସୀଙ୍କ ମନରେ ଉଲ୍ଲାସ ଖେଳି ଯାଇଛି। ଧନୁପାଲି ଛକ ଓ ଗୋବିନ୍ଦତୋଳା ଦୁର୍ଗାପୂଜା


ଗୋବିନ୍ଦତୋଳା ଦୁର୍ଗା ମଣ୍ଡପଠାରେ ସ୍ୱାଗତ କରାଯାଉଛି।

**ସାଂସ୍କୃତିକ, ସଂହତିପୂର୍ଣ୍ଣ ପରିବେଶ ସୃଷ୍ଟିକୁ ଆହ୍ୱାନ**

କମିଟି ସହିତ ବିଭିନ୍ନ ଅଞ୍ଚଳରେ ମହାରାଜା କଂସଙ୍କ ସହିତ ସମସ୍ତ ମନ୍ତ୍ରୀ ପାରିଷଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାର ଉତ୍ତରରେ ମହାରାଜା କଂସ ଗୋବିନ୍ଦତୋଳାରେ ସ୍ଥାୟୀ ଦୁର୍ଗାମଣ୍ଡପ ନିର୍ମାଣ ସକାଶେ ଜିଲା ପ୍ରଶାସନଙ୍କୁ ପରାମର୍ଶ ଦେଇଥିଲେ। ଏହି କ୍ରମରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଗଙ୍ଗାଧର ମୁକ୍ତ ମଞ୍ଚଠାରେ ରଙ୍ଗ ସଭା ସହ ବିଭିନ୍ନ ସାଂସ୍କୃତିକ ନୃତ୍ୟ ଓ ଗୀତ ପରିବେଷିତ ହୋଇଥିଲା। କଂସଙ୍କ ଦରବାରରେ ଭବିଷ୍ୟତ ସୁରକ୍ଷା ଲାଗି ଅଷ୍ଟ ମଲ୍ଲଙ୍କ ସହ ମହାରାଜଙ୍କ ବିଚାର ବିମର୍ଷ, ଗୁପ୍ତଚରଙ୍କ ଆଗମନ, ପୁତନା ବଧ ସମାଚାର ଏବଂ ଗୋପପୁରକୁ ଷଣ୍ଢା ସୁରଙ୍କୁ ପ୍ରେରଣ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଯାଇଛି।

## ଟ୍ରାଫିକ ସମସ୍ୟା ଉପରେ ସଚେତନତା କାର୍ଯ୍ୟକ୍ରମ

କୁଚିଣ୍ଡା,୧୭।୧(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟର ଏନଏସଏସ, ଏନସିସି, ଯୁବ ରେଡକ୍ରସ ଏବଂ ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଶୁକ୍ରବାର ଟ୍ରାଫିକ ସମସ୍ୟା ସମାଧାନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ଏଥିରେ ସଭାପତିତ୍ୱ କରି ଗାଡିଚାଳନା ସମୟରେ ସତର୍କତା ଅବଲମ୍ବନ ସହ ଟ୍ରାଫିକ ନିୟମକୁ ପାଳନ କରିବା ପାଇଁ ଯୁବପିଢିଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ଅଧିକାରୀ ମାରିଆନୁସ ବିଲୁଙ୍ଗ, କୁଚିଣ୍ଡା ଥାନାର ଏସଆଇ ହାଡୁ ବେହେରା ଅତିଥିଭାବେ ଯୋଗଦେଇ ଟ୍ରାଫିକ ନିୟମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଏନଏସଏସ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା ସଂଯୋଜନା କରିଥିବାବେଳେ ଯୁବରେଡକ୍ରସ ଅଧିକାରୀ ଭିକାରୀ ଓରାମ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି, ଜାନୁଆରୀ ୧୭ରୁ ୨୩ପର୍ଯ୍ୟନ୍ତ ମହାବିଦ୍ୟାଳୟର ୨୫ ଜଣ ସ୍ୱେଚ୍ଛାସେବୀ ଟ୍ରାଫିକ ସଚେତନତା ତାଲିମ ଗ୍ରହଣକରି କୁଚିଣ୍ଡାର ବିଭିନ୍ନ ଛକରେ ପୋଲିସ କର୍ମଚାରୀଙ୍କ ସହ କାମ କରିବେ।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ସମ୍ବଲପୁର,୧୭।୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ କୁଚିଣ୍ଡା ସହରରେ ଗତ ୨୦୨୩ରେ ଏକ ନାବାଳିକା ବଳାତ୍କାର ମାମଲାରେ ଶୁକ୍ରବାର ପୋକ୍ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ମୋଟ୍ ୧୬ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣର ଅନୁଧ୍ୟାନ ପୂର୍ବକ ଉକ୍ତ ମାମଲାର ବିଚାର କରି ବିଚାରପତି ଅଭିଲାଷ ସେନାପତି ତାଙ୍କ ରାୟରେ ଅଭିଯୁକ୍ତ ସେହି ଗ୍ରାମର ନିର୍ମାଣ ମିସ୍ତ୍ରି ରିଙ୍କୁ ଶେଖ୍(୩୦)ଙ୍କୁ ଦଫା ୩୭୬ ଓ ୬ ପୋକ୍ସୋ ଆଇନରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ତଥା ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ସେହିଭଳି ଦଫା ୫୦୬ରେ ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ତଥା ଜରିମାନା ଅନାଦେୟ ଅଧିକ ୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅଭିଯୁକ୍ତଙ୍କୁ ସମସ୍ତ ଦଣ୍ଡବିଧାନ ସମାନ୍ତରାଳ ଭାବେ ଏକ ସଙ୍ଗେ ଭୋଗିବାକୁ ବିଚାରପତି ଆଦେଶ ଦେଇଛନ୍ତି।

କୁଚିଣ୍ଡା ସହରବାସିନ୍ଦା ପୀଡ଼ିତାଙ୍କ ପିତା ସେନା କର୍ମଚାରୀ ଭାବେ ରାଜ୍ୟ ବାହାରେ ରହି କାର୍ଯ୍ୟ କରୁଛନ୍ତି। ୭ ବର୍ଷ ବୟସ୍କା ପୀଡ଼ିତା ଓ ତାଙ୍କ ବଡ଼ଭାଇ ମାତାଙ୍କ ସହିତ କୁଚିଣ୍ଡାରେ ରହୁଛନ୍ତି। ତେବେ ତାଙ୍କ ଘର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ନିର୍ମାଣ ମିସ୍ତ୍ରି ରିଙ୍କୁ ନିୟୋଜିତ ହୋଇଥିଲେ। ୨୦୨୩ ନଭେମ୍ବର ୧୪ରେ ହଠାତ ବଡ଼ଭାଇ ଅସୁସ୍ଥ ହେବାରୁ ପୀଡ଼ିତାଙ୍କୁ ଘରେ ଏକାକୀ ଛାଡ଼ି କୁଚିଣ୍ଡା ଡାକ୍ତରଖାନାକୁ ଯାଇଥିଲେ। ଏହି ସମୟରେ ଘରେ ଏକାକୀ ଥିବା ସୁଯୋଗରେ ରିଙ୍କୁ ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ପରେ ଘରକୁ ଫେରି ଘର ଶିଡ଼ିରେ ବସି ପୀଡ଼ିତା କାନ୍ଦୁଥିବାବେଳେ ନିକଟରେ ଅଭିଯୁକ୍ତ ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ତେବେ ସେ କାହିଁକି କାନ୍ଦୁଛନ୍ତି ବୋଲି ପଚାରିବା ଦେଖି ରିଙ୍କୁ ସେଠାରୁ ଦୌଡ଼ି ପଳାଇଥିଲେ। ରିଙ୍କୁ ତାଙ୍କୁ ବଳାତ୍କାର କରିଥିବା ଓ ଏ ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବ ବୋଲି ଧମକ ଦେଇଥିବା ବିଷୟ ପୀଡ଼ିତା ତାଙ୍କ ମାତାଙ୍କୁ କହିଥିଲେ। ପୀଡ଼ିତାଙ୍କ ମାତା କୁଚିଣ୍ଡାଥାନାରେ ପହଞ୍ଚି ଏ ସମ୍ପର୍କରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ କୁଚିଣ୍ଡା ଥାନାରେ ଏକ ମାମଲା (ନଂ. ୨୫୭/୨୦୨୩) ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଅଭିଯୁକ୍ତ ରିଙ୍କୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

## ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀଙ୍କ ରାଜପଥ ଅବରୋଧ

ରେଢାଖୋଲ,୧୭।୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତର ସାଧୁମୁଣ୍ଡା ଗ୍ରାମକୁ ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀ ଶୁକ୍ରବାର ୫୫ନଂ. ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିଛନ୍ତି। ଖବରପାଇ ପୋଲିସ ଏସ୍‌ଡିପିଓ ପ୍ରଶାନ୍ତ ମେହେର, ଥାନା ଅଧିକାରୀ ସବିତାଲତା ସେଠୀ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ଲୁହାପଙ୍କ ସରପଞ୍ଚ ଚିନ୍ମୟୀ ପ୍ରଧାନ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତଙ୍କ ସହ ତହସିଲଦାର ଆଲୋଚନା କରିଥିଲେ। ୧୫ ଦିନ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଶନିବାର ଉପଜିଲାପାଳଙ୍କ ସହ ଗ୍ରାମବାସୀ ଆଲୋଚନା କରିବାକୁ ମଧ୍ୟ ନିଷ୍ପତ୍ତି କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ୫୫ନଂ. ଜାତୀୟ


ଗ୍ରାମବାସୀ ରାଜପଥ ଅବରୋଧ କରିଛନ୍ତି।

ରାଜପଥକୁ ଚାରିଥାକିଆ ରାସ୍ତା ନିର୍ମାଣ କରାଯାଉଥିବାବେଳେ ଜାତୀୟ ରାଜପଥରୁ ସାଧୁମୁଣ୍ଡା ଗ୍ରାମକୁ ପୂର୍ବରୁ ଯାଇଥିବା ରାସ୍ତାକୁ ଖୋଳି ମାଟି ଉଠାଇବା ଯୋଗୁ ପ୍ରାୟ ୧୦ ଫୁଟ ତଳକୁ ହୋଇଥିଲା। ପୂର୍ବରୁ ଏହି ରାସ୍ତା ନିର୍ମାଣକୁ ନେଇ ଉପଜିଲାପାଳ ଓ ଜିଲାପାଳଙ୍କୁ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏଥିଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମକୁ ଆମ୍ବୁଲାନ୍ସ କିମ୍ବା ସାଧାରଣ ଅଟୋ ମଧ୍ୟ ଯାଇପାରୁ ନ ଥିବାରୁ ଗ୍ରାମବାସୀ ବହୁତ ହଇରାଣ ହେଉଥିଲେ। ଶୁକ୍ରବାର ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀ ସକାଳ ୯ଟାରେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିଥିଲେ। ଫଳରେ ୨ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହାନ ଅଟକି ରହିଥିଲା।

## ଟ୍ୟାଙ୍କରରୁ ଗ୍ୟାସ ଚୋରି ଘଟଣାରେ ୭ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ

ରେଢାଖୋଲ,୧୭।୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଥାନା ଅଧିନ ବୈଷ୍ଣବଖୋଲି ଗ୍ରାମଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ କଡରେ ଥିବା ଏକ ଢାବା ନିକଟରୁ ଟ୍ୟାଙ୍କରରୁ ଗ୍ୟାସ ଚୋରି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ମାମଲାର ବିଚାରକରି ଏସ୍‌ଡିଜେଏମ୍ ହୃଷିକେଶ ଖେମୁଣ୍ଡୁ ୭ଜଣ ଅଭିଯୁକ୍ତଙ୍କୁ ୨ବର୍ଷ ୨ମାସ ଦଣ୍ଡାଦେଶ ଶୁଣାଇଛନ୍ତି। ପ୍ରକାଶିତ ରାୟରୁ ଜଣାଯାଇଛି, ୨୦୨୩ ଜାନୁଆରୀ ୧ରାତିରେ ବୈଷ୍ଣବଖୋଲି ଗ୍ରାମ ନିକଟ ଏକ ଢାବାରେ ଛିଡା ହୋଇଥିବା ୨ଟି ଟ୍ୟାଙ୍କରରୁ ଗ୍ୟାସ ଚୋରିକରି ରନ୍ଧନ ଗ୍ୟାସ ସିଲିଣ୍ଡରରେ ଭର୍ତ୍ତି କରାଯାଉଥିଲା। ପାଟ୍ରୋଲିଂ କରୁଥିବା ପୋଲିସ ଚଢାଉ କରି ଗ୍ୟାସ ବୋଝେଇ ୨ଟି ଟ୍ୟାଙ୍କର ଓ ଏକ ପିକଅପ୍ ଭ୍ୟାନ ସହ ୫୨ଟି ସିଲିଣ୍ଡର ଜବତ କରିଥିଲା। ଏହା ସହ ୭ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନେ ହେଲେ ଦୁର୍ଗାଚରଣ ପଲେଇ, କବିରାଜ ନାୟକ, ଅନ୍ତର୍ଯ୍ୟାମୀ ପଣ୍ଡା, ରାଜକିଶୋର ନାୟକ, ଆଲ୍ଲାଉଦ୍ଦିନ ଖାନ, ହନିଫ୍ ଖାନ୍ ଓ ବିଜୟ ସିଂ। ଏହି ମାମଲାରେ ୬ଜଣଙ୍କ ସାକ୍ଷ୍ୟ ବୟାନ ଓ ଜବତ ଦସ୍ତାବିଜର ଆଧାରରେ ବିଚାରକରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ତେବେ ଶୁଣାଣିବେଳେ ବିଜୟ ସିଂ କୋର୍ଟରେ ଅନୁପସ୍ଥିତ ରହିବା ଯୋଗୁ ତାଙ୍କ ନାମରେ ଜାମିନବିହିନ ଗିରଫ ପରୱାନା ଜାରି କରାଯାଇଥିବା ଜଣାପଡିଛି। ମାମଲାକୁ ସରକାରୀ ଓକିଲ ଅନ୍ତର୍ଯ୍ୟାମୀ ସାହୁ ଓ ପ୍ରେମଚାନ୍ଦ କୁଲୁ ପରିଚାଳନା କରିଥିଲେ।

## ସମ୍ବଲପୁର ଭାଜପା ଜିଲା ସଭାପତି: ଆଶାୟୀଙ୍କ ଲମ୍ବା ତାଲିକା

ସମ୍ବଲପୁର,୧୭।୧(ଭବାନୀ ଶଙ୍କର ଭୋଇ)

ଓଡ଼ିଶାରେ ଅଧିକାଂଶ ଭାଜପା ମଣ୍ଡଳ ସଭାପତିଙ୍କ ନାମ ଘୋଷଣା ହେବା ପରେ ଏବେ ଭାଜପା ଜିଲା ସଭାପତିଙ୍କ ନାମ ନେଇ ଅଙ୍କକଷା ଚାଲିଛି। ୨୦ତାରିଖ ସୁଦ୍ଧା ଜିଲା ସଭାପତିମାନଙ୍କ ନାମ ଘୋଷଣା ହେବ ବୋଲି ଚର୍ଚ୍ଚା ଜୋର ଧରିଛି। ସମ୍ବଲପୁର ଜିଲାରେ ସଭାପତି ପଦ ପାଇଁ ଆଶାୟୀଙ୍କ ଲମ୍ବା ତାଲିକା ରହିଛି। ସେମାନଙ୍କ ମଧ୍ୟରେ ସୁଶାନ୍ତ ପୁରୋହିତ, ରାମଚନ୍ଦ୍ର ମେହେର, ସଦସ୍ୟତା ଅଭିଯାନର ପ୍ରଭାରୀ ସୁଶିଲ କରଙ୍କ ନାମ ରହିଛି। ଏମାନଙ୍କୁ ଛାଡି ଗିରିଷ ପଟେଲ ମଧ୍ୟ ପୁଣିଥରେ ଜିଲା ସଭାପତି ହେବା ନେଇ ଆଶାବାଦୀ ରହିଛନ୍ତି। ପୁଣି ଅନୀଲ ବେହେରା, ଡ. ପ୍ରମୋଦ ରଥ, ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସୀ ପ୍ରମୁଖ ସଭାପତି ହେବାର ଯୋଗ୍ୟତା ରଖିଛନ୍ତି। ତେବେ ସମ୍ବଲପୁରରୁ ଏମ୍‌ପି ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଧାୟକ ଜୟନାରାୟଣ ମିଶ୍ରଙ୍କ ପରାମର୍ଶ କ୍ରମେ ସମ୍ବଲପୁରରେ ଭାଜପାର ଜିଲା ସଭାପତି ଦାୟିତ୍ୱ ପ୍ରଦାନ କରାଯିବ। ଏହାକୁ ବିଚାର କଲେ ଅନୀଲ ବେହେରା ନିର୍ବିବାଦୀୟ ଏବଂ ସମସ୍ତଙ୍କ ସହ ସୁସମ୍ପର୍କ ରଖିଥିବା ବ୍ୟକ୍ତି। ପୁଣି ଜୟନାରାୟଣଙ୍କ ଏକାନ୍ତ ଅନୁଗତ ଅଟନ୍ତି। ତେବେ ଜୟନାରାୟଣ ତାଙ୍କୁ ସମ୍ବଲପୁର ବିକାଶ ପ୍ରାଧୀକରଣର ଅଧକ୍ଷ କରିବାକୁ ଚାହୁଁଥିବାରୁ ସେ ସଭାପତି ଦୌଡରେ ନ ଥିବା ଚର୍ଚ୍ଚା ହେଉଛି। ପୁଣି ଡ. ପ୍ରମୋଦ ରଥଙ୍କ ଉଭୟ ଜୟନାରାୟଣ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସୁସମ୍ପର୍କ ରହିଛି। ସେ ପୂର୍ବରୁ ବିଜେଡିର ଜିଲା ସଭାପତି ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ତେବେ ଭାଜପାରେ ମାତ୍ର ଗୋଟିଏ ବର୍ଷ ହେବ ଆସିଥିବାରୁ ତାଙ୍କୁ କୌଣସି ନିଗମ ଦାୟିତ୍ୱ ଦିଆଯାଇ ରେଢାଖୋଲରେ ସଙ୍ଗଠନ ସଜାଡିବାକୁ ଦାୟିତ୍ୱ ଦିଆଯିବା ନେଇ ଚର୍ଚ୍ଚା ହେଉଛି। ଅନ୍ୟ ପକ୍ଷରେ ସଭାପତି ପଦ ପାଇଁ ସୁଶାନ୍ତ ପୁରୋହିତ, ରାମଚନ୍ଦ୍ର ମେହେର ଏବଂ ସୁଶିଲ କରଙ୍କ ନାମ ଉପରେ ଚର୍ଚ୍ଚା ହେଉଛି। ସୁଶାନ୍ତ ଜୟନାରାୟଣଙ୍କ ସମର୍ଥକ ହୋଇଥିବା ସତ୍ତ୍ୱେ ସେ ଧର୍ମେନ୍ଦ୍ରଙ୍କ ସହ ମଧ୍ୟ ଭଲ ସମ୍ପର୍କ ରଖିଛନ୍ତି। ଅନ୍ୟ ପକ୍ଷରେ ରାମଚନ୍ଦ୍ର ମେହେର ଭାଜପାର ପୁରୁଣା କର୍ମକର୍ତ୍ତା ହେବା ସହ ପୂର୍ବତନ ସଭାପତି ରହି ସାରିଛନ୍ତି। ପୁଣି ସୁଶିଲ କର ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ସମର୍ଥକ। ତାଙ୍କର ମଧ୍ୟ ଉଭୟ କେନ୍ଦ୍ରମନ୍ତ୍ରୀ ଏବଂ ଜୟନାରାୟଣଙ୍କ ସହ ଉତ୍ତମ ସମ୍ପର୍କ ରହିଛି । ତେବେ ଯଦି ଯୁବ ଚେହେରା ଉପରେ ଗୁରୁତ୍ୱ ଦିଆଯାଏ ତେବେ ସମୀର ରଞ୍ଜନ ବାବୁ ଏବଂ ମାନସ ରଞ୍ଜନ ବକ୍ସୀଙ୍କୁ ମଧ୍ୟ ସୁଯୋଗ ମିଳିବାର ସମ୍ଭାବନା ରହିଛି। ତେବେ ଭାଜପାକୁ କିଏ ସଙ୍ଗଠିତ କରି ସମସ୍ତଙ୍କୁ ନେଇ ଚାଲିପାରିବ ସେ ଉପରେ ଗୁରୁତ୍ୱ ଦେଇ ଦିନେ ଦୁଇ ଦିନ ମଧ୍ୟରେ ସମ୍ବଲପୁର ଭାଜପାର ସଭାପତିଙ୍କ ନାମ ଘୋଷଣା କରାଯିବାର ସମ୍ଭାବନା ରହିଛି।

## ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା

ସମ୍ବଲପୁର,୧୭।୧(ବି.ଶଙ୍କର)

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମ୍ବଲପୁର ଜିଲା ପ୍ରଶାସନ ଏବଂ ଓଡ଼ିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ସାଂସ୍କୃତିକ ସମାଜ ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ । ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ଭାରତୀୟ ଗଣତନ୍ତ୍ରରେ ବିଶିଷ୍ଟ ମହାପୁରୁଷଙ୍କର ବଳିଦାନକୁ ସ୍ମରଣ କରି ଛାତ୍ରୀଛାତ୍ରଙ୍କୁ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଆସନ୍ତା ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ରହିଛି। କୁଇଜ୍ ମାଷ୍ଟର ଭାବେ ଡ. ସନ୍ତୋଷ ଦାଶ ଓ ଶ୍ରୀକାନ୍ତ ଷଡଙ୍ଗୀ ଯୋଗ ଦେଇଥିଲେ । ଜିଲା ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ । ଓଡିଶା ସାଂସ୍କୃତିକ ସମାଜର ଅଶୋକ କୁମାର ମିଶ୍ର, ଅଖିଳ ପଟ୍ଟନାୟକ, ତାପସ କୁମାର ଦାସ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ଇ. ସୁବାଷ ଦାଶ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

## ଗିରଫ ହୋଇ ରିମାଣ୍ଡରେ ଗଲେ ଅଭିଯୁକ୍ତ

ସମ୍ବଲପୁର,୧୭।୧(ପ୍ରମୋଦ ବହିଦାର)

**ମଣପୁରମ୍ ଗୋଲ୍ଡ ଲୋନ ସଂସ୍ଥା ଡକାୟତି ମାମଲା**

ବୁଢ଼ାରଜା ମଣପୁରମ୍ ଗୋଲ୍ଡ ଲୋନ ସଂସ୍ଥାରୁ ହୋଇଥିବା ସୁନା ଗହଣା ଓ ଟଙ୍କା ଲୁଟ୍ ମାମଲାରେ ଗୁରୁବାର ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ତିନିଦିନିଆ ରିମାଣ୍ଡରେ ନେଇଛି ପୋଲିସ। ରିମାଣ୍ଡରେ ନିଆଯାଇଥିବା ଅଭିଯୁକ୍ତ ଜଣକ ହେଲେ ପଶ୍ଚିମବଙ୍ଗ ହୁଗୁଲିରୁ ଗିରଫ ହୋଇଥିବା ବିହାର ହାଜିପୁର ଅଞ୍ଚଳର ପଙ୍କଜ ପାଶ୍ୱାନ(୨୬)। ତାଙ୍କୁ ଶୁକ୍ରବାର ସମ୍ବଲପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ବିଚାରପତି ତାଙ୍କୁ ୩ଦିନ ରିମାଣ୍ଡ ମଞ୍ଜୁର କରିଥିଲେ ବୋଲି କହିଛନ୍ତି ଅଇଁଠାପାଲି ଆଇଆଇସି ପ୍ରଦ୍ୟୁମ୍ନ ସ୍ୱାଇଁ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଡକାୟତମାନେ ବର୍ତ୍ତମାନ ମଧ୍ୟ ପୋଲିସ ପହଞ୍ଚ ବାହାରେ। ତେଣୁ ପାଶ୍ୱାନଙ୍କୁ ରିମାଣ୍ଡରେ ନେଇ ସେମାନଙ୍କ ଠିକଣା ସହିତ ଡକାୟତି ସମ୍ପର୍କିତ ଅନ୍ୟାନ୍ୟ ସୂଚନା ପାଇଁ ପ୍ରାୟାସ କରାଯିବ।

## ରାଷ୍ଟ୍ର ଗଠନରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସମ୍ବଲପୁର,୧୭।୧(ବି.ଶଙ୍କର)

ସମ୍ବଲପୁର ଜିଲା ମାନେଶ୍ୱରସ୍ଥିତ ମାନଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୮ଦିବସୀୟ ଆତ୍ମ ସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗତ ଜାନୁଆରୀ ୬ରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଶିବିର ଚାଲିଥିଲା। ଓଡ଼ିଶା ସରକାରଙ୍କର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ସହାୟତାରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ୯୩ ଜଣ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଗ୍ରହଣ କରିଥିଲେ। ପ୍ରଶିକ୍ଷିକା ସୁଶ୍ରୀ ବୃନ୍ଦାବତୀ ମୁଣ୍ଡା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରୁଥିଲେ। ଉଦଯାପନୀ ସଭାରେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମ୍ବଲ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମାଜିକ କର୍ମୀ ରାମଦାସ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ରାଷ୍ଟ୍ର ଗଠନ ପାଇଁ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିସହ ନାରୀ ସଶକ୍ତିକରଣ ହେଲେ ଦେଶ ବିକଶିତ ହେବ । ଆତ୍ମ ସୁରକ୍ଷା ତାଲିମ ଛାତ୍ରୀମାନଙ୍କୁ ଆତ୍ମ ବିଶ୍ୱାସୀ କରି ଗଢିତୋଳିବ ବୋଲି ମୁଖ୍ୟ ଅତିଥି ପଣ୍ଡା କହିଥିଲେ । ଡ. ସତ୍ୟନାରାୟଣ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଖେଳ ଶିକ୍ଷକ ପ୍ରଦୀପ ସାହୁ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଥନୀତି ଅଧ୍ୟାପକ ଧର୍ମେନ୍ଦ୍ର କୁମାର ଦାଶ, ଇଂରାଜୀ ଅଧ୍ୟାପିକା ଚିନ୍ମୟୀ ମିଶ୍ର, ଗ୍ରନ୍ଥାଗାରିକ ପ୍ରକାଶ କୁମାର ହୋତା ପ୍ରମୁଖ ମଞ୍ଚାସୀନ ଥିଲେ ।



ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ ପ୍ରଶିକ୍ଷାର୍ଥୀ।

## ବୀରମହାରାଜପୁରକୁ ହରାଇ ସିଣ୍ଡୋଲ ଚାମ୍ପିୟନ

ରେଢାଖୋଲ,୧୭।୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଅନ୍ତର୍ଗତ ଜେ.ରେଙ୍ଗାଲି ସ୍ଥିତ ରଜାଚୌରି ଖେଳ ପଡ଼ିଆରେ ମାରୁତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ହେଉଥିବା ୨୩ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବୀରମହାରାଜପୁରକୁ ହରାଇ ସିଣ୍ଡୋଲ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ସିଣ୍ଡୋଲ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୪ଟି ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରିଥିଲା। ଦଳର ଶଙ୍କର ସେଠ ସର୍ବାଧିକ ୫୦ ଓ ଟିଲୁ ସାହୁ ୪୧ ରନ କରିଥିଲେ। ବିପକ୍ଷ ବୀରମହାରାଜପୁରର ଜୁନେସ ଡୁଙ୍ଗି, ସୁଜିତ ରଥ ଓ ବରୁଣ ଦାସ ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ବୀରମହାରାଜପୁର ଦଳ ନିର୍ଦ୍ଧାରିତ ୧୨ ଓଭରରେ ୭ଟି ଉଇକେଟ ହରାଇ ୯୨ ରନ କରିଥିଲା। ଦଳର ବରୁଣ ଦାସ ୩୩ ଓ ନୀତିଶ ୱାଣିକଳ ୨୪ ରନ କରିଥିଲେ। ବିପକ୍ଷ ସିଣ୍ଡୋଲ ଦଳର ସୌରଭ ନାଏକ


ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ସିଣ୍ଡୋଲ ଦଳ ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୫୫ ରନ କରିଥିଲା। ଦଳର ଟିଲୁ ସାହୁ ସର୍ବାଧିକ ୨୧ ରନ କରିଥିବା ବେଳେ ବୀରମହାରାଜପୁର ଦଳର ସତ୍ୟ ୨ଟି ଓ ନୀତିଶ ୱାଣିକଳ, ଜଦୁଲାଲ ନନ୍ଦ ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ବୀରମହାରାଜପୁର ଦଳ ଆବଶ୍ୟକୀୟ ୫୬ ରନକୁ ୪.୧ ଓଭର ରେ ୩ ଉଇକେଟ ହରାଇ ସଂଗ୍ରହ କରିଥିଲା। ସିଣ୍ଡୋଲ ଦଳର ସୁନିଲ, ସୌରଭ ନାଏକ ଓ ଶୁଭମ ପ୍ରତ୍ୟେକ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ନିର୍ଣ୍ଣାୟକ ଫର୍ମାଟ ଖେଳା ଯାଇଥିଲା। ଏଥିରେ ସିଣ୍ଡୋଲ ଦଳ ୧୬ ରନ କରିଥିବା ବେଳେ ବୀରମହାରାଜପୁର ଦଳ ୮ ରନ କରି ପରାସ୍ତ ହୋଇଥିଲା। ଫଳରେ ଦୁଇଟି ଫର୍ମାଟ ରେ ବିଜୟୀ ହୋଇ ସିଣ୍ଡୋଲ ଦଳ

**ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

ଚାମ୍ପିଅନ ହୋଇଥିଲା। ତରୁଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ରେଢାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥି, ଭାରତୀୟ ଜାତୀୟ ମହିଳା କ୍ରିକେଟ ଦଳର ମ୍ୟାନେଜର ତଥା ରାଜ୍ୟ ଅଲମ୍ପିକ ସଂଘର ଉପସଭାପତି ଦୁଲାଲ ପ୍ରଧାନ ସ୍ୱତନ୍ତ୍ର ଅତିଥି ଏବଂ ସ୍ଥାନୀୟ ସରପଞ୍ଚ ସୈରେନ୍ଦ୍ରୀ ଭୋଇ, ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ ଓ ଶିକ୍ଷାବିତ ଭୀମସେନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସିଣ୍ଡୋଲ ଦଳର ଟିଲୁ ସାହୁଙ୍କୁ ମ୍ୟାନ ଅଫ ସିରିଜ ଓ ଶଙ୍କର ସେଠୀ ମ୍ୟାନ ଅଫ ଫାଇନାଲ ଭାବେ ପୁରସ୍କୃତ କରିବା ସହିତ ଚାମ୍ପିୟନ ଓ ଉପବିଜେତା ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ସୁରେଶ ବିଶି ଓ ରତନ ସେଠୀ ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର ପ୍ରଧାନ ସ୍କୋରିଂ ଏବଂ ରାକେଶ ସେଠି, ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

## ନୂଆପଡ଼ାରେ ଗୋ ବନ୍ଧ୍ୟା ନିରାକରଣ ଶିବିର

ଗୁଡଭେଲା,(ମନୋଜ କୁମାର ଜୈନ): ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମର ବଜାର ପଡିଆଠାରେ ଶନିବାର ଓମ୍ଫେଡ଼ ସମଲେଶ୍ୱରୀ ସମବାୟ ସମିତି ଲିଃ ପକ୍ଷରୁ ଗୋ ବନ୍ଧ୍ୟା ନିରାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭ୍ରଜ୍ୟୋତି ଓ ସରପଞ୍ଚ କୁଞ୍ଜ ବିହାରୀ ସାହୁ ଯୋଗଦେଇଥିଲେ। ପ୍ରାୟ ୧୫ ଜଣ ଚାଷୀଙ୍କର ୩୧ଟି ଗୋରୁର ପରୀକ୍ଷା କରାଯିବା ସହ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ଡୁଙ୍ଗୁରା ବିଏମସି ସୁପରଭାଇଜର ଦୟାନନ୍ଦ ପ୍ରଧାନ, କିରଣ ସାହୁ, ସମ୍ପାଦକ ପଞ୍ଚାନନ ନାଏକ, ସୁରେନ୍ଦ୍ର ଭୋଇ, ସଖାବନ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଟିଟିଲାଗଡ,୧୭।୧(ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରିଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାହୀ ଅଧିକାରୀ, ପୌରପରିଷଦ ଟିଟିଲାଗଡର ସନ୍ଦୀପ କୁମାର ଚନ୍ଦ୍ରକର ମଞ୍ଚାସୀନ ଥିଲେ। ବୈଠକରେ ଉପଜିଲାପାଳ ଖେତ୍ରି ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷ ୪ଟା ୩୦ମିନିଟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୁନ ପ୍ରଚାର, ସକାଳ ୭ରୁ ୭ଟା ୩୦ ମିନିଟ ମଧ୍ୟରେ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୮ଟା ୩୦ ସମୟରେ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଆନୁଷ୍ଠାନିକ ଭାବେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଦିବସର ମୁଖ୍ୟଅତିଥି ସକାଳ ୮ଟା ୩୦ ମିନିଟରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ । ପରେଡରେ ହୋମଗାର୍ଡ, ଏନସିସି, ସ୍କାଉଟ, ଗାଇଡ, ରେଡକ୍ରସ ସହ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିବେ ।

### ନବାହ୍ନ ପାରାୟଣ ପାଇଁ କଳସ ଯାତ୍ରା

ଦେଓଗାଁ,୧୭।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ବଙ୍ଗଳା ଛକଠାରେ ନଅ ଦିନ ଧରି ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ଶୁକ୍ରବାର କଳସ ଯାତ୍ରା ହୋଇଥିଲା । ଏଥିରେ କର୍ତ୍ତା ଭାବେ ବହଲି ଗ୍ରାମର ହୃଦାନନ୍ଦ ଗଡତ୍ୟା ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ବାଳକୃଷ୍ଣ କର ଏବଂ ବ୍ୟାସ ଭାବେ କୁଲିଆବାହାଲର ପ୍ରଶାନ୍ତ ମିଶ୍ର ପାରାୟଣ ପଠନ ଦାୟିତ୍ୱ ତୁଲାଇବେ । କାର୍ଯ୍ୟକ୍ରମକୁ ସଭାପତି ମାର୍କଣ୍ଡ ମେହେର, ଉପସଭାପତି ବିଶ୍ୱଜିତ ପାତ୍ର, ସଂପାଦକ ବାଳମୁକୁନ୍ଦ ପରୁଆ, ସହସଂପାଦକ ଗୁନା ଚାନ୍ଦ, କୋଷାଧ୍ୟକ୍ଷ ଗଣେଶ ମେହେରଙ୍କ ସମେତ ସାରସବାହାଲ ଓ ବଙ୍ଗଳା ଗ୍ରାମବାସୀ ସହଯୋଗ କରୁଛନ୍ତି ।

### ପିପୁଲ ଟୁ ପିପୁଲ ହେଲ୍‌ଥ ଫାଉଣ୍ଡେଶନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

କଣ୍ଟାବାଞ୍ଜି,୧୭।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକର ଉପାନ୍ତ ବଣପାହାଡ ଘେରା ହଲନଭଟା ପଞ୍ଚାୟତର ଭାଲୁକୁନା ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପିପୁଲ ଟୁ ପିପୁଲ ହେଲ୍‌ଥ ଫାଉଣ୍ଡେଶନ (ପିପିଏଚଏଫ) ପକ୍ଷରୁ ହୋଇଥିବା ଏହି ସ୍ୱାସ୍ଥ୍ୟ ଶିବିରରେ ହଲନଭଟା ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଦାନ୍ତରୋଗ ଓ ସାଧାରଣ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ହାସଲ କିରଥିଲେ । ସ୍ୱାସ୍ଥ୍ୟ ଶିବିରରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ତୁରେକେଲା ବ୍ଲକ ଅଧ୍ୟକ୍ଷା ପୂଜା ବେହେରା ସମ୍ମାନିତ ଅତିଥି, ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ୱାଗତ ଖମାରି, ହଲନଭଟା ସରପଞ୍ଚ ରଶ୍ମିତା ଦାସ, ତୁରେକେଲା ବ୍ଲକ ସଦର ପଞ୍ଚାୟତ ସରପଞ୍ଚ ଜଳନ୍ଧର ମହାକୁଡ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ପିପିଏଚଏଫର ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ ଚନ୍ଦ୍ର ମହାନ୍ତି ମୁଖ୍ୟତଃ ଗମନାଗମନ ସୁବିଧା ନ ଥିବା ଏବଂ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଗରିବ ଆଦିବାସୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ଫାଉଣ୍ଡେଶନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ପରେ ଅତିଥିମାନଙ୍କ ଦ୍ୱାରା ଭାଲୁକୁନା ଗାଁରେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟ କରାଯାଇ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା ।

# ତାମିଲନାଡୁରେ ପୁଣି ଜଣେ ଯୁବ ଦାଦନ ଶ୍ରମିକଙ୍କୁ ହତ୍ୟା

■ମୃତ ଶ୍ରମିକ ଜଣକ ବଲାଙ୍ଗୀର ବିଜାଖମନର

■ତଦନ୍ତ ପାଇଁ ଆସିଲେ ଶ୍ରମ ବିଭାଗ ଅଧିକାରୀ

ବଲାଙ୍ଗୀର,୧୭।୧(ବୀରେନ୍ଦ୍ର କୁମାର ଝାଙ୍କର)

ତାମିଲନାଡୁର ଚେନ୍ନାଇ ସହର ନିକଟରେ ବଲାଙ୍ଗୀରର ଦୁଇଜଣ ଯୁବ ଦାଦନ ଶ୍ରମିକଙ୍କୁ ହତ୍ୟା କରିବାର ସପ୍ତାହେ ନ ପୂରୁଣୁ ଶୁକ୍ରବାର ପୁଣି ବଲାଙ୍ଗୀରର ଜଣେ ଯୁବ ଦାଦନ ଶ୍ରମିକଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ଏହି ଖବର ପ୍ରଚାରିତ ହୋଇଯିବା ପରେ ବଲାଙ୍ଗୀରରେ ଚାଞ୍ଚଲ୍ୟ ଖେଳିଯାଇଛି। ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଜାଖମନର ଦାଦନ ଶ୍ରମିକ ଝସକେତନ ମାଝି (୨୧)ଙ୍କୁ ତାମିଲନାଡୁର ଆତିପେଟ୍ ଅଞ୍ଚଳରେ ହତ୍ୟା କରାଯାଇଥିବା ଜଣାପଡିଛି। ମୃତ ଯୁବକଙ୍କ ମା' ତାଙ୍କ ପୁଅକୁ ସେଠାରେ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏହି ଖବର ପାଇବା ପରେ ଆଜି ସନ୍ଧ୍ୟାରେ ଶ୍ରମ ବିଭାଗ ଅଧିକାରୀ କେଶବ



ମୃତ ଝସକେତନ ମାଝିଙ୍କ ଫାଇଲ ଫଟୋ।

ବେହେରା ଓ ଟାଉନ୍ ଥାନା ଆଇଆଇସି ଅବନୀ ସାହୁ ବିଜାଖମନ ଯାଇ ପୀଡିତ ପରିବାରକୁ ଭେଟି ତଥ୍ୟ ସଂଗ୍ରହ କରିଛନ୍ତି। ପୌରାଧ୍ୟକ୍ଷା ଲିକା ସାହୁ ମଧ୍ୟ ପୀଡିତଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ କିଛି ଆର୍ଥିକ ସହାୟତା ଦେଇଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁସାରେ ପ୍ରାୟ ୧ ମାସ ତଳେ ଖପ୍ରାଖୋଲ ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାରଙ୍କ ଜରିଆରେ ଝସକେତନ ମାଝି ଏବଂ ବିଜାଖମନର କିଛି ପରିବାର ତାମିଲନାଡୁ ଅଭିମୁଖେ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଆତିପେଟ୍ ଅଞ୍ଚଳରେ ସେମାନେ ଇଟାଗଡ଼ା କାର୍ଯ୍ୟରେ ନିୟୋଜିତ ଥିଲେ। ସେଠାରେ ଝସକେତନଙ୍କ ମୃତ୍ୟୁ ହୋଇଯାଇଥିବା ସମ୍ପର୍କରେ ଆଜି ସକାଳେ ପରିବାର ଲୋକଙ୍କୁ ଫୋନ୍ କଲ ଆସିଥିଲା। କିଭଳି ପରିସ୍ଥିତିରେ ଝସକେତନଙ୍କ ମୃତ୍ୟୁ ଘଟିଲା କିଛି କୁହାଯାଇନଥିଲା। ଏହି କାରଣରୁ ଝସକେତନଙ୍କ ମା' ତାଙ୍କ ପୁଅକୁ ସେଠାରେ ହତ୍ୟା କରିଦେଇଥିବା ଅଭିଯୋଗ କରିଛନ୍ତି। ଶ୍ରମ ବିଭାଗ ଅଧିକାରୀ ବେହେରା ଗଣମାଧ୍ୟମକୁ କହିଛନ୍ତି ଯେ, ତାମିଲନାଡୁରେ କିଭଳି ପରିସ୍ଥିତିରେ ଝସକେତନଙ୍କ ମୃତ୍ୟୁ ହୋଇଛି ତାଙ୍କ ପାଖରେ କିଛି ସୂଚନା ନାହିଁ। ଝସକେତନଙ୍କ ମୃତ୍ୟୁ ଖବର ପାଇବା ପରେ ତଥ୍ୟ ସଂଗହ କରିବାକୁ ସେ ତାଙ୍କ ପରିବାରବର୍ଗଙ୍କ ପାଖକୁ ଆସିଛନ୍ତି। ତାମିଲନାଡୁରେ ପୁଅର ମୃତ୍ୟୁ ହୋଇଯାଇଥିବା ଖବର ପାଇବା ପରେ ତାଙ୍କ ମା' ଦୁଃଖରେ ଭାଙ୍ଗି ପଡିଛନ୍ତି।

## ଅଗଲାପାଲି କ୍ରଶରରେ ଆଇଟି ବିଭାଗର ଚଢ଼ାଉ

ଲୋଇସିଂହା,୧୭।୧(ସୁଶାନ୍ତ ବାରିକ)

ଶୁକ୍ରବାର ଭୋର ସମୟରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଅଗଲାପାଲି କ୍ରଶରରେ କେନ୍ଦ୍ରୀୟ ଆଇଟି ବିଭାଗର ଏକ ତଦନ୍ତକାରୀ ଟିମ୍ ପକ୍ଷରୁ ଚଢାଉ କରାଯାଇଛି । ସିଆରପିଏଫ ଯବାନଙ୍କ ଉପସ୍ଥିତିରେ ୧୫ରୁ ୧୬ ଜଣ ଅଧିକାରୀ ଓ କର୍ମଚାରୀ ଦିନତମାମ ଚଢାଉ କରିଥିବା ଜଣାଯାଇଛି । ବୁର୍ଡାଛକ-ସୋନପୁର ରାସ୍ତାର ବାଦିବାହାଲ ପଞ୍ଚାୟତ ଚୌହାନପାଲି ଛକ ନିକଟ ରାସ୍ତାପାର୍ଶ୍ୱର ଅଗଲାପାଲି ମୌଜାରେ କ୍ରଶର ରହିଛି। ଦିନକୁ ଦିନ ଉକ୍ତ କ୍ରଶର କଳେବର ବୃଦ୍ଧି ପାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସୌରାତ ଉତ୍ସରୁ ପଥର ଉତ୍ତୋଳନ କରାଯାଇ ଉକ୍ତ କ୍ରଶରରେ ମେଟାଲ, ଚିପ୍ସ ପ୍ରସ୍ତୁତ କରାଯାଉଛି। ଏଥିସହିତ ପିଚୁ ପ୍ଲାଣ୍ଟ ମଧ୍ୟ ନିକଟରେ ସ୍ଥାପନ ହୋଇଛି । ଉକ୍ତ କ୍ରଶରରୁ ଦୈନିକ ଶହ ଶହ ଟ୍ରିପ ମେଟାଲ,ଚିପସ୍ ଓ ପିଚୁ ଆଦି ହାଇୱା ଯୋଗେ ଜିଲା ତଥା ଜିଲା ବାହାରେ ହେଉଥିବା ରାସ୍ତା ଓ କୋଠାବାଡି କାମ ପାଇଁ ପଠାଯାଉଛି। ଚଢାଉ ଟିମ୍ କ୍ରଶରରେ ଯାଞ୍ଚ କରିବା ସହିତ କ୍ରଶର ସଂଲଗ୍ନ ସୌରାତ ଉତ୍ସ( ପଥରକ୍ୱାରି)କୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଜଣାଯାଇଛି । ଉକ୍ତ କ୍ରଶରକୁ କେଉଁ କେଉଁ କ୍ୱାରିରୁ ପଥର ଉତ୍ତୋଳନ ହୋଇ ଆସୁଛି । କ୍ରଶରରେ ଦୈନିକ, ମାସିକ ଓ ବାର୍ଷିକ କେତେ ଉତ୍ପାଦନ ହେଉଛି । ଉତ୍ପାଦନ ଓ ବିକ୍ରି ଅନୁଯାୟୀ ଆୟକର ପଇଠ ହେଉଛି କି ନାହିଁ ତାହା ତନ୍ନ ତନ୍ନ କରି ଯାଞ୍ଚ କରାଯାଇଥିବା ଆଲୋଚନା ହେଉଛି। ଚଢାଉ ବେଳେ ଆଇଟି ବିଭାଗ ପକ୍ଷରୁ କ୍ରଶର କର୍ମଚାରୀଙ୍କୁ ଭିତରକୁ ଛଡା ଯାଇ ନ ଥିବା ବେଳେ ଭିତରେ ଥିବା ଲୋକଙ୍କୁ ବାହାରକୁ ଛଡା ଯାଇ ନ ଥିଲା।

## ୧୮୪ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଲେ

ମୁରିବାହାଲ,୧୭।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଅନ୍ତର୍ଗତ ମୁରିବାହାଲ ଜୁନିୟର ମହାବିଦ୍ୟାଳୟଠାରେ ଗତ ୮ ତାରିଖଠାରୁ ଚାଲିଥିବା ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଦିନ କଲେଜ ପରିସରରେ ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ କଲେଜର ୧୮୪ ଜଣ ଛାତ୍ରୀ ଅଂଶଗ୍ରହଣ କରି ଆତ୍ମରକ୍ଷା ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ଦିବସରେ ଜୁନିୟର ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦ କର ସଭାପତିତ୍ୱ କରିଥିଲେ । ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଟ ମୁଖ୍ୟଅତିଥି , ସମ୍ମାନିତ ଅତିଥି ଭାବେ କଲେଜର ଇଂରାଜୀ ଅଧ୍ୟାପକ ହୃଦାନନ୍ଦ ପୁହାଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପୂଜାରାଣୀ ରଥ, ପ୍ରଶିକ୍ଷଣ ଦେଇଥିବା ମାଷ୍ଟର ଟ୍ରେନର ଗୌରୀ ରାଉତ ଓ ନଳିନୀ ସୁନା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣର ଉଚିତ ବିନିଯୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅଧ୍ୟାପକ ବିକ୍ରମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଅଭିମନ୍ୟୁ ଛୁରା, ଜୟଦେବ ଶାଣ୍ଡା, ସତ୍ୟ ବାଗ, ରୀନା ବାଗ, ଅଜିତ ବାଗ ଓ ଭାରତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପକ୍ଷୀ ଗଣନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ,୧୭।୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ମହାରାପଦର ଉଚ୍ଚବିଦ୍ୟାଳୟ ଠାରେ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପକ୍ଷୀ ଗଣନା ସମ୍ପର୍କିତ ସଚେତନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନବକିଶୋର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସିଏଫ ତଥା ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ମୁଖ୍ୟବକ୍ତା ଭାବେ ପରିବେଶ କର୍ମୀ ଡ. ଅଭୟ ଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ ଯୋଗ ଦେଇଥିଲେ। ଏହି ଅବସରରେ ଅଞ୍ଚଳରେ ଦେଖା ଯାଉଥିବା ବିଭିନ୍ନ ପ୍ରଜାତିର ପକ୍ଷୀ, ବାହାରୁ ଆସୁଥିବା ପକ୍ଷୀ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯିବା ସହିତ ପକ୍ଷୀମାନଙ୍କ ପରିଚୟ, ବସତି ଓ ତାଙ୍କ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟ ବାହାରେ ବିଭିନ୍ନ ପ୍ରଜାତିର ପକ୍ଷୀ ଚିହ୍ନଟ କରାଯାଇଥିଲା। କାର୍ଯ୍ୟକ୍ରମରେ ବନବିଭାଗ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆମ ଜଙ୍ଗଲ ଯୋଜନାର ବିଷ୍ଣୁ ଛୁରା ପରିଚାଳନା କରିଥିବା ବେଳେ ତହସିଲ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟ ସଂସ୍କୃତିର ମକର ମିଳନ

ଟିଟିଲାଗଡ,୧୭।୧(ଶରତ ମିଶ୍ର)

ସାରସ୍ୱତ ଚେତନାର ବାର୍ତ୍ତାବହ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଟିଟିଲାଗଡ଼ ପକ୍ଷରୁ ମକର ମିଳନ ଓ ଫକିର ମୋହନଙ୍କ ଜୟନ୍ତୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଆୟୋଜିତ ସଭାରେ ଜ୍ୟୋତି ପ୍ରକାଶ ଗଡତ୍ୟା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରବୀର କୁମାର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଡ. ଅଖିଳ ବିଶ୍ୱାଳ ଯୋଗ ଦେଇଥିଲେ। ଏହି କ୍ରମରେ ଲେଖକ ସେବକ ଚରଣ ଦାଶଙ୍କ ଇଂରାଜୀ ପୁସ୍ତକ 'ଲୋଟସ ପେଟାଲ' ଓ ନଟବର ସ୍ୱାଇଁଙ୍କ 'ନାଏବ ସରପଞ୍ଚ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ ସଭ୍ୟ ରାଜୀବ ଲୋଚନ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ । ଜଗନ୍ନାଥ ପଣ୍ଡା 'ଲୋଟସ ପେଟାଲ'ର ସମୀକ୍ଷା କରିଥିଲେ । ସଭ୍ୟ ବ୍ରହ୍ମାନନ୍ଦ ପୁହାଣ ସଭା ପରିଚାଳନା କରିଥିବା ବେଳେ ବନମାଳୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମହିଳା ସ୍ନାତକ ମହାବିଦ୍ୟାଳୟରେ ଦକ୍ଷତା ବୃଦ୍ଧି ସଚେତନତା କାର୍ଯ୍ୟକ୍ରମ




କଣ୍ଟାବାଞ୍ଜି,୧୭।୧(ଗୁରୁ ଦୟାଲ ହଂସ)

କଣ୍ଟାବାଞ୍ଜିସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟରେ ଗୁରୁବାର ଦିନ ଉଚ୍ଚଶିକ୍ଷା ବିଭାଗ ଓ ୟୁନିଟେକ୍ ସଂସ୍ଥାର ସହଭାଗିତାରେ ଏକ ଦକ୍ଷତା ବୃଦ୍ଧି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ । ଡିଜିଟାଲ ଓ କମ୍ପ୍ୟୁଟର ଯୁଗରେ କମ୍ପ୍ୟୁଟର ଓ ଅନ୍‌ଲାଇନ ମାଧ୍ୟମରେ ଘରେ ରହି କିପରି ନିଜର ଦକ୍ଷତା ଅନୁସାରେ ରୋଜଗାର କରିପାରିବେ । କୃତ୍ରିମ ବୁଦ୍ଧିମତ୍ତାକୁ ଉପଯୋଗ କରି କିପରି ନିଜର ପରିଚୟ ସୃଷ୍ଟି କରି ଆୟ କରିପାରିବେ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଭାବେ ୟୁନିଟେକର ପ୍ରକଳ୍ପ ନିର୍ଦ୍ଦେଶକ ହର୍ଷ ଆର୍ଯ୍ୟ ଏବଂ ତାଙ୍କ ସହଯୋଗୀ ଶୀୟା କୌର ଓ ସୋନାଲି ସାହୁ ଉପସ୍ଥିତ ରହି ସହଯୋଗ କରିଥଲେ। ଅଧ୍ୟାପକ ଜିତେନ୍ଦ୍ର ସୁନା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଡ. ନେପାଳ ସେଠୀ ଧନ୍ୟବାଦ ଦେଇଥିଲେ ।

## ପୁରୁଣା ଇଟାରେ ପାଚେରି ନିର୍ମାଣ ଅଭିଯୋଗ

ଦେଓଗାଁ,୧୭।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ନିକଟ ଆରଡି ବିଭାଗର ଅଫିସ ଚତୁଃପାର୍ଶ୍ୱରେ ରହିଥିବା ପୁରଣା ପାଚେରିକୁ ଭାଙ୍ଗିଦେଇ ଉକ୍ତ ସ୍ଥାନରେ ନୂତନ ପାଚେରି ନିର୍ମାଣ କାମ ଆରମ୍ଭ ହୋଇଛି । ହେଲେ ପୁରୁଣା ପ୍ଲିନ୍ଥରେ ପୁରୁଣା ଇଟା ଲଗାଇ ନୂତନ ପାଚେରି କରାଯାଉଛି । ଏହାମଧ୍ୟରେ କାମ ଅଧା ହୋଇଥିଲେ ହେଁ ସୂଚନା ଫଳକ ଲଗାଯାଇ ନାହିଁ। ଏହାର ବ୍ୟୟ ବରାଦ ନେଇ କୌଣସି ସୂଚନା ପାଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହେଉଥିବା କାମରେ ଲୋକଙ୍କୁ ଭୁଆଁ ବୁଲାଇ ଟଙ୍କା ଆତ୍ମସାତ ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଗୁରୁବାର ଦେଓଗାଁ ବ୍ଲକରେ ପଞ୍ଚାୟତ ସମିତି ବୈଠକ



ଦେଓଗାଁ ବ୍ଲକ ନିକଟରେ ପୁରୁଣା ଇଟା ଲଗାଇ ନୂତନ ପାଚେରି ନିର୍ମାଣ କରାଯାଉଛି ।

ଚାଲିଥିବା ବେଳେ ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଆରଡି ବିଭାଗ ପାଚେରି ନିର୍ମାଣ କାମରେ ଏଭଳି ଦୁର୍ନୀତି କରୁଥିବା ପରିତାପର ବିଷୟ ବୋଲି ଗୃହରେ ଅଭିଯୋଗ ଉଠାଇବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ । ସମସ୍ୟାକୁ ନେଇ ଆରଡି ବିଭାଗର ଏସଡିଓ ବୁଦ୍ଧେଶ୍ୱର ମହାପାତ୍ରଙ୍କୁ ପଚାରିବାରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏଥିପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବ୍ରହ୍ମାଣ୍ଡ ସୃଷ୍ଟି ଓ ରହସ୍ୟ ସମ୍ପର୍କରେ ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

ଲାଠୋର,୧୭।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ନେତୃତ୍ୱରେ ଯୁକ୍ତ ୨ କଳା ଓ ବାଣିଜ୍ୟ ବିଭାଗର ୬୦ ଜଣ ଛାତ୍ରୀଛାତ୍ର ଶୈକ୍ଷିକ ପରିଭ୍ରମଣରେ ଯାଇ ଫେରି ଆସିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମେ ଛାତ୍ରୀଛାତ୍ର ସମ୍ବଲପୁର ଜିଲାର ବୁର୍ଲା ପ୍ଲାନେଟୋରିୟମ ଯାଇ ସେଠାରେ ବ୍ରହ୍ମାଣ୍ଡ ସୃଷ୍ଟି ଓ ରହସ୍ୟ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହ ବିଜ୍ଞାନ ପାର୍କ ବୁଲି ଦେଖିଥିଲେ। ପରେ ସେମାନେ ସମଲେଶ୍ୱରୀ ମନ୍ଦିର ଏବଂ ଘଣ୍ଟେଶ୍ୱରୀ ମନ୍ଦିର ଯାଇ ଦର୍ଶନ କରିଥିଲେ।



ଅଧ୍ୟାପିକା ଅଧ୍ୟାପକଙ୍କ ଗହଣରେ ଶୈକ୍ଷିକ ପରିଭ୍ରମଣରେ ଯାଇଥିବା ଛାତ୍ରୀଛାତ୍ର।

ଛାତ୍ରୀଛାତ୍ର ଶୈକ୍ଷିକ ପରିଭ୍ରମଣରେ ଯାଇ ଜ୍ଞାନ ଅର୍ଜନ କରିବା ସହ ବିଭିନ୍ନ ବିଷୟ ଉପରେ ଆଲୋଚନା କରଥିଲେ। ଏହି ଅବସରରେ ଅଧ୍ୟାପିକା ନମିତା ସାହୁ, ଅଧ୍ୟାପକ ପ୍ରଦୀପ ସାହୁ, ଗୁନୁ ମେହେର, ସହକାରୀ ଗ୍ରନ୍ଥାଗାରିକ ଗଙ୍ଗାଧର ଭଇଁଷାଲ, କିରାଣି ଚନ୍ଦ୍ରମଣି ଭଇଁଷାଲ ପ୍ରମୁଖ ସାମିଲ ହୋଇ ଛାତ୍ରୀଛାତ୍ରଙ୍କୁ ସହଯୋଗ କରିଥିଲେ।

## ୨୯ତମ ଆଜାଦ୍ କ୍ରିକେଟ ଟୁର୍ନାମେଣ୍ଟ: ଦାବଜୁରି ଚାମ୍ପିୟନ



ଆଜାଦ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଅବସରରେ ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ।

ଦେଓଗାଁ,୧୭।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ କରୁଆଁଝର ଖେଳପଡିଆଠାରେ ଚାଲିଥିବା ୨୯ତମ ଆଜାଦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ସାଲେଦମକ ଓ ଦାବଜୁରି ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଦାବଜୁରି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପ୍ରଦୀପ ଭୋଇ ଓ ନେହେରୁ ନାଏକ ଖେଳ ପରିଚାଳନା କରିଥିଲେ । ବଡବନ୍ଧର ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥି ଭାବେ ରାଜପ୍ରତାପ ସିଂ ଦେଓ , ଚୈତନ୍ୟ ପଟେଲ ଯୋଗଦେଇ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଗୋପାଳ ଭୋଇ, ପପଲୁ ବାଗ, ବିକ୍ରମ ଭୋଇ, ଟୁନା ଭୋଇ, ସ୍ୱାଧୀନ କୁଦେଇ,ପଦ୍ମଲୋଚନ ମନହୀରା, ସୁରଜ ଭୋଇ ଓ ସୁମନ ଭୋଇ ସହଯୋଗ କରିଥିଲେ।


**PANCHAYAT SAMITI, BARIPADA**

**TENDER CALL NOTICE** No. i-418

BDO, Baripada invites sealed tender on behalf of Govt. of Odisha for the following work in conformity with the DTCN. BID Identification No.20-2024-25/BDO, BARIPADA, 21-2024-25 BDO, BARIPADA & 22/2024-25/BDO, BARIPADA.

Name of the work: **"Construction of Model AWC Center at Dumapada, Khadisole"**
**"Construction of Model AWC Center at Gopalpur, Sankhbhanga"**
**"Construction of Model AWC Center at Bhagabandh, Bhagabatachandrapur"**

Date of Receipt of Tender: 13.01.2025 at 10.30 A.M. to 27.01.2025 upto 5 P.M. via Drop Box at Block Office.

Date of Opening of Tender : 28.01.2025, 11 A.M. in the Conference Hall of BDO, Baripada.

Terms and conditions: Details of the bid documents can be downloaded from the official website of the district (www.mayurbhanj.nic.in) from 13.01.2025 to 27.01.2025. All the terms and conditions can be seen from the above website.

Sd./- Block Development Officer Baripada

OIPR-19109/11/0005/2425

**ପୂର୍ବ ତଟ ରେଳପଥ**

Tender Notice No.: eT-M-CD-BBS-DEO-19-25, ତାରିଖ : 08.01.2025

କାର୍ଯ୍ୟର ନାମ : ତିନି ବର୍ଷର ଅବଧି ନିମନ୍ତେ, କୋଚିଂ ଡ଼ିପୋ, ଭୁବନେଶ୍ୱରର ପରିସଂଖ୍ୟାନ ଏବଂ ଡାଟା ପରିଚାଳନା କାର୍ଯ୍ୟ ନିର୍ବାହ କରିବା ପାଇଁ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟର ଆଉଟସୋର୍ସିଂ ।

ବିଜ୍ଞାପିତ ମୂଲ୍ୟ : ଟ.98,12,179.17

EMD: ଟ. 1,96,300/-, ଟେଣ୍ଡର କାଗଜାତ ମୂଲ୍ୟ: ଟ. 5,900/-

କାର୍ଯ୍ୟସମାପ୍ତିର ଅବଧି: 36 ମାସ, ବିଡ୍‌ଂ ଆରମ୍ଭ ତାରିଖ:୧୫.୦୧.୨୦୨୫

ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : ତା. 29.01.2025 ରିଖ 1530 ଘଣ୍ଟିକାରେ

ଟେଣ୍ଡର କାଗଜାତର ସମସ୍ତ ବିବରଣୀ ୱେବସାଇଟ୍ : www.ireps.gov.in. ରେ ଉପଲବ୍ଧ।

କୋଚିଂ ଡିପୋ ଅଧିକାରୀ ଭୁବନେଶ୍ୱର

PR-888/P/24-25

**ପୂର୍ବତଟ ରେଳପଥ**

Tender Notice No.: SBP-ELECT-2025-T-231, Dtd.: 09.01.2025

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସମ୍ବଲପୁର (SBP) ଷ୍ଟେସନ (୧୨ଗୋଟି ଟାଇପ୍-୨) ଏବଂ ବରଗଡ଼ା (BONA) ଷ୍ଟେସନ (୨୦ଗୋଟି ଟାଇପ୍-୨)ରେ ମୂଳ କାର୍ଯ୍ୟରୁ ବାକିଥିବା କ୍ୱାର୍ଟର ଗୁଡ଼ିକର ବିଦ୍ୟୁତୀକରଣ କାର୍ଯ୍ୟ (I) ସମ୍ବଲପୁର (SBP) ଠାରେ ପୁରାତନ, ଭାଙ୍ଗିରୁଜି ଯାଇଥିବା କ୍ୱାର୍ଟର (୩୬ଗୋଟି ଟାଇପ୍-୨ ଏବଂ ୨ଗୋଟି ଟାଇପ୍-୪) ଗୁଡ଼ିକୁ ବଦଳାଇବା ଉଦ୍ଦେଶ୍ୟରେ କ୍ୱାର୍ଟର ଗୁଡ଼ିକର ନିର୍ମାଣ (II) ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନର ବିଭିନ୍ନ ଷ୍ଟେସନ ଗୁଡ଼ିକରେ ଇଞ୍ଜିନିୟରିଂ ଏବଂ S & T ବିଭାଗର କର୍ମଚାରୀମାନଙ୍କ ନିମନ୍ତେ, ୭୦ଗୋଟି ଟାଇପ୍-୨ ଏବଂ ୫ଗୋଟି ଟାଇପ୍-୩ କ୍ୱାର୍ଟର ଗୁଡ଼ିକର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.7,08,351.00

EMD : ଟ.14,200/-, କାର୍ଯ୍ୟ ସମାପ୍ତିର ଅବଧି : LOA ଜାରି ହେବା ତାରିଖ ଠାରୁ 3 (ତିନି) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.10.02.2025 ରିଖ 1530 ଘଣ୍ଟିକାରେ

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଛି।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବସାଇଟ୍ : www.ireps.gov.in

ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି), ସମ୍ବଲପୁର

PR-885/P/24-25

**Government of Jharkhand**
**Department of Information Technology and e-Governance**
Jharkhand Mantralaya, Dhurwa, Ranchi-834004

**Tender Notice**

On behalf of the Government of Jharkhand, the **Department of Information Technology & e-Governance** invites online bids (Technical and Commercial) from Service Provider for MPLS network connectivity from **Jharkhand State Data Centre (JHSDC),Ranchi and UIDAI Data Centre at Manesar & Bengaluru including Router Management at UIDAI Data Centre.**

**The Service Provider listed on TRAI website under "Basic Service Provider (https://www.trai.gov.in/basic-service-providers)" and "National Long Distance Service Provider (https://trai.gov.in/national-long-distance-service-providers)" are only eligible to participate in this tender.**

**Total Two(2) Service Providers will be selected on the basis of least quoted price. Each selected Service Provider has to:**
- **Provide MPLS Connectivity from JHSDC to UIDAI's both Data Centres.**
- **Manage Routers at each UIDAI Data Centre.**

For the procurement process, the bidders shall follow the procedure described on e-Tendering website (https://jharkhandtenders.gov.in). Further details about the e-Tendering procedure & its requirements, refer manual available on e-Tendering website.

The tender document will be available on the e-Tendering website and may be downloaded by the interested bidders.

The summary of tender notice is as follows:

| S. No. | Item | Particulars |
|---|---|---|
| 1 | Tender No. | ASA/MPLS/1/2024-UID/001 |
| 2 | Bid Security (EMD) | Rupees Twenty Five Thousand Only (Rs.25000/-) |
| 3 | Availability of Tender Document | 17.01.2025 at 13:00 hrs |
| 4 | Last date for submission of queries through email only | 24.01.2025 at 16:00 hrs. |
| 5 | Pre-Bid Conference (Date, Time & Place) | 27.01.2025 at 16:00 hrs. Department of IT & e-Governance, 3rd Floor, Project Bhawan, Dhurwa,Ranchi – 834004 |
| 6 | Start date of Bid Submission | 30.01.2025 at 10:00 hrs. |
| 7 | Last date of Bid Submission | 07.02.2025 at 18:00 hrs. |
| 8 | Date & Time of opening of Technical Bid | 10.02.2025 at 16:00 hrs. |
| 9 | Date & Time of opening of Financial Bid | To be informed later |
| 10 | Phone No. & Email Address | 0651 – 2970091 uidcellpmu-doit@jharkhandmail.gov.in |

PR 344502 Information Technology(24-25)D

Sd/- Deputy Secretary to Government

**कार्यालय नगर पंचायत, खूँटी**
पत्रांक ..............खूँटी, दिनांक ............
**E-Tender Notice**

**(Through E-Procurement mode only** www.jharkhandtenders.gov.in)
**Very short E-Tender Reference No. KNP/09/2024-25**

1. Details of the work: **3rd Call**

| Sl. | Name of work | BOQ (Estimated) Cost (Rs.) | Cost of BOQ | Earnest Money | Time of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Scientific dumpsite land reclamation through Bio-mining at Belahathi dumpsite, Khunti. | 1,43,72,553/- | 10,000/- | 2% of Estimated amount | 03 Months |

2. वेबसाईट पर निविदा प्रकाषन की तिथि एवं समय : दिनांक 18.01.2025 को 3:00 बजे अपराह्न तक।
3. निविदा प्राप्त करने की अंतिम तिथि एवं समय : दिनांक 25.01.2025 को 3:00 बजे अपराह्न।
4. निविदा खोलने की तिथि एवं स्थान : दिनांक 27.01.2025 को 3:00 बजे अपराह्न, कार्यालय नगर पंचायत, खूँटी।
5. निविदा आमंत्रण करने वाले कार्यालय का नाम एवं पता: कार्यालय नगर पंचायत, खूँटी।
6. ई–मेल पता : npkhunti2006@gmail.com
7. विज्ञापनदाता दूरभाष संख्या : 9931406816

नोटः– प्राक्कलित राशि घट–बढ़ सकती है, नियम एवं शर्तें तथा अन्य विवरणी अद्योहस्ताक्षरी के कार्यालय में किसी भी कार्य दिवस पर कार्यालय अवधि में या वेबसाईट www.jharkhandtenders.gov.in पर देखा जा सकता है।

ह0/–
प्रशासक,नगर पंचायत, खूँटी।

PR 344461 Urban Development(24-25)D

## ସଂକ୍ଷେପରେ

### ମହାନଦୀରୁ ମୃତଦେହ ଉଦ୍ଧାର

**ବିନିକା,୧୭।୧(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ରହେଲା ନିକଟ ମହାନଦୀରେ ଭାସୁଥିବା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣକ ଉଲୁଣ୍ଡା ଥାନା ବଡାଲି ଗ୍ରାମର ନିରଞ୍ଜନ ସାହୁ (୫୦)। ଗତ ୧୫ ତାରିଖରେ ବିନିକା ଥାନା ସେଲେଡି ଗ୍ରାମକୁ ନିରଞ୍ଜନ ଏକ ମୃତାହ କାମରେ ଯୋଗ ଦେବାକୁ ଆସିଥିଲେ। ମାତ୍ର ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ କୌଣସି ସନ୍ଧାନ ପାଇ ନ ଥିଲେ। ଏନେଇ ଶୁକ୍ରବାର ପରିବାର ଲୋକେ ଉଲୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ତେବେ ସନ୍ଧ୍ୟାରେ ମହାନଦୀ ପାଣି ଭିତରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ବିନିକା ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବିନିକା ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ପାଣି ଭିତରୁ ଭାସମାନ ଅବସ୍ଥାରେ ମୃତଦେହ ଉଦ୍ଧାର କରି ବିନିକା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନାରେ ପୋଲିସ ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ କରୁଛି। ତେବେ ଶୌଚ ପାଇଁ ଯାଇଥିବାବେଳେ ପାଣିରେ ବୁଡି ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

# ରାମଚଣ୍ଡୀ, ଏସ୍‌କେଏମ୍ କନଷ୍ଟ୍ରକ୍ସନ କମ୍ପାନୀରେ ଆଇଟି ରେଡ୍

**ସୋନପୁର,୧୭।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରର ଜଣାଶୁଣା କନଷ୍ଟ୍ରକ୍ସନ କମ୍ପାନୀ ରାମଚଣ୍ଡୀ କନଷ୍ଟ୍ରକ୍ସନ ଓ ସନ୍ତୋଷ କୁମାର ମିଶ୍ର(ଏସ୍‌କେଏମ୍) କନଷ୍ଟ୍ରକ୍ସନ କମ୍ପାନୀ ଉପରେ ଆୟକର(ଆଇଟି) ବିଭାଗ ପକ୍ଷରୁ ଶୁକ୍ରବାର ରେଡ୍ କରାଯାଇଛି। ଆୟକର ଫାଙ୍କିବା ଅଭିଯୋଗରେ ଭୁବନେଶ୍ୱର ଆୟକର ବିଭାଗର ବରିଷ୍ଠ ଅଧିକାରୀମାନେ ରାତି ୩ଟାରୁ ଏହି ଚଢାଉ କରିଛନ୍ତି। ରାମଚଣ୍ଡୀ କମ୍ପାନୀର ମାଲିକ ଶ୍ରୀନିବାସ ମିଶ୍ରଙ୍କ ସୋନପୁର ଗ୍ରୀଡ୍‌କୋ ଛକ ସ୍ଥିତ ଅଫିସ, ବାଇଗଣଢୁରୀ ସ୍ଥିତ ଭଡା ଘର, ଭଜବଲପୁର ସ୍ଥିତ ପୈତୃକ ଘର, ତରଭା ବ୍ଲକ ପଣ୍ଡାରପିଟାସ୍ଥିତ ଷ୍ଟୋନ୍ କ୍ରସର, ବୌଦ୍ଧ ଜିଲା ବାଉଁଶୁଣୀସ୍ଥିତ ଷ୍ଟୋନ୍ କ୍ରସର ୟୁନିଟ୍‌ରେ ଏକକାଳୀନ ଚଢାଉ ଚାଲିଛି। ବାହାରେ ପୋଲିସ ଜଗି ରହିଥିବା ବେଳେ ଭିତରେ ଆୟକର ବିଭାଗର ଅଧିକାରୀମାନେ କମ୍ପାନୀର ବ୍ୟବସାୟ ସମ୍ପର୍କିତ କାଗଜପତ୍ର ଗୁଡିକୁ ଯାଞ୍ଚ କରୁଛନ୍ତି। ଶନିବାର ମଧ ତନଖି ଜାରି ରହିବ ବୋଲି ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଅଞ୍ଚଳରେ ଥିବା ସନ୍ତୋଷ କୁମାର ମିଶ୍ରଙ୍କ ଏସ୍‌କେଏମ୍ କମ୍ପାନୀର କାର୍ଯ୍ୟାଳୟରେ ରେଡ୍ ଚାଲିଛି। ତେବେ ସନ୍ତୋଷ ପରିବାର ସହିତ ଦୁବାଇକୁ ବୁଲିବାକୁ ଯାଇଛନ୍ତି। ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ତାଙ୍କ ବାସଭବନରେ ତାଲା ପଡିଛି। ତେଣୁ ପୋଲିସ ଟିମ୍ ଘର ବାହାରେ ଜଗି ରହିଛନ୍ତି। ସନ୍ତୋଷଙ୍କ ପରିବାର ବୀରମହାରାଜପୁରରେ ପହଞ୍ଚିବା ପରେ ତାଙ୍କ ବାସଭବନରେ କାଗଜପତ୍ର ତନଖି କରାଯିବ ବୋଲି ଆୟକର ବିଭାଗର ଅଧିକାରୀମାନେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଆୟକର ବିଭାଗ ପକ୍ଷରୁ ଚଢାଉ ପାଇଁ ଗୁରୁବାର ସୁବର୍ଣ୍ଣପୁର ଏସ୍‌ପି ରାମପ୍ରସାଦ ସାହୁଙ୍କୁ ୧୦ ଜଣ ପୋଲିସ କର୍ମଚାରୀ ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିଲା। ଏସ୍‌ପି ପୋଲିସ କର୍ମଚାରୀ ଯୋଗାଇ ଦେବା ପରେ ବିଳମ୍ବିତ ରାତିରୁ ୭ଟି ଟିମ୍ ଏକକାଳୀନ ଚଢାଉ କରିଛନ୍ତି।



ରାମଚଣ୍ଡୀ କନଷ୍ଟ୍ରକ୍ସନ କମ୍ପାନୀ ଅଫିସରେ ଆୟକର ବିଭାଗ ପକ୍ଷରୁ ଚଢାଉ ଚାଲିଛି।

## ବୀରମହାରାଜପୁର ବିଧାୟକଙ୍କ ମଣ୍ଡି ପରିଦର୍ଶନ



ବିଧାୟକ ଜଟେସିଂହା ମଣ୍ଡି ପରିଦର୍ଶନ କରୁଛନ୍ତି।

**ଅମରପାଲି,୧୭।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ସ୍ଥିତ ମଣ୍ଡିକୁ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ମଣ୍ଡିରେ ଉପସ୍ଥିତ ଥିବା ଚାଷୀଙ୍କ ସହିତ ଧାନ ବିକ୍ରି ନେଇ ଆଲୋଚନା କରିଥିଲେ। ଏହା ସହିତ ସରକାରଙ୍କ ଦ୍ୱାରା ମଣ୍ଡିରେ ଥିବା ଚାଷୀ ବିଶ୍ରାମସ୍ଥଳୀ, ପିଇବା ପାଣି ବ୍ୟବସ୍ଥା ଆଦି ବିଷୟରେ ଚାଷୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ଏହି ମଣ୍ଡିରେ ବିକ୍ରି ପାଇଁ ଧାର୍ଯ୍ୟ ଥିବା ୩୦ ହଜାର କୁଇଣ୍ଟାଲ ଧାନରୁ ୧୩ ହଜାର କୁଇଣ୍ଟାଲ ଧାନ କ୍ରୟ ସରିଛି। ଏହି ମଣ୍ଡିରେ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବାକୁ ଥିବାବେଳେ ଧାନ ଗଛିତକୁ ଦେଖି ସେବା ସମବାୟ ସମିତିର ସମ୍ପାଦକ ଘନଶ୍ୟାମ ପଧାନଙ୍କ ସହ ଆଲୋଚନା କରିଛନ୍ତି ବିଧାୟକ। ଏହା ସହିତ ଆବଶ୍ୟକୀୟ ସଂଖ୍ୟକ ଗାଡ଼ି ମିଲର୍ସ ପଠାଉ ନ ଥିବାରୁ ଧାନଶୀଘ୍ର ଉଠିପାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ମଣ୍ଡି ପରିଦର୍ଶନ ସମୟରେ ଭାଜପା ଦଳର ବରିଷ୍ଠ ସଭ୍ୟ ବେଣୁଧର ଦାସ, ଏକଲବ୍ୟ ବେହେରା, ସପନ ପଧାନ, ସୁମନ୍ତ ଜଗଦଳା, ରାମ କୁମାର କର୍ଣ୍ଣ ପ୍ରମୁଖ ସାମିଲ ଥିଲେ।

# ତଦନ୍ତ ଦାବିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷଙ୍କ ମା'ଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଗୃହ**

**ବୌଦ୍ଧ/ହରଭଙ୍ଗା,୧୭।୧**
**(ଅଜିତ କୁମାର ବାରିକ/ ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା କରାଯିବା ନେଇ ଅଭିଯୋଗ ହୋଇଆସୁଛି। ଏପରିକି ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷଙ୍କ ମା'ଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଚଞ୍ଚକତା କରି ହାତେଇ ଥିବା ନେଇ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଶୁକ୍ରବାର ଦିନ ବିଜେଡି ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇ ତଦନ୍ତ ଦାବି କରାଯାଇଛି।

ଅଭିଯୋଗ ଅନୁଯାୟୀ, ଉପାଧକ୍ଷ କାହ୍ନୁଚରଣ ନାଥଙ୍କ ବାପା ଜଣେ ଅବସରପ୍ରାପ୍ତ ଶିକ୍ଷକ ଥିଲେ। ମା' ପୁଷ୍ପଲତା ନାଥଙ୍କ ନାମରେ ଥିବା ଜମିରେ ପକ୍କା ଘର ଥିବା ସତ୍ତ୍ୱେ କିଭଳି ବ୍ଲକ ପ୍ରଶାସନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କୁ ଗୃହ ପ୍ରଦାନ କଲେ ବୋଲି ବିଜେଡି ପ୍ରଶ୍ନ କରିଛି। ଏପରି କି ପୁଷ୍ପଲତାଙ୍କ ବ୍ୟାଙ୍କରେ ଥିବା ଖାତାକୁ ଘର କରିବାକୁ ପ୍ରଥମ କିସ୍ତି ଟଙ୍କା ଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗତ ନଭେମ୍ବର ୨୧ ତାରିଖରେ ହରଭଙ୍ଗା ବିଡିଓଙ୍କୁ ତଦନ୍ତ କରିବାକୁ ମଧ ଦଳ ପକ୍ଷରୁ ଦାବି କରାଯାଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଶୁକ୍ରବାର ଦିନ ବିଜୁ ଜନତା ଦଳର ଯୁବନେତା ଅବକାଶ ସାହୁଙ୍କ ନେତୃତ୍ୱରେ ସଞ୍ଜୟ ଦେହୁରୀ, ଟୁକୁନା ପ୍ରଧାନ, ଅର୍ଜୁନ ସାହୁ, ଜୟନ୍ତ ଦେହୁରୀ ବୌଦ୍ଧ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ୧୫ ଦିନ ଭିତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ କହିଥିବା ଅଭିଯୋଗକାରୀମାନେ ସୂଚନା ଦେଇଛନ୍ତି।



ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପ୍ରସ୍ତୁତି

**ବରଗଡ଼,୧୭।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ନିଶାମଣି ସ୍କୁଲ ସମ୍ମୁଖ ଲୋକ ମଣ୍ଡପ ପଡ଼ିଆରେ ଏକ ସାମ୍ ସାଇକେ ନାମ୍ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଭାତାଦିତ୍ୟ ମିଶ୍ର ସଭାପତିତ୍ୱ କରିଥିଲେ। ଆସନ୍ତା ୨୬ତାରିଖରେ ଏହି କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ରବିନ୍ଦ୍ର ମହାପାତ୍ର, ଲୋପାମୁଦ୍ରା ଦାଶ, ଗୀତାଞ୍ଜଳି ଷଡ଼ଙ୍ଗୀ, ଲୀନା ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଭଜନ ସନ୍ଧ୍ୟା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିର: ୨୪ ୟୁନିଟ ସଂଗ୍ରହ



**ବିନିକା,୧୭।୧(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଟାଉନହଲଠାରେ ଶିକ୍ଷାବିତ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ରଘୁନାଥ ପଣ୍ଡାଙ୍କ ୯୦ତମ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଭୀମଭୋଇ ସେବା ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଶିବିରକୁ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମେହେର, ସମ୍ମାନିତ ଅତିଥି ଭାବେ ଓଏଫଏସ ଡିପି ଟିମ୍ ଲିଡର ତଥା ସାମାଜିକ କର୍ମୀ ପ୍ରଶାନ୍ତ କୁମାର ନାୟକ, କାନାରା ବ୍ୟାଙ୍କ ଶାଖା ପରିଚାଳକ ମନୋରଞ୍ଜନ ପାତ୍ର, ବରୋଦା ବ୍ୟାଙ୍କ ଶାଖା ପରିଚାଳକ ଅଶୋକ ତନ୍ତୀ, ବିନିକା ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁଡ଼ ଯୋଗଦେଇ ଶିବିରକୁ ଫିତାକାଟି ଉଦ୍‌ଘାଟନ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଦୀପ ପ୍ରଜ୍ୱଳନ କରିଥିଲେ। ସର୍ବପ୍ରଥମେ ସରୋଜ ବାଘ ରକ୍ତଦାନ କରିଥିଲେ। ବୁର୍ଲା ମେଡିକାଲ ରକ୍ତଭଣ୍ଡାର କର୍ମଚାରୀ ଡା. ଅଭିନାଶ ମିଶ୍ର, ପି.ଆର ଓ ଦେବାଶିଷ ମିଶ୍ର, ଆଟେଣ୍ଡେଣ୍ଟ ଜନକ ବେହେରା, ପ୍ରହ୍ଲାଦ ଭୋଇ, ସନ୍ତୋଷ ତଡ଼ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ମୋଟ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ଫାଉଣ୍ଡେସନର ପ୍ରତିଷ୍ଠାତା ରାମଗୋପାଳ ବାଘ, ବିଶିଷ୍ଟ ସାମାଜିକ କର୍ମୀ ଦୀପାନ୍ୱିତା ମାହାଣା, କାମଧେନୁ ଗୋ ସେବା ଶ୍ରମର ସଭାପତି ଡମ୍ବରୁ ମେହେର, ବିନୋଦ ପାତ୍ର, ଭୁବନେଶ୍ୱର ପାତ୍ର, ପୂର୍ଣ୍ଣ ମେହେର, ଗୋବିନ୍ଦ ମାହାଣା, ଜୟଦେବ ହରି ପ୍ରମୁଖ ପରିଚାଳନା କରିଥିଲେ।

# ପୁଣି ବୌଦ୍ଧ ଜିଲାରେ ନକଲି ଶିକ୍ଷକ: ଥାନାରେ ମାମଲା

**ବୌଦ୍ଧ,୧୭।୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ନକଲି ଶିକ୍ଷକ ନେଇ ବହୁବାର ଚର୍ଚ୍ଚାରେ ରହିଛି। କେତେଜଣ ନକଲି ଶିକ୍ଷକଙ୍କ ନାମରେ ମାମଲା ହୋଇଥିବା ବେଳେ ଅନ୍ୟ କେତେଜଣ ଶିକ୍ଷକଙ୍କୁ ଜେଲ ଯିବାକୁ ପଡିଛି। ଏହାସତ୍ତ୍ୱେ ଜିଲା ଶିକ୍ଷା ବିଭାଗରେ ନକଲି ଶିକ୍ଷକ ପିଲାଙ୍କୁ ପାଠ ପଢାଇବା ଶିକ୍ଷା ବିଭାଗ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ପୁଣି ଦୁଇ ଜଣ ଶିକ୍ଷକ ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ହରଭଙ୍ଗା ବ୍ଲକ ଅନ୍ତର୍ଗତ ତାଳବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀଧର ନାଏକ ଉତ୍ତରପ୍ରଦେଶର ମିରଟର ଚୌଧୁରୀ ଚରଣ ସିଂହ ବିଶ୍ୱବିଦ୍ୟାଳୟ ନାମରେ ନକଲି ବିଇଡି ସାର୍ଟିଫିକେଟ୍ ଦେଇ ଚାକିରି କରୁଥିବା ଜଣାପଡିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ଗତ ୯ ତାରିଖ ଦିନ ତାଙ୍କ ବିରୋଧରେ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ନଂ୧୪/୨୦୨୫ ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରଖିଛି। ସେହିପରି ଗତ ୧୬ ତାରିଖ ଦିନ ପୁନର୍ବାର ରାଧାନଗର କ୍ଲଷ୍ଟର ଅନ୍ତର୍ଗତ ପିପଲକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କଳ୍ପନା ଭୋଇ ଛତ୍ରପତି ଶାହୁଜୀ ମହାରାଜ ବିଶ୍ୱବିଦ୍ୟାଳୟ କାନପୁର ନାମରେ ନକଲି ବିଇଡି ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଜଣାପଡିବା ପରେ ତାଙ୍କ ନାମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୁହାଙ୍କ ଅଭିଯୋଗକ୍ରମେ ବୌଦ୍ଧ ଥାନା ନଂ ୨୭/୨୦୨୫ରେ ମାମଲା ରୁଜୁ କରାଯାଇଛି। ଉଭୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଇଡି ସାର୍ଟିଫିକେଟ୍‌କୁ ସଂପୃକ୍ତ ବିଶ୍ୱବିଦ୍ୟାଳୟକୁ ଯାଞ୍ଚ ପାଇଁ ପଠାଯିବା ପରେ ତାହା ନକଲି ବୋଲି ଜଣାପଡିଥିଲା। ଏନେଇ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୁହାଙ୍କୁ ପଚାରିବାରୁ ଦୁଇ ଶିକ୍ଷକଙ୍କ ନାମରେ ବୌଦ୍ଧ ଥାନାରେ ଏତଲା ଦିଆଯାଇଥିବା କହିଛନ୍ତି।

# କୃଷକ ଭବନ ନିର୍ମାଣ ନିମ୍ନମାନର ଅଭିଯୋଗ

**ବରଗଡ଼,୧୭।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ କଲାପାଣିରେ କୃଷକ ଭବନ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ସ୍ଥାନୀୟ ଚାଷୀ ପ୍ରତିନିଧିମାନେ ଆରଏମ୍‌ସି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କୃଷକ ଭବନ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ସେଠାରେ ଏପର୍ଯ୍ୟନ୍ତ ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଫଳରେ ସେହି କୃଷକ ଭବନ ନିର୍ମାଣ ପାଇଁ ବ୍ୟୟ ଅଟକଳ କେତେ ରହିଛି, ତାହା ଜଣାପଡୁନାହିଁ ବୋଲି ଚାଷୀ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାଷୀନେତା ଏକାଦଶିଆ ସାହୁ, ସୁରେଶ ନେକାଣ୍ଟି, ମହାଦେବ ମହାପାତ୍ର, ନେପାଳ ପ୍ରଧାନ, ସ୍ୱାଭିମାନ ଜେନା ପ୍ରମୁଖ ଦାବି କରିଛନ୍ତି।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ପାଇକମାଳ, ୧୭।୧(ବଢ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡେସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପରମେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ୮ଦିନ ଧରି ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ବରିଷ୍ଠ ଅଧ୍ୟାପକ ତେଜରାଜ ସାହୁ, ଶଙ୍କର ପ୍ରସାଦ ମହାକୁର, ଯଶୋବନ୍ତ ସା, ଅଧ୍ୟାପିକା ଶିଖା ବିଶ୍ୱାଳ, ପ୍ରେମ କୁମାର ସାହୁ, ମହମ୍ମଦ ସାହିଦ, ନରେଶ୍ୱର ସାହୁ ଯୋଗ ଦେଇଥିଲେ। ଶିବିରରେ ଛାତ୍ରୀମାନେ କିପରି ନିଜର ଆତ୍ମରକ୍ଷା କରିପାରିବେ ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ ପ୍ରଶିକ୍ଷିକା ନନ୍ଦିନୀ ରାଉତ। ତାଲିମ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଜୟଶ୍ରୀ ମେହେର, ବବିତା ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥଲେ।

# ମଙ୍ଗଳା କ୍ଲବ କଟକ ଫାଇନାଲରେ



ଖେଳାଳି ଓ ଅତିଥି।

**୨୧ତମ ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ**

**ହରଭଙ୍ଗା,୧୭।୧(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ଫକିର ଚରଣ ଖେଳପଡିଆରେ ବଜାର ଆସୋସିଏଶନ ତିଲେଶ୍ୱର ପକ୍ଷରୁ ୨୧ ତମ ତିଲେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଦିନ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ , ସମ୍ମାନିତ ଅତିଥି ଭାବେ ସରସରା ସରପଞ୍ଚ ହରି ନାଏକ, ସାମ୍ଭୋଚ ସରପଞ୍ଚ କଲ୍ୟାଣୀ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ତରଣୀ ବାରିକ , ଉପଦେଷ୍ଟା ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ସେମିଫାଇନାଲ ଖେଳ ବରଗଡ ୟୁନାଇଟେଡ ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟ୍ରାଇବ୍ରେକର ଜରିଆରେ ମଙ୍ଗଳା କ୍ଲବ କଟକ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ରେଫରି ଲଗନ ସେଠ, ଦିଲିପ ରାଉତ, ସଲିଲ ବେହେରା ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରି ଭାବେ ପାପୁନ ବେହେରା କାର୍ଯ୍ୟ ତୁଲାଇଥିଲେ।


**PANCHAYAT SAMITI, BARIPADA**
**TENDER CALL NOTICE** No. i-418

BDO, Baripada invites sealed tender on behalf of Govt. of Odisha for the following work in conformity with the DTCN. BID Identification No.20-2024-25/BDO, BARIPADA, 21-2024-25 BDO, BARIPADA & 22/2024-25/BDO, BARIPADA.
Name of the work: **"Construction of Model AWC Center at Dumapada, Khadisole"**
**"Construction of Model AWC Center at Gopalpur, Sankhbhanga"**
**"Construction of Model AWC Center at Bhagabandh, Bhagabatachandrapur"**
Date of Receipt of Tender: 13.01.2025 at 10.30 A.M. to 27.01.2025 upto 5 P.M. via Drop Box at Block Office.
Date of Opening of Tender : 28.01.2025, 11 A.M. in the Conference Hall of BDO, Baripada.
Terms and conditions: Details of the bid documents can be downloaded from the official website of the district (www.mayurbhanj.nic.in) from 13.01.2025 to 27.01.2025. All the terms and conditions can be seen from the above website.
**Sd./- Block Development Officer Baripada**
OIPR-19109/11/0005/2425



**ପୂର୍ବ ତଟ ରେଳପଥ**
Tender Notice No.: eT-M-CD-BBS-DEO-19-25, ତାରିଖ : 08.01.2025
କାର୍ଯ୍ୟର ନାମ : ତିନି ବର୍ଷର ଅବଧି ନିମନ୍ତେ, କୋଚିଂ ଡିପୋ, ଭୁବନେଶ୍ୱରର ପରିସଂଖ୍ୟାନ ଏବଂ ଡାଟା ପରିଚାଳନା କାର୍ଯ୍ୟ ନିର୍ବାହ କରିବା ପାଇଁ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟର ଆଉଟସୋର୍ସିଂ।
ବିଜ୍ଞାପିତ ମୂଲ୍ୟ : ଟ.98,12,179.17
EMD: ଟ. 1,96,300/-, ଟେଣ୍ଡର କାଗଜାତ୍ର ମୂଲ୍ୟ: ଟ. 5,900/-
କାର୍ଯ୍ୟସମାପ୍ତିର ଅବଧି: 36 ମାସ, ବିଡ୍‌ଂ ଆରମ୍ଭ ତାରିଖ:୧୫.୦୧.୨୦୨୫
ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : ତା. 29.01.2025 ରିଖ 1530 ଘଟିକାରେ
ଟେଣ୍ଡର କାଗଜାତର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।
କୋଚିଂ ଡିପୋ ଅଧିକାରୀ ଭୁବନେଶ୍ୱର
PR-888/P/24-25



**ପୂର୍ବତଟ ରେଳପଥ**
Tender Notice No.: SBP-ELECT-2025-T-231, Dtd.: 09.01.2025
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସମ୍ବଲପୁର (SBP) ଷ୍ଟେସନ (୧୨ଗୋଟି ଟାଇପ୍-୨) ଏବଂ ବଲଣ୍ଡା (BONA) ଷ୍ଟେସନ (୨୦ଗୋଟି ଟାଇପ୍-୨)ରେ ମୂଳ କାର୍ଯ୍ୟରୁ ବାକିଥିବା କ୍ୱାର୍ଟର ଗୁଡ଼ିକର ବିଦ୍ୟୁତୀକରଣ କାର୍ଯ୍ୟ (I) ସମ୍ବଲପୁର (SBP) ଠାରେ ପୁରାତନ, ଭାଙ୍ଗିରୁଜି ଯାଇଥିବା କ୍ୱାର୍ଟର (୩୬ଗୋଟି ଟାଇପ୍-୨ ଏବଂ ୨ଗୋଟି ଟାଇପ୍-୪) ଗୁଡ଼ିକୁ ବଦଳାଇବା ଉଦ୍ଦେଶ୍ୟରେ କ୍ୱାର୍ଟର ଗୁଡ଼ିକର ନିର୍ମାଣ (II) ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନର ବିଭିନ୍ନ ଷ୍ଟେସନ ଗୁଡ଼ିକରେ ଇଞ୍ଜିନିୟରିଂ ଏବଂ S & T ବିଭାଗର କର୍ମଚାରୀମାନଙ୍କ ନିମନ୍ତେ, ୭୦ଗୋଟି ଟାଇପ୍-୨ ଏବଂ ୫ଗୋଟି ଟାଇପ୍-୩ କ୍ୱାର୍ଟର ଗୁଡ଼ିକର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.7,08,351.00
EMD : ଟ.14,200/-, କାର୍ଯ୍ୟ ସମାପ୍ତିର ଅବଧି : LOA ଜାରି ହେବା ତାରିଖ ଠାରୁ 3 (ତିନି) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.10.02.2025 ରିଖ 1530 ଘଟିକାରେ
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବ୍‌ସାଇଟ୍ : www.ireps.gov.in
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି), ସମ୍ବଲପୁର
PR-885/P/24-25



**Government of Jharkhand**
**Department of Information Technology and e-Governance**
Jharkhand Mantralaya, Dhurwa, Ranchi-834004
**Tender Notice**

On behalf of the Government of Jharkhand, the **Department of Information Technology & e-Governance** invites online bids (Technical and Commercial) from Service Provider for MPLS network connectivity from **Jharkhand State Data Centre (JHSDC), Ranchi and UIDAI Data Centre at Manesar & Bengaluru including Router Management at UIDAI Data Centre.**
**The Service Provider listed on TRAI website under "Basic Service Provider (https://www.trai.gov.in/basic-service-providers)" and "National Long Distance Service Provider (https://trai.gov.in/national-long-distance-service-providers)" are only eligible to participate in this tender.**
**Total Two(2) Service Providers will be selected on the basis of least quoted price. Each selected Service Provider has to:**
- **Provide MPLS Connectivity from JHSDC to UIDAI's both Data Centres.**
- **Manage Routers at each UIDAI Data Centre.**

For the procurement process, the bidders shall follow the procedure described on e-Tendering website (https://jharkhandtenders.gov.in). Further details about the e-Tendering procedure & its requirements, refer manual available on e-Tendering website.
The tender document will be available on the e-Tendering website and may be downloaded by the interested bidders.
The summary of tender notice is as follows:

| S. No. | Item | Particulars |
|---|---|---|
| 1 | Tender No. | ASA/MPLS/1/2024-UID/001 |
| 2 | Bid Security (EMD) | Rupees Twenty Five Thousand Only (Rs.25000/-) |
| 3 | Availability of Tender Document | 17.01.2025 at 13:00 hrs |
| 4 | Last date for submission of queries through email only | 24.01.2025 at 16:00 hrs. |
| 5 | Pre-Bid Conference (Date, Time & Place) | 27.01.2025 at 16:00 hrs. Department of IT & e-Governance, 3rd Floor, Project Bhawan, Dhurwa, Ranchi – 834004 |
| 6 | Start date of Bid Submission | 30.01.2025 at 10:00 hrs. |
| 7 | Last date of Bid Submission | 07.02.2025 at 18:00 hrs. |
| 8 | Date & Time of opening of Technical Bid | 10.02.2025 at 16:00 hrs. |
| 9 | Date & Time of opening of Financial Bid | To be informed later |
| 10 | Phone No. & Email Address | 0651 – 2970091 uidcellpmu-doit@jharkhandmail.gov.in |

PR 344502 Information Technology(24-25)D
**Sd/- Deputy Secretary to Government**



**कार्यालय नगर पंचायत, खूँटी**
पत्रांक ..............खूँटी, दिनांक ..............
**E-Tender Notice**
**(Through E-Procurement mode only** www.jharkhandtenders.gov.in**)**
**Very short E-Tender Reference No. KNP/09/2024-25**
1. Details of the work: **3rd Call**

| Sl. | Name of work | BOQ (Estimated) Cost (Rs.) | Cost of BOQ | Earnest Money | Time of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Scientific dumpsite land reclamation through Bio-mining at Belahathi dumpsite, Khunti. | 1,43,72,553/- | 10,000/- | 2% of Estimated amount | 03 Months |

2. वेबसाईट पर निविदा प्रकाषन की तिथि एवं समय : दिनांक 18.01.2025 को 3:00 बजे अपराह्न तक।
3. निविदा प्राप्त करने की अंतिम तिथि एवं समय : दिनांक 25.01.2025 को 3:00 बजे अपराह्न।
4. निविदा खोलने की तिथि एवं स्थान : दिनांक 27.01.2025 को 3:00 बजे अपराह्न, कार्यालय नगर पंचायत, खूँटी।
5. निविदा आमंत्रण करने वाले कार्यालय का नाम एवं पताः कार्यालय नगर पंचायत, खूँटी।
6. ई–मेल पता : npkhunti2006@gmail.com
7. विज्ञापनदाता दूरभाष संख्या : 9931406816

नोटः– प्राक्कलित राशि घट–बढ़ सकती है, नियम एवं शर्ते तथा अन्य विवरणी अद्योहस्ताक्षरी के कार्यालय में किसी भी कार्य दिवस पर कार्यालय अवधि में या वेबसाईट www.jharkhandtenders.gov.in पर देखा जा सकता है।
ह0/–
प्रशासक,नगर पंचायत, खूँटी।
PR 344461 Urban Development(24-25)D

## ସଂକ୍ଷେପରେ

### ନାବାଳିକା ଗଣବଳାତ୍କାର, ୫ ଅଟକ

**ରାଉରକେଲା,୧୭।୧(ସଙ୍ଗୀତା ଜେନା):** ବିଶ୍ରା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଶୁକ୍ରବାର ଏକ ମାମଲା (ନଂ.୧୭/୨୫) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ନାବାଳିକା (୧୬) ଜଣଙ୍କ କଲେଜ ଛାତ୍ରୀ ଅଟନ୍ତି। ଗୁରୁବାର ସେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ କେତେଜଣ ଯୁବକ ତାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ପୀଡ଼ିତା ନାବାଳିକା ସେମାନଙ୍କ କବଳରୁ ଖସିଆସି ଥାନାରେ ଅଭିଯୋଗ କରିଥିଲେ। ଅଟକ ଅଭିଯୁକ୍ତମାନଙ୍କ ଡାକ୍ତରୀମାଇନା କରାଯିବା ସହ ଶନିବାର କୋର୍ଟଚାଲାଣ କରାଯିବ ବୋଲି ଡିଏସ୍‌ପି ନିର୍ମଳ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ରାଉରକେଲା,୧୬।୧(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ମ୍ୟୁନିସିପାଲ ହାୟର ସେକେଣ୍ଡରୀ ସ୍କୁଲରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ଛାତ୍ରୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମାଷ୍ଟର ଟ୍ରେନର ନିକ୍କୀ କୁଶ୍ୱାହା, ସ୍ୱାଗତିକା ସାହୁ, ତୁଳସୀ ସାହୁ, ଗାୟତ୍ରୀ ସାହୁ ଏବଂ ଅସମାନୀ ମିଞ୍ଜ ଶିବିର ପରିଚାଳନା କରିଥିଲେ। କୋର୍ଡିନେଟର ଭାବେ କ୍ୟାପ୍‌ଟେନ ସତ୍ୟ ନାରାୟଣ ରାଉତ ଏବଂ ଭାଗ୍ୟଲକ୍ଷ୍ମୀ ବେହେରା ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗୋଲକ ବିହାରୀ ଦଳବେହେରା, ବିଜୟ କୁମାର ପାଢ଼ୀ ଏବଂ ଦୀପ୍ତିରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

### ଡା. ଏସ୍. ଏସ୍. ଦାଶଙ୍କ ଶ୍ରାଦ୍ଧ ବାର୍ଷିକୀ

**ରାଉରକେଲା,୧୭।୧(ସଙ୍ଗୀତା ଜେନା):** ସାମାଜିକ କର୍ମୀ ଡ. ଶ୍ୟାମସୁନ୍ଦର ଦାଶଙ୍କ ୧୨ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜଗଦାସ୍ଥିତ ଜଗଦା ସାଂସ୍କୃତିକ ପରିଷଦ (ଜେଏସ୍‌ପି) ଅନ୍ତର୍ଗତ ମା' ବାଟ ମଙ୍ଗଳା ଶକ୍ତିପୀଠରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଡା. ଅଶୋକ ଧଳ ଏବଂ ଅହଲ୍ୟା ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ, ବୀଣାପାଣି ପଟ୍ଟନାୟକ, ହେମନ୍ତ କର, ଯୋଗେନ୍ଦ୍ର ରଣା, ଧର୍ମାନନ୍ଦ ପୃଷ୍ଟି, ରବି ଦାସ, କମଳା ଚରଣ ନାୟକ, ପଙ୍କଜ ସାମନ୍ତରାୟ, ବିଜୟ ରଥ, ତ୍ରିଲୋଚନ ପରିଡ଼ାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଏଥିରେ ଯୋଗଦେଇ ଦିବଂଗତ ଡା. ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସ୍ମୃତିଚାରଣ କରିଥିଲେ।



କାର୍ଯ୍ୟକ୍ରମରେ ସାମାଜିକ କର୍ମୀଙ୍କ ସ୍ମୃତିଚାରଣ କରାଯାଉଛି।

# ଭାରତ ବ୍ୟାଟେରି ଉତ୍ପାଦନରେ ଅଧିକ ଆତ୍ମନିର୍ଭର ହେବ

### ମ୍ୟାଗ୍ନେସିୟମ୍ ଭିତ୍ତିକ କ୍ୟାଥୋଡ୍ ସାମଗ୍ରୀ ବିକଶିତ କଲା ଏନ୍‌ଆଇଟି

**ରାଉରକେଲା,୧୭।୧(ସଙ୍ଗୀତା ଜେନା)**



ଗବେଷଣାରେ ସଫଳ ହୋଇଥିବା ଟିମ୍।

ରାଉରକେଲା ଏନ୍‌ଆଇଟି ଗବେଷକମାନେ ଲିଥିୟମ୍ ଆୟନ ବ୍ୟାଟେରି ପାଇଁ ଏକ ନୂତନ ଶ୍ରେଣୀର କ୍ୟାଥୋଡ୍ ସାମଗ୍ରୀ ବିକଶିତ କରିଛନ୍ତି। ଯାହା କୋବାଲ୍ଟ ଭିତ୍ତିକ ଡିଜାଇନର ଏକ ଆଶାଜନକ ବିକଳ୍ପ ଭାବେ ଉପସ୍ଥାପନ ହୋଇଛି। ପାରମ୍ପରିକ ଲିଥିୟମ୍ ଆୟନ ବ୍ୟାଟେରିର ଏକ ପ୍ରମୁଖ ଉପାଦାନ କୋବାଲ୍ଟ ହ୍ରାସମୂଲ୍ୟ ଏବଂ ପରିବେଶଗତ ଚିନ୍ତା ସହିତ ଜଡ଼ିତ ଅଟେ। ସେରାମିକ ଇଞ୍ଜିନିୟରିଂ ଆସୋସିଏଟ୍ ପ୍ରଫେସର ପାର୍ଥ ସାହାଙ୍କ ନେତୃତ୍ୱରେ ଗବେଷକ ଦଳରେ ଥିବା ପ୍ରଫେସର ସଞ୍ଜୟ ଦତ୍ତ, ରିସର୍ଚ୍ଚ ଗ୍ରାଜୁଏଟ୍ ଡ. ସୌମ୍ୟଶ୍ରୀ ଜେନା, ରିସର୍ଚ୍ଚ ସ୍କଲାର ଅଭିଷେକ କୁମାର ପ୍ରମୁଖ ମ୍ୟାଗ୍ନେସିୟମ୍ ଓ ନିକେଲ ବ୍ୟବହାର କରି କୋବାଲ୍ଟ ମୁକ୍ତ କ୍ୟାଥୋଡ୍ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। ଏହି ପଦାର୍ଥଗୁଡ଼ିକ ଲିଥିୟମ୍ ଆୟନର ଗତିକୁ ବୃଦ୍ଧି କରିବା ସହ ଉକ୍ତ ବ୍ୟାଟେରିର କାର୍ଯ୍ୟଦକ୍ଷତାରେ ଉନ୍ନତି, ଅଧିକ ସ୍ଥିରତା, କ୍ଷମତା ଓ ଦୀର୍ଘସ୍ଥାୟୀ ଶକ୍ତି ସଂରକ୍ଷଣ ହୋଇଥାଏ। ସ୍ମାର୍ଟଫୋନ୍, ଲ୍ୟାପଟପ୍ ଓ ଇଲେକ୍ଟ୍ରିକ୍ ଯାନ (ଇଭି) ଭଳି ଉପକରଣଗୁଡ଼ିକୁ ଶକ୍ତି ପ୍ରଦାନ କରୁଥିବା ଲିଥିୟମ୍ ଭିତ୍ତିକ କ୍ୟାଥୋଡ୍ ବ୍ୟବହାର କରିଥାଏ। ଉକ୍ତ କୋବାଲ୍ଟ କ୍ୟୁବା, ମାଡାଗାସ୍କର ଓ ପପୁଆ ନ୍ୟୁଗିନି ଭଳି ହାତଗଣତି ଦେଶରେ ଅଳ୍ପ ପରିମାଣରେ ଉପଲବ୍ଧ ରହିଛି। ଏହାର ଖନନ ସହ ପରିବେଶ ଓ ନୈତିକ ସମସ୍ୟା ଜଡ଼ିତ ରହିଛି। ଅପରପକ୍ଷେ ସମ୍ପ୍ରତି ଇଭି ଓ ଲିଥିୟମ ବ୍ୟାଟେରିର ଚାହିଦା ବଢ଼ୁଛି। ବିଶ୍ୱବ୍ୟାପୀ କୋବାଲ୍ଟ ଯୋଗାଣକୁ ନେଇ ଆକଳନ କରାଯାଇଛି। ୨୦୫୦ ମସିହା ସୁଦ୍ଧା ଏହାର ଚାହିଦା ପୂରଣ ହେବା ନେଇ ଆଶା କ୍ଷୀଣ ରହିଛି। ଏନ୍‌ଆଇଟି ଗବେଷକ ଦଳ ଏକ ମ୍ୟାଗ୍ନେସିୟମ୍ ଭିତ୍ତିକ କ୍ୟାଥୋଡ୍ ସାମଗ୍ରୀ ବିକଶିତ କରିବାରେ ସଫଳ ହୋଇଛି। ଏପରିକି ଏହି ନୂତନ ଗବେଷଣାକୁ ପେଟେଣ୍ଟ କରିବାକୁ ଆବେଦନ କରାଯାଇଛି। ସେହିପରି ଇଭିମାନଙ୍କରେ ବ୍ୟବହୃତ ମ୍ୟାଗ୍ନେସିୟମ୍ ଭାରତର ତାମିଲନାଡୁ, ଉତ୍ତରାଖଣ୍ଡ, କର୍ଣ୍ଣାଟକ ଆଦି ରାଜ୍ୟରେ ବିପୁଳ ପରିମାଣରେ ସଂରକ୍ଷିତ ରହିଛି। ଏହା ପରିବେଶ ଦୃଷ୍ଟିରୁ ସୁରକ୍ଷିତ ଅଟେ। ଏହି ଗବେଷଣା ସମ୍ପର୍କରେ ସୂଚନା ପ୍ରଦାନ କରି ଶୁକ୍ରବାର ଡ. ପାର୍ଥ ସାହା କହିଛନ୍ତି, ୧ଶହ ଚାର୍ଜ ଡିସ୍‌ଚାର୍ଜ ଚକ୍ର ପରେ ନୂତନ କ୍ୟାଥୋଡ୍ ଏହାର ମୂଳ କ୍ଷମତାର ୭୪.୩ ପ୍ରତିଶତ ବଜାୟ ରଖେ। ଏହି ଉଦ୍ଭାବନର ଅନେକ ସୁଦୂରପ୍ରସାରୀ ଲାଭ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟବହାର ରହିବ। କମ୍ ଖର୍ଚ୍ଚରେ ଇଲେକ୍ଟ୍ରିକ୍ ଯାନ ପାଇଁ ଉନ୍ନତ କାର୍ଯ୍ୟଦକ୍ଷତା ବ୍ୟାଟେରି ତିଆରି କରାଯାଇପାରିବ। ଏହାସହ ନବୀକରଣ ଶକ୍ତି କ୍ଷେତ୍ରରେ ଭାରତର ଲକ୍ଷ୍ୟ ପୂରଣ କରିବା ସହଜ ହେବ। ଶସ୍ତା ଶକ୍ତି ସଂରକ୍ଷଣ ଦ୍ୱାରା ନିରନ୍ତର ବିକାଶ ସୁଦୃଢ଼ ହେବ। ସେହିପରି ଏହି ଉଦ୍ଭାବନ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ପାଇବ ଏବଂ ଭାରତ ବ୍ୟାଟେରି ଉତ୍ପାଦନରେ ଅଧିକ ଆତ୍ମନିର୍ଭରଶୀଳ ହେବ। ବିଶ୍ୱ ଶକ୍ତି ବଜାରରେ ଭାରତର ଅଧିକ ଆଧିପତ୍ୟ ରହିପାରିବ ବୋଲି ସାହା କହିଥିଲେ। ସୂଚନାଯୋଗ୍ୟ, ଏହି ଗବେଷଣା ଭାରତ ସରକାରଙ୍କ ଇଲେକ୍ଟ୍ରିକ୍ ଯାନ ଅଭିଯାନ ଅନୁଯାୟୀ କରାଯାଇଛି। ଏଥିରେ ମେକ୍ ଇନ୍ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ଭଳି ପଦକ୍ଷେପ ଅଧୀନରେ ସ୍ୱଦେଶୀ ବ୍ୟାଟେରି ପ୍ରଯୁକ୍ତି ବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଇଛି।

# ସନାତନ ଧର୍ମ ବିଶ୍ୱର ଶ୍ରେଷ୍ଠ ଧର୍ମ

### ଜ୍ଞାନ ବିକାଶ କେନ୍ଦ୍ରର ସାହିତ୍ୟ ମହୋତ୍ସବ

**ରାଉରକେଲା,୧୭।୧(ଦିନେଶ ମିଶ୍ର)**

ରାଉରକେଲା ଜେଲ ରୋଡ୍‌ସ୍ଥିତ ପଦ୍ମାବତୀ ମେମୋରିଆଲ ହଲ୍‌ରେ ଜ୍ଞାନ ବିକାଶ କେନ୍ଦ୍ରର ମାସିକ ସାହିତ୍ୟ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଞ୍ଜିନିୟର ଅଭୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱାମୀ ବିବେକାନନ୍ଦ ଜଗତର ସାମୂହିକ କଲ୍ୟାଣ ପାଇଁ ଚିନ୍ତା କରୁଥିଲେ। ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ ସ୍ୱାମୀଜୀ ଆମେରିକାର ଚିକାଗୋ ସହରରେ ଉଦ୍‌ବୋଧନ ଦେଇ ସନାତନ ହିଁ ବିଶ୍ୱର ଶ୍ରେଷ୍ଠ ଧର୍ମ ବୋଲି ପ୍ରମାଣିତ କରିଥିଲେ ବୋଲି ଦାସ କହିଥିଲେ। ଡ. ନିଶିକାନ୍ତ ମିଶ୍ର ଓ ଡ. ପରମେଶ୍ୱର ଶତପଥୀ ସମ୍ମାନିତ ଅତିଥି ଏବଂ ଡ. ପରମେଶ୍ୱର ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସ୍ୱାମୀଜୀଙ୍କ ଜୀବନୀ ଓ ନୀତି ଆଦର୍ଶ ଉପରେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷ ଅନୀଲ କୁମାର ଦାଶ ମଞ୍ଚ ପରିଚାଳନା ଓ ସାଧାରଣ ସମ୍ପାଦକ ପ୍ରଫେସର ଡ. ସୁବାସ ଚନ୍ଦ୍ର ଲେଙ୍କା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଲଲାଟେନ୍ଦୁ ଚୌଧୁରୀଙ୍କୁ ସମାଜସେବା ରତ୍ନ ଓ ଦିଗମ୍ବର ପାଢ଼ୀଙ୍କୁ ଉତ୍କଳ ସେବାରତ୍ନରେ ସମ୍ମାନିତ କରାଯାଇଥିଲା। ପରେ ୨୫ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତା ପାଠୋତ୍ସବରେ କବି ବଳରାମ ଦାଶ ସଭାପତିତ୍ୱ କରିଥିଲେ। ସଞ୍ଜୀବ ମାଇତି ଓ କବି ଉର୍ବଶୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ୨୦୨୫-୨୬ ପାଇଁ ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଥିଲା। ପ୍ରସନ୍ନ କୁମାର ସାହୁ, ଜଗନ୍ନାଥ ରାଉତ, ଅକ୍ଷୟ କୁମାର ଧଳ, ସୁଶାନ୍ତ ନାୟକ, ସୁନୀଲ ଦାଶ ପ୍ରମୁଖ ସହଯୋଗ କରିଥିଲେ। କବି ବ୍ରହ୍ମାନନ୍ଦ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

# ୧୮ରେ ବିପିୟୁଟିର ଇଣ୍ଡଷ୍ଟ୍ରି ଏକାଡେମିକ୍ କନ୍‌କ୍ଲେଭ




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

**ରାଉରକେଲା,୧୭।୧(ଦିନେଶ ମିଶ୍ର)**

ରାଉରକେଲା ବିପିୟୁଟି କନ୍‌ଫରେନ୍ସ ହଲରେ ବିପିୟୁଟିର ଉପକୁଳସଚିବ ଡକ୍ଟର ପ୍ରଫେସର ଅମୀୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଡକ୍ଟର ରଥ କହିଥିଲେ, ଆସନ୍ତା ୧୮ ଓ ୧୯ ତାରିଖ ଦୁଇଦିନ ଧରି ବିପିୟୁଟି ପକ୍ଷରୁ ଇଣ୍ଡଷ୍ଟ୍ରି ଏକାଡେମିକ୍ କନ୍‌କ୍ଲେଭ ଅନୁଷ୍ଠିତ ହେବ। ଏହି କନ୍‌କ୍ଲେଭରେ ଓଡିଶାର ପ୍ରାୟ ୬୦ଟି କଲେଜରୁ ୨ଶହ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିବେ। ଏହି କନ୍‌କ୍ଲେଭରେ ବିଭିନ୍ନ ଇଣ୍ଡଷ୍ଟ୍ରି ଓ ଆଇଟି ବିଭାଗ ସମେତ ପ୍ରାୟ ୫୦ଟି କମ୍ପାନୀ ଅଂଶଗ୍ରହଣ କରିବେ। ଏଥିରେ ବିଶେଷ କରି ଆଇଟ୍ ଏଣ୍ଡ ସର୍ଭିସ୍, ମାନୁଫାକ୍ଚରିଂ ଇଣ୍ଡଷ୍ଟ୍ରି, ଏଗ୍ରିକଲ୍ଚର ଏଣ୍ଡ ଫୁଡ, ଏନର୍ଜି ଏଣ୍ଡ କ୍ଲାଇମେଟ୍, ମ୍ୟାନେଜମେଣ୍ଟ ଏଣ୍ଡ ସର୍ଭିସ, ସ୍କିଲ ଅଫ କ୍ୱାଲିଟି ଏଜୁକେଶନ ଅଫ ଓଡିଶା ଭଳି ପ୍ରାୟ ଏକାଧିକ ବିଷୟ ବସ୍ତୁ ଉପରେ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାର ମାନ ପ୍ରଦାନ କରାଯିବ। ଏଥିସହ ଇଣ୍ଡଷ୍ଟ୍ରି ଏକାଡେମିକ୍ କନ୍‌କ୍ଲେଭରେ ଅଂଶଗ୍ରହଣ କରୁଥିବା ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କ ଦକ୍ଷତା, ଟେକ୍ନୋଲୋଜିର କୌଶଳତା, ସମ୍ପର୍କ ବିକାଶ ଭଳି ଉଚ୍ଚଶିକ୍ଷାର ଅନୁଭୂତି ମିଳିବ। ଯାହା ପ୍ରତ୍ୟକ ଦକ୍ଷତା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି କ୍ଷେତ୍ରରେ ସହାୟକ ହେବ ବୋଲି ଉପକୁଳସଚିବ ରଥ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ପ୍ରଫେସର ବିକ୍ରମ ଆଦିତ୍ୟ, ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ, ପ୍ରଫେସର ମାନସ ରଞ୍ଜନ ନାୟକ, ଡ. ଆର୍ଯ୍ୟ ପଟ୍ଟନାୟକ, ପ୍ରଫେସର ଶିବ କୁମାର ମିଶ୍ର, ପିୟୂଷ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।

### ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଠାବ

**ରାଉରକେଲା,୧୭।୧(ସଙ୍ଗୀତା ଜେନା)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଶୁକ୍ରବାର ସକାଳେ ଏକ ମାଓବାଦୀ କ୍ୟାମ୍ପ ଠାବ କରାଯାଇଛି। ମାଓବାଦୀ ଦମନ ପାଇଁ କୋମ୍ବିଂ ଅପରେଶନ ସମୟରେ ଏହି କ୍ୟାମ୍ପ ଠାବ କରାଯାଇଥିଲା। ଗୋଇଲକେରା ଥାନା ଅନ୍ତର୍ଗତ ବୋରାସିଓ ନିକଟସ୍ଥ ଜଙ୍ଗଲ କ୍ଷେତ୍ରର ଏକ ପୁରୁଣା ମାଓବାଦୀ କ୍ୟାମ୍ପ ଠାବ କରାଯାଇ ନଷ୍ଟ କରାଯାଇଥିଲା। ଏଥିରୁ ୩ ୱାକିଟକି, ୨ ଚାର୍ଜର, ରଶି, ଇଲେକ୍ଟ୍ରିକ୍ ତାର ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୨୩ ଅକ୍ଟୋବର ୧୦ରୁ ସୀମାନ୍ତରେ ମାଓବାଦୀ ଦମନ ପାଇଁ ସୁରକ୍ଷାବଳ ଏବଂ ସ୍ଥାନୀୟ ପୋଲିସ ଦ୍ୱାରା କୋମ୍ବିଂ ଅପରେଶନ କରାଯାଉଛି।

# ୨୫ ଯାଏ ଚାଲିବ ଆତ୍ମରକ୍ଷା ତାଲିମ ଶିବିର

**ରାଉରକେଲା,୧୬।୧(ବିପ୍ଳବ ରଞ୍ଜନ ଦାଶ)**



ଆତ୍ମରକ୍ଷା ତାଲିମ ଶିବିରକୁ ଉଦଘାଟନ କରାଯାଉଛି।

ରାଉରକେଲା ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଉପଶାସ୍ତ୍ରୀ ପ୍ରଥମ ବର୍ଷର ୩୧ତମ ଛାତ୍ରୀ ବର୍ଗ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ଶିବିରରେ ପ୍ରଶିକ୍ଷିକା ଜୟାକୁମାରୀ ସିଂହ ଏବଂ ତେଜସ୍ୱିନୀ ଶତପଥୀ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ଦେଉଛନ୍ତି। ଏହି ଶିବିର ଆସନ୍ତା ୨୫ତାରିଖ ଯାଏ ଚାଲିବ। କାର୍ଯ୍ୟକ୍ରମ ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ଦାସ ଓ ଶ୍ୟାମମାଳା ଦାଶ ପ୍ରତ୍ୟେକ ଛାତ୍ରୀଙ୍କୁ ସଙ୍ଗଠିତ ଉପାୟରେ ପ୍ରଶିକ୍ଷିତ କରାଇବେ। ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ, ପରମେଶ୍ୱର ଶତପଥୀ, କେଦାର ନାଥ ପାଢ଼ୀ, କାଳୀକିଙ୍କର ପଣ୍ଡା, ସନ୍ତୋଷ କୁମାର ଲେଙ୍କା ଓ ରବୀନ୍ଦ୍ର କୁମାର ପୃଷ୍ଟି ସହଯୋଗ କରିଥିଲେ।

# ସ୍ମାର୍ଟସିଟି ବଜାରରେ ହ୍ୟୁଣ୍ଡାଇ କ୍ରିଏଟା ଇଲେକ୍ଟ୍ରିକାଲ କାର

**ରାଉରକେଲା,୧୭।୧(ଦିନେଶ ମିଶ୍ର)**




ଅତିଥିମାନେ କାର୍‌ର ଶୁଭ ଉଦ୍‌ଘାଟନ କରୁଛନ୍ତି।

ସ୍ମାର୍ଟସିଟି ରାଉରକେଲା ବଜାରରେ ନୂତନ ଭାବେ ହୋଣ୍ଡାଇ କ୍ରିଏଟା ଇଲେକ୍ଟ୍ରିକାଲ କାର୍‌ର ଉଦ୍‌ଘାଟନୀ ଉତ୍ସବ ବେଦବ୍ୟାସସ୍ଥିତ କୋସଲା ହୋଣ୍ଡାଇ ଶୋ' ରୁମ୍ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିପିୟୁଟିର ଉପ କୁଳସଚିବ ପ୍ରଫେସର ଡକ୍ଟର ଅମିୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଇଲେକ୍ଟ୍ରିକାଲ କାର୍‌ର ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗର ଭାରପ୍ରାପ୍ତ ଅଧିକାରୀ ସୁଦୀପ ପାଲ୍ ଚୌଧୁରୀ, ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ଓ ପ୍ରଫେସର ରାଜୀବ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କୋସଲା ହୋଣ୍ଡାଇର ନିର୍ଦ୍ଦେଶିକା ପଦ୍ମିନୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ହୋଣ୍ଡାଇ କ୍ରିଏଟା ଇଲେକ୍ଟ୍ରିକାଲ କାରରେ ୧୭ ଇଞ୍ଚର ଏଲୋହ୍ୱିଲ୍ ବ୍ୟବସ୍ଥା ସାଙ୍ଗକୁ ୫୧ କିଲୋ ୱାଟ୍ ବ୍ୟାଟେରି ବ୍ୟବସ୍ଥା ରହିଛି। ଏହି ବ୍ୟାଟେରି ଥରେ ଚାର୍ଜ କଲେ ଏକାଥରେ ୪୭୩ କିଲୋମିଟର ଯାତ୍ରା କରିପାରିବେ। ଜଣେ ଗ୍ରାହକ ମାଇଁ ହୁଣ୍ଡାଇ ଆପ୍ ଚାର୍ଜିଂକୁ ଯାଇ ତାର ପରବର୍ତ୍ତୀ ଚାର୍ଜିଂ ପଏଣ୍ଟ ସ୍ଥାନ ପାଇପାରିବେ। ଏଥିସହ ଏହି ଇଲେକ୍ଟ୍ରିକାଲ କାର୍ ଜିରୋ ପଲ୍ୟୁଶନ ସହ ପାୱାର ଷ୍ଟିୟରିଂ ବ୍ୟବସ୍ଥା ଓ ସିଙ୍ଗଲ ପେଡାଲ ଡ୍ରାଇଭ, ଆଇ ପେଡାଲ ଟେକ୍ନୋଲୋଜି, ଡୁଏଲଜୋନ ଅଟୋ କ୍ଲାଇମେଟ୍ କଣ୍ଟ୍ରୋଲ, ଡିଜିଟାଲ କି ସୁବିଧା ରହିଛି। ସେହିଭଳି ୪୨ କିଲୋୱାଟ୍ ବ୍ୟାଟେରି ସଂଯୋଗ ହୋଇଥିବା ହୋଣ୍ଡାଇ କ୍ରିଏଟା କାର୍ ଥରେ ଚାର୍ଜ କଲେ ୩୯୦ କିଲୋମିଟର ଯାତ୍ରା କରିବ ବୋଲି କୁହାଯାଇଛି। ଏହି କାର୍‌ର ଟପ୍ ମଡେଲ ଏକ୍ସ ଶୋ'ରୁମ୍ ମୂଲ୍ୟ ୨୩ ଲକ୍ଷ ୪୯ ହଜାର ୯ଶହ ଟଙ୍କା ରହିଥିବାବେଳେ ହୋଣ୍ଡାଇ କ୍ରିଏଟା ଇଲେକ୍ଟ୍ରିକାଲ କାର୍‌ର ଦାମ୍ ୧୭ ଲକ୍ଷ ୯୯ ହଜାର ଟଙ୍କା ରହିଛି। ଏହି କାର୍ ବ୍ଲାକ୍ ପରପଲ, ଓସିଏନ୍ ସିନେ ବ୍ଲୁ ଭଳି ୮ଟି ରଙ୍ଗରେ ଉପଲବ୍ଧ ରହିଛି। ହୋଣ୍ଡାଇ କ୍ରିଏଟା ଇଲେକ୍ଟ୍ରିକାଲ କାର୍ ମାତ୍ର ୫୮ ମିନିଟ୍‌ରେ ୧୦ରୁ ୮୦ ପ୍ରତିଶତ ଚାର୍ଜିଂ ହେବାର ବ୍ୟବସ୍ଥା ରହିଛି। ଏହି ଅବସରରେ କୋସଲା ହୋଣ୍ଡାଇ ଶୋ'ରୁମ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଶୋ'ରୁମ୍‌ର ଜେନେରାଲ ମ୍ୟାନେଜର ବର୍ଣ୍ଣୋଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


**PANCHAYAT SAMITI, BARIPADA**

**TENDER CALL NOTICE** No. i-418

BDO, Baripada invites sealed tender on behalf of Govt. of Odisha for the following work in conformity with the DTCN. BID Identification No.20-2024-25/BDO, BARIPADA, 21-2024-25 BDO, BARIPADA & 22/2024-25/BDO, BARIPADA.

Name of the work: **"Construction of Model AWC Center at Dumapada, Khadisole"**
**"Construction of Model AWC Center at Gopalpur, Sankhbhanga"**
**"Construction of Model AWC Center at Bhagabandh, Bhagabatachandrapur"**

Date of Receipt of Tender: 13.01.2025 at 10.30 A.M. to 27.01.2025 upto 5 P.M. via Drop Box at Block Office.
Date of Opening of Tender : 28.01.2025, 11 A.M. in the Conference Hall of BDO, Baripada.
Terms and conditions: Details of the bid documents can be downloaded from the official website of the district (www.mayurbhanj.nic.in) from 13.01.2025 to 27.01.2025. All the terms and conditions can be seen from the above website.

**Sd./- Block Development Officer Baripada**
OIPR-19109/11/0005/2425



**ପୂର୍ବ ତଟ ରେଳପଥ**

Tender Notice No.: eT-M-CD-BBS-DEO-19-25, ତାରିଖ : 08.01.2025
କାର୍ଯ୍ୟର ନାମ : ତିନି ବର୍ଷର ଅବଧି ନିମନ୍ତେ, କୋଚିଂ ଡ଼ିପୋ, ଭୁବନେଶ୍ୱରର ପରିସଂଖ୍ୟାନ ଏବଂ ଡାଟା ପରିଚାଳନା କାର୍ଯ୍ୟ ନିର୍ବାହ କରିବା ପାଇଁ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟର ଆଉଟ୍‌ସୋର୍ସିଂ।
ବିଜ୍ଞାପିତ ମୂଲ୍ୟ : ଟ.98,12,179.17
EMD: ଟ. 1,96,300/-, ଟେଣ୍ଡର କାଗଜାତ୍ ମୂଲ୍ୟ: ଟ. 5,900/-
କାର୍ଯ୍ୟସମାପ୍ତିର ଅବଧି: 36 ମାସ, ବିଡ୍ଡିଂ ଆରମ୍ଭ ତାରିଖ:୧୫.୦୧.୨୦୨୫
ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : ତା. 29.01.2025 ରିଖ 1530 ଘଟିକାରେ
ଟେଣ୍ଡର କାଗଜାତର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।
କୋଚିଂ ଡିପୋ ଅଧିକାରୀ ଭୁବନେଶ୍ୱର
PR-888/P/24-25



**ପୂର୍ବତଟ ରେଳପଥ**

Tender Notice No.: SBP-ELECT-2025-T-231, Dtd.: 09.01.2025
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସମ୍ବଲପୁର (SBP) ଷ୍ଟେସନ (୧୨ଗୋଟି ଟାଇପ୍-୨) ଏବଂ ବଲଣ୍ଡା (BONA) ଷ୍ଟେସନ (୨୦ଗୋଟି ଟାଇପ୍-୨)ରେ ମୂଳ କାର୍ଯ୍ୟରୁ ବାକିଥିବା କ୍ୱାର୍ଟର ଗୁଡ଼ିକର ବିଦ୍ୟୁତୀକରଣ କାର୍ଯ୍ୟ (I) ସମ୍ବଲପୁର (SBP) ଠାରେ ପୁରାତନ, ଭାଙ୍ଗିରୁଜି ଯାଇଥିବା କ୍ୱାର୍ଟର (୩୬ଗୋଟି ଟାଇପ୍-୨ ଏବଂ ୨ଗୋଟି ଟାଇପ୍-୪) ଗୁଡ଼ିକୁ ବଦଳାଇବା ଉଦ୍ଦେଶ୍ୟରେ କ୍ୱାର୍ଟର ଗୁଡ଼ିକର ନିର୍ମାଣ (II) ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନର ବିଭିନ୍ନ ଷ୍ଟେସନ ଗୁଡ଼ିକରେ ଇଞ୍ଜିନିୟରିଂ ଏବଂ S & T ବିଭାଗର କର୍ମଚାରୀମାନଙ୍କ ନିମନ୍ତେ, ୭୦ଗୋଟି ଟାଇପ୍-୨ ଏବଂ ୫ଗୋଟି ଟାଇପ୍-୩ କ୍ୱାର୍ଟର ଗୁଡ଼ିକର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.7,08,351.00
EMD : ଟ.14,200/-, କାର୍ଯ୍ୟ ସମାପ୍ତିର ଅବଧି : LOA ଜାରି ହେବା ତାରିଖ ଠାରୁ 3 (ତିନି) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.10.02.2025 ରିଖ 1530 ଘଟିକାରେ
ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି), ସମ୍ବଲପୁର
PR-885/P/24-25



**Government of Jharkhand**
**Department of Information Technology and e-Governance**
Jharkhand Mantralaya, Dhurwa, Ranchi-834004

**Tender Notice**

On behalf of the Government of Jharkhand, the **Department of Information Technology & e-Governance** invites online bids (Technical and Commercial) from Service Provider for MPLS network connectivity from **Jharkhand State Data Centre (JHSDC), Ranchi and UIDAI Data Centre at Manesar & Bengaluru including Router Management at UIDAI Data Centre.**

**The Service Provider listed on TRAI website under "Basic Service Provider (https://www.trai.gov.in/basic-service-providers)" and "National Long Distance Service Provider (https://trai.gov.in/national-long-distance-service-providers)" are only eligible to participate in this tender.**

**Total Two(2) Service Providers will be selected on the basis of least quoted price. Each selected Service Provider has to:**
- **Provide MPLS Connectivity from JHSDC to UIDAI's both Data Centres.**
- **Manage Routers at each UIDAI Data Centre.**

For the procurement process, the bidders shall follow the procedure described on e-Tendering website (https://jharkhandtenders.gov.in). Further details about the e-Tendering procedure & its requirements, refer manual available on e-Tendering website.
The tender document will be available on the e-Tendering website and may be downloaded by the interested bidders.
The summary of tender notice is as follows:

| S. No. | Item | Particulars |
|---|---|---|
| 1 | Tender No. | ASA/MPLS/1/2024-UID/001 |
| 2 | Bid Security (EMD) | Rupees Twenty Five Thousand Only (Rs.25000/-) |
| 3 | Availability of Tender Document | 17.01.2025 at 13:00 hrs |
| 4 | Last date for submission of queries through email only | 24.01.2025 at 16:00 hrs. |
| 5 | Pre-Bid Conference (Date, Time & Place) | 27.01.2025 at 16:00 hrs. Department of IT & e-Governance, 3rd Floor, Project Bhawan, Dhurwa,Ranchi – 834004 |
| 6 | Start date of Bid Submission | 30.01.2025 at 10:00 hrs. |
| 7 | Last date of Bid Submission | 07.02.2025 at 18:00 hrs. |
| 8 | Date & Time of opening of Technical Bid | 10.02.2025 at 16:00 hrs. |
| 9 | Date & Time of opening of Financial Bid | To be informed later |
| 10 | Phone No. & Email Address | 0651 – 2970091 uidcellpmu-doit@jharkhandmail.gov.in |

PR 344502 Information Technology(24-25)D
**Sd/- Deputy Secretary to Government**



**कार्यालय नगर पंचायत, खूँटी**
पत्रांक ..............खूँटी, दिनांक ..............
**E-Tender Notice**

**(Through E-Procurement mode only** www.jharkhandtenders.gov.in**)**
**Very short E-Tender Reference No. KNP/09/2024-25**

1. Details of the work: **3rd Call**

| Sl. | Name of work | BOQ (Estimated) Cost (Rs.) | Cost of BOQ | Earnest Money | Time of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Scientific dumpsite land reclamation through Bio-mining at Belahathi dumpsite, Khunti. | 1,43,72,553/- | 10,000/- | 2% of Estimated amount | 03 Months |

2. वेबसाईट पर निविदा प्रकाषन की तिथि एवं समय : दिनांक 18.01.2025 को 3:00 बजे अपराह्न तक।
3. निविदा प्राप्त करने की अंतिम तिथि एवं समय : दिनांक 25.01.2025 को 3:00 बजे अपराह्न।
4. निविदा खोलने की तिथि एवं स्थान : दिनांक 27.01.2025 को 3:00 बजे अपराह्न, कार्यालय नगर पंचायत, खूँटी।
5. निविदा आमंत्रण करने वाले कार्यालय का नाम एवं पता: कार्यालय नगर पंचायत, खूँटी।
6. ई–मेल पता : npkhunti2006@gmail.com
7. विज्ञापनदाता दूरभाष संख्या : 9931406816

नोटः– प्राक्कलित राशि घट–बढ़ सकती है, नियम एवं शर्तें तथा अन्य विवरणी अद्योहस्ताक्षरी के कार्यालय में किसी भी कार्य दिवस पर कार्यालय अवधि में या वेबसाईट www.jharkhandtenders.gov.in पर देखा जा सकता है।

ह0/–
प्रशासक,नगर पंचायत, खूँटी।
PR 344461 Urban Development(24-25)D

# ଦେବଗଡ଼ ଜିଲାରେ ହାତୀ ଉପଦ୍ରବ ଅନିୟନ୍ତ୍ରିତ

**ଦେବଗଡ଼,୧୭।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ ଗତ କିଛିଦିନ ହେଲା ହାତୀ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ହାତୀ ଉପଦ୍ରବ ଯୋଗୁ ଜିଲାବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହୋବ ସହ ଧନଜୀବନ ହରାଉଛନ୍ତି। ଜିଲାରେ ହାତୀ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଆବଶ୍ୟକ ସଂଖ୍ୟକ ବନ କର୍ମଚାରୀଙ୍କ ଅଭାବ ପରିସ୍ଥିତିକୁ ଅଧିକ ଜଟିଳ କରୁଛି। ଗତ ସୋମବାର ବିଳମ୍ବିତ ରାତିରେ ରିଆମାଳ ବନାଞ୍ଚଳ ସଂଘାପଶି ଗ୍ରାମର କୁନୀ ବେହେରା (୫୦) ଜଣେ ମହିଳାଙ୍କୁ ଏକ ହାତୀ କଚାଡ଼ି ମାରିଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ହାତୀ ଘଉଡାଉଥିବା କୁରଡପୋଶି ଗ୍ରାମର ଜଣେ ବନ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ବନ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଆବାହକତ୍ୱ ଓ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ବିକାଶ ଭବନରେ ଏକ ଜରୁରୀକାଳିନ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାୟକ ବିଶ୍ୱାଳଙ୍କ ସମେତ ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ସହକାରୀ ବନ ସଂରକ୍ଷିକା ସ୍ୱାଧୀନତା ସାହାଣୀ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଜିଲା ପରିଷଦ ସଦସ୍ୟା ବାସନ୍ତୀ ସେଠୀ, ଜିଲା ବିଜେଡି ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁ ଓ ଟିପିଡବ୍ଲୁଓଡିଏଲର ନିର୍ବାହୀ ଯନ୍ତ୍ରୀ ରାଜୁ ସାହାଙ୍କ ସମେତ ଚଢେଇମରା, କୁଣ୍ଢେଇଗୋଳା, ନୂଆଁପଡା ଓ ତୁଙ୍ଗାମାଳ ଆଦି ପଞ୍ଚାୟତର ବହୁ ସରପଞ୍ଚ, ସମିତି ସଦସ୍ୟ ଓ ଜନସାଧାରଣ ଯୋଗଦେଇଥିଲେ। ଏପରି କି ପଡୋଶୀ ଅନୁଗୋଳ ଜିଲା ପାଟକୁମୁଣ୍ଡା ପଞ୍ଚାୟତର ବହୁ ଲୋକ ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ଜନସାଧାରଣ ଓ ନିର୍ବାଚିତ ଲୋକ ପ୍ରତିନିଧିମାନେ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ନିମିତ ଉକ୍ତ ଅଞ୍ଚଳରୁ ହାତୀପଲ ଅନ୍ୟତ୍ର ଘଉଡାଇବା ସହ ନିର୍ଦ୍ଦିଷ୍ଟ ନରହନ୍ତା ଦନ୍ତାହାତୀ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଇବାକୁ ଦାବି ଉପସ୍ଥାପନ କରିଥିଲେ। ଏଥିସହ ହାତୀ ଉପଦ୍ରବ ସମୟରେ ଅନାବଶ୍ୟକ ଭାବେ ହେଉଥିବା ବିଦ୍ୟୁତ୍ କାଟ ବନ୍ଦ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକ ମଧ ଲୋକଙ୍କ ଜୀବନର ସୁରକ୍ଷା ନିମନ୍ତେ ନିୟମ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ବନଖଣ୍ଡ ଅଧିକାରୀଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହାର ଉତ୍ତରରେ ଜନସାଧରଣଙ୍କ ପ୍ରସ୍ତାବ ଅନୁଯାୟୀ ନରହନ୍ତା ହାତୀକୁ ଅନ୍ୟତ୍ର ପଠାଇବା ପାଇଁ ଟ୍ରାଙ୍କୁଲାଇଜର ବ୍ୟବସ୍ଥା ନିମନ୍ତେ ସରକାରଙ୍କୁ ଚିଠି ଲେଖିବେ ବୋଲି ବନଖଣ୍ଡ ଅଧିକାରୀ ରାଓସୋ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ରାତି ସମୟରେ କେହି ବାହାରକୁ ନ ବାହାରିବାକୁ ଜନସାଧରଣଙ୍କୁ ପରାମର୍ଶ ଦେବାସହ ହାତୀ ଉପଦ୍ରବ ଜନିତ କ୍ଷୟକ୍ଷତି ନେଇ ତଥ୍ୟ ପ୍ରମାଣ ସହ ଆବେଦନ କଲେ ବିଭାଗୀୟ ନିୟମ ଅନୁଯାୟୀ ଯୋଗ୍ୟ ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଦେବଗଡ଼ ବନଖଣ୍ଡର (ଦେବଗଡ଼ ଜିଲାର) ବିଭିନ୍ନ ଗ୍ରାମରେ ଶତାଧିକ ହାତୀ ରହିଥିବା ବେଳେ ସେମାନେ ଦଳ ଦଳ ହୋଇ ବିଭିନ୍ନ ଗ୍ରାମରେ ପଶି ଫସଲ ନଷ୍ଟ କରୁଛନ୍ତି। ନିୟମିତ ବ୍ୟବଧାନରେ ଘର ଭାଙ୍ଗିବା ସହ ଖାଦ୍ୟଶସ୍ୟ ନଷ୍ଟ କରୁଥିବା ବେଳେ ମଣିଷ ମାରୁଛନ୍ତି। ଜିଲାରେ ୧୦୩ଟି ହାତୀ (ଦନ୍ତା, ମାଈ ଓ ଶାବକ ମିଶି) ରହିଥିବା ବେଳେ ସମସ୍ତ ହାତୀ ଅନୁଗୋଳ, ବଣାଇଁ ଓ ଢେଙ୍କାନାଳ ବନଖଣ୍ଡର ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି।



ବୈଠକରେ ବିଧାୟକ, ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ହାତୀ ଉପଦ୍ରବ ନେଇ ଜରୁରିକାଳୀନ ସମନ୍ୱୟ ବୈଠକ**

- ନିର୍ଦ୍ଦିଷ୍ଟ ନରହନ୍ତା ଦନ୍ତାଙ୍କୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ପଠାଅ
- ଅନାବଶ୍ୟକ ଭାବେ ହେଉଥିବା ବିଦ୍ୟୁତ୍ କାଟ ବନ୍ଦ କର

# ବେଆଇନ ମାଟି ଚୋରା ଚାଲାଣ ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର



ଜେସିବି ସହାୟତାରେ ହାଇୱାରେ ମାଟି ଚୋରା ଚାଲାଣ କରାଯାଉଛି।

**ଝାରସୁଗୁଡ଼ା,୧୭।୧(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବଡ଼ମାଳ ଗ୍ରାମପଞ୍ଚାୟତ ଭାଗିପାଲି ମୌଜାରୁ ଦୀର୍ଘଦିନ ଧରି ବେଆଇନ ମାଟି ଚୋରା ଚାଲାଣ ହେଉଛି। ଏହାକୁ ବିରୋଧ କରି ଶୁକ୍ରବାର ଗ୍ରାମବାସୀ ଜିଲାପାଳ ସୁନୀଲ ଆବୋଲି ନରୱାଣେଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଏହି ମାଟି ଚୋରା ଚାଲାଣ ଜିଲା ପ୍ରଶାସନ ବନ୍ଦ ନ କରନ୍ତି ତାହା ହେଲେ ଆଗାମୀ ଦିନରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗତ ଏକ ସପ୍ତାହ ହେବ ଦିନରାତି ପ୍ରାୟ ୧୫ଟି ହାଇୱା ଓ ୩ଟି ପକୋଲିନ ଓ ଜେସିବି ସହାୟତାରେ ଭାଗିପାଲି ମୌଜାରୁ ଶହ ଶହ ଟ୍ରିପ ମାଟି ଚୋରା ଚାଲାଣ ହେଉଛି। ମାଟି ଉଠାଉଥିବା ସ୍ଥାନରୁ ପ୍ରାୟ ୧୫ରୁ ୨୦ ଫୁଟ ମାଟି ଗଭୀର କରି ଉଠାଯାଉଛି। ଫଳରେ ଚାଷୀମାନଙ୍କ ଜମି ନଷ୍ଟ ହେବା ସଙ୍ଗେ ଜମି ତାର ପ୍ରାକୃତିକ ସନ୍ତୁଳନ ହରାଇବା ସହିତ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି। କୌଣସି ଲୋକ ବିରୋଧ କଲେ ତାଙ୍କୁ ମାରି ଦେବାକୁ ଧମକ ଦିଆଯାଉଥିବାରୁ କେହି ଭୟରେ ପାଟି ଫିଟାଉ ନାହାନ୍ତି। ମାଟି ଖୋଲାଥିବା ସ୍ଥାନରେ ଆଗାମୀ ଦିନରେ କମ୍ପାନୀ ପାଉଁଶ ପକାଇବାର ସମ୍ଭାବନା ରହିଛି। ଏହି ସବୁ ବିଷୟରେ ଉଲ୍ଲେଖ କରି ଭାଗିପାଲି ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଛନ୍ତି।

## ସଂକ୍ଷେପରେ

### ସାନଯୋବ ଭିଏସ୍ଏସ୍ କ୍ଲବ୍‌ଠାରେ କିଶୋରୀ ମେଳା

**ବ୍ରଜରାଜନଗର,୧୭।୧(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସାନଯୋବସ୍ଥିତ ଭିଏସ୍ଏସ୍ କ୍ଲବ୍‌ଠାରେ କିଶୋରୀ ମେଳା ଅନୁଷ୍ଠିତ ହୋଇଥିଲା। ସିଡିପିଓ ସ୍ୱର୍ଣ୍ଣ ମଞ୍ଜରୀ ସାମଲଙ୍କ ତତ୍ତ୍ୱାବଧାନରେ ବ୍ରଜରାଜନଗର ୱାର୍ଡ ନମ୍ବର ୧୪ ଏବଂ ୧୫ ଅଙ୍ଗନୱାଡ଼ି ସେଣ୍ଟର୍‌ର କିଶୋରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉପସଭାପତି ଜୟନ୍ତ ବାରିକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ୧୪ ନମ୍ବର ୱାର୍ଡ କଉସିନଲର ମଧୁ ଶ୍ରୀବାସ୍ତବ, ପୂର୍ବତନ କାଉନସିଲର ବିଜୟ ସିଂହ, ବିଜୟ କୁମାର ସାହୁ, ସଞ୍ଜୟ ବାହୁବଲେନ୍ଦ୍ର, ସହ ମାତୃ ଶକ୍ତିର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ୱାର୍ଡ ନମ୍ବର ୧୪ର ଅଙ୍ଗନୱାଡ଼ି କର୍ମୀ ସରୋଜିନୀ ପ୍ରଧାନ, କୁମୋଦ୍ନିନି ସାମନ୍ତ, ଭଗବତୀ ରଣା, ଶକୁନ୍ତଳା ସେଟ୍‌ଙ୍କ ସହ ୱାର୍ଡ ନମ୍ବର ୧୫ର ଅଙ୍ଗନୱାଡି କର୍ମୀ ଲକ୍ଷ୍ମୀ ଗୁରୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ଶହେରୁ ଉର୍ଦ୍ଧ୍ୱ କିଶୋରୀ ବାଳିକାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା, ବାଲ୍ୟ ବିବାହ ଉପରେ ସଚେତନତା, ସାଂସ୍କୃତିକ, ସମାଜ ବାର୍ତ୍ତା ଦେବା ଭଳି ଅନେକ କାର୍ଯ୍ୟକ୍ରମ ହୋଇଥଲା। ଏହି କାର୍ଯ୍ୟକ୍ରମରେ କିଶୋରି ବାଳିକାମାନେ ବିଭିନ୍ନ ପ୍ରତିଯୋଗୀତାରେ କୃତୀମାନେ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ଅଙ୍ଗନୱାଡ଼ିର ସହ କର୍ମୀମାନେ ସହଯୋଗ କରିଥିଲେ।

### ସିଦ୍ଧେଶ୍ୱର ମନ୍ଦିରରେ ଜାଗରଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଦେବଗଡ଼,୧୭।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ନିକ୍ରିମାଳ ଗ୍ରାମ ସିଦ୍ଧେଶ୍ୱର ମନ୍ଦିର ସଭାପତି ଚନ୍ଦ୍ର ଶେଖର ପ୍ରଧାନଙ୍କ ସଭାପତିତ୍ୱରେ ନିକ୍ରିମାଳ ଗ୍ରାମବାସୀଙ୍କୁ ନେଇ ଜାଗର ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୪ ଦିନ ଜାଗର ଯାତ୍ରା ଧୁମ୍‌ଧାମରେ ହେବା ପାଇଁ ସ୍ଥିରୀକୃତ କରାଗଲା। ଅଶୋକ ସମ୍ରାଟ ଓପେରା ପାଇଁ ୪ ଲକ୍ଷ, ସମସ୍ତ ଭକ୍ତ ଅର୍ଣ୍ଣ ପ୍ରସାଦ ସେବନ କରିବା ନିମନ୍ତେ ୨ ଲକ୍ଷ, ସୁସଜ୍ଜିତ ଆଲୋକ ମେଳା ଓ ସାଉଣ୍ଡ ପାଇଁ ୨ ଲକ୍ଷ, ସାଂସ୍କୃତିକ ଓ ମିନା ବଜାର ପାଇଁ ୨ ଲକ୍ଷ, ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୧ ଲକ୍ଷ ସହ ସମୁଦାୟ ୧୧ ଲକ୍ଷ ଖର୍ଚ୍ଚ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା। ୨୦୨୫ ଶିବରାତ୍ରି ପାଇଁ ସଭାପତି ଭାବେ କ୍ଷୀର ସାଗର ସାହୁ, ସମ୍ପାଦକ ପଳଉ ଦେହୁରୀ, କୋଷାଧ୍ୟକ୍ଷ ରମେଶ ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ବୈଠକରେ ମନ୍ଦିର କମିଟି ସମ୍ପାଦକ ଧ୍ରୁବ ଚରଣ ପ୍ରଧାନ, ଉପଦେଷ୍ଟା ନଗେନ୍ଦ୍ର ରାଉଳ, ବୈକୁଣ୍ଠ କୁମାର ସାହୁ ସହିତ ଗ୍ରାମର ସମସ୍ତ ଭଦ୍ର ବ୍ୟକ୍ତି ଓ ମହିଳାମାନେ ଉପସ୍ଥିତ ଥିଲେ।

# ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଦେବଗଡ଼,୧୭।୧(ଶଶାଙ୍କ ଶେଖର ଝାଙ୍କର)**

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୨ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ା ଉତ୍ସବ ଅନୁଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ଉଦଘାଟନ କରିବା ସହ ଶିକ୍ଷାର୍ଥୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କ୍ରଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରାଇଥିଲେ। ଅନୁଷ୍ଠାନ ଗୁରୁଛାତ୍ରମାନଙ୍କ ଦ୍ୱାରା ଅଣାଯାଇଥିବା ମଶାଲ ପ୍ରତିଯୋଗିତା ସ୍ଥଳକୁ ଅଣାଯାଇଥିଲା। କ୍ରୀଡ଼ା ଶିକ୍ଷକ ଭବାନୀ ଶଙ୍କର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ଦିନ ଧରି ଆୟୋଜିତ ହୋଇଥିବା କ୍ରୀଡ଼ା ଉତ୍ସବରେ ଉଭୟ ବାଳକ ଓ ବାଳିକା ବର୍ଗରେ ମୋଟ ୨୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା ପ୍ରତିଯୋଗିତାର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କୀ, ମନ୍ଦାକିନୀ ବୁଢ଼ୁ, ନିବେଦିତା ବେହେରା, ପ୍ରଶିକ୍ଷିକା ପାର୍ଥୀ ପ୍ରିୟଦର୍ଶନୀ, ହିନ୍ଦୀ ଶିକ୍ଷକ ପବନ କୁମାର ଅଗ୍ରୱାଲ, କମ୍ପ୍ୟୁଟର ଅନୁଦେଷ୍ଟା ଶାଶ୍ୱତ ଚିନ୍ମୟ ରଞ୍ଜନ ବିଶ୍ୱାଳ, ଅନୁଷ୍ଠାନ କର୍ମଚାରୀ ଗଙ୍ଗାଧର ସାହୁ, ସୋମବାରୁ ନେତୁର ପ୍ରମୁଖ ସହଯୋଗ କରିଥିଲେ। ବାଳକ ବିଭାଗରେ ଦ୍ୱିତୀୟ ବର୍ଷ ଗୁରୁଛାତ୍ର ରିତେଶ ସାହୁ ଓ ବାଳିକା ବିଭାଗରେ ଦ୍ୱିତୀୟ ବର୍ଷ ଗୁରୁଛାତ୍ରୀ ବନିତା କିଷାନ ଚଳିତବର୍ଷ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ କ୍ରୀଡ଼ା ପତାକା ଅବତରଣ କରିବା ସହ ମଶାଲ ନିର୍ବାପନ କ୍ରୀଡ଼ା ଉତ୍ସବକୁ ସମାପନ ଘୋଷଣା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଗୁରୁ ଛାତ୍ରୀଛାତ୍ରମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।




ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସୋଲାର ଲଗାଇ ଲାଭବାନ ହେବେ ଲୋକେ

**ପିଏମ୍ ସୂର୍ଯ୍ୟ ଘର ଯୋଜନା**

**ଦେବଗଡ଼,୧୭।୧(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ଯୋଜନା ଟିପିଡବ୍ଲୁଓ ବିଭାଗ ପକ୍ଷରୁ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲାର ତିନି ବ୍ଲକରେ ପିଏମ୍ ସୂର୍ଯ୍ୟଘର ଯୋଜନାରେ କିପରି ଲୋକମାନେ ସୋଲାର ଲଗାଇ ଲାଭବାନ ହେବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଦେବଗଡ଼ ଜିଲାରେ ଲୋକ ମାନଙ୍କ ସୁବିଧା ପାଇଁ ଏହି ଯୋଜନା କାର୍ଯ୍ୟ କରାଯିବା ପାଇଁ ପ୍ରତି ବ୍ଲକ ଓ ପଞ୍ଚାୟତରେ ସାଧାରଣ ସଭା କରାଯାଇ ଲୋକମାନଙ୍କୁ ସଚେତନତା କରାଯିବ। ବୈଠକରେ ଜିଲା ପରିଷଦ ସଭ୍ୟା ରିଆମାଳ ବାସନ୍ତୀ ବେହେରା, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ସୁପାରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଶ୍ରୀନିବାସ ସ୍ୱାଇଁ, ନିର୍ବାହୀ ଯନ୍ତ୍ରୀ ଟିପିଡବ୍ଲୁଓ ରାଜୁ ସାହା ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ବ୍ଲକସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା



ଫୁଟ୍‌ବଲ ପ୍ରତିଯୋଗିତାରେ ଖେଳାଳି ଏବଂ ଅତିଥି।

**କୋଲାବିରା,୧୭।୧(ଚିନ୍ମୟ କୁମାର ବହିଦାର)**

ନେହେରୁ ଯୁବକ କେନ୍ଦ୍ର ଓ ଟାଇଗର ସଂଘ ଆନୁକୁଲ୍ୟରେ କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା-ପଣ୍ଡକିମାଲ ଖେଳପଡିଆଠାରେ ବ୍ଲକସ୍ତରୀୟ କ୍ରିଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଲିହାମାଲ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଞ୍ଜନ କୁମାର ପଟେଲ ମୁଖ୍ୟଅତିଥି, ୱାର୍ଡସଭ୍ୟ ସୁରେଶ କିସାନ, ଗ୍ରାମ ସଭାପତି ଜଗଦିଶ କିଷାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ଫୁଟ୍‌ବଲ, ଭଲିବଲ, କବାଡି, ଦୌଡ, ରସିଟଣା, ସାଇକେଲ ରେସିଂ ଆଦି ପ୍ରତିଯୋଗିତାର ହୋଇଥିଲା। ଏଥିରେ ଫୁଟ୍‌ବଲ ପ୍ରତିଯୋଗିତାରେ ବଜରଙ୍ଗ ଦଳ ବିଜୟ ହାସଲ କରିଥିବା ବେଳେ ଭଲିବଲରେ ଭୀମବାବା ଯୁବକ ସଂଘ, କବାଡି ପ୍ରତିଯୋଗିତାରେ ଆଦିବାସୀ କ୍ଲବ, ରସି ଟଣାରେ ଟାଇଗର କ୍ଲବ ବିଜୟୀ ହୋଇଥିଲେ। ଦୌଡ ପ୍ରତିଯୋଗିତାରେ ଦେବାର୍ଚ୍ଚନ କିସାନ ପ୍ରଥମ, କିରଣ ପାଣ୍ଡେ ଦ୍ୱିତୀୟ ଏବଂ ବାସୁଦେବ କିସାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସାଇକେଲ ରେସିଂ ପ୍ରତିଯୋଗିତାରେ ହେମାନନ୍ଦ କିଷାନ ପ୍ରଥମ, ସାହିତ କିଷାନ ଦ୍ୱିତୀୟ ଓ ପିଣ୍ଟୁ ଠାକୁର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ନେହେରୁ ଯୁବ କେନ୍ଦ୍ରର ନେହା ସାହୁ ଓ ସ.ପଣ୍ଡକିମାଲ ସଭାପତି ଲୁକେଶ୍ୱର କିସାର, ସମ୍ପାଦକ ଭାଗିରଥି କିଷାନ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ସଂଘ ସଂଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃତୀ ଖେଳାଳିଙ୍କୁ ଅତିଥିଗଣ ସମ୍ମାନିତ କରିଥିଲେ।

**PANCHAYAT SAMITI, BARIPADA**
**TENDER CALL NOTICE** No. i-418

BDO, Baripada invites sealed tender on behalf of Govt. of Odisha for the following work in conformity with the DTCN. BID Identification No.20-2024-25/BDO, BARIPADA, 21-2024-25 BDO, BARIPADA & 22/2024-25/BDO, BARIPADA.

Name of the work: **"Construction of Model AWC Center at Dumapada, Khadisole"**
**"Construction of Model AWC Center at Gopalpur, Sankhbhanga"**
**"Construction of Model AWC Center at Bhagabandh, Bhagabatachandrapur"**

Date of Receipt of Tender: 13.01.2025 at 10.30 A.M. to 27.01.2025 upto 5 P.M. via Drop Box at Block Office.
Date of Opening of Tender : 28.01.2025, 11 A.M. in the Conference Hall of BDO, Baripada.
Terms and conditions: Details of the bid documents can be downloaded from the official website of the district (www.mayurbhanj.nic.in) from 13.01.2025 to 27.01.2025. All the terms and conditions can be seen from the above website.

Sd./- Block Development Officer
Baripada
OIPR-19109/11/0005/2425

**ପୂର୍ବ ତଟ ରେଳପଥ**
Tender Notice No.: eT-M-CD-BBS-DEO-19-25, ତାରିଖ : 08.01.2025
କାର୍ଯ୍ୟର ନାମ : ତିନି ବର୍ଷର ଅବଧି ନିମନ୍ତେ, କୋଚିଂ ଡ଼ିପୋ, ଭୁବନେଶ୍ୱରର ପରିସଂଖ୍ୟାନ ଏବଂ ଡାଟା ପରିଚାଳନା କାର୍ଯ୍ୟ ନିର୍ବାହ କରିବା ପାଇଁ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟର ଆଉଟ୍‌ସୋର୍ସିଂ।
ବିଜ୍ଞାପିତ ମୂଲ୍ୟ : ଟ.98,12,179.17
EMD: ଟ. 1,96,300/-, ଟେଣ୍ଡର କାଗଜାତ ମୂଲ୍ୟ: ଟ. 5,900/-
କାର୍ଯ୍ୟସମାପ୍ତିର ଅବଧି: 36 ମାସ, ବିଡ଼ିଂ ଆରମ୍ଭ ତାରିଖ:୧୫.୦୧.୨୦୨୫
ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : ତା. 29.01.2025 ରିଖ 1530 ଘଟିକାରେ
ଟେଣ୍ଡର କାଗଜାତର ସମସ୍ତ ବିବରଣୀ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।
କୋଚିଂ ଡିପୋ ଅଧିକାରୀ
ଭୁବନେଶ୍ୱର
PR-888/P/24-25

**ପୂର୍ବତଟ ରେଳପଥ**
Tender Notice No.: SBP-ELECT-2025-T-231, Dtd.: 09.01.2025
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସମ୍ବଲପୁର (SBP) ଷ୍ଟେସନ (୧୨ଗୋଟି ଟାଇପ୍-୨) ଏବଂ ବରଣ୍ଡା (BONA) ଷ୍ଟେସନ (୨୦ଗୋଟି ଟାଇପ୍-୨)ରେ ମୂଳ କାର୍ଯ୍ୟରୁ ବାକିଥିବା କ୍ୱାର୍ଟର ଗୁଡ଼ିକର ବିଦ୍ୟୁତୀକରଣ କାର୍ଯ୍ୟ (I) ସମ୍ବଲପୁର (SBP) ଠାରେ ପୁରାତନ, ଭାଙ୍ଗିରୁଜି ଯାଇଥିବା କ୍ୱାର୍ଟର (୩୬ଗୋଟି ଟାଇପ୍-୨ ଏବଂ ୨ଗୋଟି ଟାଇପ୍-୪) ଗୁଡ଼ିକୁ ବଦଳାଇବା ଉଦ୍ଦେଶ୍ୟରେ କ୍ୱାର୍ଟର ଗୁଡ଼ିକର ନିର୍ମାଣ (II) ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନର ବିଭିନ୍ନ ଷ୍ଟେସନ ଗୁଡ଼ିକରେ ଇଞ୍ଜିନିୟରିଂ ଏବଂ S & T ବିଭାଗର କର୍ମଚାରୀମାନଙ୍କ ନିମନ୍ତେ, ୭୦ଗୋଟି ଟାଇପ୍-୨ ଏବଂ ୫ଗୋଟି ଟାଇପ୍-୩ କ୍ୱାର୍ଟର ଗୁଡ଼ିକର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.7,08,351.00
EMD : ଟ.14,200/-, କାର୍ଯ୍ୟ ସମାପ୍ତିର ଅବଧି : LOA ଜାରି ହେବା ତାରିଖ ଠାରୁ 3 (ତିନି) ମାସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.10.02.2025 ରିଖ 1530 ଘଟିକାରେ
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଜି),
ସମ୍ବଲପୁର
PR-885/P/24-25

**Government of Jharkhand**
**Department of Information Technology and e-Governance**
Jharkhand Mantralaya, Dhurwa, Ranchi-834004
**Tender Notice**

On behalf of the Government of Jharkhand, the **Department of Information Technology & e-Governance** invites online bids (Technical and Commercial) from Service Provider for MPLS network connectivity from **Jharkhand State Data Centre (JHSDC), Ranchi and UIDAI Data Centre at Manesar & Bengaluru including Router Management at UIDAI Data Centre.**

**The Service Provider listed on TRAI website under "Basic Service Provider (https://www.trai.gov.in/basic-service-providers)" and "National Long Distance Service Provider (https://trai.gov.in/national-long-distance-service-providers)" are only eligible to participate in this tender.**

**Total Two(2) Service Providers will be selected on the basis of least quoted price. Each selected Service Provider has to:**
- **Provide MPLS Connectivity from JHSDC to UIDAI's both Data Centres.**
- **Manage Routers at each UIDAI Data Centre.**

For the procurement process, the bidders shall follow the procedure described on e-Tendering website (https://jharkhandtenders.gov.in). Further details about the e-Tendering procedure & its requirements, refer manual available on e-Tendering website.
The tender document will be available on the e-Tendering website and may be downloaded by the interested bidders.
The summary of tender notice is as follows:

| S. No. | Item | Particulars |
|---|---|---|
| 1 | Tender No. | ASA/MPLS/1/2024-UID/001 |
| 2 | Bid Security (EMD) | Rupees Twenty Five Thousand Only (Rs.25000/-) |
| 3 | Availability of Tender Document | 17.01.2025 at 13:00 hrs |
| 4 | Last date for submission of queries through email only | 24.01.2025 at 16:00 hrs. |
| 5 | Pre-Bid Conference (Date, Time & Place) | 27.01.2025 at 16:00 hrs. Department of IT & e-Governance, 3rd Floor, Project Bhawan, Dhurwa, Ranchi – 834004 |
| 6 | Start date of Bid Submission | 30.01.2025 at 10:00 hrs. |
| 7 | Last date of Bid Submission | 07.02.2025 at 18:00 hrs. |
| 8 | Date & Time of opening of Technical Bid | 10.02.2025 at 16:00 hrs. |
| 9 | Date & Time of opening of Financial Bid | To be informed later |
| 10 | Phone No. & Email Address | 0651 – 2970091 uidcellpmu-doit@jharkhandmail.gov.in |

PR 344502 Information Technology(24-25)D
Sd/- Deputy Secretary to Government

**कार्यालय नगर पंचायत, खूँटी**
पत्रांक ..............खूँटी, दिनांक ..............
**E-Tender Notice**

**(Through E-Procurement mode only** www.jharkhandtenders.gov.in**)**
**Very short E-Tender Reference No. KNP/09/2024-25**

1. Details of the work: **3rd Call**

| Sl. | Name of work | BOQ (Estimated) Cost (Rs.) | Cost of BOQ | Earnest Money | Time of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Scientific dumpsite land reclamation through Bio-mining at Belahathi dumpsite, Khunti. | 1,43,72,553/- | 10,000/- | 2% of Estimated amount | 03 Months |

2. वेबसाईट पर निविदा प्रकाषन की तिथि एवं समय : दिनांक 18.01.2025 को 3:00 बजे अपराह्न तक।
3. निविदा प्राप्त करने की अंतिम तिथि एवं समय : दिनांक 25.01.2025 को 3:00 बजे अपराह्न।
4. निविदा खोलने की तिथि एवं स्थान : दिनांक 27.01.2025 को 3:00 बजे अपराह्न, कार्यालय नगर पंचायत, खूँटी।
5. निविदा आमंत्रण करने वाले कार्यालय का नाम एवं पता: कार्यालय नगर पंचायत, खूँटी।
6. ई–मेल पता : npkhunti2006@gmail.com
7. विज्ञापनदाता दूरभाष संख्या : 9931406816

नोटः– प्राक्कलित राशि घट–बढ़ सकती है, नियम एवं शर्तें तथा अन्य विवरणी अद्योहस्ताक्षरी के कार्यालय में किसी भी कार्य दिवस पर कार्यालय अवधि में या वेबसाईट www.jharkhandtenders.gov.in पर देखा जा सकता है।
ह0/–
प्रशासक,नगर पंचायत, खूँटी।
PR 344461 Urban Development(24-25)D

## ସଂକ୍ଷେପରେ

### ଜାନୁଆରୀ ୩୧ରୁ ସଂସଦର ବଜେଟ ଅଧିବେଶନ

ନୂଆଦିଲ୍ଲୀ,୧୭।୧(ପି.ଟି.)

ପାର୍ଲାମେଣ୍ଟ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩୧ରୁ ଆରମ୍ଭ ହୋଇ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିପାରେ। ଜାନୁଆରୀ ୩୧ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ଏହାପରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ। ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ କ୍ରମାଗତ ଅଷ୍ଟମଥର ପାଇଁ ବଜେଟ ଉପସ୍ଥାପନ କରିବେ। ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇ ଏପ୍ରିଲ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ସମ୍ଭବତଃ ମାର୍ଚ୍ଚ ୧୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିପାରେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଉଭୟ ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହେବ ଏବଂ ପ୍ରଧାନମନ୍ତ୍ରୀଙ୍କ ଉତ୍ତର ସହ ପ୍ରଥମ ପର୍ଯ୍ୟାୟ ଶେଷ ହେବ।

### ଭାରତର ଅଭିବୃଦ୍ଧି ୬.୭% ରହିବ: ବିଶ୍ୱବ୍ୟାଙ୍କ

ୱାଶିଂଟନ,୧୭।୧(ପି.ଟି.)

ଆଗାମୀ ୨ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ବାର୍ଷିକ ୬.୭ ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କର ସଦ୍ୟତମ ଅଭିବୃଦ୍ଧି ଆକଳନରେ କୁହାଯାଇଛି। ଭାରତର ଅଭିବୃଦ୍ଧି ସହ ୨୦୨୫-୨୬ ବର୍ଷରେ ଦକ୍ଷିଣ ଏସିଆରେ ଆର୍ଥିକ ଅଭିବୃଦ୍ଧି ୬.୨ ପ୍ରତିଶତକୁ ବଢ଼ିବ ବୋଲି ବିଶ୍ୱବ୍ୟାଙ୍କ କହିଛି। ଭାରତରେ ବ୍ୟବସାୟିକ ବାତାବରଣରେ ଉନ୍ନତି ନିମନ୍ତେ ସରକାରଙ୍କ ପଦକ୍ଷେପ ଯୋଗୁ ସେବା ସେକ୍ଟର ପ୍ରସାରିତ ହେବା ସହ ଉତ୍ପାଦନ କ୍ଷେତ୍ର ମଧ୍ୟ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ନିବେଶ ଅଭିବୃଦ୍ଧି ସ୍ଥିର ରହିବ ବୋଲି ବିଶ୍ୱବ୍ୟାଙ୍କ କହିଛି। ମାନ୍ଦା ନିବେଶ ଏବଂ ଦୁର୍ବଳ ଉତ୍ପାଦନ ଅଭିବୃଦ୍ଧି କାରଣରୁ ୨୦୨୪-୨୫ ବର୍ଷରେ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତକୁ ହ୍ରାସ ପାଇବ ବୋଲି ପୂର୍ବାନୁମାନ କରାଯାଇଥିଲା। ତେବେ କୃଷି ଉତ୍ପାଦନ ବୃଦ୍ଧି ସହ ଗ୍ରାମାଞ୍ଚଳ ଆୟ ବଢ଼ିବାରୁ ଘରୋଇ ଉପଭୋଗ ଅଭିବୃଦ୍ଧି ସୁଦୃଢ଼ ରହିଥିଲା। ଭାରତ ବ୍ୟତୀତ ଦକ୍ଷିଣ ଏସିଆରେ ଗତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୩.୯ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିଲା। ଆଗାମୀ ୨ ଆର୍ଥିକ ବର୍ଷରେ ଉକ୍ତ ଅଞ୍ଚଳର ଅଭିବୃଦ୍ଧି ହାର ଯଥାକ୍ରମେ ୪ ଏବଂ ୪.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

# ଭାଜପା ଜିତିଲେ ମହିଳାଙ୍କୁ ମାସିକ ୨,୫୦୦

## ରୋଚକ ମୋଡ଼ରେ ଦିଲ୍ଲୀ ଲଢ଼େଇ

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ କେନ୍ଦ୍ରରେ ଲଗାତର ତୃତୀୟ ଥର ପାଇଁ କ୍ଷମତାସୀନ ହୋଇଛି। କିନ୍ତୁ ଦିଲ୍ଲୀରୁ ଅରବିନ୍ଦ କେଜ୍‌ରିୱାଲଙ୍କ ଆପ୍ ସରକାରକୁ ହଟାଇବାରେ ସକ୍ଷମ ହୋଇନାହିଁ। ବିଚକ୍ଷଣ ମୋଦି ଡାଳେ ଡାଳେ ଗଲେ ଚତୁର କେଜ୍‌ରିୱାଲ ପତ୍ରେ ପତ୍ରେ ଯାଉଛନ୍ତି। ସମ୍ଭବତଃ ଏଇଥିପାଇଁ ଭାଜପା ମହିଳା ଭୋଟରଙ୍କ ହୃଦୟ ଜିତି ଜାତୀୟ ରାଜଧାନୀରେ ନିର୍ବାଚନୀ ବୈତରଣୀ ପାରହେବାକୁ ଯୋଜନା କରିଛି। ଫେବୃଆରୀ ୫ରେ ହେବାକୁ ଥିବା ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ସଂକଳ୍ପପତ୍ରରେ ଦଳ କ୍ଷମତାକୁ ଆସିଲେ ମହିଳାମାନଙ୍କୁ ମାସିକ ୨,୫୦୦ ଏବଂ ଗର୍ଭବତୀଙ୍କୁ ୨୧,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛି। ଭାଜପାର ମହିଳା କୈନ୍ଦ୍ରୀକ ସଂକଳ୍ପପତ୍ରକୁ ଦେଖି କେଜ୍‌ରିୱାଲ କହିଛନ୍ତି, ସେମାନେ ଆମ ଇସ୍ତାହାରକୁ ଚୋରି କରିନେଇଛନ୍ତି।**

ନୂଆଦିଲ୍ଲୀ,୧୭।୧

୧୯୯୮ରେ ସୁଷମା ସ୍ୱରାଜ ଦିଲ୍ଲୀରେ ଶେଷ ଥର ୫୨ ଦିନ ପାଇଁ ଭାଜପାରୁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହା ପରଠୁ ଭାଜପା ଲଗାତର ୬ଟି ବିଧାନସଭା ନିର୍ବାଚନରେ ପରାଜୟର ମୁହଁ ଦେଖିଆସିଛି। ୧୯୯୮, ୨୦୦୩ ଓ ୨୦୦୮ରେ କଂଗ୍ରେସ ଜିତି ଶୀଲା ଦୀକ୍ଷିତ ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ୨୦୧୩, ୨୦୧୫ ଓ ୨୦୨୦ରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ହ୍ୟାଟ୍ରିକ୍ ବିଜୟ ହାସଲ କରିଥିଲେ। ଇତିମଧ୍ୟରେ ଅବକାରୀ ନୀତି ଦୁର୍ନୀତି ମାମଲାରେ ଜେଲ ଯାଇଥିବା କେଜ୍‌ରିୱାଲ ଜାମିନରେ ଫେରିବା ପରେ ଦିଲ୍ଲୀବାସୀଙ୍କ 'ନିର୍ଦ୍ଦୋଷ ପ୍ରମାଣପତ୍ର' ନ ମିଳିବା ଯାଏ ମୁଖ୍ୟମନ୍ତ୍ରୀ ଆସନରେ ବସିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହି କ୍ରମେ ଆପ୍ ମନ୍ତ୍ରୀ ଅତିଶୀ ମାର୍ଲେନାଙ୍କୁ 'ଅସ୍ଥାୟୀ' ମୁଖ୍ୟମନ୍ତ୍ରୀ କରାଯାଇଛି। କିନ୍ତୁ ଫେବୃଆରୀ ୫ ନିର୍ବାଚନରେ ଆପ୍ ଜିତିଲେ କେଜ୍‌ରିୱାଲ ପୁଣି ମୁଖ୍ୟମନ୍ତ୍ରୀ ହେବେ। କେଜ୍‌ରିୱାଲଙ୍କୁ କ୍ଷମତାକୁ ଆସିବାକୁ ନ ଦେବା ପାଇଁ ସେ ଲଢୁଥିବା କଂଗ୍ରେସ ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲାଙ୍କ ପୁଅ ସନ୍ଦୀପ ଦୀକ୍ଷିତଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପା ପୂର୍ବତନ ମୁଖ୍ୟମନ୍ତ୍ରୀ ସାହେବ ସିଂ ବର୍ମାଙ୍କ ପୁଅ ପ୍ରବେଶ ବର୍ମାଙ୍କୁ ଟିକେଟ ଦେଇଛି। ପ୍ରଧାନମନ୍ତ୍ରୀ ମୋଦି ଆପ୍‌କୁ 'ଆପଦା' ବା ବିପତ୍ତି ଭାବେ ଅଭିହିତ କରି ଦିଲ୍ଲୀରେ ପରିବର୍ତ୍ତନର ଆହ୍ୱାନ ଦେଇଛନ୍ତି। ବିରୋଧୀ ଇଣ୍ଡିଆ ବ୍ଲକ୍‌ର ପ୍ରମୁଖ ଦଳ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେଜ୍‌ରିୱାଲଙ୍କୁ ମୋଦିଙ୍କ ସହ ତୁଳନାକରି ଆପ୍‌କୁ କ୍ଷମତାରୁ ହଟାଇବା ପାଇଁ ଦିଲ୍ଲୀବାସୀଙ୍କୁ ଅନୁରୋଧ କରିଛନ୍ତି। ପୂର୍ବରୁ ଆପ୍ ଓ କଂଗ୍ରେସ ନିଜ ନିଜ ନିର୍ବାଚନୀ ଇସ୍ତାହାର ଜାରି କରିସାରିଥିବାବେଳେ ଶୁକ୍ରବାର ଭାଜପା ପକ୍ଷରୁ ପ୍ରକାଶିତ ସଂକଳ୍ପପତ୍ରରେ ଅନେକ ମନଲୋଭା ପ୍ରତିଶ୍ରୁତି ଦିଆଯାଇଛି। ଏକ 'ବିକଶିତ ଦିଲ୍ଲୀ' ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦଳୀୟ ସଂକଳ୍ପପତ୍ରରେ ବିକାଶର ନକ୍ସା ଆଙ୍କିଛନ୍ତି। ଏହି ଅବସରରେ ଏକ ସଭାକୁ ସମ୍ବୋଧିତ କରି ନଡ୍ଡା କହିଛନ୍ତି, ଭାଜପାର ସଂକଳ୍ପପତ୍ର ହେଉଛି ପ୍ରଗତିର ଏକ ବ୍ଲୁପ୍ରିଣ୍ଟ। ୨୦୧୪ରେ ଆମେ ୫୦୦ ପ୍ରତିଶ୍ରୁତି ଦେଇଥିଲୁ, ସେଥିରୁ ୪୯୯ ପୂରଣ କରିଛୁ। ୨୦୧୯ରେ ଦେଇଥିବା ୨୩୫ ପ୍ରତିଶ୍ରୁତିରୁ ୨୨୫ଟିକୁ ପୂରଣ କରିଛୁ। ଅବଶିଷ୍ଟ ପ୍ରତିଶ୍ରୁତିଗୁଡ଼ିକ କାର୍ଯ୍ୟକାରୀ କରାଯିବା ସ୍ଥିତିରେ ରହିଛି। ଭାଜପା କ୍ଷମତାକୁ ଆସିଲେ ଦିଲ୍ଲୀରେ ଯେତିକି ଜନମଙ୍ଗଳକାରୀ ଯୋଜନା ଚାଲିଛି, ସେସବୁ ଜାରି ରହିବ। ଏହାସହ ଅନେକ ନୂଆ ପଦକ୍ଷେପ ନିଆଯିବ। ତନ୍ମଧ୍ୟରେ ସର୍ବାଗ୍ରେ ରହିଛି ମହିଳା ସଶକ୍ତୀକରଣ। ଉଜ୍ଜ୍ୱଳା ଯୋଜନାରେ ଏଲ୍‌ପିଜି ସିଲିଣ୍ଡର ପ୍ରଦାନ ଏବଂ ସ୍ୱଚ୍ଛ ଭାରତ ଯୋଜନାରେ ଟଏଲେଟ୍ ନିର୍ମାଣ ଏହାର ଉଦାହରଣ। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ଦିଲ୍ଲୀରେ ମଧ୍ୟ ଆମେ ମହିଳାମାନଙ୍କୁ ଅନୁରୂପ ସୁବିଧା ଦେବାକୁ ଯାଉଛୁ।



ଭାଜପାର ସଂକଳ୍ପପତ୍ର ଦିଲ୍ଲୀ ପ୍ରଗତିର ଏକ ବ୍ଲୁପ୍ରିଣ୍ଟ: ଜେ.ପି. ନଡ୍ଡା

### ଗୁରୁତ୍ୱପୂର୍ଣ୍ଣ ଘୋଷଣା

**୧.** ଭାଜପା ନିର୍ବାଚନରେ ଜିତିଲେ ମହିଳା ସମୃଦ୍ଧି ଯୋଜନାରେ ଦିଲ୍ଲୀର ପ୍ରତ୍ୟେକ ମହିଳାଙ୍କୁ ମାସିକ ୨,୫୦୦ ଟଙ୍କା ସହାୟତା ଦିଆଯିବ।
**୨.** ଆର୍ଥିକ ଦୁର୍ବଳ ଶ୍ରେଣୀର ମହିଳାଙ୍କୁ ୫୦୦ ଟଙ୍କା (ରିହାତି ମୂଲ୍ୟ)ରେ ଏଲ୍‌ପିଜି ସିଲିଣ୍ଡର। ହୋଲି ଓ ଦୀପାବଳି ବେଳେ ମାଗଣାରେ ଗୋଟିଏ ଲେଖାଏ ସିଲିଣ୍ଡର।
**୩.** ଗର୍ଭବତୀ ମହିଳାଙ୍କୁ ୨୧,୦୦୦ ଟଙ୍କା ସହାୟତା ସାଙ୍ଗକୁ ୬ ନ୍ୟୁଟ୍ରିଶନାଲ କିଟ୍ସ। ଏହାବାଦ୍ ପ୍ରଥମ ପିଲା ଜନ୍ମ ହେଲେ ୫,୦୦୦ ଓ ଦ୍ୱିତୀୟ ଶିଶୁ ବେଳକୁ ୬,୦୦୦ ଟଙ୍କା ଦିଆଯିବ
**୪.** ଆୟୁଷ୍ମାନ୍ ଭାରତ ଯୋଜନା କାର୍ଯ୍ୟକାରୀ କରି ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସ୍ୱାସ୍ଥ୍ୟ ବୀମା।
**୫.** ଦିଲ୍ଲୀ ବାସିନ୍ଦାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମାକୁ ମିଶାଇ ମୋଟ ୧୦ ଲକ୍ଷ ଟଙ୍କା।
**୬.** ବରିଷ୍ଠ ନାଗରିକ(୬୦-୭୦) ବର୍ଷୀୟଙ୍କ ପାଇଁ ମାସିକ ୨,୫୦୦ ଟଙ୍କାର ପେନ୍‌ସନ।
**୭.** ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ମାସିକ ୩,୦୦୦ ପେନ୍‌ସନ।
**୮.** ଜେଜେ କ୍ଲଷ୍ଟରଗୁଡ଼ିକରେ ଅଟଳ କ୍ୟାଣ୍ଟିନ୍ ପ୍ରତିଷ୍ଠା କରି ମାତ୍ର ୫ ଟଙ୍କାରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବ।

### 'ଆପ୍ ଇସ୍ତାହାରକୁ କପି କରିଛି ଭାଜପା'



ଅରବିନ୍ଦ କେଜ୍‌ରିୱାଲ

ଭାଜପା ଆପ୍‌ର ନିର୍ବାଚନୀ ଇସ୍ତାହାରକୁ କପି କରିଛି। ଆମେ ପୂର୍ବରୁ ଘୋଷଣା କରିଥିବା ଅନେକ ଯୋଜନାର ନକଲ ଭାଜପାର ସଂକଳ୍ପପତ୍ରରେ ଦେଖିବାକୁ ମିଳିଛି। ଭାଜପା ମୁଖ୍ୟ ନଡ୍ଡା କହିଛନ୍ତି, ଆପ୍‌ର ସବୁ ଯୋଜନା ଜାରି ରହିବ। ତେବେ ଦିଲ୍ଲୀବାସୀ ସିଧାସଳଖ ଆପ୍‌କୁ ପୁନର୍ବାର ବିଜୟୀ ନ କରାଇ ଭାଜପାକୁ କାହିଁକି ଭୋଟ ଦେବେ? ପ୍ରଧାନମନ୍ତ୍ରୀ ମୋଦି ପୂର୍ବରୁ ତାଙ୍କ ଦଳର ମାଗଣା ସୁବିଧା ପ୍ରଦାନର ପ୍ରତିଶ୍ରୁତି (ଫ୍ରିବିଜ୍)କୁ ପ୍ରତ୍ୟାଖ୍ୟାନ କରିଥିଲେ। ଏବେ ଭାଜପା ଆମ ଫ୍ରିବିଜ୍‌କୁ ନେଇଯାଇଛି। ଫ୍ରିବିଜ୍‌କୁ ଭଗବାନଙ୍କ ପ୍ରସାଦ ରୂପେ ସେମାନେ ଏବେ ସ୍ୱୀକାର କରନ୍ତୁ ବୋଲି ଆପ୍ ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି।

### ଭାରତକୁ ନେଇ ଗତିଶୀଳତାର ଭବିଷ୍ୟତ: ପ୍ରଧାନମନ୍ତ୍ରୀ

**ଭାରତ ମୋବାଇଲିଟି ଗ୍ଲୋବାଲ ଏକ୍ସପୋ ଉଦ୍‌ଘାଟିତ**

ନୂଆଦିଲ୍ଲୀ,୧୭।୧(ପି.ଟି.)

ଗତିଶୀଳତାର ଭବିଷ୍ୟତ ଭାରତର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର 'ଭାରତ ମୋବାଇଲିଟି ଗ୍ଲୋବାଲ ଏକ୍ସପୋ ୨୦୨୫' ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ଏଠାରେ ବର୍ଷକୁ ୨.୫ କୋଟି ଗାଡ଼ି ବିକ୍ରି ହେଉଛି, ଯାହାକି ଅଭୂତପୂର୍ବ। ଫଳରେ ମାତ୍ର ୪ ବର୍ଷରେ ୩୬ ବିଲିୟନ ଡଲାର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ଆକର୍ଷିତ ହୋଇଥିବା ପ୍ରଧାନମନ୍ତ୍ରୀ ଭାରତ ମଣ୍ଡପମ୍‌ରେ ଉଦ୍‌ବୋଧନ ଦେଇ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍, ଯଶୋଭୂମି ଏବଂ ଗ୍ରେଟର ନୋଏଡ଼ାର ଇଣ୍ଡିଆ ଏକ୍ସପୋ ସେଣ୍ଟର ଓ ମାର୍ଟରେ ୫ ଦିନ ଧରି ଚାଲିବାକୁ ଥିବା ଏହି ଏକ୍ସପୋରେ ବିଭିନ୍ନ ଅଟୋମୋବାଇଲ୍ କମ୍ପାନୀର ଶତାଧିକ ନୂଆ ଗାଡ଼ି ଲଞ୍ଚ ହେବା ଆଶା କରାଯାଉଛି।

### ସୈଫ୍ ଆକ୍ରମଣ: ଭୁଲ୍ ବ୍ୟକ୍ତିଙ୍କୁ ଧରିଲା ମୁମ୍ବାଇ ପୋଲିସ



ମୁମ୍ବାଇ,୧୭।୧

ବଲିଉଡ୍ ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କ ଘରକୁ ବୁଧବାର ରାତିରେ ଅନୁପ୍ରବେଶ କରି ତାଙ୍କୁ ୬ ଥର ଛୁରାମାଡ଼ କରିଥିବା ଅଭିଯୁକ୍ତଙ୍କୁ ମୁମ୍ବାଇ ପୋଲିସର ୨୦ ଟିମ୍ ଏଯାଏ ଧରିପାରି ନାହାନ୍ତି। ଏହା ପରିବର୍ତ୍ତେ ସେମାନେ ଏହି ଆକ୍ରମଣ ସହ ଜଡ଼ିତ ନ ଥିବା ଜଣେ ଭିନ୍ନ ବ୍ୟକ୍ତିଙ୍କୁ ଧରି ବାନ୍ଦ୍ରା ଥାନାକୁ ନେଇ ପଚରାଉଚରା କରିଛନ୍ତି। ସୈଫ୍‌ଙ୍କ ଘରେ ଏହି କାଣ୍ଡ ଭିଆଇବା ପରେ ସେଠାରୁ ଫେରାର ହେଉଥିବାବେଳେ ସିସିଟିଭି କ୍ୟାମେରାରେ କଏଦ୍ ହୋଇଥିବା ଅନୁପ୍ରବେଶକାରୀଙ୍କ ସହ ଅଟକ ବ୍ୟକ୍ତିଙ୍କ ଚେହେରାର ସାମଞ୍ଜସ୍ୟ ଥିବାରୁ ତାଙ୍କୁ ବାନ୍ଦ୍ରା ରେଳ ଷ୍ଟେଶନ୍‌ରୁ ପୋଲିସ ଧରିଥିଲା। ସତ ଜାଣିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଛାଡ଼ିଦେଇଥିବା ଜଣାପଡ଼ିଛି।

## ଜାଲିକାଞ୍ଚୁରେ ୭ ମୃତ, ୪୦୦ ଆହତ



ଚେନ୍ନାଇ,୧୭।୧

ତାମିଲନାଡୁରେ ଜାଲିକାଞ୍ଚୁ ପ୍ରତିଯୋଗୀ ଏବଂ ଦର୍ଶକମାନଙ୍କ ପାଇଁ ଗୁରୁବାର ଥିଲା ସବୁଠୁ ଦୁଃଖଦ ଦିନ। ରାଜ୍ୟର ବିଭିନ୍ନ ଭାଗରେ ଏହି ଉତ୍ସବ ତଥା ଷଣ୍ଢଙ୍କୁ କାବୁ କରିବା ପ୍ରତିଯୋଗିତା ବେଳେ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୪୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।
ଶିବଗଙ୍ଗା ଜିଲାର ସିରାଭୟାଲ ମଞ୍ଜୁଭିରାଟ୍ଟୁଠାରେ ଜଣକୁ ଷଣ୍ଢ ଭୁସିଦେବାରୁ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ମଦୁରାଇର ଅଲଙ୍ଗନାଲ୍ଲୁର ଜାଲିକାଞ୍ଚୁରେ ଜଣେ ଦର୍ଶକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜିଲାରେ ଦୁଇଟି ଅଲଗା ଜାଲିକାଞ୍ଚୁ ପ୍ରତିଯୋଗିତାରେ ୨ ଜଣ ପ୍ରାଣ ହରାଇଛନ୍ତି। କ୍ରିଷ୍ଣଗିରି ଜିଲାରେ ଷଣ୍ଢ ଦୌଡ଼ ବେଳେ ଜଣେ ୩୦ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ସାଲେମ୍ ଜିଲାର ସେନ୍ଥରାପଟ୍ଟିରେ ଜଣେ ୪୫ ବର୍ଷୀୟ ପ୍ରାଣ ହରାଇନ୍ତି। ପୁଡୁକୋଟ୍ଟାଇ, କରୁର ଏବଂ ତ୍ରିଚି ଜିଲାରେ ମୋଟ ୧୫୬ ଜଣ ଜାଲିକାଞ୍ଚୁ ପ୍ରତିଯୋଗିତାରେ ଭାଗନେଇ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ୪୨ ବର୍ଷୀୟଙ୍କ ମୃତ୍ୟୁ ଘଟିଛି। ପ୍ରସିଦ୍ଧ ଅଲଙ୍ଗନାଲ୍ଲୁର ଜାଲିକାଞ୍ଚୁରେ ୧୭ ଷଣ୍ଢ ମାଲିକ, ୩୩ ଦର୍ଶକଙ୍କ ସମେତ ୭୬ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପି. ପେରିଆସାମୀ (୫୬) ନାମକ ଦର୍ଶକଙ୍କର ମୃତ୍ୟୁ ଘଟିଛି।

## ରୁଷିଆ ସେନାରେ ୧୨ ଭାରତୀୟଙ୍କ ମୃତ୍ୟୁ, ୧୬ ନିଖୋଜ

ନୂଆଦିଲ୍ଲୀ,୧୭।୧(ପି.ଟି.)



ରୁଷିଆ ସେନାରେ କାର୍ଯ୍ୟରତ ଭାରତୀୟଙ୍କ ଫାଇଲ୍ ଫଟୋ।

ରୁଷିଆ ସେନାରେ ନିୟୋଜିତ ଥାଇ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢୁଥିବାବେଳେ ୧୨ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଲାଣି। ଅନ୍ୟ ୧୬ ଭାରତୀୟ ନିଖୋଜ ଥିବା ଶୁକ୍ରବାର ବୈଦେଶିକ ମନ୍ତ୍ରଣାଳୟ କହିଛି। ରୁଷିଆ ସେନାରେ ଭାରତୀୟମାନଙ୍କ ନିଯୁକ୍ତିକୁ ନେଇ ରହିଥିବା ୧୨୬ଟି ମାମଲା ମଧ୍ୟରୁ ୯୬ ଜଣ ଭାରତ ଫେରିଲେଣି। ସେମାନଙ୍କୁ ରୁଷିଆ ସେନାରୁ ଛଟେଇ କରାଯାଇଥିବା ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ସେଠାରେ ରହିଥିବା ଅବଶିଷ୍ଟ ୩୦ ଜଣଙ୍କ ମଧ୍ୟରୁ ୧୨ ଜଣ ପ୍ରାଣ ହରାଇଥିବାବେଳେ ୧୬ ଜଣଙ୍କ ଖୋଜଖବର ମିଳୁନାହିଁ। ରୁଷିଆ ପକ୍ଷ ସେମାନଙ୍କୁ ନିଖୋଜ ବୋଲି ଦର୍ଶାଇଛି। ଅବଶିଷ୍ଟ ଭାରତୀୟଙ୍କୁ ତୁରନ୍ତ ମୁକ୍ତ କରି ସ୍ୱଦେଶ ପଠାଇବାକୁ ମସ୍କୋ ନିକଟରେ ନିବେଦନ କରାଯାଇଥିବା ଜୟସ୍ୱାଲ କହିଛନ୍ତି।
ରୁଷିଆ ସେନାରେ ରହି ଯୁଦ୍ଧ କରୁଥିବା କେରଳର ବିନିଲ ବାବୁଙ୍କ ମୃତ୍ୟୁ ଘଟିଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବୈଦେଶିକ ମନ୍ତ୍ରଣାଳୟ ଏଥିପାଇଁ ତାଙ୍କ ପରିବାରକୁ ସମବେଦନା ଜଣାଇଛି। ତାଙ୍କ ମରଶରୀର ତୁରନ୍ତ ଭାରତ ଫେରାଇ ଆଣିବାରେ ସହଯୋଗ କରିବା ପାଇଁ ଆମ ଦୂତାବାସ ରୁଷିଆ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହିଛି। ଅନ୍ୟ ଜଣେ ଭାରତୀୟ ଗୁରୁତର ହୋଇ ମସ୍କୋରେ ଚିକିତ୍ସିତ ହେଉଥିବାବେଳେ ସେ ସୁସ୍ଥ ହେବା ପରେ ଖୁବ୍‌ଶୀଘ୍ର ଭାରତ ଫେରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ପଞ୍ଜାବରେ କଙ୍ଗନାଙ୍କ 'ଏମର୍ଜେନ୍ସି' ବନ୍ଦ

ଚଣ୍ଡିଗଡ଼,୧୭।୧(ପି.ଟି.)



କଙ୍ଗନା ରଣାୱତ୍

ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସ୍‌ଜିପିସି) ଏବଂ ଅନ୍ୟ ଶିଖ୍ ସଂଗଠନଗୁଡ଼ିକ ରାଜ୍ୟବ୍ୟାପୀ ବିକ୍ଷୋଭ କରିବାରୁ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ 'ଏମର୍ଜେନ୍ସି' ଫିଲ୍ମ ଶୁକ୍ରବାର ପଞ୍ଜାବର ସିନେମାହଲ୍‌ଗୁଡ଼ିକରେ ପ୍ରଦର୍ଶିତ ହୋଇନାହିଁ। ଉକ୍ତ ଚଳଚ୍ଚିତ୍ରକୁ ବେଆଇନ ଘୋଷଣା କରିବା ପାଇଁ ଅଧିକାଂଶ ରାଜନେତା ଦାବି କରିଛନ୍ତି।
ଗୁରୁଦ୍ୱାରାଗୁଡ଼ିକର ଶୀର୍ଷ ସଂଗଠନ ଏସ୍‌ଜିପିସି ଏବଂ ବିଭିନ୍ନ ଶିଖ୍ ସଂଗଠନ ସିନେମାକୁ ବିରୋଧ କରି ସାରା ରାଜ୍ୟର ସିନେମାହଲ୍, ମଲ୍ଟିପ୍ଲେକ୍ସ ଏବଂ ମଲ୍‌ଗୁଡ଼ିକ ବାହାରେ ବିକ୍ଷୋଭ କରିଥିଲେ। ଏହି ରାଜନୈତିକ କାହାଣୀ ଆଧାରିତ ଚଳଚ୍ଚିତ୍ରକୁ କଙ୍ଗନା ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଓ ନିର୍ମାଣ କରିଛନ୍ତି। ପଞ୍ଜାବରେ ଏହାର ପ୍ରଦର୍ଶନକୁ ବ୍ୟାନ୍ କରାଯିବା ଦାବି କଳା ଓ କଳାକାରଙ୍କ ପ୍ରତି ନିର୍ଯାତନା ବୋଲି କହି ସେ ନିନ୍ଦା କରିଛନ୍ତି। ୧୯୭୫ରୁ ୧୯୭୭ ପର୍ଯ୍ୟନ୍ତ ୨୧ ମାସ ଧରି ଭାରତରେ ଲାଗୁ ହୋଇଥିବା ଜରୁରୀ ପରିସ୍ଥିତି ଆଧାରରେ ନିର୍ମିତ 'ଏମର୍ଜେନ୍ସି'ରେ କଙ୍ଗନା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅଭିନୟ କରିଛନ୍ତି। ସେନ୍‌ସର ପ୍ରମାଣପତ୍ରକୁ ନେଇ ଚଳଚ୍ଚିତ୍ରଟି ବିବାଦରେ ରହିଥିବାବେଳେ ଶିଖ୍ ସମ୍ପ୍ରଦାୟକୁ ଏଥିରେ ଭୁଲ୍ ଉପସ୍ଥାପନା କରାଯାଇଥିବା ଅଭିଯୋଗ ହୋଇଛି। ବହୁ ବିଳମ୍ବରେ ଶୁକ୍ରବାର ଚଳଚ୍ଚିତ୍ର ସାରା ଦେଶରେ ମୁକ୍ତିଲାଭ କରିଛି। ତେବେ ପଞ୍ଜାବର ଲୁଧିଆନା, ଅମୃତସର, ପଟିଆଲା, ଜଳନ୍ଧର, ହୋଶିଆରପୁର ଏବଂ ବଠିଣ୍ଡାର ସିନେମାହଲ୍‌ଗୁଡ଼ିକରେ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇନାହିଁ। ଅମୃତସରରେ ବହୁସଂଖ୍ୟାରେ ମହିଳା ପୁରୁଷ କଳାପତାକା ଏବଂ ଏମର୍ଜେନ୍ସିକୁ ବ୍ୟାନ୍ ଓ ବାସନ୍ଦ କରାଯାଉ ଲେଖାଥିବା ପ୍ଲାକାର୍ଡ ଧରି ବିକ୍ଷୋଭରେ ସାମିଲ ହୋଇଥିଲେ। ସିନେମାଟିର ମୁକ୍ତିଲାଭ ବନ୍ଦ କରିବାକୁ ଆମେ କେନ୍ଦ୍ର ଓ ପଞ୍ଜାବ ସରକାରଙ୍କୁ କହିଥିଲେ ମଧ୍ୟ କୌଣସି ଫଳ ହେଲାନାହିଁ ବୋଲି ଏସ୍‌ଜିପିସିର ପ୍ରତାପ ସିଂ ଗଣମାଧ୍ୟମକୁ କହିଛନ୍ତି।

## ଫୁରସତ୍

### ବାପାଙ୍କ ବନ୍ଧୁଙ୍କ ସହ ଡେଟିଂ

ୱାଶିଂଟନ

ଆମେରିକୀୟ କଣ୍ଟେଣ୍ଟ କ୍ରିଏଟର ମେଗାନ ଡେଲ୍ ରେ ଏବେ ତାଙ୍କ ଅଜବ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସେ ତାଙ୍କ ବାପାଙ୍କ ବନ୍ଧୁଙ୍କ ସହ ଦୀର୍ଘ ୮ ବର୍ଷ ଧରି ରିଲେଶନ୍‌ଶିପରେ ଅଛନ୍ତି ବୋଲି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍‌ରେ ସୂଚନା ଦେଇଛନ୍ତି। ବାପାଙ୍କର ବନ୍ଧୁ ହୋଇଥିବାରୁ ସେ ପିଲାଦିନେ ତାଙ୍କ ପାର୍ଟନରଙ୍କୁ ଅଙ୍କଲ ଡାକୁଥିବା ମେଗାନ କହିଛନ୍ତି। ସେ ୧୮ ବର୍ଷ ବୟସର ହୋଇଥିବାବେଳେ ପ୍ରଥମଥର ପାଇଁ ତାଙ୍କ ବୟୋଜ୍ୟେଷ୍ଠ ପାର୍ଟନରଙ୍କ ସହ ଡେଟ୍ କରିଥିଲେ। ଏବେ ତାଙ୍କ ବୟସ ୨୬ ଥିବାବେଳେ ତାଙ୍କ ପାର୍ଟନରଙ୍କ ବୟସ ୫୨ ହୋଇଥିବା ମେଗାନ କହିଛନ୍ତି। ସେ ଟିକ୍‌ଟକ୍‌ରେ ନିଜ ପାର୍ଟନରଙ୍କ ସହ ଏକାଠି କିଛି ଭିଡିଓ ମଧ୍ୟ ଶେୟାର କରିଛନ୍ତି। ତେବେ ନିଜଠାରୁ ୨ ଗୁଣା ବୟସରେ ବଡ଼ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ କରିଥିବାରୁ ଅନେକ ୟୁଜର୍ସ ମେଗାନଙ୍କୁ ସମାଲୋଚନା କରିଛନ୍ତି। ଏନେଇ ମେଗାନ କୁହନ୍ତି, ସେ ସାବାଳିକା ହେବା ପରେ ହିଁ ଏହି ସମ୍ପର୍କ ସ୍ଥାପନ କରିଥିଲେ। ଉଭୟଙ୍କ ସହମତି ଥିବାରୁ ଏପରି ସମ୍ପର୍କରେ କୌଣସି ଅସୁବିଧା ନାହିଁ। ଏହି ସମ୍ପର୍କରେ ବୟସ କେବେ ବି ବାଧକ ସାଜିନାହିଁ ବୋଲି ମେଗାନ କହିଛନ୍ତି। ସେମାନେ ଏକସଙ୍ଗେ ସର୍ବସାଧାରଣ ସ୍ଥାନରେ ବୁଲିବା ସମୟରେ ଲୋକମାନେ ତାଙ୍କୁ ବେଳେବେଳେ ବାପା ଓ ଝିଅ ବୋଲି ଭାବି ନେଇଥାନ୍ତି। କିନ୍ତୁ ଏହା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ନ ଥିବା ମେଗାନ କହିଛନ୍ତି। ଆଗକୁ ସେ ତାଙ୍କ ବୟୋଜ୍ୟେଷ୍ଠ ପାର୍ଟନରଙ୍କ ସହ ବିବାହ କରିବାକୁ ଯୋଜନା କରୁଛନ୍ତି ବୋଲି ମେଗାନ କହିଛନ୍ତି।



### 'ବର୍ଡର-୨' ଶୁଟିଂ ଆରମ୍ଭ



ସନି ଦେଓଲ

**ମୁମ୍ବାଇ:** ସିନେ ପ୍ରଶଂସକଙ୍କ ପାଇଁ ଖୁସି ଖବର। ପରଦାକୁ ଆସିବ ନବେ ଦଶକର ସୁପରହିଟ୍ ଚଳଚ୍ଚିତ୍ର 'ବର୍ଡର'ର ଦ୍ୱିତୀୟ ଭାଗ 'ବର୍ଡର-୨'। ଇତିମଧ୍ୟରେ ଆରମ୍ଭ ହୋଇଛି ଚଳଚ୍ଚିତ୍ରର ଶୁଟିଂ। ବାସ୍ତବତାର ରୂପରେଖ ଦେବାକୁ ଯାଇ ନିର୍ମାତାମାନେ ଝାନ୍ସିରେ ଏଥିଲାଗି ସ୍ୱତନ୍ତ୍ର ସେଟ୍ ନିର୍ମାଣ କରିଛନ୍ତି। ଚଳଚ୍ଚିତ୍ରରେ ପୁରୁଣା କଳାକାରଙ୍କ ସହ କେତେଜଣ ନୂଆ କଳାକାର ଏଣ୍ଟ୍ରି କରୁଛନ୍ତି। ଶୁଟିଂ ଆରମ୍ଭ ହେବା ପରେ କଳାକାରମାନେ ଖୁସିବ୍ୟକ୍ତ କରି ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରୁଛନ୍ତି। ସେଗୁଡ଼ିକ ଭାଇରାଲ ହେଉଥିବା ବେଳେ ପ୍ରଶଂସକ ଚଳଚ୍ଚିତ୍ର ନେଇ ଶୁଭକାମନା ଜଣାଉଛନ୍ତି। ୧୯୯୭ରେ ରିଲିଜ ହୋଇଥିଲା ଚଳଚ୍ଚିତ୍ର 'ବର୍ଡର'। ଏହା ୧୯୭୧ରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧର ଘଟଣାବଳୀ ଉପରେ ଆଧାରିତ ଥିଲା। ଚଳଚ୍ଚିତ୍ରରେ ସନି ଦେଓଲ, ସୁନୀଲ ସେଟ୍ଟୀ, ଜ୍ୟାକି ଶ୍ରଫ, ଅକ୍ଷୟ ଖାନ୍ନା, ସୁଦେଶ ବୈରୀ, ପୁନୀତ ଇସ୍ସାର, କୁଲଭୂଷଣ ଖରବନ୍ଦା, ତବ୍ବୁ, ରାକ୍ଷୀ, ପୂଜା ଭଟ୍ଟ ଏବଂ ଶର୍ବାନୀ ମୁଖାର୍ଜୀ ନଜର ଆସିଥିଲେ। ହେଲେ ଦ୍ୱିତୀୟ ଭାଗରେ ସନି ଦେଓଲଙ୍କ ବ୍ୟତୀତ କେତେଜଣ ନୂଆ କଳାକାର ଯୋଡ଼ି ହେବେ। ସୁନୀଲ ସେଟ୍ଟୀଙ୍କ ପୁଅ ଅହାନ ସେଟ୍ଟୀ, ଦିଲଜିତ ଦୋସାଞ୍ଜ ଏବଂ ବରୁଣ ଧାୱନ ପ୍ରମୁଖ ଭୂମିକାରେ ନଜର ଆସିବେ। 'ବର୍ଡର-୨'କୁ ଭୂଷଣ କୁମାର, କୃଷ୍ଣ କୁମାର, ଜେ.ପି. ଦତ୍ତାଙ୍କ ସହ ଅନ୍ୟ ପ୍ରଯୋଜନା ସଂସ୍ଥା ମିଶି ନିର୍ମାଣ କରୁଛନ୍ତି। ଅନୁରାଗ ସିଂ ଏବଂ ଜେ.ପି. ଦତ୍ତା ଏହାର ନିର୍ଦ୍ଦେଶନା ଦେଉଛନ୍ତି।

# "ଅନ୍ୟର ଦୁଃଖରେ ଘାରିହେବା, ଅଥଚ କିଛି କରିନପାରିବାର ବେଦନାବୋଧରେ ଥାଏ ମୋ' ଗଳ୍ପର ମଞ୍ଜି..."

– କ୍ଷୀରୋଦ ଦାସ



## ସୃଜନ ଆଳାପ

କ୍ଷୀରୋଦ ଦାସ ଆମ ସମୟର କଥା ସାହିତ୍ୟରେ ଏକ ଉଜ୍ଜ୍ୱଳ ଉପସ୍ଥିତି, ଯାହାଙ୍କ ଲେଖନୀରୁ ଅଦ୍ୟାବଧି ରୂପ ଘେନିଛି ୨୦ରୁ ଅଧିକ ଗଳ୍ପଗ୍ରନ୍ଥ, ଆଠଟି ଉପନ୍ୟାସ ଓ ସାତଟି ସମ୍ପାଦିତ ଗ୍ରନ୍ଥ। 'ଅସୁସ୍ଥ ସମୟ', 'ମୂକ ରାଜଜେମା', 'ଭୋକ', 'ସତସତିକା ଖେଳ', 'ମୁଠାଏ ଦୀର୍ଘଶ୍ୱାସ', 'ନବଘନର ଘର', 'ଶୂନ୍ୟ ଉପତ୍ୟକା', 'ବୋଲେ ହୁଁଟି' ଓ 'ଅଧ୍ୟାୟ ଅଷ୍ଟାଦଶ' ଭଳି ଗଳ୍ପଗ୍ରନ୍ଥ ଏବଂ 'ସମ୍ପର୍କର ସୂତାଖିଅ', 'ବେଦନାର ବେଦ', 'ପ୍ରିୟ ପୃଥିବୀ' ଓ 'ମହାନାୟକ' ଭଳି ଉପନ୍ୟାସର ସେ ଦମ୍‌ଦାର ସ୍ରଷ୍ଟା। ଓଡ଼ିଆ କଥା ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ, ଯହିଁରେ ସାମିଲ 'ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର', 'କାଦମ୍ବିନୀ ଗଳ୍ପ ପୁରସ୍କାର', 'ଫକୀରମୋହନ କଥା ସମ୍ମାନ', 'ପଶ୍ଚିମା ଗଳ୍ପ ପୁରସ୍କାର' ଓ 'କର୍ମବୀର ଗୌରୀଶଙ୍କର ରାୟ ଗଳ୍ପ ସମ୍ମାନ'। ପାଠିକାପାଠକଙ୍କ ପାଇଁ ନିବେଦିତ କ୍ଷୀରୋଦଙ୍କ ସହ 'ସାହିତ୍ୟାୟନ'ର ଏ ସୃଜନ-ଆଳାପ।

**ପ୍ର: ଆପଣଙ୍କ ଗାଳ୍ପିକ ଜୀବନରେ ଜନ୍ମମାଟିର ପ୍ରଭାବ କେମିତି?**

ଉ: ମୋର ଜନ୍ମ ନିପଟ ମଫସଲରେ, ଯେଉଁଠି ସଞ୍ଜ ନୋଉଁ ନୋଉଁ ଅନ୍ଧାର ଘୋଟିଯାଏ। ସେଇ ମାଟିର ଥିଲା ଅନନ୍ୟ ଏକ ମହକ। ମଣିଷ-ମଣିଷ ଭିତରେ ଥିଲା ଅତୁଟ ସମ୍ପର୍କ। ଗାଁ ଦାଣ୍ଡର ବର୍ଷାପାଣିରେ କାଗଜଡଙ୍ଗା ଭସାଇବାର ଉଲ୍ଲାସ, ଖୁଦୁରୁକୁଣୀ ଓଷାରେ ଗାଁ ଝିଅଙ୍କ ପାଇଁ ବେଙ୍କେ ପାଣିରେ ପଶି କଇଁଫୁଲ ତୋଳିବା, ଫୁଲ ବଉଳବେଣୀ ଗୀତ ମୋ' ମନରେ ଭରିଦେଇଥିଲା ଅଦ୍ଭୁତ ନିଶା। ସାହିତ୍ୟ ଆଡ଼କୁ ଢଳିବାର ନିଶା।

**ପ୍ର: ପିଲାବେଳର କିଛି ଘଟଣା, ଯାହା ଆଜିଯାଏ ଆପଣଙ୍କର ମନେଅଛି, ଆମକୁ କହିବେ କି?**

ଉ: ଛାୟା ବୋଲି ଗୋରୀ, ତନୁପାତଳୀ ଝିଅଟିଏ ଥିଲା ଆମ ପାଖ ଗାଁରେ, ଯାହାକୁ ଦେଖିଲେ ଦୁଃଖରେ ମୋ' ଛାତି ରୁନ୍ଧି ହୋଇଯାଏ। ଛାୟା କଥା କହିପାରେନା କି ଶୁଣିପାରେନା। ଲୋକମାନେ ତାକୁ ଛାୟା ବାୟାଣୀ ବୋଲି ଡାକନ୍ତି। ଦିନେ ଉପରବେଳା ଅସରାଏ ବର୍ଷା ହୋଇ ଛାଡ଼ି ଯାଇଥାଏ। ଛାୟା ସମସ୍ତଙ୍କ ନଜର ଏଡ଼ାଇ ଏକା ଏକା ଚାଲି ଆସିଥାଏ ରାସ୍ତା ଉପରର ଛୋଟ ବଜାରକୁ। ଆମ ଗାଁର ପବନା ନାମକ ବାଲୁଙ୍ଗା ପିଲାଟିଏ ଆସି ଛାୟା ପିନ୍ଧିଥିବା ପ୍ୟାଣ୍ଟିକୁ ତଳକୁ ଟାଣି ଛିଣ୍ଡାଇ ଦେଇ ଅନ୍ତର୍ଦ୍ଧାନ ହୋଇଗଲା। ଛାୟା ସେତେବେଳକୁ ପ୍ରାପ୍ତବୟସ୍କା। ଅଳ୍ପ ଦୂରରେ ମୁଁ ଠିଆ ହୋଇଥିଲି। ଧାଇଁଯାଇ ଅର୍ଦ୍ଧଉଲଗ୍ନ ଛାୟାର ଦେହ ଘୋଡ଼ାଇ ଦେଲି ମୋ' ଟାୱେଲରେ। ପରେ ପରେ ଆସି ପହଞ୍ଚିଗଲେ ତା' ବାପା, ଆମ ଯଶୋବନ୍ତ ସାର୍‌। ସ୍ନେହରେ ମୋ' ମୁଣ୍ଡ ଆଉଁଶି ଦେଇ କହିଲେ- "ବଡ଼ ହେଲେ ତୁ ଭଲ ମଣିଷଟିଏ ହେବୁ।"

**ପ୍ର: କଥାସାହିତ୍ୟର ମଞ୍ଜି କେବେ ଓ କେମିତି ବୁଣା ହେଲା ଆପଣଙ୍କ ଭିତରେ?**

ଉ: ଏକ ରାଇଜରେ ଜଣେ ରାଜାଥିଲେ। ତାଙ୍କର ଦିବ୍ୟସୁନ୍ଦରୀ କନିଆଁଟିଏ ଥିଲା। ଦିନେ ରାଜଜେମା ତା' ସଖୀମାନଙ୍କ ସହ ରାଜ ଉଦ୍ୟାନରେ ବୁଲୁଥିବା ବେଳେ ମହାବଳ ରାକ୍ଷସଟିଏ ଝପଟି ଆସି ରାଜଜେମାକୁ ଶୂନ୍ୟେ ଶୂନ୍ୟେ ଟେକିନେଇ ଚାଲି ଗ..ଅ..ଲା..ଆ..। ଆମ ଭାଇ ଭଉଣୀ ଦି'ଜଣଙ୍କୁ ଦୁଇ ପାଖରେ ଶୁଆଇ ମନମତାଣିଆ ଗପ କହୁକହୁ ବୋଉ ଶୋଇପଡ଼େ। ଗପ ଶୁଣୁଶୁଣୁ ଅପା ଶୋଇପଡ଼େ, ମୁଁ କିନ୍ତୁ ଶୋଇପାରେନା। ସାରା ରାତି ଭାଳି ହେଉଥାଏ ସେଇ ସୁକୁମାରୀ ରାଜକନ୍ୟା କଥା। ଦୁଷ୍ଟ ରାକ୍ଷସଟା ତାକୁ କାମୁଡ଼ାକାମୁଡ଼ି କରିବନି ତ! ସେ ଭଲରେ ଭଲରେ ରାଜନଅରକୁ ଫେରିଆସିବ ତ! ଅନ୍ୟର ଦୁଃଖରେ ଘାରି ହେବା, ଅଥଚ କିଛି କରି ନ ପାରିବାର ବେଦନାବୋଧରେ ଥାଏ ମୋ' ଗଳ୍ପର ମଞ୍ଜି, ଯାହା ବୁଣା ହୋଇଛି ସେଦିନରୁ।



**ପ୍ର: ଆପଣଙ୍କ ପ୍ରେରଣାର ଉତ୍ସ କିଏ?**

ଉ: ମୋ' ବୋଉ ଓ ବହି।

**ପ୍ର: ପୁରସ୍କାର ବା ସାରସ୍ୱତ ସମ୍ମାନ କ'ଣ ଜଣେ ଲେଖକକୁ ଲେଖକୀୟ ସ୍ୱୀକୃତି ଦେଇଥାଏ?**

ଉ: ପୁରସ୍କାର ବା ସାରସ୍ୱତ ସମ୍ମାନ ସ୍ୱୀକୃତି ଦିଏନା, ଦିଏ ସାମୟିକ ଉଲ୍ଲାସ। ଲେଖକକୁ ସ୍ୱୀକୃତି ଦିଅନ୍ତି ପ୍ରଥମେ ସମ୍ପାଦକ, ପରେ ପାଠକ ଏବଂ ଶେଷରେ ପ୍ରକାଶକ।

**ପ୍ର: କଥା ସାହିତ୍ୟରେ ଆପଣଙ୍କ ସ୍ୱପ୍ନ କ'ଣ?**

ଉ: ପ୍ରଥମ ସ୍ୱପ୍ନ- ଏମିତି ଗୋଟିଏ ଗପ ବା ଉପନ୍ୟାସ ଲେଖନ୍ତି, ଯାହା ହୁଅନ୍ତା ସମ୍ପୂର୍ଣ୍ଣ ଅଭିନବ। କିନ୍ତୁ ଏ ସ୍ୱପ୍ନ ଅବାସ୍ତବ। କାରଣ ଆମେ ଯାହା ସବୁ ଲେଖୁଛନ୍ତି, ତାହା ଆମ ଆଗରୁ କେହି ନା କେହି ଲେଖିସାରିଛି। ଆମେ କେବଳ ଟିକେ ଭିନ୍ନ ବାଗରେ ସେହି କଥାର ପୁନରାବୃତ୍ତି କରୁଛନ୍ତି। ଦ୍ୱିତୀୟ ସ୍ୱପ୍ନ- ଗାଁର ଭାଗବତ ଟୁଙ୍ଗିଗୁଡ଼ିକରେ ଯେପରି ଭାଗବତ ପଢ଼ାଯାଏ ବିମୁଗ୍ଧ ଶ୍ରୋତାଙ୍କ ଆଗରେ, ଏବେ ପ୍ରତି ଗାଁରେ ପାଠାଗାରମାନ ନିର୍ମାଣ କରାଯାଇ ପ୍ରତିଦିନ ସଞ୍ଜବେଳେ ଲୋକମାନଙ୍କୁ ଘଣ୍ଟାଏ ଦୁଇଘଣ୍ଟା ଗଳ୍ପ ଉପନ୍ୟାସ ପଢ଼ାଯାଇ ଶୁଣାଯା'ନ୍ତା!

**ପ୍ର: ଓଡ଼ିଶାରେ ସାହିତ୍ୟକୁ ଜୀବିକା କରିହେବ କି?**

ଉ: ଆଦୌ ନୁହେଁ। ଆସନ୍ତା ପଚାଶ ବର୍ଷଯାଏ ଏ ସମ୍ଭାବନା ମୁଁ ଦେଖୁନାହିଁ। ଏଥିପାଇଁ ପ୍ରଥମେ ଲେଖକ ଓ ଦ୍ୱିତୀୟରେ ସରକାର ଦାୟୀ। ଯେଉଁଦିନ ଲେଖକ ନିଜ ପାଇଁ ନ ଲେଖି ସମାଜ ପାଇଁ ଲେଖିବ ଏବଂ ଭାଷା-ସାହିତ୍ୟ ସମାଜର ଏକ ଦରକାରୀ ଅଙ୍ଗ ବୋଲି ସରକାରଙ୍କ ହୃଦ୍‌ବୋଧ ହେବ, ସେହିଦିନ ସାହିତ୍ୟ ଜନାଭିମୁଖୀ ହେବ। କହିବା ବାହୁଲ୍ୟ ଯେ, ଜନାଭିମୁଖୀ ସାହିତ୍ୟରୁ ହିଁ ଧନ ଓ ସମ୍ମାନ ଉଭୟ ପ୍ରାପ୍ତହୁଏ।

**ପ୍ର: ଗଳ୍ପ ସାମାଜିକ ସଂସ୍କାର ଆଣିବାରେ ସମର୍ଥ ହୋଇପାରିଛି ବୋଲି ଆପଣ ମନେକରନ୍ତି କି?**

ଉ: ହଁ, ନୂଆବର୍ଷ ଦିନ ଛେଳିକଟା ହେବାର କରୁଣ ପରିଣତି କଥା ପଢ଼ି ଯାଜପୁରର ଗୋଟିଏ ପରିବାର ଯଦି ଆଜୀବନ ଶାକାହାରୀ ପାଲଟି ଯାଇପାରନ୍ତି, ଝିଅକୁ ଗୋଟିଏ ଚାପୁଡ଼ା ମାରିବାର ଲୁହଭିଜା ପରିଣତି ଥିବା ଗପ ପଢ଼ି ଯଦି ଅନେକ ମହିଳା ନିଜ ପିଲାମାନଙ୍କ ଉପରେ ଆଦୌ ହାତ ଉଠାଇବେ ନାହିଁ ବୋଲି ଶପଥ ନେଇପାରନ୍ତି, ବୁଢ଼ା ରିକ୍ସାବାଲାର ଗୋଟିଏ ରିକ୍ସାରେ ଚାରିଜଣ ପାସେଞ୍ଜର ବସାଇ, ନୟାନ୍ତ ହୋଇ ରିକ୍ସା ଟାଣିବାର ଗପ ପଢ଼ି ଯଦି ଜଣେ ବ୍ୟକ୍ତି କେବେ ହାତଟଣା ରିକ୍ସାରେ ନ ବସିବାର ପ୍ରତିଜ୍ଞା କରିପାରନ୍ତି, ସେତେବେଳେ ଆମେ କାହିଁକି ଭାବିବା ଯେ ସାମାଜିକ ସଂସ୍କାର ଆଣିବାରେ ଗଳ୍ପ ସମର୍ଥ ନୁହେଁ!

**ପ୍ର: ଆପଣ ବାସ୍ତବ ଜୀବନରେ ସାହିତ୍ୟିକର ଜୀବନ ବଞ୍ଚନ୍ତି ନା ସାଧାରଣ ମଣିଷର?**

ଉ: ସାହିତ୍ୟିକ ଜୀବନ ସାଧାରଣ ମଣିଷର ଜୀବନଠାରୁ ଭିନ୍ନ କି? ମୋ' ପାଖରେ ଯେହେତୁ ଅସାଧାରଣତ୍ୱ ବୋଲି କିଛି ନାହିଁ, ତେଣୁ ମୁଁ ସାଧାରଣ ଜୀବନ ବଞ୍ଚେ ଓ ସାଧାରଣ ମଣିଷର ହସକାନ୍ଦକୁ ନେଇ ଗପ ଲେଖେ।

**ପ୍ର: ଲେଖକ ବିବାଦୀୟ ହେଲେ ଅଧିକ ପ୍ରଶଂସିତ ହୁଏ ବୋଲି ଆପଣ ମନେକରନ୍ତି କି?**

ଉ: ଅନେକ କାରଣରୁ ଲେଖକ ବିବାଦୀୟ ହୋଇଥାଏ। ବିବାଦୀୟ ହେଲେ ସେ କିଛିମାତ୍ରାରେ ଚର୍ଚ୍ଚିତ ହୁଏ ସିନା ପ୍ରଶଂସିତ ହୁଏନା।

**ପ୍ର: ଆପଣଙ୍କ ମତରେ ଭଲ ଲେଖା ଓ ଖରାପ ଲେଖା କ'ଣ?**

ଉ: ଭଲ ଲେଖା- ଯାହା ଭୁଲିହୁଏନା। ଖରାପ ଲେଖା- ଯାହା ପଢ଼ିହୁଏନା।

**ପ୍ର: ଲେଖକ ସବୁବେଳେ ଆଦର୍ଶ ଆଚରଣ କରିବ ଓ ନୀତିନିଷ୍ଠ ଲେଖା ଲେଖିବ- ଏଥିରେ ଆପଣ ଏକମତ କି?**

ଉ: ମୋର ସାନ ମତରେ ଯିଏ କଲମ ଧରିଛି ସେ ନିଶ୍ଚୟ ଭଲ ମଣିଷଟିଏ ହୋଇଥିବ। ଆଉ ଭଲ ମଣିଷ ଆଦର୍ଶସ୍ଥାନୀୟ ଓ ନୀତିନିଷ୍ଠ ହେବ ହିଁ ହେବ।

**ପ୍ର: ଆପଣଙ୍କ ଲେଖା କାଲି ଯାହା ଥିଲା, ଆଜି ବି ସେମିତି- ଏହାର ଉତ୍ତରରେ ଆପଣ କ'ଣ କହିବେ?**

ଉ: ସେମିତିକେମିତି ହେବ? ପ୍ରତିମୁହୂର୍ତ୍ତରେ ବଦଳୁଛି ଜୀବନ- ଏହା ସଂସାରର ନିୟମ। ଏଥିରୁ ମୁଁ ବା ବାଦ୍ ଯାଆନ୍ତି କିପରି? ପରିବର୍ତ୍ତନ ସହ ତାଳଦେଇ ମୋର ସୃଷ୍ଟି ବଦଳି ଚାଲିଛି ଅହରହ।

## ପୁସ୍ତକ ପରିଚୟ

### ବିକାଶପର୍ବରେ ସାମ୍ପ୍ରତିକ ଓଡ଼ିଆ ଗୀତିକବିତା



**ପ୍ରାବନ୍ଧିକ:** ମନୋଜ ପଟ୍ଟନାୟକ
**ପ୍ରକାଶକ:** ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୪୨୦/-

ଗୀତି-କବିତାର ଆକଳନଧର୍ମୀ ଏହି ସଂକଳନରେ ମୋଟ ୨୧ଟି ପ୍ରବନ୍ଧ ସ୍ଥାନିତ। ଏ ସବୁ ପ୍ରବନ୍ଧରେ ପ୍ରାବନ୍ଧିକ ଗୀତିକବିତାର ସ୍ୱାତନ୍ତ୍ର୍ୟ, ତହିଁରେ ନିହିତ ପ୍ରେମ-ପ୍ରୀତି-ପ୍ରଣୟ, ପ୍ରକୃତି, ଜୀବନ-ସ୍ୱର, ଦୁଃଖ-ନିରାଶା-ବିରହ, ବର୍ଷା, ଫଗୁଣ ଆଦି ବିଭାବଗୁଡ଼ିକୁ ତନ୍ନତନ୍ନ କରି ଆଲୋଚନା କରିବା ସହିତ ଯେଉଁ କେତେଜଣ ଗୀତିକବିଙ୍କ ଉପରେ ସ୍ୱତନ୍ତ୍ର ଆଲୋଚନା କରିଛନ୍ତି, ସେମାନେ ହେଲେ ସ୍ନେହଲତା ମହାନ୍ତି, ବିନୋଦିନୀ ଦେବୀ, ଜୀବନାନନ୍ଦ ପାଣି, ଶିବବ୍ରତ ଦାସ, ନାରାୟଣ ପ୍ରସାଦ ସିଂହ, ଗୁରୁକୃଷ୍ଣ ଗୋସ୍ୱାମୀ, ଅକ୍ଷୟ ମହାନ୍ତି, ଦେବେନ୍ଦ୍ର ଦାସ, ନନ୍ଦକିଶୋର ସିଂହ, ଗୌରହରି ଦଳାଇ, ବୃନ୍ଦାବନ ଜେନା, ଗୌର ପଟ୍ଟନାୟକ ଓ ସଚ୍ଚି ମହାନ୍ତି। ଗ୍ରନ୍ଥାରମ୍ଭରେ 'କିଛି କଥା' ଶୀର୍ଷକରେ ମନୋଜ କହନ୍ତି: "ଗୀତିକବିତା ଓ ଗୀତି କବିମାନଙ୍କ ସମ୍ପର୍କରେ ଆଲୋଚନା ପ୍ରାୟତଃ ଆମ ସାହିତ୍ୟରେ ଖୁବ୍ ସୀମିତ। x x ଏ ସମ୍ପର୍କିତ ପ୍ରବନ୍ଧ ସଂକଳନଟିଏ ପ୍ରକାଶ କରିବା ପାଇଁ ତତ୍ପର ହୋଇ ଏହି କଷ୍ଟସାଧ ପ୍ରକ୍ରିୟାରେ ମନୋନିବେଶ କରିଛି।" ଗୀତି-କବିତାରେ ପ୍ରେମର ଗଭୀରତାକୁ ମାପିବାକୁ ଯାଇ ଲେଖକ ଅକ୍ଷୟ ମହାନ୍ତିଙ୍କର ଯେଉଁ କବିତାଟି ପୃ:୧୬ରେ ସେ ଉଦ୍ଧାର କରିଛନ୍ତି, ସେଇଟି ଏହିପରି: "ହାୟ ସେ ହରିଣୀ ଆଖି/ ଆଣିଲା ମତେ ଯେ ଡାକି/ ପାରେନା ଜାଣି କାହିଁ ଗଲା ସେ ଆଜି/ ଶିକାରୀ ହୋଇ ମୁଁ ଦିନେ/ ଆସିଲି ଏଇ ବନେ/ ପ୍ରଣୟୀ ହୋଇ ସିନା ରହିଲି ଆଜି।" ସମଗ୍ର ଗ୍ରନ୍ଥର ପ୍ରତ୍ୟେକଟି ଆଲୋଚନାରେ ପାଠକ ଜଣେ ପ୍ରତିବଦ୍ଧ ଆଲୋଚକଙ୍କୁ ଯେ ଆବିଷ୍କାର କରିବ ତାହା ନୁହେଁ, ଏଥିସହିତ ତାଙ୍କ ଭାଷା ଓ ବିଶ୍ଳେଷଣର ରସାଳ ଆବେଦନରେ ମୁଗ୍ଧ ହେବ। ଆଶା, ବହିଟି ପାଠକୀୟ ଆଦୃତି ଲାଭ କରିବ।

### ଆଶାର ଆଲୋକ



**ମୂଳ ମାଲାୟାଲମ୍:** ପି.ଏସ୍. ଶ୍ରୀଧରନ୍ ପିଲାଇ
**ଓଡ଼ିଆ ଭାଷାନ୍ତର:** ନିରଞ୍ଜନ ସାହୁ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୦୦/-

ଆଲୋଚ୍ୟ ଗଳ୍ପ ସଂକଳନଟି ମୂଳ ମାଲାୟାଲମ୍ ଭାଷାରୁ ଇଂଲିଶ୍ ମାଧ୍ୟମରେ ଓଡ଼ିଆକୁ ଅବତରି ଆସିଛି ଅନୁବାଦକ ନିରଞ୍ଜନ ସାହୁଙ୍କ ସମର୍ପିତ ଉଦ୍ୟମ ଦ୍ୱାରା। ଏଥିରେ ମୋଟ ୬ଟି ଗଳ୍ପ ସ୍ଥାନିତ। ଯଥା: ଅଲିଭା ଦାଗ, ଗୋଧୂଳି, ସମ୍ପୂର୍ଣ୍ଣା, ଖୁସି ଖବର, ଆଶାର ଆଲୋକ, ଅଭିଶପ୍ତ ଜମିଦାରଙ୍କ ଉଆସ: ଏକ ଅକୁହା କାହାଣୀ। ପିଲାଇଙ୍କ ମନ ସୃଜନଶୀଳତା ଆଡ଼କୁ ବାରବାର ଢଳିଥିବା ସତ୍ତ୍ୱେ ସେ କରୋନା ମହାମାରୀ କାଳରେ ମିଜୋରାମର ରାଜ୍ୟପାଳ ଥାଇ ଗଳ୍ପ ଲେଖିବାକୁ ସମୟ ବାହାର କରି ପାରିଛନ୍ତି। ନିଜେ ଅଙ୍ଗେ ନିଭାଇଥିବା ଘଟଣାକୁ ନେଇ ତାଙ୍କ ଗଳ୍ପ, ଯହିଁରେ ପୁଟ ଲାଗିଛି ପ୍ରୟୋଜନୀୟ କଳ୍ପନାର। ଯେଉଁ ଇଂଲିଶ୍ ବହିରୁ ନିରଞ୍ଜନ ଅନୁବାଦ କରିଛନ୍ତି, ସେ ବହିଟି ହେଲା- 'On the side of the angels.' ପ୍ରଚ୍ଛଦଲେଖରେ କୁହାଯାଇଛି- ଲେଖକଙ୍କ ଚରିତ୍ରଗୁଡ଼ିକ ଚିହ୍ନାଚିହ୍ନା। ବର୍ଣ୍ଣନା ରସାଳ, ଲାଗିବ ଯେମିତି ଛୋଟିଆ ଜିନିଷଟିଏ ବି ଲୁଚିଯାଇନି ତାଙ୍କ ନଜରରୁ। ଫେସ୍‌ବୁକ୍‌ର ମାୟାରେ ଛନ୍ଦି ହୋଇ ପଡ଼ିଥିବା ନୂତନ ପ୍ରଜନ୍ମର ପିଲାମାନଙ୍କୁ କିପରି ସେଥିରୁ ନିବର୍ତ୍ତାଯାଇ ପାରିବ- ଏହି ବିଷୟକୁ ନେଇ ଗଳ୍ପ 'ଖୁସି ଖବର'। ଗଳ୍ପର ପରିଣତିରେ ଫେସ୍‌ବୁକ୍‌ରୁ ବାସ୍ତବ ଦୁନିଆ ଆଡ଼କୁ ମୁହଁ ଫେରାଇଥିବା ନାତି ଅଜାଙ୍କ ପାଖକୁ ଗୋଟିଏ ମାଛର ଛବି ପଠାଇଛି, ଯାହାକୁ ସେ ନିଜେ ବନଶୀ ପକାଇ ଧରିଛି। ନାତିର ଏ ପରିବର୍ତ୍ତନରେ ଅଜାଙ୍କର ଆଖି ଛଳଛଳ ହୋଇଯାଇଛି। ପିଲାଇଙ୍କ ଗଳ୍ପ 'ଗଳ୍ପ ପାଇଁ ଗଳ୍ପ' ନୁହେଁ, 'ସମାଜର ପରିବର୍ତ୍ତନ ପାଇଁ ଗଳ୍ପ'। ଅନୁବାଦର ଭାଷା ସରଳ ଓ ସବୁବର୍ଗର ପାଠିକାପାଠକଙ୍କ ପାଇଁ ସହଜଗମ୍ୟ। ବହିଟିର ବହୁଳ ପ୍ରସାର ଆଶା କରାଯାଏ।

## କାଳକାଳକୁ

"ଯାହା ଶୁଣୁଛ,
ତାକୁ ଜମା ନୁହେଁ;
ଯାହା ଦେଖୁଛ
ତା'ର ଅଧାକୁ
କେବଳ ବିଶ୍ୱାସ କର।"

– ଏଡ୍‌ଗାର ଏଲାନ୍ ପୋ'



**ଏଡ୍‌ଗାର ଏଲାନ୍ ପୋ'**ଙ୍କ ଜନ୍ମ ୧୯ ଜାନୁଆରୀ ୧୮୦୯ରେ ଆମେରିକାର ବୋଷ୍ଟନ୍‌ରେ ଓ ପରଲୋକ ୭ ଅକ୍ଟୋବର ୧୮୪୯ରେ ଆମେରିକାର ବାଲ୍‌ଟିମୋର୍‌ରେ। ଏକାଧାରରେ ସେ କବି, କଥାକାର, ସାହିତ୍ୟ ସମାଲୋଚକ ଓ ସମ୍ପାଦକ। ତାଙ୍କ ରଚନାଗୁଡ଼ିକ ମଧ୍ୟରୁ ପ୍ରମୁଖ କେତୋଟି ହେଲା- କବିତା: 'ଦ ସିଟି ଇନ୍ ଦ ସି', 'ଏ ଡ୍ରିମ୍ ୱିଦିନ୍ ଏ ଡ୍ରିମ୍'; ଗଳ୍ପ: 'ଦ ବ୍ଲାକ୍ କ୍ୟାଟ୍', 'ମୋରେଲା', 'ଦ ପ୍ରିମାଚ୍ୟୁଅର୍ ବରିଆଲ', 'ଦ ଓଭାଲ୍ ପୋର୍ଟ୍ରେଟ୍' ଓ 'ଲସ୍ ଅଫ୍ ବ୍ରେଥ୍'। ଗଳ୍ପ, କବିତା ସାଙ୍ଗକୁ ବିଜ୍ଞାନ ଉପନ୍ୟାସକୁ ତାଙ୍କର ଦାନ ପ୍ରତୁଳ ଓ ଆମେରିକୀୟ ଗୁଇନ୍ଦା ଉପନ୍ୟାସର ଆଦ୍ୟ ପ୍ରବର୍ତ୍ତକ ଭାବେ ସେ ମାନ୍ୟତାପ୍ରାପ୍ତ। ଏଡ୍‌ଗାର କହନ୍ତି: "ଶଠତା, ଭୟ, କାର୍ପଣ୍ୟ, କଳ୍ପନା ଓ କବିତାରୁ ହିଁ ଧର୍ମର ଉତ୍ପତ୍ତି।" ଏବଂ କହନ୍ତି: "ଯାହା ଅଦୃଶ୍ୟ, ତାହା ହିଁ ଅସଲ ବାସ୍ତବତା।"

## କବିତା

### ପ୍ରେମର ଠିକଣା

**ସେନାପତି ପ୍ରଦ୍ୟୁମ୍ନ କେଶରୀ**

ପ୍ରେମ: ଅସମ୍ପୂର୍ଣ୍ଣ ଠିକଣା ବିଷୟରେ ପଚାରି ପଚାରି
ଡାକବାଲା ଫେରେଇ ନେଉଥିବା ଗୋଟେ ବେନାମି ଚିଠି
ଖଳାରେ ପଡ଼ିପଡ଼ି ଅମଳ ହେଇ ପାରୁ ନ ଥିବା
ଗୋଟେ କୌତୁକିଆ କଳେଇ
ନା ଜଳ, ଜମି, ଜଙ୍ଗଲ ନା କୁଡ଼ିଆ, ବସ୍ତି, କୋଠାଘର
ପ୍ରେମ ତା' ବାଟରେ ମସ୍ତ
ଏକ ପରିଚୟହୀନା ପବିତ୍ର କୋଳ!

ଆକାଶକୁ ଆଲିଙ୍ଗନ ମାଗୁଥିବା
ଗୋଟେ ଚତୁର୍ମାସିଆ କାଦୁଆ ରାସ୍ତା ହିଁ ପ୍ରେମ
କାହା ପାଇଁ ନିଷିଦ୍ଧ ଗନ୍ଧ ତ
କାହା ପାଇଁ ଉଚ୍ଛନ୍ନ ପବନର ନିବିଡ଼ ଆଲିଙ୍ଗନ!

ପ୍ରେମ: ବିଲର ମଝି ଗହୀରରେ ଚକାପାରି ବସିଥିବା
ଗୋଟେ ଖୋଲା ବାମ୍ଫି
ଯା'ର ମୁକୁଳା ଗର୍ଭକୁ ଯେତେ ଯାହା ଫିଙ୍ଗିଲେ
ଫିଙ୍ଗୁ ପଛେ ଝଡ଼ରାତି
ତଥାପି ସେ ମେଲା ରଖିଥାଏ ଖୋଲା ହୃଦୟ।

ପ୍ରେମ ଗୋଟେ ପରିତ୍ୟକ୍ତ ତପ୍ତ ମରୁଭୂମି
ଯା'ର ମନ ଲୁଚେଇ ରଖିଥାଏ
ଗୋଟେ ମିଠା ଓଏସିସ୍!
ଯେମିତି କପାଳରୁ ଝରି ନାହିମୁଣ୍ଡରେ
ଅଟକି ରହିଥିବା ବୁନ୍ଦେ ତତଲା ଝାଳ
ଯାହା କେବେ ତଳକୁ ଖସେନି!
ଡେଇଁଲେ କୁଦିଲେ କି ହାତରେ ପୋଛିଦେଲେ ବି
ଦେହକୁ ଛାଡ଼ି ସେ କୁଆଡ଼େ ଯାଇପାରେନି!

ପ୍ରେମ: ପୋଥି ନୁହେଁ କି ପୁରାଣ
ଶ୍ଳୋକ ନୁହେଁ କି ପ୍ରାର୍ଥନା
ଏକ ଆଦିମ ଅନୁଭବର ଶିକାର ହେଉଛି ପ୍ରେମ
ସାତ ତାଳ ସମୁଦ୍ର ଜଳର ଆବେଗମୟ ଲହଡ଼ିରେ
ଭାସୁଥିବା ଖଣ୍ଡେ ମହମହ କାଠଖଣ୍ଡ
ଯିଏ ତାକୁ ଚିହ୍ନିପାରେ,
ସିଏ ତା' ପାଇଁ ପାଲଟିଯାଏ ପବିତ୍ର ଦାରୁବ୍ରହ୍ମ!

ମୋ: ୬୩୭୧୫୨୩୫୯୮

### ଯାହା ମୁଁ କହିପାରୁନି

**ଡା. ମନୋରଞ୍ଜନ ଦାଶ**

ଭୁଲି ଯିବନି ମୋତେ
ଦୂରେଇ ଯାଉଚି ମୁଁ ସତେ
ବିତିଚି କେତେ ପ୍ରୀତି ଓ ଆଗେ
ପୁଣି ମାନ ଓ ଅଭିମାନ,
ସାଇତି ରଖିବ ଛାତିରେ ଜଡ଼େଇ
ଯାହା ଆମ ଅଭୁଲା ସ୍ମୃତି...
ଯାହା ମୁଁ କହିପାରିନି କାହାକୁ,
ତା' ମୋ' ନୀରବତା
ସେଇଠି ଘାରିଥାଏ ନିଃସଙ୍ଗତା
ସେଇଠୁ ଜନ୍ମନିଏ କବିତା ଏବଂ
ଭାରି ମନେପଡ଼ ତମେ...

ମୋ: ୯୪୩୭୩୧୭୭୨୨

### ମୁଁ ନୂଆବର୍ଷ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ଅସ୍ତ ସୂର୍ଯ୍ୟର ଲାଲିମା ଭିତରୁ
ଉକୁଟି ଉଠୁଥିବା ହସକୁ
ବିଞ୍ଛି ପଡ଼ିବାକୁ ଦିଅ
ଆକାଶ ସାରା, ବସୁଧା ସାରା।

କ୍ଳାନ୍ତ ପକ୍ଷୀର ଘରବାହୁଡ଼ା
ସଞ୍ଜୁଆ ଫୁଲର ମହକ
ତୋଫା ଜହ୍ନର ଆଲୁଅରେ
ମନକୁ ହଜାଇ ଦେବାକୁ
ଅଭ୍ୟାସ କର।

ନୀରବତା ଭିତରେ ଅନୁଭବ କର
ଈଶ୍ୱରୀୟ ଆତ୍ମୀୟତା।
ଦେଖିବ, ଚିହ୍ନିବ ଅନ୍ଧାରକୁ।

ଗୋଟାଏ ନବପ୍ରଭାତର ଉନ୍ମାଦନା
କୋଳେଇ ନେବ ତୁମକୁ।
ତାକୁ ତୁମେ ନୂଆଦିନ,
ମାସ କି ବର୍ଷ କହିପାର।
ସ୍ୱାଗତ କର ନୂଆବର୍ଷକୁ
ନୂଆ ଜୀବନର ଉପଲବ୍ଧିକୁ।

ମୋ: ୬୩୭୦୧୬୬୨୦୪

### ଗୀତି-କବିତା

### ପାହାଡ଼ୀ ଝରଣା କି ଗୀତ ଗାଉଛି

**ହରିଶ୍ଚନ୍ଦ୍ର ବେହେରା**

ପାହାଡ଼ୀ ଝରଣା କି ଗୀତ ଗାଉଛି
ପ୍ରୀତିର ପୂରବୀ ତୋଳି
ଦୂର ସାଗରର ମିଳନ ପିୟାସୀ
ହୃଦୟ ଦୁଆର ଖୋଲି।

ଗଭାରେ ଖୋସିଛି ବଣ ରାଇଜର
କେତେ ମହକର ଫୁଲ
କେଉଁଠି ବାଜୁଛି ମୋହନ ବାଂଶୁରୀ
ପ୍ରାଣ ହୁଏ ମତୁଆଲ
କେତେ ଆକଟକୁ ଆଡ଼େଇ ଚାଲିଛି
ବିରହ ନିଆଁରେ ଜଳି।

କେତେ ଦୁଃଖ ଆଉ ବେଦନାକୁ ଧରି
ଚାଲିଛି ପ୍ରୀତି ପାଗଳୀ
ଦିନର ଆଲୁଅ ରାତିର ଅନ୍ଧାର
ହୋଇଛି ଦେହରେ ବୋଳି
ବାଟ ଚାଲୁ ଚାଲୁ ଝିଅ ପୁଅଙ୍କର
ସହିଛି ସବୁ ଅର୍ଦ୍ଦଳି।

କେବେ ତାରାଭରା ନୀଳ ଆକାଶକୁ
ପିନ୍ଧିଛି ସେ ଶାଢ଼ି କରି
କେବେ ନୀଳିମାରେ ସଜେଇ ହୋଇଛି
ସତେ ଅବା ନୀଳ ପରୀ
ଚିହ୍ନା ଓ ଅଚିହ୍ନା ଫୁଲ ସମ୍ଭାରରେ
ଭରିଛି ନିଜ ଅଞ୍ଜଳି।

ମୋ: ୯୪୩୭୮୧୩୭୦୮

## ଶୂନ୍ୟତାର ପ୍ରତିଧ୍ୱନି

**ଲଘୁଗଳ୍ପ**

**ପ୍ରତାପ ବିଶ୍ୱାଳ**

- ଅନ୍ଧାରରେ ବସି କ'ଣ କରୁଛନ୍ତି?
- କଥା ହେଉଛି।
- କାହା ସାଥିରେ?
- ଛାଇ ସାଥିରେ।
- ଛାଇ ସାଥିରେ! ଛାଇର କ'ଣ ଜୀବନ ଅଛି?
- ଅଛି।
- ଦେଖିପାରିବି?
- ଜହ୍ନର ପଛପଟକୁ କ'ଣ ଦେଖିହୁଏ? ଅନ୍ଧାର। ଅନୁଭବି ହୁଏ।
- କ'ଣ?
- ଅନ୍ଧାରପଣକୁ। ଜହ୍ନର ପ୍ରକୃତ ସ୍ୱରୂପକୁ।
- ଆପଣ କ'ଣ ଫିଲୋସଫର?
- ନା, କବିତା ଲେଖେ। ସେ ଡାକୁଥିଲା ପ୍ରିୟ କବି।
- ସେ ମାନେ! ଆପଣଙ୍କ ପ୍ରେମିକା?
- ପ୍ରେମିକା ନୁହେଁ ଗୋଟାଏ ଅନ୍ଧ ଅନୁରକ୍ତି। ସ୍ୱପ୍ନଚଢ଼ା ପାହାଡ଼। ପାଖରେ ଗୋଟାଏ ଭରା ଲୁହର ସମୁଦ୍ର।
- କେବେଠାରୁ ସମ୍ପର୍କ?
- ସେବେଠାରୁ, ଯେବେଠାରୁ ନିଜର ପରିଚୟକୁ ନିଜ ଭିତରେ ଖୋଜିଲାବେଳେ ତାକୁ ପାଇଥିଲି।
- ବହୁତ ଭଲପାଉଥିଲେ ତାଙ୍କୁ?
- ତାଙ୍କୁ ନୁହେଁ ମୋ' ବିଶ୍ୱାସକୁ। ଯାହା ନିଜ ଭିତରେ ଅନ୍ଧାରରେ ଥିଲା। ଯେଉଁ ଅନ୍ଧାରରେ ବି ଆଇନାରେ ମୁହଁ ଦେଖିହୁଏ। ପ୍ରେମ ଜଣଙ୍କ ଆଖିରେ ଅନ୍ୟଜଣେ ତା' ମୁହଁ ଦେଖିପାରିଲେ ଆରମ୍ଭ ଶେଷ କିନ୍ତୁ ନିଜ ଆଖିର ଲୁହରେ।



- ପ୍ରତାରିତ ଆପଣ?
- ନା, ସେମିତି କାହିଁକି ଭାବୁଛ? ସମ୍ପର୍କ କେବେ ବିପରୀତାତ୍ମକ ନୁହେଁ। ଅନୃତ ବି ନୁହେଁ। ପ୍ରେମରେ କେବେ ଅତୀତ ନ ଥାଏ। ସମ୍ପର୍କିତ ନ ହେଲେ ବି ପ୍ରେମ କେବେ ଅପ୍ରେମ ହୁଏନା।
- ଏବେ ବି କ'ଣ ଆପଣ ପ୍ରେମରେ?
- ସମୟ କିଛି ନୁହେଁ, ଗୋଟାଏ ଦୋଳିଖେଳ। ଗୋଟିଏ ପାଖକୁ ଗଲେ ରାତି। ଫେରି ଆସିଲେ ସକାଳ।
- ଫେରି ଆସିବାର ବିଶ୍ୱାସ ଅଛି। ଏବେ ବି କ'ଣ ପ୍ରତୀକ୍ଷାରେ?
- ଯିଏ ସର୍ବଦା ମୋ' ସାଥିରେ, ପ୍ରତୀକ୍ଷା ପୁଣି କ'ଣ? ନିଜ ଛାଇକୁ କିଏ କ'ଣ ତା' ନିଜଠାରୁ ଅଲଗା କରିପାରେ?
- ସବୁ କବିମାନେ ପ୍ରାୟ ନିଜ ଭିତରେ ପାଗଳ।
- ହାଃ ହାଃ। ପାଗଳ କବି ନୁହନ୍ତି, ପାଗଳ ତାଙ୍କ ଅନୁସନ୍ଧାନ। ଅନ୍ଧାରକୁ ଆପଣେଇ ନେବା ପଣ। ମଣିଷ ସବୁବେଳେ ଦୁଇଟି ସତ୍ତାରେ ବଞ୍ଚିଥାଏ। ଗୋଟାଏ ସତ୍ତା, ଯାହା ଆଲୋକରେ ବାହାରକୁ ଦିଶୁଥାଏ। ଅନ୍ୟଟି ମନ ଗହନର ସତ୍ତା। ଅରଣ୍ୟର ଅନ୍ଧାର। ତା' ସହିତ ବି ସେ କଥା ହୁଏ। ଛାଇକୁ ହତ୍ୟା କରିବାର ଚେଷ୍ଟାରେ ସେ, ପାରେନା। ଦୁଃଖର ସେ ନୀଳ ଆଲୋକ ବରଂ ତାକୁ ପତଙ୍ଗ ପରି ବେଶି ଆକର୍ଷିତ କରିଥାଏ।
- କ'ଣ ସମ୍ବୋଧନ କରିବି ମୁଁ ଆପଣଙ୍କୁ? ପ୍ରିୟ -
- ପ୍ରତାରକ।
- ଆପଣ କ'ଣ ପ୍ରତାରଣା କରିଛନ୍ତି ସତରେ?
- ଅକ୍ଷୟ ମହାନ୍ତିଙ୍କ ଲେଖା ହୁଏତ କେବେ ଶୁଣିଥିବେ। 'ହୃଦୟର ଏଇ ଶୂନ୍ୟତାକୁ ଆଜି ପଚାରି ମୁଁ ଯେବେ ଶୁଣେ... ପ୍ରତାରଣା କିଏ କାହାକୁ ଦେଇଛି, ପ୍ରତିଧ୍ୱନି କହେ ତୁମେ... ତୁମେ... ତୁମେ।' ଚାଲ ଯିବା।
- କେଉଁଠିକୁ?
- ଅନ୍ଧାରରୁ ବାହାରି ଆଲୋକକୁ।

ମୋ: ୯୪୩୭୭୪୫୯୮୩



ମଧ୍ୟପ୍ରଦେଶରେ ୩ ନୂଆ ଆପରାଧିକ ଆଇନର କାର୍ଯ୍ୟକାରିତା ଉପରେ ସମୀକ୍ଷା ପାଇଁ ଶୁକ୍ରବାର ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଯାଦବ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟୁଛନ୍ତି।

# ଶ୍ରେୟ ନେବାକୁ କସରତ

ଭଦ୍ରକ,୧୭।୧(ସନାତନ ରାଉତ)

ଭଦ୍ରକ ଜିଲା ଧାମନଗର ଛକ ନିକଟରେ ବୟନ ଶିଳ୍ପ ପାର୍କ ପ୍ରତିଷ୍ଠା ଲାଗି ନିକଟରେ ରାଜ୍ୟ ସରକାର ୪ ହଜାର ୩୮୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ମାତ୍ର ଏହାର ଶ୍ରେୟ ନେବାକୁ ଏବେ ଶାସକ ଭାଜପା ଓ ବିରୋଧୀ ବିଜେଡି ମଧ୍ୟରେ କସରତ ଆରମ୍ଭ ହୋଇଯାଇଛି।

୧୯୯୫ରେ ଟିନିକଲ ପାଇଁ ୨୩୫ ଏକର ଜମି ଇଡ୍କୋ ଅଧିଗ୍ରହଣ କରିଥିଲା। ଟିନିକଲ ହୋଇ ନ ପାରିବାରୁ ସେଠାରେ ବୟନ ଶିଳ୍ପ ପାର୍କ ପାଇଁ ପରିକଳ୍ପନା କରାଯାଇଥିଲା। ତେବେ ପୂର୍ବ ସରକାର ଅମଳରେ ଅର୍ଥାତ୍ ୨୦୧୯ରେ ଆଇଓସିଏଲ୍ ସହ ଚୁକ୍ତି ହୋଇଥିଲା ବୋଲି ବିଜେଡି ନେତା ଦାବି କରୁଛନ୍ତି। ଅପରପକ୍ଷେ ଡବଲ ଇଞ୍ଜିନ ସରକାର ଆସିବା ପରେ ଏହା ସମ୍ଭବ ହୋଇଛି ବୋଲି ଭାଜପା ଦାବି କରୁଛି।

ଆଇଓସିଏଲ୍ (ଇଣ୍ଡିଆନ ଅଏଲ୍ କର୍ପୋରେଶନ ଲିମିଟେଡ୍)ର ଅନୁମୋଦନକ୍ରମେ ଏହି ଅନୁଦାନ ମଞ୍ଜୁର ହୋଇଛି। ଏହି ପ୍ରକଳ୍ପରେ ୯ଶହ ଟିପିଡିକଣ୍ଟିନ୍ୟୁୟସ ପଲିମେରାଇଜେଶନ ୟୁନିଟ ଟେକ୍ସଚର ସୂତା, ପଲିଷ୍ଟର ଚିପ୍ସ, ସମ୍ପୂର୍ଣ୍ଣ ଅଙ୍କିତ ସୂତା ଉତ୍ପାଦନ ହେବ। ଏହି ପ୍ରକଳ୍ପକୁ ସହଯୋଗ କରିବାକୁ ପାରାଦୀପରେ ଏକ ମେଗା ପିଡ୍ କ୍ରାକର ୟୁନିଟ ସ୍ଥାପନ କରାଯିବ। ସେଥିରୁ ଯେଉଁ ଉପ ଉତ୍ପାଦ ବାହାରିବ ତାହାକୁ ଏଠାରେ ବୟନ ପାର୍କରେ କଞ୍ଚାମାଲ ଭାବେ ବ୍ୟବହାର କରାଯିବ। ଭଦ୍ରକ ଜିଲା ସମେତ ଓଡ଼ିଶାରୁ ବହୁ ସଂଖ୍ୟାରେ ଯୁବକମାନେ ବାହାର ରାଜ୍ୟରେ ବୟନ ଶିଳ୍ପ କମ୍ପାନୀରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏବେ ସେହି କୁଶଳୀ କାରିଗର ଓ ଶ୍ରମିକମାନଙ୍କୁ ଜିଲାରେ ନିଜ ମାଟିରେ ରୋଜଗାର ମିଳିପାରିବ। ଏହାକୁ ନେଇ ଗୁଜରାଟର ସୁରଟରେ କାର୍ଯ୍ୟରତ ଥିବା ଯୁବକମାନେ ଖୁସିବ୍ୟକ୍ତ କରିଛନ୍ତି।

ବିଶେଷକରି ଧାମନଗର ଯୁବ ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗର ଉପନିର୍ବାଚନ ଓ ୨୦୨୪ ସାଧାରଣ ନିର୍ବାଚନ ସମୟରେ ସଭାରେ କହିଥିଲେ, ଏଠାରେ ଶିଳ୍ପ ପାର୍କ ପ୍ରତିଷ୍ଠା ହେଲେ ବେକାର ଯୁବକମାନଙ୍କୁ ନିଯୁକ୍ତି ମିଳିପାରିବ। ଆଉ ସେମାନଙ୍କୁ ସୁରଟ ଯିବାକୁ ପଡ଼ିବ ନାହିଁ।

ଭଣ୍ଡାରିପୋଖରୀ ବିଜେଡି ବିଧାୟକ ସଞ୍ଜୀବ ମଲ୍ଲିକ କୁହନ୍ତି ଆମ ନିର୍ବାଚନମଣ୍ଡଳୀ ଅଧୀନ ଧାମନଗର ଛକରେ ବୃହତ୍ ବୟନ ଶିଳ୍ପ ପାର୍କ ପ୍ରତିଷ୍ଠା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଖୁବ୍ଶୀଘ୍ର ପ୍ରତିଷ୍ଠା ହେଲେ ସ୍ଥାନୀୟ ଅଞ୍ଚଳର ବେକାରି ସମସ୍ୟା ଦୂର ହୋଇପାରିବ। ବିଜେଡି ସରକାର ସମୟରେ ୨୦୧୯ରେ ଆଇଓସିଏଲ୍ ସହ ଚୁକ୍ତି ହୋଇଥିଲା। ଗତ ବିଧାନସଭା ଅଧିବେଶନରେ ଶିଳ୍ପମନ୍ତ୍ରୀଙ୍କଠାରୁ ପାର୍କ ପ୍ରତିଷ୍ଠାର ସ୍ଥିତି ବାବଦରେ ବାଚସ୍ପତିଙ୍କ ଜରିଆରେ ସେ ଜାଣିବାକୁ ଚାହିଁଥିଲେ।

ଅପରପକ୍ଷରେ ଭଦ୍ରକ ଭାଜପା ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଶିଳ୍ପ ପାର୍କ ପ୍ରତିଷ୍ଠା ହେଲେ ଜିଲାର ବେକାରି ସମସ୍ୟା ଦୂର ହେବା ସହ ଜିଲା ଶିଳ୍ପସମୃଦ୍ଧ ହେବ। ପୂର୍ବ ଭାରତ ବିକାଶର ଏହା ଅଂଶବିଶେଷ। ଏହି ପାର୍କ ପ୍ରତିଷ୍ଠା ପାଇଁ ଧାମନଗରର ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀ ବାରମ୍ବାର ବିଧାନସଭା ଓ କେନ୍ଦ୍ର ସରକାରଙ୍କଠାରେ ଦାବି କରିଥିଲେ। ଏବେ ଡବଲ ଇଞ୍ଜିନ ସରକାର ଥିବାରୁ ଏହା ସାକାର ହେବାକୁ ଯାଉଛି।

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ କୁହନ୍ତି, ଦୀର୍ଘଦିନର ପ୍ରତୀକ୍ଷା ପରେ ଅର୍ଥ ମଞ୍ଜୁର ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରୀ ଥିବାବେଳେ ଏହାର ପରିକଳ୍ପନା କରାଯାଇଥିଲା। ବୟନ ଶିଳ୍ପ ପାଇଁ ୧୯୭୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ତେଣୁ ଏହାର ଶ୍ରେୟ ତାଙ୍କୁ ଦିଆଯିବ। ଏହା ପ୍ରତିଷ୍ଠା ହେବା ଦ୍ୱାରା ଜିଲାରେ ଶିଳ୍ପ କ୍ଷେତ୍ରରେ ଏକ ପରିବର୍ତ୍ତନ ଆସିବ।

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି

# ଆଶାୟୀଙ୍କ ସଂଖ୍ୟା ବଢୁଛି

ବ୍ରହ୍ମପୁର,୧୭।୧(ନରସିଂହ ସାହୁ)

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପାର ନୂଆ ସଭାପତି ଚୟନ ହୋଇପାରୁନି। ଏହି ପଦ ପାଇଁ ଆଶାୟୀଙ୍କ ସଂଖ୍ୟା ଲମ୍ବୁଛି। ତେଣୁ ଘୋଷଣା ବିଳମ୍ବ ପାଇଁ ଏହା ଏକ କାରଣ ବୋଲି କର୍ମୀ ମହଲରେ ଚର୍ଚ୍ଚା ଚାଲିଛି। ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ଓ ବିଧାୟକ କେ. ଅନୀଲ କୁମାର ସରୋଜ ସାବତଙ୍କ ଉପରେ ଆସ୍ଥା ପ୍ରକଟ କରିଥିବା ବେଳେ ପୂର୍ବତନ ଜିଲା ସଭାପତି କାହ୍ନୁ ଚରଣ ପତି ପ୍ରଭାତ ଷଡ଼ଙ୍ଗୀଙ୍କ ନାଁ ସୁପାରିଶ କରିଛନ୍ତି। ଆରଏସ୍ଏସ୍ ରାମ କୁମାର ପାତ୍ରଙ୍କୁ ଗୁରୁତ୍ୱ ଦେଇଥିବା ଆଲୋଚନା ପରିସରକୁ ଆସିଛି। ଅନ୍ୟପକ୍ଷରେ ନିମଖଣ୍ଡି ମଠ ମହନ୍ତ ଚିନ୍ମୟାନନ୍ଦ ଦାସ, ଗଞ୍ଜାମ ବ୍ଲକର ପୂର୍ବତନ ଅଧକ୍ଷ ପ୍ରଶାନ୍ତ ନାୟକ ସଭାପତି ଆଶାୟୀ ଥିବା କୁହାଯାଇଛି। ଏଭଳି ସ୍ଥିତିରେ ମନ୍ତ୍ରୀ ବିଭୂତି ଜେନା କାହାକୁ ପସନ୍ଦ କରୁଛନ୍ତି ତାହା ଅସ୍ପଷ୍ଟ ରହିଛି। ସେ ହିଁ ନିଷ୍ପତ୍ତି ନେବା ପରେ ରାଜ୍ୟ ସଭାପତିଙ୍କ ମୋହର ଲାଗିବ ବୋଲି ଚର୍ଚ୍ଚା ଚାଲିଛି।

ସୂଚନାଯୋଗ୍ୟ, ଏହି ସାଙ୍ଗଠନିକ ଜିଲାରେ ୫ ବିଧାନସଭା ନିର୍ବାଚନ ମଣ୍ଡଳୀର ୩୫ ମଣ୍ଡଳ ସଭାପତି ନିର୍ବାଚନ ସରିଥିଲେ ମଧ୍ୟ ପ୍ରାୟ ୨୦ଟିରେ ନାମ ଘୋଷଣା ହୋଇନି। ତେଣୁ ମଣ୍ଡଳ ସଭାପତିମାନେ ଏହି ସଭାପତି ନିର୍ବାଚନରେ ଭାଗ ନେଇପାରିବେ ନାହିଁ। ରାଜ୍ୟ ସଭାପତି ହିଁ ଜିଲା ସଭାପତି ମନୋନୀତ କରିବେ। ଅନ୍ୟପକ୍ଷରେ ବର୍ତ୍ତମାନର ଜିଲା ସଭାପତି ସୁବାସ ସାହୁ ବିବାଦୀୟ ହୋଇ ଦଳରେ କୋଣଠେସା ହୋଇଯାଇଥିବାରୁ ତୁରନ୍ତ ନୂଆ ସଭାପତି ମନୋନୟନ ଲାଗି ରାଜ୍ୟ ସଭାପତିଙ୍କୁ ଚିଠି ଲେଖିଛନ୍ତି। ଗତ ୫ ତାରିଖରେ ରାଜ୍ୟ ପ୍ରଭାରୀ ବିଜୟ ସିଂପାଲ ତୋମାର ବ୍ରହ୍ମପୁର ଗସ୍ତରେ ଆସିଥିବାବେଳେ ଗଞ୍ଜାମ ଜିଲା ସଭାପତି ପଦ ରାଜ୍ୟ ସଭାପତି ମନୋନୀତ କରିବେ ବୋଲି ସ୍ପଷ୍ଟ କରି ଦେଇଥିଲେ। ସଭାପତି ଓ ସାଙ୍ଗଠନିକ ସାଧାରଣ ସମ୍ପାଦକ ଦିଲ୍ଲୀ ଗସ୍ତରେ ଥିବାରୁ ନୂଆ ସଭାପତିଙ୍କ ନାମ ଘୋଷଣା ହୋଇପାରୁ ନ ଥିବା ଆଶାୟୀମାନେ ଚର୍ଚ୍ଚା କରୁଛନ୍ତି।

# ଜିଲା ପରିଷଦ ସଦସ୍ୟ-ସରପଞ୍ଚ ମୁହାଁମୁହିଁ, ଥାନାରେ ମାମଲା

ଉଗ୍ର ହେଉଛି ବିଜେଡି କନ୍ଦଳ

ହାଟଡ଼ିହୀ/ଛେନାପଦି,୧୭।୧
(ଶୁଭକାନ୍ତ ନାୟକ/ ନିରାକାର ପରିଡ଼ା)



ବ୍ଲକ୍ ସମ୍ମୁଖରେ ଜିଲା ପରିଷଦ ସଦସ୍ୟ ଓ ସରପଞ୍ଚ।

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀ ବିଧାୟକ ଭାବେ ଗଡ଼ ଦଖଲ କରିଛନ୍ତି। ହେଲେ ନିର୍ବାଚନମଣ୍ଡଳୀରେ ଏବେ ଦଳୀୟ କନ୍ଦଳ ବଢ଼ିବାରେ ଲାଗିଛି। ବିଜେଡି ସମର୍ଥିତ ଜନ ପ୍ରତିନିଧିଙ୍କ ମଧ୍ୟରେ ମତଭେଦ ଦେଖିବାକୁ ମିଳୁଛି। ଗତ ୨ ଦିନ ପୂର୍ବେ ହାଟଡ଼ିହୀ ବ୍ଲକ୍ ପରିସରରେ ୩୬ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ କୌଶଲ୍ୟା ସେଠୀ, ଅକରୁଆ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ହେମଲତା ବେହେରାଙ୍କ ମଧ୍ୟରେ କନ୍ଦଳ ଉଗ୍ରରୂପ ନେଇଛି। ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିବା ବେଳେ ମାମଲା ଏବେ ଥାନାରେ ପହଞ୍ଚିଛି।

ଅଭିଯୋଗ ଅନୁଯାୟୀ, ବୁଧବାର ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଅକରୁଆ ପଞ୍ଚାୟତ ଠିକ୍‌ଭାବେ ଚାଲୁ ନ ଥିବା ନେଇ ଜିଲା ପରିଷଦ ସଦସ୍ୟ ପ୍ରଶ୍ନ ଉଠାଇଥିଲେ। ଉକ୍ତ ପ୍ରସଙ୍ଗକୁ ନେଇ ବୈଠକ ପରେ ବ୍ଲକ୍ ପରିସରରେ ସରପଞ୍ଚ ଏବଂ ଜିଲା ପରିଷଦ ସଦସ୍ୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଠାରେ ଉପସ୍ଥିତ କେତେଜଣ ସରକାରୀ କର୍ମଚାରୀ, ଜନପ୍ରତିନିଧି ଏବଂ ସାଧାରଣ ଲୋକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଜିଲା ପରିଷଦ ସଦସ୍ୟ ନନ୍ଦିପଦା ଥାନାରେ ସରପଞ୍ଚ ଓ ତାଙ୍କ ସ୍ୱାମୀ ଚତୁର୍ଭୁଜ ସ୍ୱାଇଁଙ୍କ ନାମରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ଜାତିଆଣ ଆକ୍ଷେପ ଏବଂ ଗାଳିଗୁଲଜ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏକ ମାମଲା(ନଂ .୧୩/୨୦୨୫) ରୁଜୁକରି ତଦନ୍ତ କରୁଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି। ଘଟଣାକୁ ନେଇ ଶୁକ୍ରବାର ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ବ୍ଲକ୍‌କୁ ଯାଇ ତଦନ୍ତ କରିଥିବା ଜଣାଯାଇଛି।

ଅକରୁଆ ସରପଞ୍ଚ କହିଛନ୍ତି, ଜିଲା ପରିଷଦ ସଦସ୍ୟ ପୂର୍ବରୁ ଅକରୁଆ ସରପଞ୍ଚ ଥିଲେ। ତେଣୁ ପଞ୍ଚାୟତକୁ ନିଜ ଆୟତରେ ରଖିବା ଲାଗି ବିଭିନ୍ନ କ୍ଷେତ୍ରରେ ଅଯଥା ହସ୍ତକ୍ଷେପ କରି ବ୍ୟାଘାତ ସୃଷ୍ଟି କରୁଛନ୍ତି। ପୂର୍ବରୁ ସେ ଏକ ଡ୍ରେନ୍ କାର୍ଯ୍ୟରେ ଚଞ୍ଚକତାକରି ଅର୍ଥ ଉଠାଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଛି। ଜିଲା ପରିଷଦ ସଦସ୍ୟ କହିଛନ୍ତି, ପଞ୍ଚାୟତ କାର୍ଯ୍ୟାଳୟ ଠିକ୍ ଭାବେ ଚାଲୁନାହିଁ। ଏ ବାବଦରେ ପ୍ରଶ୍ନ ଉଠାଇବାରୁ ସରପଞ୍ଚ ଓ ତାଙ୍କ ସ୍ୱାମୀ ଅଶାନ୍ତି ସୃଷ୍ଟି କରୁଛନ୍ତି। ମୋ ନାମରେ କରୁଥିବା ଅଭିଯୋଗର ସତ୍ୟତା ନାହିଁ। ବିଜେଡିର ଜଣେ ବରିଷ୍ଠ କର୍ମୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ବିଧାୟକ ଠିକ୍ ଭାବେ ଭୂମିକା ନିର୍ବାହ କରୁନାହାନ୍ତି। ଦଳୀୟ ସଙ୍ଗଠନକୁ ସକ୍ରିୟ କରିବା ପାଇଁ କୌଣସି କାର୍ଯ୍ୟ ହେଉନାହିଁ। ଆଗ ଧାଡ଼ିର ନେତା, କର୍ମୀଙ୍କୁ ଅଣଦେଖାକରି ମନମୁଖି କାର୍ଯ୍ୟ କରୁଛନ୍ତି। ଫଳରେ ନିରୁତ୍ସାହ ଭାବନା ସୃଷ୍ଟି ହେଉଛି। ବିଧାୟକ ଅଭିମନ୍ୟୁ ସେଠୀ କହିଛନ୍ତି, ଦଳର ସ୍ଥିତି ଠିକ୍ ଅଛି।

ଅପରପକ୍ଷେ ବିଜେଡି କର୍ମୀମାନେ ଆଗ ଭଳି ଆଉ ସକ୍ରିୟ ନଥିବା ଏବଂ ଦଳ ଦୁର୍ବଳ ହେଉଥିବା ଚର୍ଚ୍ଚା ଚାଲିଛି। ଗତ ସାଧାରଣ ନିର୍ବାଚନ ପରେ ଭାଜପା କର୍ମୀ, ନେତା, ମନ୍ତ୍ରୀ, ଏମ୍‌ପିଙ୍କୁ ବିଭିନ୍ନ ସଭାସମିତି, ଉଦ୍‌ଘାଟନ, ଆଧ୍ୟାତ୍ମିକ ଉତ୍ସବରେ ଅଧିକ ଦେଖିବାକୁ ମିଳୁଛି।

## Business

# ଲକ୍ଷେ ଟପିଲା ରୁପା ଦର

**୮୧,୦୦୦ ଉପରେ ସୁନା**

ଭୁବନେଶ୍ୱର,୧୭।୧



ବର୍ତ୍ତମାନ ସାରା ଦେଶରେ ବିବାହ ଋତୁ ଆରମ୍ଭ ହୋଇଯାଇଛି। ଏପରିକି ବିବାହ ସାଙ୍ଗକୁ ଅନ୍ୟାନ୍ୟ ଶୁଭକାର୍ଯ୍ୟରେ ସବୁବର୍ଗର ଲୋକ ଅଳ୍ପ ବହୁତ ସୁନା ଓ ରୁପା ଓ ମୂଲ୍ୟବାନ ଧାତୁ କିଣିଥାନ୍ତି। ହେଲେ ବିବାହ ଋତୁ ଆରମ୍ଭରୁ ଓଡିଶା ବଜାରରେ ସୁନା ଦର ୮୧,୦୦୦ ଉପରେ ଥିଲାବେଳେ ରୁପା ଦର ମଧ୍ୟ ଲକ୍ଷେ ଟପି ଯାଇଛି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଭୁବନେଶ୍ୱର ବଜାରରେ ସୁନା ଦର ପ୍ରତି ୧୦ ଗ୍ରାମ ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରାୟ ୮୧,୧୯୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୭୪,୫୦୦ ଟଙ୍କା ରହିଛି। ଏପରିକି ରୁପା କିଲୋଗ୍ରାମ ପିଛା ୧,୦୪,୦୦୦ଟଙ୍କାରେ କାରବାର ହେଉଛି।

ଅପରପକ୍ଷରେ ନୂଆଦିଲ୍ଲୀ ବଜାରରେ ସୁନା ଦର ପ୍ରତି ୧୦ ଗ୍ରାମ ୨୪କ୍ୟାରେଟ ସୁନାର ମୂଲ୍ୟ ୮୦,୮୦୩ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୭୪,୦୮୩ ଟଙ୍କା ରହିଛି। ଏପରିକି ଉକ୍ତ ବଜାରରେ ରୁପା ଦର କିଲୋଗ୍ରାମ ପିଛା ୯୮,୭୦୦ ଟଙ୍କାରେ କାରବାର ହେଉଛି।

ସେହିପରି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲାକାତା ଏବଂ ଚେନ୍ନାଇ ବଜାରରେ ପ୍ରତି ୧୦ଗ୍ରାମ ୨୪ କ୍ୟାରେଟ ସୁନାର ମୂଲ୍ୟ ୭୯,୬୬୭ ଟଙ୍କା, ୭୯,୬୬୫ ଟଙ୍କା ଏବଂ ୭୯,୬୬୧ ଟଙ୍କା ଥିଲାବେଳେ ଉପରୋକ୍ତ ବଜାରଗୁଡିକର ରୁପା ଦର କିଲୋଗ୍ରାମ ପିଛା ୯୫,୯୦୦ ଟଙ୍କା, ୯୭,୪୦୦ ଟଙ୍କା ଏବଂ ୧,୦୩,୭୦୦ ଟଙ୍କାରେ କାରବାର ହେଉଛି।

ସେହିଭଳି ପାର୍ବଣ ପରଠାରୁ ସୁନା ଓ ରୁପା ଦର କିଛି ପରିମାଣରେ କମିଥିଲାବେଳେ ଗ୍ରାହକଙ୍କ ଆବଶ୍ୟକତା ଓ ପାର୍ବଣ ଖର୍ଚ୍ଚ ଯୋଗୁ ଅଧିକକାଂଶ ପରିବାର ସୁନା ଓ ରୁପା କିଣିପାରି ନ ଥିଲେ। ଏହାରି ମଧ୍ୟରେ ସୁନା ଦର ପୁଣି ଥରେ ବଢିବାରେ ଲାଗିଛି। ଆଗାକୁ ବିବାହ କାର୍ଯ୍ୟ ସାଙ୍ଗକୁ ବିଭିନ୍ନ ପ୍ରକାରର ଶୁଭକାର୍ଯ୍ୟ ଅନୁଷ୍ଠିତ ହେବାକୁ ଥିଲାବେଳେ ବର୍ତ୍ତମାନ ଘରୋଇ ବଜାରରେ ସୁନା ଦର ୭୪,୦୦୦ ରୁ ୮୧,୨୦୦ ଟଙ୍କା ମଧ୍ୟରେ କାରବାର ହେଉଛି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୭।୧

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୪୨୩ (୪୨୩.୪୯) ପଏଣ୍ଟ କମି ୭୬,୬୧୯(୭୬,୬୧୯.୩୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୦୯ (୧୦୮.୬୦) ପଏଣ୍ଟ ହ୍ରାସ ଘଟି ୨୩,୨୦୩ (୨୩,୨୦୩.୨୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ୨୦୨୪ରେ ରିଲାଏନ୍ସ ରିଟେଲର ୭୭୯ ନୂଆ ଷ୍ଟୋର

ମୁମ୍ବାଇ,୧୭।୧(ଅଭୟ ଦାଶ)



ଇଶା ଅମ୍ବାନୀ

୨୦୨୪ କ୍ୟାଲେଣ୍ଡର ଇୟରରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ (ଆର୍ଆର୍‌ଭିଏଲ୍) ମୋଟ ୭୭୯ ନୂଆ ଷ୍ଟୋର ଖୋଲିଛି। ଏହାର ଅର୍ଥ ହେଉଛି କମ୍ପାନୀ ଗତ ବର୍ଷ ପ୍ରତିଦିନ ୨ରୁ ଅଧିକ ନୂଆ ଷ୍ଟୋର ଖୋଲିଥିଲା ଯାହା ଏକ ରେକର୍ଡ ବୋଲି କୁହାଯାଉଛି। ସାରା ଦେଶରେ ରିଲାଏନ୍ସ ରିଟେଲ ଷ୍ଟୋର ସଂଖ୍ୟା ବର୍ତ୍ତମାନ ୧୯,୧୦୨କୁ ବୃଦ୍ଧି ପାଇଛି, ଯେଉଁଥିରେ ଗତ ବର୍ଷ ୨୯ କୋଟି ୬୦ ଲକ୍ଷ ଗ୍ରାହକ ଶପିଂ ପାଇଁ ଆସିଥିଲେ। ଏହି ତଥ୍ୟ ରିଲାଏନ୍ସର ତ୍ରୈମାସିକ ଆର୍ଥିକ ଫଳାଫଳରେ ପ୍ରକାଶ ପାଇଛି। ୨୦୨୪ ଅକ୍ଟୋବରରୁ ଡିସେମ୍ବର ବା ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ଆର୍ଆର୍‌ଭିଏଲ୍ ୯୦,୩୩୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ଏହା ଗତ ବର୍ଷ ସମାନ ସମୟ ତୁଳନାରେ ୮.୮% ଅଧିକ ରହିଛି। ଏ ସମ୍ପର୍କରେ ଆର୍ଆର୍‌ଭିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକା ଇଶା ଅମ୍ବାନୀ କହିଛନ୍ତି, ଉତ୍ସବର ଶପିଂ ବଳରେ ରିଲାଏନ୍ସ ରିଟେଲ ଏହି ତ୍ରୈମାସରେ ଚମତ୍କାର ପ୍ରଦର୍ଶନ କରିଛି। ସୁଲଭ ମୂଲ୍ୟରେ ବିବିଧ ଏବଂ ଗୁଣାତ୍ମକ ଉତ୍ପାଦ ଉପରେ ଧ୍ୟାନ ଗ୍ରାହକଙ୍କୁ ଆମର ଷ୍ଟୋର ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରତି ଆକର୍ଷିତ କରିଛି। କମ୍ପାନୀ ପ୍ରତ୍ୟେକ ବର୍ଗରେ ଚମତ୍କାର ପ୍ରଦର୍ଶନକରି ବଜାରରେ ନିଜର ଅଗ୍ରଣୀ ସ୍ଥାନ ବଜାୟ ରଖିଛି।

# ୨୦୩୦ ସୁଦ୍ଧା ୫୦ମିଲିୟନ ମିଲ୍ ବିତରଣ

ନୂଆଦିଲ୍ଲୀ,୧୭।୧

ଦେଶର ପ୍ରମୁଖ ଫୁଡ୍ ଡେଲିଭରି ପ୍ଲାଟ୍‌ଫର୍ମ ସ୍ୱିଗି ପକ୍ଷରୁ ଏକ ଅଭିନବ କାର୍ଯ୍ୟ ତଥା ପ୍ଲାଟ୍‌ଫର୍ମର ଫ୍ଲାଗ୍‌ଶିପ ପ୍ରୋଗ୍ରାମ 'ସ୍ୱିଗି ସର୍ଭସ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଖାଦ୍ୟ ନଷ୍ଟକୁ ହ୍ରାସ କରିବା ଓ କ୍ଷୁଧା ସମସ୍ୟା ଦୂର କରିବା ପାଇଁ ଏହା ବିଶେଷ ଭାବେ ଲକ୍ଷ୍ୟ ରଖିଛି। ସେହିଭଳି ପ୍ଲାଟ୍‌ଫର୍ମର ଏହି ଅଭିଯାନ (କ୍ୟାମ୍ପେନ) ର ଅଂଶ ଭାବେ ସ୍ୱିଗି ଏକ ସ୍ୱେଚ୍ଛାସେବୀ ସଂଗଠନ ରବିନ ହୁଡ୍ ଆର୍ମି (ଆର୍ଏଚ୍ଏ) ସହ ସହଭାଗିତା କରିଛି। ଏପରିକି ମିଳିତ ଭାବେ ସ୍ୱିଗି ଓ ଆର୍ଏଚ୍ଏ ପ୍ଲାଟ୍‌ଫର୍ମର ରେଷ୍ଟୁରାଣ୍ଟ ପାର୍ଟନରଙ୍କର ବଳକା ଖାଦ୍ୟଗୁଡିକୁ ଗରିବ ଲୋକମାନଙ୍କୁ ପୁନଃ ବିତରଣକରି ଏକ ସାର୍ଥକ ପ୍ରଭାବ ସୃଷ୍ଟିକରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ସହଭାଗିତା ମାଧ୍ୟମରେ ଦୁଇ ସଂଗଠନ ୨୦୩୦ ସୁଦ୍ଧା ୫୦ମିଲିୟନ ମିଲ୍ ବିତରଣ କରିବା ପାଇଁ ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ରଖିଛନ୍ତି।

ଏ ସମ୍ପର୍କରେ ସ୍ୱିଗି ଫୁଡ୍ ମାର୍କେଟପ୍ଲେସ୍‌ର ସିଇଓ ରୋହିତ କପୁର କହିଛନ୍ତି, ସ୍ୱିଗି ସର୍ଭସ୍ ମାଧ୍ୟମରେ ଆମେ ଏକ ବୃହତ୍ ସାମାଜିକ ଆବଶ୍ୟକତାକୁ ପୂରଣ କରିବା ଏବଂ ଖାଦ୍ୟ ନଷ୍ଟ ଓ କ୍ଷୁଧା ସମସ୍ୟାକୁ ଦୂରକରିବା ପାଇଁ ଆମର ଶକ୍ତି ଓ ସୁବିଧାକୁ ବ୍ୟବହାର କରୁଛୁ। ଏପରିକି ଆମର ରେଷ୍ଟୁରାଣ୍ଟ ପାର୍ଟନରଙ୍କଠାରୁ ବଳକା ଖାଦ୍ୟକୁ ନେଇ ଖାଦ୍ୟ ଆବଶ୍ୟକ କରୁଥିବା ଲୋକଙ୍କୁ ବିତରଣ କରିବା ପାଇଁ ଆର୍ଏଚ୍ଏ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ବର୍ତ୍ତମାନ ଆମେ ୩୩ଟି ସହରରେ କାର୍ଯ୍ୟ କରୁଛୁ ଏବଂ ଭବିଷ୍ୟତରେ ଅଧିକ ସହରକୁ ଏହି ଅଭିଯାନକୁ ବିସ୍ତାର କରିବା ପାଇଁ ଯୋଜନା ରଖିଛୁ। ସେହିପରି ଆର୍ଏଚ୍ଏର ସହପ୍ରତିଷ୍ଠାତା ନୀଲ ଘୋଷ କହିଛନ୍ତି, ରବିନ ହୁଡ ଆର୍ମି କ୍ଷୁଧା ଦୂର କରିବାର ଏହି ମିଳିତ ଲକ୍ଷ୍ୟ ପାଇଁ ସ୍ୱିଗି ସହ ସହଭାଗିତା କରି ଉତ୍ସାହିତ ରହିଛୁ। ସ୍ୱିଗି ଭଳି ଏକ ଇଣ୍ଡଷ୍ଟ୍ରୀ ଲିଡର ଯେତେବେଳେ ଏକ ସମୁଦାୟ-ଚାଳିତ ଆନ୍ଦୋଳନ ସହ ସହଯୋଗ କରିଥାଏ।

# ଶୂନ୍ୟ ନିର୍ଗମନକୁ ଆଦିତ୍ୟ ଆଲୁମିନିୟମର ଗୁରୁତ୍ୱ




ଭୁବନେଶ୍ୱର,୧୭।୧(ଅନୁରାଧା ମହାରଣା)

ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ସହଯୋଗୀ କମ୍ପାନୀ ଆଦିତ୍ୟ ଆଲୁମିନିୟମ ତାହାର ଲପଙ୍ଗାସ୍ଥିତ କାରଖାନାରୁ ନିର୍ଗତ ଫ୍ଲାଏ ଆଶ୍ ନିକଟସ୍ଥ ସିମେଣ୍ଟ ପ୍ଲାଣ୍ଟକୁ ଯୋଗାଣ କରିବ। ଏଥିପାଇଁ ଏକ ୫ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ କରିଛି। ଏହାସହ କମ୍ପାନୀ ଫ୍ଲାଏ ଆଶ୍ ବୋଝେଇ ସ୍ଥଳ ନିକଟରେ ଦୁଇଟି ବଲକର୍ ରିଚାର୍ଜ ଷ୍ଟେଶନ ଉଦ୍‌ଘାଟନ କରିଛନ୍ତି। ବିଦ୍ୟୁତ୍‌ଚାଳିତ ଯାନ ବ୍ୟବହାରର ଫଳସ୍ୱରୂପ କମ୍ପାନୀ ୩୫୦୦ ଟନ୍ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବା ଆଶା ରଖିଛି। ଏହାଦ୍ୱାରା ପରିବହନ ଖର୍ଚ୍ଚ ବାବଦରେ ୧.୫ କୋଟି ଟଙ୍କା ସଞ୍ଚୟ କରିବାରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଆଦିତ୍ୟ ଆଲୁମିନିୟମ ବ୍ୟବହାର କରୁଥିବା ଡିଜେଲ ଯାନ ପରିବର୍ତ୍ତେ ଇଭି ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଦ୍ୱାରା ଉତ୍ପାଦନ ହେଉଥିବା ସିମେଣ୍ଟ ପରିମାଣ ମଧ୍ୟରେ ପ୍ରାୟ ୩୨% ଫ୍ଲାଏ ଆଶ୍ ରହୁଛି ଏବଂ କମ୍ପାନୀ ପ୍ରାୟ ୧ ନିୟୁତ ଟନ୍ ଫ୍ଲାଏ ଆଶ୍ ଯୋଗାଇଦେଉଥିବାରୁ ଏହା ୩୩ ହଜାର ମେଟ୍ରିକ ଟନ୍ ସିମେଣ୍ଟ ଉତ୍ପାଦନ ନିମନ୍ତେ ବ୍ୟବହାର କରାଯିବ। ଏ ଅବସରରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ସମ୍ବଲପୁର କ୍ଲଷ୍ଟର ହେଡ୍ କୈଳାସ ପାଣ୍ଡେ କହିଛନ୍ତି, ଅନ୍ୟ ଏକ ଶିଳ୍ପରେ କଞ୍ଚାମାଲ ଭାବରେ ବ୍ୟବହାର ନିମନ୍ତେ ବର୍ଜ୍ୟବସ୍ତୁକୁ ଯୋଗାଇଦେବାକୁ ସବୁଜ ପରିବହନ ବିକଳ୍ପକୁ ଗ୍ରହଣକରି ଶୂନ୍ୟ ବର୍ଜ୍ୟ ଭିତ୍ତିକ ଆଲୁମିନା ଉତ୍ପାଦନ କରିବା ପାଇଁ ଆମର ଲକ୍ଷ୍ୟ ହାସଲ ଦିଗରେ ଆଉ ଏକ ପାଦ ଆଗକୁ ବଢ଼ାଉଛୁ। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ପ୍ରେସିଡେଣ୍ଟ ଓ ଚିଫ୍ ଲଜିଷ୍ଟିକ୍ସ ଅଫିସର ସୁକାନ୍ତ ଦାସ କହିଛନ୍ତି, ବିଦ୍ୟୁତ୍‌ଚାଳିତ ଯାନଗୁଡ଼ିକ ବର୍ଜ୍ୟବସ୍ତୁ ଫ୍ଲାଏ ଆଶ୍‌କୁ ସିମେଣ୍ଟ ଶିଳ୍ପକୁ ଏକ କଞ୍ଚାମାଲ ଭାବରେ ପରିବହନ କରିବା ଦ୍ୱାରା ଏହା ଏକ ସବୁଜ ପରିବହନ ବ୍ୟବସ୍ଥା ପ୍ରତି ଅବଦାନ ରଖିବ।

# ସହଭାଗିତା ମାଧ୍ୟମରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନକୁ ଗୁରୁତ୍ୱ

ଭୁବନେଶ୍ୱର,୧୭।୧

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍ (ଏନ୍‌ଭିସିଏଲ୍) ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା କମ୍ପାନୀର ଯାଜପୁରସ୍ଥିତ ଓଡ଼ିଶା ସିମେଣ୍ଟ କାରଖାନା ପକ୍ଷରୁ ମଣିତାରା ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର (ମେଗା ହେଲ୍‌ଥ କ୍ୟାମ୍ପ) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ନୁଭୋକୋର ସିଏସ୍ଆର୍ କାର୍ଯ୍ୟକ୍ରମ 'ସୁସ୍ଥ ଭାରତ'ର ଏକ ଅଂଶ ଭାବେ ଏହି ଶିବିର ନିଧି ଟ୍ରଷ୍ଟ ସହଯୋଗରେ ଆୟୋଜିତ ହୋଇଥିଲା। ଏହି ଶିବିରରେ ଆସନବାହାଲି, ମଣିତାରା, ରାବାନା, ପୁରୁଣା ମଣିତାରା, ଆରସାହି ଆଦି ଗ୍ରାମର ହିତାଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏପରିକି ୩୦୦ରୁ ଅଧିକ ଲୋକ ସ୍ୱାସ୍ଥ୍ୟସେବା ପାଇଥିବାବେଳେ ଏହି ପଦକ୍ଷେପ ଗୋଷ୍ଠୀ କଲ୍ୟାଣ ପାଇଁ ନୁଭୋକୋର ପ୍ରତିବଦ୍ଧତାକୁ ଆଲୋକପାତ କରିଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ମହାନ୍ତି, ପ୍ରଭାସ ସିଂହ, ଓଡ଼ିଶା ସିମେଣ୍ଟ କାରଖାନାର ପ୍ଲାଣ୍ଟ ହେଡ ରବୀନ୍ଦ୍ର ଧରକର, ମାନବ ସମ୍ବଳ ମୁଖ୍ୟ ମଣି ପାଣ୍ଡେ, ସିଏସଆର ମୁଖ୍ୟ ସୁରେନ୍ଦ୍ର କୁମାର ବେହେରା,ଫାର୍ମାସିଷ୍ଟ ତପନ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟର ପ୍ଲାଣ୍ଟ ମୁଖ୍ୟ ରବୀନ୍ଦ୍ର ଧରକର କହିଥିଲେ, ଆମେ ପଡ଼ୋଶୀ ସମ୍ପ୍ରଦାୟ ସହ ସହଭାଗିତା ମାଧ୍ୟମରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ସହିତ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଏବଂ ମୂଲ୍ୟ ବଢ଼ାଇବାକୁ ଲକ୍ଷ୍ୟ ରଖିଛୁ। ଏହି ସ୍ୱାସ୍ଥ୍ୟ ଶିବିର ସମ୍ପ୍ରଦାୟର କଲ୍ୟାଣରେ ଉନ୍ନତି ଆଣିବା ଏବଂ ସମସ୍ତଙ୍କ ପାଇଁ ଏକ ସୁସ୍ଥ, ଅଧିକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହା ଯତ୍ନ ପ୍ରତି ଆମର ମୂଳ ମୂଲ୍ୟକୁ ପ୍ରତିଫଳିତ ଏବଂ ଏକ ସ୍ଥାୟୀ ଓ ଅନ୍ତର୍ଭୁକ୍ତ ସମୁଦାୟକୁ ପ୍ରୋତ୍ସାହିତ କରିବା ପାଇଁ ଆମର ଅତୁଟ ସମର୍ପଣକୁ ପ୍ରତିଫଳିତ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୋଲାର-ପାୟୋନିଅର ଫାଇନାଲ

**ଭୁବନେଶ୍ୱର, ୧୭।୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା କଣ୍ଟାବଣିଅସ୍ଥିତ ରାଜୀବ ଷ୍ଟାଡିୟମରେ ଚାଲିଥିବା ରଜନିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ କଟକର ସୋଲାର କ୍ଲବ ଓ ପୁରୀର ପାୟୋନିଅର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସୋଲାର ୧୦ ରନରେ ମୁକ୍ତେଶ୍ୱରକୁ ହରାଇଥିବାବେଳେ ଶୁକ୍ରବାର ପାୟୋନିଅର ୪ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାରାମାଉଣ୍ଟ ୨୫ ଓଭରରେ ୮ ଉଇକେଟ ହରାଇ ୧୩୭ ରନ କରିଥିଲା। ରୋହିତ ସାଗର ସର୍ବାଧିକ ୪୦ ଓ ସ୍ୱୟଂ ସାର୍ଥକ ରାଉତରାୟ ୩୨ ରନ୍ କରିଥିଲେ। ବିପକ୍ଷ ଦଳର ଦେବାଶିଷ ଦାଶ ୨ଟି ଉଇକେଟ ନେଇଥିଲେ। ଜବାବରେ ପାୟୋନିଅର ୨୪.୨ ଓଭରରେ ୬ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଭାଗୀରଥି ୩୨, ରାଜେଶ ବେହେରା ୩୧ ଏବଂ ଦେବାଶିଷ ଦାଶ ୨୩ ରନ ସଂଗ୍ରହ କରିଥିଲେ। ଅଲ୍ ରାଉଣ୍ଡ ପ୍ରଦର୍ଶନ ପାଇଁ ଦେବାଶିଷ ଦାଶଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଭକ୍ତ ବତ୍ସଳ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସୋଲାର ଓ ପାୟୋନିଅର ମଧ୍ୟରେ ଫାଇନାଲ ୧୯ ତାରିଖରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି।


## ନିରୁଦ୍ଦିଷ୍ଟ



ମୂକ ବଧିର ଝିଅଟିଏ ଆଶା ପଣ୍ଡା, ବୟସ ୩୪, ଡାଇବେଟିସ ରୋଗୀ, ଦୁର୍ବଳ ସ୍ୱାସ୍ଥ୍ୟ, ଉଚ୍ଚତା ୫ଫୁଟ । ବାମ ହାତରେ ବ୍ଲେଡ୍‌ର କଟାଦାଗ ସବୁ ଅଛି । ଗତ 25.11.2024 ଦିନ ୧୦ଟା ବେଳେ ସମ୍ ହସ୍ପିଟାଲ ପାଖରୁ ନିଖୋଜ ହୋଇଯାଇଛି। କୌଣସି ସହୃଦୟ ବ୍ୟକ୍ତି ତା'ର ସନ୍ଧାନ ପାଇଲେ ନିମ୍ନ ଟେଲିଫୋନ୍ ନମ୍ବରରେ ଜଣାଇ ତାହାକୁ ମିଳିବାରେ ସାହାଯ୍ୟ କଲେ ତାହାଙ୍କୁ ଦଶ ହଜାର ଟଙ୍କା ପୁରସ୍କାର ଦିଆଯିବ । Mob- 7328085178 ଧ-୨୨୦୪


# ଭାରତ ସେମିଫାଇନାଲରେ



ଭାରତ-ବାଂଲାଦେଶ ମହିଳା ଖୋ ଖୋ ବିଶ୍ୱକପ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଖୋ ଖୋ ବିଶ୍ୱକପ୍**

**ନୂଆଦିଲ୍ଲୀ, ୧୭।୧**

ଭାରତୀୟ ମହିଳା ଓ ପୁରୁଷ ଦଳ ଏଠାରେ ଚାଲିଥିବା ଖୋ ଖୋ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର କ୍ୱାର୍ଟରଫାଇନାଲରେ ମହିଳା ଦଳ ୧୦୯-୧୬ରେ ବାଂଲାଦେଶକୁ ହରାଇ ଦେଇଛି। ଅଧିନାୟକ ପ୍ରିୟଙ୍କା ଇଙ୍ଗ୍‌ଲେଙ୍କ ନେତୃତ୍ୱରେ ଭାରତ ସମସ୍ତ ୪ଟି ଟର୍ନରେ ଆଧିପତ୍ୟ ଜାହିର କରି ଖେଳିଥିଲା। ସେହିପରି ପୁରୁଷ ବର୍ଗର କ୍ୱାର୍ଟରଫାଇନାଲ୍‌ରେ ଭାରତ ୧୦୦-୪୦ ପଏଣ୍ଟରେ ଶ୍ରୀଲଙ୍କାକୁ ହରାଇ ସେମିଫାଇନାଲ୍‌ରେ ପହଞ୍ଚିଛି।

# ସାବାଲେଙ୍କା, ଜୋକୋଭିଚ୍ ବିଜୟୀ

**ଅଷ୍ଟ୍ରେଲିଆନ ଓପନ ଟେନିସ**

**ମେଲ୍‌ବୋର୍ନ, ୧୭।୧ (ଏପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନରେ ପୁରୁଷ ସିଙ୍ଗଲ୍ସରେ ନୋଭାକ ଜୋକୋଭିଚ୍, କାର୍ଲୋସ ଅଲ୍‌କାରାଜ ଏବଂ ମହିଳା ସିଙ୍ଗଲ୍ସରେ କୋ କୋ ଗଫ୍ ଓ ଆରିନା ସାବାଲେଙ୍କା ପ୍ରମୁଖ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଗଫ୍ ଶୁକ୍ରବାର ମେଲ୍‌ବୋର୍ନ ପାର୍କରେ ୨୦୨୧ ୟୁ.ଏସ୍. ଓପନ ରନର-ଅପ୍ ଲିଲା ଫର୍ନାଣ୍ଡିଜଙ୍କୁ ୬-୪, ୬-୨ରେ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱର ୫ ନମ୍ବର ଖେଳାଳି ଚାଇନାର କ୍ୱିନୱେନ୍ ଝେଙ୍ଗ୍ ମଧ୍ୟ ତାଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଶୁକ୍ରବାର ବିଶ୍ୱର ନମ୍ବର ୱାନ ତଥା ଏଠାରେ ଦୁଇଥର ଡିଫେଣ୍ଡିଂ ଚାମ୍ପିୟନ ଆରିନା ସାବାଲେଙ୍କା ବିଶ୍ୱର ନମ୍ବର-୩ ଗଫ୍‌ଙ୍କ ବ୍ୟତୀତ ୧୧ ନମ୍ବର ପାଉଲା ବଦୋସା ଏବଂ ୧୪ ନମ୍ବର ଖେଳାଳି ମୀରା ଆନ୍ଦ୍ରିଭା ମଧ୍ୟ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ତଳିପେଟ ମାଂସପେଶୀରେ ଯନ୍ତ୍ରଣା ପାଇଁ ଅଷ୍ଟ୍ରେଲିଆରେ ଦୁଇଥର ଚାମ୍ପିୟନ ନାଓମି ଓସାକା ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ବେଲିଣ୍ଡା ବେନ୍‌ସିକ୍‌ଙ୍କ ବିପକ୍ଷ ମ୍ୟାଚର ପ୍ରଥମ ସେଟ୍ ଖେଳ ଅଧାରୁ ଓହରିଯାଇଛନ୍ତି। ଶୁକ୍ରବାର ତୃତୀୟ ରାଉଣ୍ଡରେ ବିଜୟ ଲାଭ କରିଥିବା ପୁରୁଷ ଖେଳାଳିମାନେ ହେଲେ ୨ ନମ୍ବର ଖେଳାଳି ଆଲେକ୍‌ଜାଣ୍ଡର ଜେଭରେଭ, ନମ୍ବର ୩ କାର୍ଲୋସ ଅଲ୍‌କାରାଜ, ନମ୍ବର ୭ ନୋଭାକ ଜୋକୋଭିଚ୍। ସର୍ବୀୟ ଖେଳାଳି ଜୋକୋଭିଚ୍ ଇତିମଧ୍ୟରେ ଏପର୍ଯ୍ୟନ୍ତ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିସାରିଛନ୍ତି। ତନ୍ମଧ୍ୟରେ ୧୦ଟି ଅଷ୍ଟ୍ରେଲିଆନ ଓପନ ଟାଇଟଲ ରହିଛି। ଟୋମାସ ମାଚାକ୍‌ଙ୍କ ବିପକ୍ଷ ମ୍ୟାଚ ମଧ୍ୟରେ ତାଙ୍କ ଶ୍ୱାସ କ୍ରିୟାରେ କିଛି ସମୟ ଧରି ସମସ୍ୟା ଦେଖା ଦେଇଥିଲା। ଏହାସତ୍ତ୍ୱେ ସେ ମ୍ୟାଚକୁ ୬-୧, ୬-୪, ୬-୪ରେ ଜିତିନେଇଥିଲେ।

### ବୋପାନ୍ନା-ଝାଙ୍ଗ୍ ଦ୍ୱିତୀୟ ରାଉଣ୍ଡରେ

ଭାରତର ରୋହନ ବୋପାନ୍ନା ଓ ତାଙ୍କ ଚାଇନିଜ ପାର୍ଟନର ଶୁଆଇ ଝାଙ୍ଗ୍ ଅଷ୍ଟ୍ରେଲିଆନ ଓପନ ମିକ୍ସଡ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ସେମାନେ ଇଭାନ ଡୋଗିଗ୍ ଓ କ୍ରିଷ୍ଟିନା ମ୍ଲାଡେନୋଭିଚ୍‌ଙ୍କ ବିପକ୍ଷରେ ୬-୪, ୬-୪ ସେଟ୍‌ର ବିଜୟ ଲାଭ କରିଛନ୍ତି।

# ଉତ୍କଳ ଓପନ ଟେନିସ ଆରମ୍ଭ

**ଭୁବନେଶ୍ୱର, ୧୭।୧ (ବିଜୟ ରଣା)**

କଳିଙ୍ଗ ଷ୍ଟାଡିୟମରେ ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଟୁର୍ନାମେଣ୍ଟରେ ପାଖା ପାଖି ୩୦୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏଥିରେ ୧୨ ବର୍ଷରୁ କମ୍ ବାଳକ, ୧୪ ବର୍ଷରୁ କମ୍ ବାଳକ, ବାଳିକା, ମହିଳା ସିଙ୍ଗଲ୍ସ, ପୁରୁଷ ସିଙ୍ଗଲ୍ସ, ଡବଲ୍ସ, ଭେଟରାନ ୪୦+, ୫୦+ ଓ ୬୦+ ଡବଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଛନ୍ତି। ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ଉତ୍କଳ ବିଲ୍‌ଡର୍ସ ଚେୟାରମ୍ୟାନ ସୁଭାଷ ଚାନ୍ଦ ଭୁରା, ଏସିଇ କ୍ଲବ ସଭାପତି ପ୍ରକାଶ ଚାନ୍ଦ ଭୁରା ଏବଂ ଆୟୋଜକ ଚେୟାରମ୍ୟାନ ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥିବୃନ୍ଦ। (ଫଟୋ: ବିକାଶ ନାୟକ)

# ହ୍ୱାଇଟ ବଲ୍‌ରେ ଟ୍ରେନିଂ ନେଉଛନ୍ତି ରୋହିତ ଶର୍ମା

**ମୁମ୍ବାଇ, ୧୭।୧ (ପି.ଟି.):** ଭାରତର ଅଧିନାୟକ ରୋହିତ ଶର୍ମା ଇଂଲଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ସିରିଜ ଏବଂ ଚାମ୍ପିୟନ୍ସ ଟ୍ରଫି ପାଇଁ ପ୍ରସ୍ତୁତ ହେଉଛନ୍ତି। ସେ ହ୍ୱାଇଟ୍ ବଲ୍‌ରେ ତାଙ୍କର ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ଏହି ବ୍ୟାଟର ପୁଲ୍ ଶଟ୍, ଲଫ୍‌ଟେଡ୍ ହିଟ୍, ଡ୍ରାଇଭ୍ ଓ ଫ୍ଲିକ୍ ସମେତ ସିଗ୍‌ନେଚର ଶଟ୍ ଖେଳୁଥିବା ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ ହୋଇଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି।

# ରାଜ୍ୟ ଜୁନିୟର ହ୍ୟାଣ୍ଡବଲ ପାଇଁ ଭୁବନେଶ୍ୱର ଦଳ

**ଭୁବନେଶ୍ୱର, ୧୭।୧ (ତପନ ସ୍ୱାଇଁ):** ଚଳିତ ମାସ ୧୮ ଓ ୧୯ ଦୁଇ ଦିନଧରି ୩୦ତମ ରାଜ୍ୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପୁରୀରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ଏକ ୧୬ ଜଣିଆ ଦଳ ଅଂଶଗ୍ରହଣ କରିବ। ମନୋନୀତ ଖେଳାଳିମାନେ ହେଲେ ସୁପ୍ରଜିତ ବେହେରା (ଅଧିନାୟକ), ସ୍ୱୟଂ ସିଦ୍ଧାର୍ଥ ପ୍ରଧାନ, ଚିନ୍ମୟ ବେହେରା, ଆୟାଂଶୁ ଦାସ, ଅଶ୍ୱିନୀ ପାତ୍ର, ଆଶିଷ ସ୍ୱାଇଁ, କେଶବ ନାୟକ, ସତ୍ୟମ ନାୟକ, ସେକ୍ ଅନିଶ ମୁସ୍ତଫା, ପ୍ରତ୍ୟୁଷ ଦାସ, ବିକାଶ ମହାପାତ୍ର, ଆୟୁଷ ପଣ୍ଡା, ଅମ୍ରିତ ରାଜ ମହାନ୍ତି, ଅମ୍ଲାନ ସାନ ମହାନ୍ତି, ଆୟୂଷ କାନୁନ୍‌ଗୋ, ତନ୍ମୟ ମଲିକ। କୋଚ ଆର୍ଯ୍ୟନ ବ୍ରାହ୍ମୀନ ଓ ମ୍ୟାନେଜର ଗୌରୀ ଶଙ୍କର ମିଶ୍ର ଦଳ ସହ ଯାତ୍ରା କରିଛନ୍ତି। ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ମାର୍ଚ୍ଚ ୫ରୁ ଭୁବନେଶ୍ୱର ଟେନିସ କ୍ରିକେଟ ଲିଗ୍

**ଭୁବନେଶ୍ୱର, ୧୭।୧ (ତପନ ସ୍ୱାଇଁ):** ମାର୍ଚ୍ଚ ୫ରୁ ୯ ପର୍ଯ୍ୟନ୍ତ ଭୁବନେଶ୍ୱର ଟେନିସ୍ କ୍ରିକେଟ୍ ଲିଗ୍ (ବିଟିସିଏଲ୍) ଅନୁଷ୍ଠିତ ହେବ। ଏଥିପାଇଁ ଗତ ଗୁରୁବାର ଖେଳାଳି ନିଲାମ ଶେଷ ହୋଇଛି। ମୋଟ୍ ୮ ଫ୍ରାଞ୍ଚାଇଜ ଅଭେଶ ୱାରିୟର୍ସ, ଭାମ୍ପାୟର ଇନଭିଜିବଲ, ଆର୍‌ଆର୍ ୱାରିୟର୍ସ, ଖ୍ରୀଷ୍ଟ ଆଡା, ତନଭି ୱାରିୟର୍ସ, ଆଞ୍ଚେଲ ଭୁବନେଶ୍ୱର, ଥାର୍ଡ ଆୟ ଓ ଜେଏମ୍‌ଡି ଏଥିରେ ସାମିଲ ରହିଛନ୍ତି। କଟକ ଏବଂ ଭୁବନେଶ୍ୱର ଖେଳାଳିମାନେ ବିଭିନ୍ନ ଫ୍ରାଞ୍ଚାଇଜରେ ସାମିଲ ହୋଇଛନ୍ତି। ଚାମ୍ପିୟନ ଦଳକୁ ୧ ଲକ୍ଷ ୫୦ ହଜାର ଏବଂ ରନରଅପ୍ ଦଳକୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଖେଳାଳି ନିଲାମିରେ କ୍ୟାପଡିଲର ସିଇଓ ଶକ୍ତି ମିଶ୍ର ଏବଂ ଟୁର୍ନାମେଣ୍ଟ ଆୟୋଜନ କମିଟି ସଦସ୍ୟ ସନ୍ତୋଷ ପ୍ରଧାନ, ସ୍ୱୟଂ ଖାଡ଼ଙ୍ଗା, ମାନସ ସାହୁ ଓ ପୁଷ୍ପମିତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378



REAL ESTATE
SALE

ଫୁଲନଖରା ନିକଟସ୍ଥ **Sum hospital-2 ଓ Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76230

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି ପ୍ଲଟ ବିକ୍ରି ହେବ - 9556187814. D-2474

**1BHK Ready to move in flats available in Hi-Tech Brundaban project near Batamangala Temple, Puri town. 6370277334, 9040023313.** D-2615

Single Owner Patta Plot sale just drive 5 minutes Hanspal. 8457092465. D-2606

**GA freehold 1200sft plot at Bharatpur for immediate sale. nanda7747@gmail.com.** D-75835

ଭୁବନେଶ୍ୱର ହଂସପାଳ Sudananda Engg. College Frontରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-76231

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769.** D-2373

Developed gharabari boundary plot sale BALAKATI ବଜାର ପାଖରେ (UTTARA). 7008492511. D-2605

**Gharabari converted plots available near Hi-Tech Square, Sundarpada, Bhubaneswar. For more details contact- 9778832554, 9437226965.** D-2614

ACCOMMODATION

Free accommodation for senior citizens and mentally ill person & Drug addicted person with all facilities. Contact- 9337160036, 7325991853, 9439928693. D-2589




Newly open Spa Health benefits relax refresh good therapist. 9040286886 D-76185

Newly open health benefits spa by experience lady therapist. 7750040475 D-76188

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2564

Newly open Jyoti Spa Positively Health benefits (Expert Therapist). 8458067955 D-76184

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOST

By virtue of affidavit sworn before Executive Magistrate, Bhubaneswar, that I Sri Subham Parhi aged 26 years son of Gobardhan Parhi, residing at Bhubaneswar under Chandrasekharpur P.S.- have lodged a stollen FIR on dated-09.01.2025, on my valuable Board, Diploma Degree Certificate & Laptop I Solemnly declare that I will return back to authority my Stollen Certificate. If it will be found out. D-2601

AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dated 15th Jan 2025, I Gayatri Swain, Address: At.-Keutasahi, Boudh, Boudhagarh N.A.C, Boudh- 762014, Odisha, have changed by name from "Barsha Swain" to "Gayatri Swain". Henceforth, I shall be known as "Gayatri Swain" for all purposes.
Gayatri Swain D-2587

ମୁଁ ପୂଜା ନାୟକ, ପିତା- ପ୍ରସନ୍ନଦିତ୍ୟ ନାୟକ, ଟାଙ୍ଗି, ଖୋର୍ଦ୍ଧା ସତ୍ୟପାଠ ନଂ- 69/16.01.2025 ଅନୁଯାୟୀ ଘୋଷଣା କରୁଛି ଯେ ମୋର ନାମ ପରିବର୍ତ୍ତନ କରି ବର୍ତ୍ତମାନଠାରୁ ମୁଁ ସାଧିକା ଅଗ୍ରୱାଲା, ସ୍ୱାମୀ- ସୁଦର୍ଶନ ଅଗ୍ରୱାଲା, ଟାଙ୍ଗି, ଖୋର୍ଦ୍ଧା ନାମରେ ପରିଚିତ ହେବି। ଭବିଷ୍ୟତର ସମସ୍ତ କାର୍ଯ୍ୟରେ ଏହି ନାମ ଉପଯୋଗ ପାଇଁ ଘୋଷଣା କରୁଅଛି । ଧ-୨୬୧୧

By virtue of an affidavit sworn before Executive Magistrate, Tangi, Khordha, dated-13.01.2025, I Radha Sethi, Address: Village-Dikhitipada, P.O.-Kuhudi, P.S.- Tangi, Dist.-Khordha, Odisha 752027, declare that I have changed my name from Anisha Bibi to Radha Sethi . Henceforth I shall be known as Radha Sethi for all purposes.
Radha Sethi D-2612

I PRATIVA RANJAN SAMANTARA, S/o- Late Jayahari Samantaray, residing At- Andarpur, Duladei road, P.O.-Kalyani Nagar, P.S.-Madhupatna, Dist.-Cuttack -753013 declare by this affidavit No.-162, Dtd- 15.01.2025 that now onwards I shall be known as PRATIVA RANJAN SAMANTARAY for all future purposes. D-2609

By virtue of an affidavit sworn before Executive Magistrate, Nabarangpur, dated-15.01.2025, I K.Babalu Patra, Address: Village/P.O.- Mentry, P.S.- Tentulikhunti, Dist.- Nabarangpur, Odisha 764070, declare that I have changed my name from K.Bablu Patra to K.Babalu Patra. Henceforth, I shall be known as K. Babalu Patra for all purposes. K. Babalu Patra. D-2613

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

I, Choudhury Dipti Bala Das, W/o- Prativa Ranjan Samantaray, D/o- Late Hrushikesh Das, residing At-Andarpur, Duladei road, P.O.-Kalyani Nagar, P.S.-Madhupatna, Dist.-Cuttack- 753013, declare by this affidavit No-161, Dtd- 15.01.2025, that now onwards I shall be known as Dipti Samantaray for all future purposes. D-2608

By virtue of an affidavit sworn before the Notary Public, Bhubaneswar dated-15.01.2025. I, Manguli Charan Padhi, Address-Permanent resident of vill-Banbarada, P.O.- Patapur, P.S.- kakatpur, Dist-Puri, Odisha, Pin-752108 declare that I have changed my daughter's name from YASCHICA YUHANEE to YASCHICA PADHI. Henceforth, he/she shall be known as Yachica Padhi for all purposes.
Manguli Charan Padhi. D-2603

By virtue of an affidavit sworn before the Notary Public, Bhubaneswar dated- 15.01.2025. I Manguli Charan Padhi, Address-permanent resident of Vill.-Banbarada, P.O.- Patapur, P.S.- Kakatpur, Dist.- Puri, Odisha, Pin-752108 declare that I have changed my daughter's name from YUTIKA YUKTAMUKHEE to YUTIKA PADHI. Henceforth, he/she shall be known as YUTIKA PADHI for all purposes.
Manguli Charan Padhi. D-2602

ମନେ ପଡ଼ନ୍ତି

**ଏକାଦଶ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି**



**ସ୍ୱ ଗିରିଧାରୀ ମହାନ୍ତି**
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା
ଏକାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
❖ଶୋକସନ୍ତପ୍ତ❖
ବନ୍ଧୁ ଓ ପରିବାରବର୍ଗ। ଧ-୭୪୭୨୩

**ଏକାଦଶାହ ଉପଲକ୍ଷେ**



**ସ୍ୱଗୋବିନ୍ଦ ପ୍ରସାଦ ସିଂହ**
(Retired OAS)
664, Sahid Nagar, Bhubaneswar
ଆବିର୍ଭାବ: [illegible]
ତିରୋଧାନ: [illegible]
ବାବା, ତୁମର ସ୍ନେହ, ଶ୍ରଦ୍ଧା, ଶୃଙ୍ଖଳା, ସଙ୍କୋଚତା, ସମୟାନୁବର୍ତ୍ତିତା, ସୁଚିନ୍ତିତ ମତାମତ, ସ୍ୱାଭିମାନ, ଦୂରଦୃଷ୍ଟି ଏବଂ ମାର୍ଗଦର୍ଶନ ଆମ ଜୀବନକୁ ସର୍ବଦା ପ୍ରେରଣାପୁଷ୍ଟ କରୁଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର: ରିଣ୍ଟୁ, ପିଣ୍ଟୁ, ଝିଅ: ସିମା, ଲାଲି, ପୁତ୍ରବଧୂ: ପପିଲି, ଦିପି, ଜ୍ୱାଇଁ: ମିଲୁ, ସୁନିତ୍, ନାତି: ଈଶୁ, ଗୁଗୁ, ନାତୁଣୀ: ଆନ୍ନୀ, ଦେବାକ୍ଷୀ, ଆରାଧ୍ୟା ଏବଂ ସିଂହ ପରିବାରବର୍ଗ। ଧ-୨୬୧୦

# ବିହାରରେ ୪ ଯୁବତୀଙ୍କୁ ନିର୍ଯାତନା

## ଭୁବନେଶ୍ୱରରେ କାମ ଦେବା କହି ଅର୍କେଷ୍ଟ୍ରାରେ ନଚାଉଛନ୍ତି

ରାଜନଗର, ୧୭ା୧ (ଭାସ୍କର ରାଉତରାୟ)

ଓଡ଼ିଶାର ୪ ଜଣ ଯୁବତୀ ବିହାରରେ ଫସି ରହିଛନ୍ତି। ସେଠାରେ ଯୁବତୀମାନଙ୍କୁ ମାଡ଼ ମରାଯିବା ସହ ନିର୍ଯାତନା ଦିଆଯାଉଛି। ଭୁବନେଶ୍ୱରରେ ଏକ ବିସ୍କୁଟ କମ୍ପାନୀରେ କାମ ଦେବାକୁ କହି ବିହାରରେ ସେମାନଙ୍କୁ ଅର୍କେଷ୍ଟ୍ରାରେ ନଚେଇବା ସହ ପଣବନ୍ଦୀ କରି ରଖାଯାଇଛି। ୩ ଜଣ ଯୁବତୀ ସେମାନଙ୍କ କବଳରୁ କୌଶଳକ୍ରମେ ଖସି ଆସିଥିବା ବେଳେ ରାଜନଗର ଥାନା ଅଞ୍ଚଳର ଜଣେ ଯୁବତୀ ଓ ସାଲେପୁର ଅଞ୍ଚଳର ୩ ଜଣ ଯୁବତୀ ବିହାରରେ ଫସି ରହିଛନ୍ତି। ସେମାନଙ୍କୁ ପରିବାର ଲୋକଙ୍କ ସହ କଥାବାର୍ତ୍ତା କରିବାକୁ ଦିଆଯାଉ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ରାଜନଗର ଥାନା ସାନବଡ଼ଗୋପାଳପୁର ପଞ୍ଚାୟତ ଭାଟପଡ଼ା ଗାଁର ଶରତ ଚନ୍ଦ୍ର ଦାସଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଓ ଝିଆରୀ ଉଭୟଙ୍କ ବୟସ ୧୯ବର୍ଷ। ୨୦୨୪ ଅକ୍ଟୋବରରେ ସେମାନଙ୍କୁ ଭୁବନେଶ୍ୱରରେ ଏକ ବିସ୍କୁଟ କମ୍ପାନୀରେ କାମ ଦେବାକୁ କହି ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କାନପୁର ଗାଁର ଶଙ୍କର ଭଞ୍ଜ ନେଇଥିଲେ। ଭୁବନେଶ୍ୱର ବିସ୍କୁଟ କମ୍ପାନୀରେ ୩ଦିନ କାମ କରାଇଥିଲେ। ପରେ କମ୍ପାନୀର ନୂଆ ଫ୍ୟାକ୍ଟ୍ରିରେ କାମ କରିବାକୁ କହି ବିହାରକୁ ନେଇଯାଇଥିଲେ। ସେଠାରେ ସଞ୍ଜୟ ଭବନ ନାମକ ବ୍ୟକ୍ତିଙ୍କ ନିକଟରେ ଝିଅ, ଝିଆରୀ ଓ ସାଲେପୁର ଅଞ୍ଚଳର ୫ ଜଣ ଯୁବତୀଙ୍କୁ ଛାଡ଼ିଦେଇ ଚାଲି ଆସିଥିଲେ। ଶଙ୍କର ସେଠାରୁ ଚାଲି ଆସିବା ପରେ ବିହାରର ସଞ୍ଜୟ ସେମାନଙ୍କୁ ଅର୍କେଷ୍ଟ୍ରା ପାର୍ଟିରେ ନିୟୋଜିତ କରିଥିଲେ। ଯୁବତୀମାନେ ସେମାନଙ୍କୁ ବିସ୍କୁଟ କମ୍ପାନୀରେ କାମ କରାଇବାକୁ ଅଣାଯାଇଛି, ସେମାନେ ଅର୍କେଷ୍ଟ୍ରାରେ କାମ କରିବେ ନାହିଁ ବୋଲି କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏ ସମ୍ପର୍କରେ ଯୁବତୀମାନେ ଶଙ୍କରଙ୍କୁ ଜଣାଇଥିଲେ ମଧ୍ୟ ସେ କୌଣସି କଥା ଶୁଣି ନ ଥିଲେ। ସେମାନେ ବାଧ୍ୟ ହୋଇ ସେଠାରେ କାମ କରିଥିଲେ। ଅର୍କେଷ୍ଟ୍ରାରେ କାମ ନ କରିବାରୁ ସେମାନଙ୍କୁ ନିର୍ଯାତନା ଦିଆଯାଉଥିଲା। ଅର୍କେଷ୍ଟ୍ରାରେ ଗାତ ଖୋଳିବାଠାରୁ ନାଚିବା ଯାଏ କାମରେ ସେମାନଙ୍କୁ ନିୟୋଜିତ କରାଯାଉଛି। ସେମାନଙ୍କ ମୋବାଇଲ ଫୋନ ଛଡ଼ାଇ ନେବା ସହ ବାହାରକୁ ଛଡ଼ାଯାଉ ନ ଥିଲା। ସେମାନଙ୍କ ଉପରେ ୨୪ ଘଣ୍ଟିଆ ନଜର ରଖାଯାଇଥିଲା। ୧୨ତାରିଖ ରାତିରେ ଶରତଙ୍କ ଝିଅ ବୀଣାପାଣି କୌଶଳକ୍ରମେ ସେମାନଙ୍କ କବଳରୁ ଖସି ଆସି ଟ୍ରେନ ଯୋଗେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଗୁରୁବାର ଭୁବନେଶ୍ୱରରେ ପହଞ୍ଚିବା ପରେ ପରିବାର ଲୋକେ ସେଠାରୁ ବୀଣାପାଣିଙ୍କୁ ଘରକୁ ଆଣିବା ପରେ ଏ ନେଇ ରାଜନଗର ଥାନାରେ ବାପା ଶରତ ଏତଲା ଦେଇଥିଲେ। ବୀଣାପାଣିଙ୍କ ସହ ୨ଜଣ ଖସି ଆସିଛନ୍ତି। ବୀଣାପାଣିଙ୍କ ଭଉଣୀ ପଦ୍ମାବତୀ ଓ ସାଲେପୁର ଅଞ୍ଚଳର ୩ଜଣ ଯୁବତୀଙ୍କୁ ସେଠାରେ ପଣବନ୍ଦୀ କରି ରଖାଯାଇଛି। ମାତ୍ର ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ ନ କରି ଫେରାଇ ଦେଇଥିଲା। ଘଟଣା ବିହାରରେ ଘଟିଥିବା କହି ପୋଲିସ ଏତଲା ରଖି ନ ଥିଲା। ଶୁକ୍ରବାର ଆଇଆଇସି ଅଜୟ କୁମାର ଜେନା ଅଭିଯୋଗକାରୀଙ୍କୁ ଡକାଇ ଏତଲା ଗ୍ରହଣ କରିବା ସହ ନିର୍ଯାତିତ ଓ ବନ୍ଦୀ ହୋଇଥିବା ଯୁବତୀମାନଙ୍କୁ ଫେରାଇ ଆଣିବାକୁ ତଦନ୍ତ ଆରମ୍ଭ କରିଛନ୍ତି। ଶରତ ଜଣେ ଗରିବ ଦଳିତ ସମ୍ପ୍ରଦାୟର ଲୋକ ହୋଇଥିବାରୁ ଝିଆରୀଙ୍କୁ ଫେରାଇ ଆଣିବା ପାଇଁ ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି।

# ସହକାରୀ ଜିଲାପାଳଙ୍କ ସମେତ ୮ଜଣଙ୍କ ନାଁରେ ଏତଲା

## ମିଥ୍ୟା ଜାତିଗତ ପ୍ରମାଣପତ୍ର ହାତେଇ ଚାକିରି କରିବା ଅଭିଯୋଗ

ନବରଙ୍ଗପୁର,୧୭ା୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଅନୁସୂଚିତ ଜନଜାତି ପ୍ରମାଣପତ୍ର ହାତେଇ ଚାକିରି ସହ ବିଭିନ୍ନ ସରକାରୀ ସହାୟତା ହାତେଇବା ଅଭିଯୋଗରେ ଜଣେ ସହକାରୀ ଜିଲାପାଳଙ୍କ ସମେତ ୮ ଜଣଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି। ଜିଲା ମଙ୍ଗଳ ଅଧିକାରୀ ପାଳକା ରବୀନ୍ଦ୍ର ୩ ପରିବାରର ୮ ଜଣଙ୍କ ନାମରେ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ଏହି ୮ ଜଣ ହେଲେ ସହକାରୀ ଜିଲାପାଳ ଭାବେ କାର୍ଯ୍ୟରତ ନବରଙ୍ଗପୁର ସହର ଗଡବାଗୁଡ଼ା ସାହିର ସୁଚିତ୍ରା ମାଝୀ, ତାରାଗାଁ ଗ୍ରାମର ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ଓଡ୍ଡୁ, ତାଙ୍କ ପରିବାରର ଶରତ କୁମାର ଅଡ୍ଡୁ, ବିଜୟ ବସନ୍ତ ଓଡ୍ଡୁ ଓ ବସନ୍ତ ଓଡ୍ଡୁ। ଏଥିସହ ସେନାପତି ସାହିର କୁନାଲ ରାଜ ଭତ୍ରା, କିଶୋରୀ ସ୍ନେହୀ ଭତ୍ରା, କୋରେଶ ଚନ୍ଦ୍ର ଭତ୍ରା। ଯେଉଁମାନଙ୍କ ନାମରେ ଥାନାରେ ଏତଲା ହୋଇଛି ସେମାନେ ମିଥ୍ୟା ଜାତିଗତ ପ୍ରମାଣପତ୍ର ହାତେଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ବ୍ରହ୍ମପୁର ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଏସ୍‌ଏଲ୍‌ସିଇ ବୈଠକରେ ତଦନ୍ତ ପରେ ସେମାନଙ୍କ ଜାତିଗତ ପ୍ରମାଣପତ୍ର ବାତିଲ ପାଇଁ ଚିଠି ହୋଇଥିଲା। ଏହାସହ ଜିଲାସ୍ତରୀୟ କମିଟି ନିର୍ଦ୍ଦେଶକ୍ରମେ ମିଥ୍ୟା ଜାତିଗତ ପ୍ରମାଣପତ୍ର ହାତେଇବା ଏବଂ ବିଭିନ୍ନ ସରକାରୀ ସୁବିଧା ପାଇବା ଅଭିଯୋଗରେ ଥାନାରେ ଏତଲା ଦେବା ପାଇଁ ନିର୍ଦ୍ଦେଶ ହୋଇଥିଲା। ସେହି ନିର୍ଦ୍ଦେଶ ପ୍ରକାରେ ଶୁକ୍ରବାର ଥାନାରେ ଏତଲା ଦିଆଯାଇଥିବା ଜିଲା ମଙ୍ଗଳ ଅଧିକାରୀ ପାଳକା ରବୀନ୍ଦ୍ର କହିଛନ୍ତି। ଏନେଇ କେସ୍ ନମ୍ବର ୨୩/୨୫, ୨୪/୨୫ ଓ ୨୫/୨୫ରେ ତିନୋଟି ମାମଲା ନବରଙ୍ଗପୁର ଥାନାରେ ରୁଜୁ ହୋଇଛି।

# ଲାଞ୍ଚ ମାମଲା:ପୂର୍ବତନ ବିଡିଓଙ୍କୁ ୪ବର୍ଷ ଜେଲ

ସୁନ୍ଦରଗଡ଼,୧୭ା୧(ଜୟ ନାରାୟଣ ମେଣ୍ଡୁଲି)


ପୂର୍ବତନ ବିଡ଼ିଓ ପ୍ରଶାନ୍ତ ରାଉତ

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ସସ୍ମିତା ପାର୍ହି ଶୁକ୍ରବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ବିଶ୍ରା ବ୍ଲକର ପୂର୍ବତନ ବିଡିଓ ପ୍ରଶାନ୍ତ କୁମାର ରାଉତଙ୍କୁ ୪ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ପାଇଁ ରାୟରେ ପ୍ରକାଶ ପାଇଛି। ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ, ଅଭିଯୋଗକାରୀଙ୍କଠାରୁ ଅଭିଯୁକ୍ତ ପୂର୍ବତନ ବିଡିଓ ୪ଟି ପ୍ରକଳ୍ପ କାର୍ଯ୍ୟର ବୈଷୟିକ ମଞ୍ଜୁରୀ ସହିତ ପ୍ରଶାସନିକ ଅନୁମୋଦନ ପାଇଁ ୧ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ୫/୧୧/୨୦୧୮ରେ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ସମ୍ବଲପୁର ଭିଜିଲାନ୍ସ ଥାନାରେ କେସ୍ ନଂ. ୬୫/୧୮ରେ ଏକ ମାମଲା ରୁଜୁ ହୋଇଥିଲା। ପୂର୍ବପ୍ରସ୍ତୁତି ଅନୁଯାୟୀ ୬/୧୧/୨୦୧୮ରେ ଅଭିଯୁକ୍ତ ବିଡିଓ ଲାଞ୍ଚ ଟଙ୍କା ଗ୍ରହଣ ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରି ଲାଞ୍ଚ ଟଙ୍କା ଜବତ ସହ ଗିରଫ କରିଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ଅଭିଯୁକ୍ତ ପୂର୍ବତନ ବିଡିଓ ରାଉତଙ୍କୁ ସୁନ୍ଦରଗଡ଼ ଜିଲା ଜେଲକୁ ପଠାଇ ଦିଆଯାଇଛି। ରାଉତଙ୍କ ନାମରେ କଟକ ଓ ସୁନ୍ଦରଗଡ ଭିଜିଲାନ୍ସ ପକ୍ଷରୁ ଅନ୍ୟାନ୍ୟ ୨ଟି ମାମଲା ଏବେ ତଦନ୍ତାଧୀନ ରହିଛି। ଭିଜିଲାନ୍ସ, ଦେବଗଡ଼ ୟୁନିଟ୍ ଡିଏସ୍‌ପି ଯୋଗେଶ ପ୍ରସାଦ ପଟେଲ ଏହି ମାମଲାର ତଦନ୍ତ କରିଥିଲେ। ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ମାମଲା ପରିଚାଳନା କରିଥିଲେ ଏବଂ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ସନ୍ଦୀପ ପଣ୍ଡା ସରକାରଙ୍କ ପକ୍ଷରୁ ସହାୟତା କରିଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କି ଭରାଣ୍ଡିରେ ମୁଣ୍ଡ ଦେଇ ପାହୁରାଣୀକୁ ଡର।**

ବିପଦଠାରୁ ନିଜକୁ ଦୂରେଇ ରଖିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ତେବେ ଜାଣିଶୁଣି ବିପଦକୁ ବରଣ କରୁଥିବା ବ୍ୟକ୍ତି ତାହାର ଫଳକୁ ନେଇ ଭୟଭୀତ ହେବା ଅନୁଚିତ ଅର୍ଥରେ ଏଭଳି ସମାଲୋଚନା କରାଯାଇଛି।

**ଢମ କହୁଛି ଦି'କଳେ ଘିଅ ବୋହି ଯାଉଛି।**

ଢମ ଗପିବାର ବା ବଢ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ। ନିଜେ ଯେତେ ନୁହଁ କି ଯାହା ନୁହଁ ତାହାକୁ ଅତିରଞ୍ଜିତ କରି ପ୍ରକାଶ କରିବା ସେମାନଙ୍କ ଏକ ପ୍ରକୃତି ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ବଳାତ୍କାରୀ ଯୁବକଙ୍କୁ ସଶ୍ରମ କାରାଦଣ୍ଡ

ଝାରସୁଗୁଡ଼ା,୧୭ା୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଟାଉନ ଥାନା ଅନ୍ତର୍ଗତ ସରବାହାଲ ଅଞ୍ଚଳରେ ଗତ ୨୦୨୨ ଫେବୃଆରୀରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରା ଜଜ୍ ପୂଜା ଷଡ଼ଙ୍ଗୀ ଅଭିଯୁକ୍ତ ଯୁବକଙ୍କୁ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଘଟଣା ଅନୁସାରେ ୨୦୨୨ ଫେବୃଆରୀ ୨୨ରେ ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ଝିଟୁରୁପାଲି ଗ୍ରାମର ବାବୁଲୁ ଭୁଏ (୩୨) ଝାରସୁଗୁଡ଼ାସ୍ଥିତ ସରବାହାଲର ଆନନ୍ଦ କଲୋନୀରେ ଭଡାରେ ରହୁଥିଲେ। ଘଟଣା ଦିନ ପୀଡିତା ନାବାଳିକା (୧୨)ଙ୍କ ମା' ଘରେ ନ ଥିବା ସୁଯୋଗ ନେଇ ବାବୁଲୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ଏକଥା ପୀଡିତା ମା'ଙ୍କୁ କହିବା ପରେ ଝାରସୁଗୁଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ। ଟାଉନ ଥାନାରେ ଏକ ମାମଲା (ନଂ.୧୧୧/୨୨) ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଜଜ୍ ଅଭିଯୁକ୍ତଙ୍କୁ ୪୪୯/୩୭୬, ଆର/ଡବ୍ଲୁ, ସେକ୍ସନ ୬ ଏବଂ ପକ୍ସୋ ଆଧାର୍‌ରେ ୧୭ଟି ଦସ୍ତାବିଜ ଓ ୧୯ ସାକ୍ଷ୍ୟ ପ୍ରମାଣ ଦ୍ୱାରା ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କାରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ପୃଥ୍ୱୀରାଜ ସିଂଦେଓ ପୀଡିତାଙ୍କ ପକ୍ଷରୁ ମାମଲା ଲଢୁଥିଲେ।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# କେନାଲରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

## ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ଗୋପାଳପୁର,୧୭ା୧ (ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଧୀନ ପାଟପୁର ଗ୍ରାମର ଜଣେ ଯୁବକ ନିଖୋଜ ହେବାର ଗୋଟିଏ ଦିନ ପରେ ୧୬ ନଂ. ଜାତୀୟ ରାଜପଥ ହଳଦିଆପଦର ନିକଟସ୍ଥ ସାପୁଆ କେନାଲଠାରୁ ତାଙ୍କ ମୃତଦେହ ଓ ବାଇକ ଶୁକ୍ରବାର ପୋଲିସ ଜବତ କରିଛି। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ମୃତକ ହେଲେ ଶାନ୍ତନୁ ନାୟକ (୨୩)। ଏ ନେଇ ଗୋଳନ୍ଥରା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।


ଶାନ୍ତନୁ ନାୟକ

ପାଟପୁର ଗ୍ରାମର ଶାନ୍ତନୁ ଗତ ୧୪ ତାରିଖ ସନ୍ଧ୍ୟାରେ ତାଙ୍କ ସାଙ୍ଗଙ୍କୁ ଛାଡ଼ିବା ପାଇଁ ବାଇକ୍ ଯୋଗେ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ଯାଇଥିଲେ। ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ରାତିରେ ଶାନ୍ତନୁଙ୍କ ସହ ତାଙ୍କ ଭଉଣୀ ଫୋନରେ କଥା ହେବା ସହ ଘରକୁ ଶୀଘ୍ର ଆସିବା ପାଇଁ କହିଥିଲେ। ମାତ୍ର ଶାନ୍ତନୁ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଆଖପାଖ ଅଞ୍ଚଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଗୁରୁବାର ଗୋଳନ୍ଥରା ଥାନାରେ ତାଙ୍କ ନିଖୋଜ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫/୨୫ରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜାତୀୟ ରାଜପଥକଡ଼ ସାପୁଆ କେନାଲରେ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଗୋଷାଣିନୂଆଗାଁ ଓ ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କେନାଲରୁ ମୃତଦେହକୁ ବାହାର କରି ଶାନ୍ତନୁଙ୍କ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାଣି ଓ ଅନ୍ୟ ନମୁନା ସଂଗ୍ରହ କରିଛି। ଶାନ୍ତନୁଙ୍କ କେହି ହତ୍ୟା କରିଥିବା ତାଙ୍କ ବାପା ମୁରଲୀ ନାୟକ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୬/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଏ ନେଇ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଅନୁସାରେ ହତ୍ୟା ମାମଲା ରୁଜୁ କରି ଏହାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ।

# ରସୁଣ ଗୋଦାମ ଗାଡ଼ି ଚାଳକଙ୍କୁ ହତ୍ୟା ଅଭିଯୋଗ

## ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ସ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ଚଣ୍ଡିଖୋଲ,୧୭ା୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକସ୍ଥିତ ଏକ ରସୁଣ ଗୋଦାମରେ କାର୍ଯ୍ୟରତ ଜଣେ ଗାଡ଼ି ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ମୁଗପାଳ ନିକଟ ଖଇରାବାଦ ଗ୍ରାମର ଗଙ୍ଗାଧର ମଳିକଙ୍କ ବଡ଼ପୁଅ ଶ୍ରୁତିକାନ୍ତ ମଳିକ ଓରଫ୍ ବାପି(୨୫)। ବାପିଙ୍କ ମୃତଦେହ ସେହି ଗୋଦାମରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ଘଟଣାସ୍ଥଳରେ ବାପିଙ୍କ ବାପା ଗଙ୍ଗାଧର ଓ ମା' ଅନସୂୟା ପହଞ୍ଚି ଆମ ପୁଅ ଭଲ ପିଲା, ସେ କେବେ ଆତ୍ମହତ୍ୟା କରି ନ ଥିବ, ତାଙ୍କୁ କେହି ମାରିଦେଇଛନ୍ତି ବୋଲି କାନ୍ଦିକାନ୍ଦି କହିଛନ୍ତି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କିଏ ହତ୍ୟା କରିଛନ୍ତି ତାହା ଜାଣିବାକୁ ପୋଲିସ ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ସ୍ୱାମୀଙ୍କ ମୃତ୍ୟୁ ଖବର ମିଳିବା ପରେ ତାଙ୍କ ସ୍ତ୍ରୀ ସାଗରିକା ମଳିକ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ବାପି ୪ ମାସ ହେଲା ଚଣ୍ଡିଖୋଲ ଛକସ୍ଥିତ ଶ୍ରୀଗଣେଶ ଏଣ୍ଟରପ୍ରାଇଜର୍ସ ନାମକ ରସୁଣ ଗୋଦାମ ମାଲିକଙ୍କ ପିକଅପ୍ ଭ୍ୟାନ୍ ଚଳାଉଥିଲେ। ସେ ଦୁଇଦିନ ଘରକୁ ଛୁଟି ନେଇ ଯାଇଥିବାବେଳେ ଗୁରୁବାର ସକାଳେ ଆସି କାମରେ ଯୋଗଦେଇଥିଲେ। ପରେ ଗାଡ଼ିରେ ରସୁଣ ନେଇ ବାହାରକୁ ଯାଇଥିଲେ। ସେଠାରୁ ଆସି ରାତି ୧୦ଟାରେ ହୋଟେଲରେ ଖାଇ ଆସି ଗୋଦାମର ଉପର ତାଲା ଘରେ ଶୋଇଥିଲେ। ଶୁକ୍ରବାର ସକାଳେ ରାତ୍ର ଜଗୁଆଳ ଥିବା କାର୍ତ୍ତିକ ବେହେରା ଡାକିବାରୁ ବାପି ଉଠି ନ ଥିଲେ। ତାଙ୍କ ଫୋନ୍‌କୁ କଲ୍ କରିଥଲେ ମଧ୍ୟ କିଛି ଉତ୍ତର ମିଳି ନ ଥିଲା। ଏହାପରେ ଝରକାରେ ଦେଖିବାରୁ ତାଙ୍କ ଶରୀର ପଙ୍ଖାରେ ରଶିରେ ଝୁଲୁଥିଲା। ଏନେଇ କାର୍ତ୍ତିକ ଗୋଦାମ ମାଲିକଙ୍କୁ ଫୋନ୍ କରି ଜଣାଇଥିଲେ। ଗୋଦାମ ମାଲିକ ବାହାରେ ଥିବାରୁ ସେ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଜଣାଇବା ସହ ବଡ଼ଚଣା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘରର କବାଟ ଭାଙ୍ଗି ମୃତଦେହ ଜବତ କରିଥିଲା। ଏନେଇ ଥାନରେ ନଂ.୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

**PARBATI GIRI BAL NIKETAN (CCI)**
At: Patharchepa, P.O.: Sadeipali,
Via: Chandanbhati, Dist.: Balangir, PIN - 767065
Ph.: 06652-295216, Mob. No.: 7978408252
Website: www.pgbn.org.in

**ADVERTISEMENT**

Adv. No. 08/CCI/2025 Date: 13.01.2025

Applications with required documents invited from eligible candidates for the position of Counselor - 1 No., Child Welfare Officer - 1 No., House Mother - 1 No., Cook - 1 No. & Helper-cum-Night Watchman - 1 No. for our Children's Home aided by Government of Odisha, Department of W&CD so as to reach our office through both online the link to **https://forms.gle/eC8NyyAoSAyRaqbu9** and post on or before 25.01.2025 (5.00 P.M.) positively. For details regarding eligibility criteria, remuneration and mode of selection log on to website: **www.pgbn.org.in**.

**Date of Closing: 25.01.2025**

Sd./- Secretary
Parbati Giri Bal Niketan
Patharchepa, Balangir

**ଇ-ସଂଗ୍ରହଣ ପ୍ରଣାଳୀ**

**ଟେଣ୍ଡର ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୦୨ ତାରିଖ: ୧୭।୦୧।୨୦୨୫**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟାଳୟ (୫ମ ମହଲା), ନ୍ୟୁ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.in ରେ ଅପ୍‌ଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ କରାଯିବ। **କ୍ର.ସଂ.; ଟେଣ୍ଡର ନଂ.; ଧାର୍ଯ୍ୟ ତାରିଖ; ସଂକ୍ଷିପ୍ତ ବର୍ଣ୍ଣନା; ପରିମାଣ; ଇଏମ୍‌ଡି ପରିମାଣ; (୧) ୬୫୨୪୫୦୫୮;** ୧୮।୦୨।୨୫; ସିଏନ୍‌ସି ସର୍ଫେସ୍ ହ୍ୱିଲ୍ ଲେଦ୍ (ପ୍ରାକ୍ ବିଡ୍ ବୈଠକ ତା୨୩।୦୧।୨୫ରିଖ ୧୨.୦୦ ଘଟିକାରେ ପିସିଏମ୍‌ଏମ୍ ମିଟିଂ ରୁମ୍/ଦପୂରେ/ଜିଆରସି/କୋଲକାତା-୪୩ଠାରେ); ୦୧ ଗୋଟି; ୧୭,୧୮,୪୮୦.୦୦; **(୨) ୬୫୨୪୫୦୩୯;** ୧୪।୦୨।୨୫; ୫୦ଟି ଟ୍ରାନ୍ସଭର୍ସର୍‌ର ଯୋଗାଣ, ସ୍ଥାପନା, ପରୀକ୍ଷଣ, କମିଶନିଂ ଏବଂ ଯୋଗାଣ । (ପ୍ରାକ୍ ବିଡ୍ ବୈଠକ ତା୨୩।୦୧।୨୫ରିଖ ୧୩.୦୦ ଘଟିକାରେ ପିସିଏମ୍‌ଏମ୍ ମିଟିଂ ରୁମ୍/ଦପୂରେ/ଜିଆର୍‌ସି/କୋଲକାତା-୪୩ଠାରେ); ୦୧ ଗୋଟି; ୨,୩୬,୪୮୦.୦୦; **(୩) ୪୭୨୪୫୦୧୪;** ୨୯।୦୧।୨୫; ବ୍ୟାପକ ଏଏମ୍‌ସି ସହିତ ପାସେଞ୍ଜର ଲିଫ୍ଟର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ; ୦୩ ଗୋଟି; ୨,୯୮,୯୪୦.୦୦; **(୪) ୬୦୨୫୫୦୦୪;** ୨୯।୦୧।୨୫; ପ୍ରି-ଷ୍ଟ୍ରେସ୍‌ଡ କଂକ୍ରିଟ୍ ସ୍ଲିପର୍ (ପ୍ରି-ଟେନ୍‌ସନ୍‌ଡ୍ ଟାଇପ୍) ଇତ୍ୟାଦିର ବିନିର୍ମାଣ ଓ ଯୋଗାଣ; ୧୦୫୦ ସେଟ୍; ୧୧,୦୧,୭୭୦; **(୫) ୩୩୨୪୫୦୩୭;** ୦୫।୦୨।୨୫; ଉନ୍ନତ ହାଇ ଟେନ୍‌ସାଇଲ୍ ଟାଇଟ୍ ଲକ୍ ସେଣ୍ଟର୍ ବଫର୍ କପଲର୍ ସହିତ ଏଏଆର୍-ଏଚ୍ ଟାଇପ୍ ହେଡ୍ ଇତ୍ୟାଦି; ୫୦ ଗୋଟି; ୨,୪୯,୦୪୦.୦୦; **(୬) ୩୩୨୪୫୦୩୬;** ୨୦।୦୨।୨୫; ଷ୍ଟେନ୍‌ଲେସ୍ ଷ୍ଟିଲ୍ ଡବଲ୍ ଫେରୁଲ୍ ପାଇପ୍ ଫିଟିଂସ୍ ଆଦି; ୪୧୫ ସେଟ୍; ୧,୩୦,୪୮୦.୦୦; **(୭) ଏଚ୍‌ବି୨୪୭୫୩୧;** ୦୬।୦୨।୨୫; ସିଲିଂ ମାଉଣ୍ଟେଡ୍ ଅଟୋମାଟିକ୍ ମଡ୍ୟୁଲାର୍ ଫାୟାର୍ ଏକ୍ସଟିଙ୍ଗୁଇଶର୍ ଇନର୍ଟ ଗ୍ୟାସ୍ ବେସ୍‌ଡ; ୭୫ ଗୋଟି; ୧,୫୬,୬୭୦.୦୦; **(୮) ୨୯୨୫୦୦୧୮;** ୩୦।୦୧।୨୫; ହାଇ କାପାସିଟି ଡ୍ରାଫ୍ଟ ଗିୟର/ ଡବ୍ଲ୍ୟୁଏଜି-୯ ଲୋକୋ ପାଇଁ; ୨୧୫ ଗୋଟି; ୧,୯୪,୮୪୦; **(୯) ୨୯୨୪୩୭୯୭;** ୩୦।୦୧।୨୫; ଇ୭୦ ବ୍ରେକ୍ ସିଷ୍ଟମ୍‌ର ୯ ଭାଲ୍‌ଭର ବିବିଧ କିଟ୍‌ଗୁଡ଼ିକର ସେଟ୍; ୧୧୭ ସେଟ୍; ୧,୫୯,୬୬୦.୦୦; **(୧୦) ୨୯୨୪୫୦୧୮;** ୩୧।୦୧।୨୫; ୩ ଫେଜ୍ ଲୋକୋମୋଟିଭ୍‌ର ବିଏଚ୍‌ଇଏଲ୍ ପ୍ରପଲ୍‌ଶନ୍ ସିଷ୍ଟମ୍ ଇତ୍ୟାଦି; ୧୬ ଗୋଟି; ୨,୩୯,୪୫୦.୦୦; **(୧୧) ୨୫୨୪୧୨୪୬;** ୩୧।୦୧।୨୫; ଏମ୍‌ଭିଏମ୍‌ଟି. ପାଇଁ ଇମ୍ପେଲର୍ ବିନା ବ୍ଲୋୟର୍ ମୋଟର କମ୍ପ୍ଲିଟ୍; ୬୩ ଗୋଟି; ୧,୪୬,୩୭୦.୦୦; **(୧୨) ୨୯୨୪୩୨୯୦;** ୦୩।୦୨।୨୫; ଏଫ୍‌ଟିଆର୍‌ଟିଆଇପିଏଲ୍ ଗଠନର ଏୟାର୍ ଡ୍ରାଏର୍‌ର ଆଇଓଏଚ୍ ସିଡ୍ୟୁଲ୍‌ର ଓଭରହଲିଂ କିଟ୍; ୯୯ ଗୋଟି; ୧,୧୩,୧୬୦.୦୦; **(୧୩) ୨୯୨୪୪୫୮୮;** ୦୫।୦୨।୨୫; ଏଣ୍ଡ୍ ଫ୍ରେମ୍ ଡ୍ରାଇଭିଂ ଏଣ୍ଡ୍ ଆସେମ୍ବ୍ଲି (ମୋଡିଫାଏଡ୍); ୧୨୫ ଗୋଟି; ୨,୦୦,୬୦୦.୦୦; **(୧୪) ୧୬୨୪୫୦୦୪;** ୦୭।୦୨।୨୫; ଇନ୍‌ଭର୍ଟର୍ ଫେଜ୍ ମଡ୍ୟୁଲ୍ ଏମ୍‌ଏଚ୍‌ଏସ୍୭୨୨ପି(ଜି)ଏସ୍; ୦୯ ଗୋଟି; ୧,୪୦,୦୦୦.୦୦; **(୧୫) ୨୯୨୫୩୦୧୦;** ୧୩।୦୨।୨୫; ଏକ୍ସିଲ୍ ଗାଇଡ୍ ଲିଙ୍କ୍ ପାଇଁ ଷ୍ଟେରିବ୍ଲକ୍; ୯୩୫୪ ଗୋଟି; ୧୮,୧୦,୧୯୦; **(୧୬) ୨୫୨୪୩୫୬୫;** ୨୫।୦୨।୨୫; ୧୫୦୦ ଆମ୍ପସ୍ ପାଇଁ କଣ୍ଟାକ୍ଟ ସେଗମେଣ୍ଟ; ୭୮୭ ଗୋଟି; ୨,୦୯,୬୦୦.୦୦; **(୧୭) ୨୯୨୪୩୨୦୬;** ୦୬।୦୩।୨୫; ହେଡ୍ ଲାଇଟ୍ ପାଇଁ କଣ୍ଟାକ୍ଟର୍; ୨୭୯ ଗୋଟି; ୧,୬୯,୯୨୦.୦୦; **(୧୮) ୨୯୨୪୩୧୯୪;** ୧୦।୦୩।୨୫; ଡବ୍ଲ୍ୟୁଏଜି-୯ ଲୋକୋ ପାଇଁ କଣ୍ଟାକ୍ଟର ଫିଲ୍ଟର୍ ଅନ୍/ଅଫ୍ ଏବଂ ଆଡାପ୍ଟେଶନ୍; ୨୧ ଗୋଟି; ୧,୭୮,୪୨୦.୦୦; **(୧୯) ୨୯୨୪୪୯୯୪;** ୨୫।୦୩।୨୫; ହଲ୍ ଇଫେକ୍ଟ ଆକ୍ଟିଭ୍ ସ୍ପିଡ୍ ସେନ୍ସୋ.; ୧୫୬ ଗୋଟି; ୧,୧୬,୮୯୦.୦୦; **(୨୦) ୬୬୨୪୫୦୨୩;** ୦୫।୦୨।୨୫; ଭିନ୍ନ ଭିନ୍ନ ସାମଗ୍ରୀ । ପ୍ଲାସର୍ ଗଠନ ।; ଟେଣ୍ଡର ଅନୁଯାୟୀ; ୪,୪୫,୭୨୦.୦୦; **(୨୧) ୬୦୨୪୦୦୧୮ଏ;** ୦୬।୦୨।୨୫; ୬୦ କେଜି ରେଲ୍ ଆଦି ପାଇଁ ଉପଯୁକ୍ତ ଫିଶ୍ ବୋଲ୍ଟସ୍ ଓ ନଟ୍‌ସ ୨୫ x ୧୪୦ (ଟି-୧୮୯୯); ୬୭୮୪ ଗୋଟି; ୧,୦୦,୯୩୦.୦୦; **(୨୨) ୪୬୨୪୫୦୬୩;** ୦୫।୦୨।୨୫; ୧୩୦ ବର୍ଗ ମିମି ଷ୍ଟ୍ରାଣ୍ଡେଡ୍ କାଡ୍‌ମିୟମ୍ କପର୍ ଲାର୍ଜ ସ୍ପାନ୍ ଓ୍ୱାୟାର୍ ଇତ୍ୟାଦି; ୦୮ ଏମ୍‌ଟି.; ୧,୫୩,୨୧୦.୦୦; **(୨୩) ୪୬୨୪୫୦୬୧;** ୧୮।୦୨।୨୫; ୧୬୦ ବର୍ଗ ମିମି ଆନିଲ୍‌ଡ କପର୍ ଷ୍ଟ୍ରାଣ୍ଡେଡ୍ ଜମ୍ପର୍ ଓ୍ୱାୟାର୍ ଇତ୍ୟାଦି; ୦୬ ଏମ୍‌ଟି. ; ୧,୨୯,୬୧୦.୦୦ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ସମ୍ପର୍କରେ ଜାଣିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି ।**

(PR-1029) ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ଜିଆର୍‌ସି

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ଦୂରବାର୍ତ୍ତା ଡିଜିଟାଲ ଲାଇଭ ଆବଶ୍ୟକ କରୁଛି**

୧. ସାମ୍ବାଦିକ - ଓଡ଼ିଶାର ୩୦ ଟି ଜିଲ୍ଲା ଓ ପ୍ରତ୍ୟେକ ବ୍ଲକ ନିମନ୍ତେ ।
୨. ଭିଜୁଆଲ ଏଡିଟର ୪ ଜଣ
୩. ସବ୍-ଏଡିଟର ୪ ଜଣ
୪. କ୍ୟାମେରାମ୍ୟାନ୍ ୨ ଜଣ
୫. ଗ୍ରାଫିକ୍ ଡିଜାଇନର ୨ ଜଣ
୬. ଆନିମେସନ୍ ଡିଜାଇନର ୩ ଜଣ
୭. ଅଫିସ୍ ପିଅନ ୨ ଜଣ
୮. ନିୟୁଜ ଏଡିଟର ୧ ଜଣ
୯. ପାର୍ଟଟାଇମ ସ୍କ୍ରିପ୍ଟ ରାଇଟର (Short film/Comedy etc.)
୧୦. ଆଡଭାଟାଇଜିଂ ମ୍ୟାନେଜର ୪ ଜଣ

(କେବଳ ଅଭିଜ୍ଞ ବ୍ୟକ୍ତି ଆବେଦନ କରିପାରିବେ)
(Previous Salary is Protected)
ଯୋଗାଯୋଗ ଠିକଣା:
ଦୂରବାର୍ତ୍ତା ଡିଜିଟାଲ ଲାଇଭ
୯୯୩୭୭୦୭୦୧୦
T.S.G GURUKUL, 444, GOTHAPATNA, BBSR

**ଆବଶ୍ୟକ**

ଜିମ୍‌ରେ କାର୍ଯ୍ୟକରିବା ପାଇଁ ଲେଡ଼ିସ୍ ଆକାଉଣ୍ଟାଣ୍ଟ, ଲେଡିସ୍ ଟ୍ରେନର ଓ ଜେଣ୍ଟ୍ସ ଟ୍ରେନର ଆବଶ୍ୟକ।
- ଯୋଗାଯୋଗ -
K-3/453, କଳିଙ୍ଗନଗର, ଭୁବନେଶ୍ୱର
9861078181 / 7978618134

**REQUIREMENT URGENTLY**
1. M.Sc. CHEMISTRY : 03 Nos. (Water Test Experience Preferable)
2. MARKETING EXECUTIVE: MBA - 02 Nos.
Salary - 15000.00/-
Send Updated CV
OTL CONSULTANCY SERVICE PVT. LTD.
Email: odishatestinglab@gmail.com
Mobile No.: 8249525997

**REQUIRED**

A Leading Infra Pvt. Ltd. Company requires suitable / experienced candidates for filling up the following positions.
1) **DRIVER** - 02 Nos. : (Must have a valid driving license and proficiency in four wheeler driving)
2) **D.T.P. OPERATOR** : 02 Nos. (Proficiency in Odiya, Hindi & English) having good knowledge in English).
3) **D.T.P. - CUM-MAP DEVELOPER** - 02 Nos. : (proficiency in Odiya, Hindi & English) having good knowledge in
4) **Accountant** - 01 No. : (Adequate Knowledge in accounts and must have skills with MS-Excel preferred)

**TARASHREE INFRA PVT. LTD.**
At : Talamali Sahi, near Dewan Bagicha, Puri
Ph. No. : 06752-220999 Mob : 9124140964

**URGENT REQUIRED**

One teacher for our Upper Primary school in Nabarangpur District. Qualification : B.A./B.Sc. BED with 2 years experience.
Contact Mobile No. - 9040268680,
e-mail : nuhassbbsr@gmail.com / nuhassbbsr@rediffmail.com

**WANTED**
Medical Representative
Area Sales Manager
for all over the Orissa to Launch Psychiatric Company. Please send resume on whatsapp only
Subhash Kelkar (Director)
9923000311

See Career Appointment on every Wednesday & Saturday

Teachers Required Teachers Required
**BETHANY CONVENT SCHOOL**
(Affiliated to ICSE New Delhi)
Madhuban, Paradip, Jagatsinghpur, Odisha, PIN - 754 142
Email : bcshparadip@yahoo.com, Mob : +91 7894618491, 8984087996

| Subjects | Qualification |
|---|---|
| Mathematics<br>English<br>Physics<br>Chemistry<br>Biology<br>Computer<br>Physical Education | 1. Graduate or Post Graduate in respective subject<br>2. B.Ed / B.Ped<br>3. 3 Years Experience<br>4. Proficiency in written and spoken English<br>5. Conversant with latest teaching trends and use of technology |

The application and relevant documents should reach the school office by post or email with full contact address and contact telephone number of the applicant by 31st of March 2025.
Sd./- Principal

Estd. - 1979
☎7682032632
**THE KOSALA SCHOOL**
An English Medium Residential Public School
(CBSE Affiliation No. 1530003)
NUA-KHAIRPALI, PO. - LARASARA, DIST. : BARGARH - 768027 (ODISHA)
Email - thekosalaschool1979@gmail.com, Mob - 6370708544 / 7682032632
**REQUIRES THE FOLLOWING TEACHING & NON TEACHING STAFF**

| S.N | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry/Biology/ Mathematics/English/ Computer Science/ | Master's Degree in subject concerned with B.Ed | (Salary is not a constraint for deserving candidates) |
| 2 | TGT | English / Physics /Chemistry / Biology / Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | Pre Primary Teacher | | Higher Secondary (+2) with NTT / STT / Diploma in ECCE | |
| 5 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 6 | Data Entry Operator | | B.A. or B.Sc with PGDCA | |
| 7 | Office Assistant | | B.A. or B.Sc with PGDCA | |
| 8 | Accountant | | B.Com with Tally | |
| 9 | Special Educator | | B.A. or B.Sc with B.Ed (Special Education) | |
| 10 | Hostel Warden (Male / Female) Age- 25 to 35 years | | Higher Secondary (+2) | |
| 11 | Security Guard | | Higher Secondary (+2) | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent and free fooding.
- Interested candidates can send their filled up bio-data to the email address :- thekosalaschool1979@gmail.com on or before 05/02/2025.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no. (given above) from 10.00 A.M. to 2.00 P.M.

Sd./- (Principal)



ରାଷ୍ଟ୍ରପତି ଭବନରେ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର ଗ୍ରହଣ ଅବସରରେ ମନୁ ଭାକର, ପ୍ରବୀଣ କୁମାର, ହରମନପ୍ରୀତ ସିଂ ଓ ଡି. ଗୁକେଶ।

# ମନୁ, ଗୁକେଶଙ୍କ ସମେତ ୪ଜଣଙ୍କୁ ଖେଳରତ୍ନ

- ରାଷ୍ଟ୍ରପତି ପ୍ରଦାନକଲେ ଜାତୀୟ କ୍ରୀଡ଼ା ପୁରସ୍କାର
- ପାରା-ଆଥ୍‌ଲେଟ୍ସ ମୁଖ୍ୟ ଆକର୍ଷଣ



ଅର୍ଜୁନ ଓ ଅନ୍ୟ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍।

**ନୂଆଦିଲ୍ଲୀ, ୧୭।୧ (ପି.ଟି.)**

ରାଷ୍ଟ୍ରପତି ଭବନରେ ଏକ ଭବ୍ୟ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି। ମନୁ ଭାକର ଓ ଡି. ଗୁକେଶଙ୍କ ସମେତ ୪ଜଣଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି। ତେବେ ପାରା ଆଥଲେଟ୍‌ମାନେ ଥିଲେ ଉତ୍ସବରେ ଆକର୍ଷଣର କେନ୍ଦ୍ରବିନ୍ଦୁ। ଡବଲ ଅଲିମ୍ପିକ ପଦକ ବିଜେତା ଭାକର ଓ ୧୮ ବର୍ଷୀୟ ବିଶ୍ୱ ଚେସ୍ ଚାମ୍ପିୟନ ଗୁକେଶଙ୍କ ବ୍ୟତୀତ ପୁରୁଷ ହକି ଅଧିନାୟକ ହରମନପ୍ରୀତ ସିଂ ଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ହାଇଜମ୍ପର ପ୍ରବୀଣ କୁମାର ପ୍ରମୁଖଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିବାରେ ୨୨ବର୍ଷୀୟା ଭାକର ହେଉଛନ୍ତି ସ୍ୱାଧୀନ ଭାରତର ପ୍ରଥମ ଆଥ୍‌ଲେଟ। ଗତ ଅଗଷ୍ଟରେ ସେ ବ୍ୟକ୍ତିଗତ ୧୦ମିଟର ଏୟାର ପିସ୍ତଲ ଓ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ହରମନପ୍ରୀତ ଟୋକିଓ ସମେତ ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ରହିଥିଲେ। ଅନ୍ୟପକ୍ଷରେ ଜନ୍ମରୁ ଡାହାଣ ଗୋଡ଼ ଛୋଟ ଥିବା ପାରା ଆଥ୍‌ଲେଟ ପ୍ରବୀଣ ଟୋକିଓ ରାଜଧାନୀରେ ରୌପ୍ୟ ଜିତିଥିବା ବେଳେ ପ୍ୟାରିସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୮ ବର୍ଷୀୟ ଗୁକେଶ ଗତମାସରେ ଚାଇନାର ଡିଙ୍ଗ ଲିରେନଙ୍କୁ ପରାସ୍ତ କରି ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଖେଳାଳି ଭାବେ ସେ ଏହି ଟାଇଟଲ ହାସଲ କରିପାରିଛନ୍ତି। ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଭାରତର ପୁରୁଷ ସ୍ୱର୍ଣ୍ଣ ବିଜୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ୩୨ ଆଥ୍‌ଲେଟଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ ଅଭୁତପୂର୍ବ ୧୭ଜଣ ପାରାଆଥଲେଟ ରହିଛନ୍ତି। ଅର୍ଜୁନ ପୁରସ୍କାର ବିଜେତାଙ୍କ ମଧ୍ୟରେ ରହିଛନ୍ତି ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା କୁସ୍ତି ଯୋଦ୍ଧା ଅମନ ଶେରାୱତ, ଶୁଟର ସ୍ୱପ୍ନିଲ କୁଶାଲେ ଓ ସରବଜୋତ ସିଂ (ଅଲିମ୍ପିକ୍ସ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ପ୍ରତିଯୋଗିତାରେ ଭାକରଙ୍କ ପାର୍ଟନର) ଏବଂ ହକି ଦଳର ଖେଳାଳି ଜରମନପ୍ରୀତ ସିଂ, ସୁଖଜିତ୍ ସିଂ, ସଞ୍ଜୟ ଓ ଅଭିଷେକ।

## ଜାତୀୟ କ୍ରୀଡ଼ା ପୁରସ୍କାର ତାଲିକା

**ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ (୪):** ଡି. ଗୁକେଶ (ଚେସ୍), ହରମନପ୍ରୀତ ସିଂ (ହକି), ପ୍ରବୀଣ କୁମାର (ପାରା-ଆଥ୍‌ଲେଟିକ୍ସ), ମନୁ ଭାକର (ଶୁଟିଂ)।

**ଅର୍ଜୁନ (୩୨):** ଜ୍ୟୋତି ୟାରାଜି, ଅନୁ ରାଣୀ (ଉଭୟ ଆଥ୍‌ଲେଟିକ୍ସ), ନିତୁ, ସ୍ୱିଟି (ଉଭୟ ବକ୍ସିଂ), ଭାନ୍ତିକା ଅଗ୍ରୱାଲ (ଚେସ୍), ସାଲିମା ଟେଟେ, ଅଭିଷେକ, ସଞ୍ଜୟ, ଜରମନପ୍ରୀତ ସିଂ, ସୁଖଜିତ ସିଂ (ସମସ୍ତେ ହକି), ରାକେଶ କୁମାର, ପ୍ରୀତି ପାଲ୍, ଜିଭଞ୍ଜି ଦୀପ୍ତି, ଅଜିତ ସିଂ, ସଚିନ ସର୍ଜେରାଓ ଖିଲାରି, ଧରମବୀର, ପ୍ରଣବ ସୁରମା, ଏଚ. ହୋକାତୋ ସିମା, ସିମରନ, ନଭଦୀପ (ସମସ୍ତେ ପାରା-ଆଥଲେଟିକ୍ସ), ନୀତେଶ କୁମାର, ଥୁଲସିମଥି ମୁରୁଗେସନ, ନିତ୍ୟା ଶ୍ରୀ ସୁମାଥି ସିଭାନ, ମନୀଶା ରାମଦାସ (ସମସ୍ତେ ପାରା-ବ୍ୟାଡ୍‌ମିଣ୍ଟନ), କପିଲ ପରମାର (ପାରା-ଜୁଡୋ), ମୋନା ଅଗ୍ରୱାଲ, ରୁବିନା ଫ୍ରାନ୍ସିସ (ଉଭୟେ ପାରା-ଶୁଟିଂ), ସରବଜୋତ ସିଂ, ସ୍ୱପ୍ନିଲ ସୁରେଶ କୁସାଲେ (ଉଭୟେ ଶୁଟିଂ), ଅଭୟ ସିଂ (ସ୍କ୍ୱାଶ୍), ସାଜନ ପ୍ରକାଶ (ସୁଇମିଂ), ଅମନ ଶେରାୱତ (ରେସଲିଂ)।

**ଅର୍ଜୁନ (ଲାଇଫ୍‌ଟାଇମ୍):** ସୁଚା ସିଂ (ଆଥ୍‌ଲେଟିକ୍ସ), ମୁରଲୀକାନ୍ତ ରାଜାରାମ ପେଟକର (ପାରା-ସୁଇମିଂ)।

**ଦ୍ରୋଣାଚାର୍ଯ୍ୟ(ରେଗୁଲାର):** ସୁଭାଷ ରାଣା (ପାରା-ଶୁଟିଂ), ଦୀପାଳି ଦେଶପାଣ୍ଡେ (ଶୁଟିଂ), ସନ୍ଦୀପ ସଙ୍ଗୱାନ (ହକି)।

**ଦ୍ରୋଣାଚାର୍ଯ୍ୟ (ଲାଇଫଟାଇମ୍):** ଏସ. ମୁରଲୀଧରନ(ବ୍ୟାଡ୍‌ମିଣ୍ଟନ), ଅର୍ମାଣ୍ଡୋ ଆଞ୍ଜେଲୋ କୋଲାକୋ (ଫୁଟବଲ)।

**ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ:** ଫିଜିକାଲ ଏଜୁକେଶନ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ।

**ମୌଲାନା ଅବଦୁଲ କଲାମ ଆଜାଦ ଟ୍ରଫି:** ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ।

# ୧୦ରେଡ୍ ସ୍ନୁକର: ଆଶୁତୋଷ ଚାମ୍ପିୟନ

**ଭୁବନେଶ୍ୱର, ୧୭।୧ (ତପନ ସ୍ୱାଇଁ):** ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଆନୁକୂଲ୍ୟରେ ୩ୟ ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ୧୦ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ନିଜ କୋଚ୍ ସୁବ୍ରତ ଦାସଙ୍କୁ ୫-୨ (୭୩-୦, ୪୮-୬, ୩୭-୨୭, ୩-୫୩, ୩୩-୪୭, ୪୪-୧୮, ୪୭-୩୧) ଫ୍ରେମ୍‌ରେ ହରାଇ ଆଶୁତୋଷ ପାଢ଼ୀ ଚାମ୍ପିୟନ ହୋଇଛନ୍ତି। ଏହାକୁ ମିଶାଇ ଆଶୁତୋଷ ୧୬ ଓପନ ସ୍ନୁକର ଟାଇଟଲ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର କ୍ଲବ ସଭାପତି ଅସିତ ତ୍ରିପାଠୀ, ସଦସ୍ୟା ଲିପ୍‌ସା ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ କୌଶିକ ମହାପାତ୍ର, ଆୟୋଜକ ଆସୋସିଏଶନ ସଭାପତି ତାରା ରଞ୍ଜନ ପଟ୍ଟନାୟକ, ସମ୍ପାଦକ ସମୀର ଅଲୀ, ପୂର୍ବତନ ସମ୍ପାଦକ ଶ୍ରୀମୟ କର ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




# ଅଲିମ୍ପିକ୍ସ ପଦକର କ୍ୱାଲିଟିକୁ ନେଇ ପ୍ରଶ୍ନ ଉଠାଇଲେ ଭାକର

**ନୂଆଦିଲ୍ଲୀ, ୧୭।୧**

ପ୍ୟାରିସ ଅଲିମ୍ପିକ୍ସର ପଦକ କ୍ୱାଲିଟିକୁ ନେଇ ବିଶ୍ୱର ଅନେକ ଆଥଲେଟ୍ ପ୍ରଶ୍ନ ଉଠାଇଛନ୍ତି। ଏବେ ସେଥିରେ ସାମିଲ ହୋଇଛନ୍ତି ଭାରତର ତାରକା ମହିଳା ଶୁଟର ମନୁ ଭାକର। ମନୁ ଅଲିମ୍ପିକ୍ସର ମହିଳା ୧୦ ମିଟର ଏୟାର ପିସ୍ତଲ ଓ ସରବଜୋତ ସିଂଙ୍କ ସହ ମିଶି ୧୦ ମିଟର ମିକ୍ସଡ ଟିମ୍ ଇଭେଣ୍ଟରେ ୨ଟି ବ୍ରୋଞ୍ଜ ପଦକ ପାଇଥିଲେ। ମାତ୍ର ତାଙ୍କ ପଦକ ଉପରିଭାଗର ଚମକ ଚାଲି ଯାଇଛି। ଜଣେ କ୍ରୀଡ଼ାବିତ୍ ପାଇଁ ଅଲିମ୍ପିକ୍ ପଦକଠାରୁ ଆଉ ବଡ଼ ସ୍ମରଣିକା କିଛି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ବିଶ୍ୱର ଅନେକ ଆଥଲେଟ୍ ସେମାନଙ୍କ ପଦକକୁ ରିପ୍ଲେସ କରାଯାଉ ବୋଲି ଦାବି କରିଛନ୍ତି।

ଶୁକ୍ରବାର ରାଷ୍ଟ୍ରପତି ଭବନରେ ଭାକର ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ପୁରସ୍କାର ହାସଲ କରିଛନ୍ତି। ସେ ପ୍ୟାରିସ ଅଲିମ୍ପିକ୍ସରେ ପାଇଥିବା ଦୁଇ ପଦକର ଉପରିଭାଗ ଚମକ ହରାଇଛି, ଯାହାକି ତାଙ୍କୁ ବହୁତ ଦୁଃଖ ଦେଇଛି ବୋଲି ଏହି ୨୨ ବର୍ଷୀୟ ତାରକା ଶୁଟର ପ୍ରକାଶ କରିଛନ୍ତି। ‘‘ଆମେ ପଦକ ପାଇବାର ୨-୩ ଦିନ ମଧ୍ୟରେ ପଦକର ଉପରିଭାଗ ମଳିନ ପଡ଼ିବାରେ ଲାଗିଥିଲା। ଅଲିମ୍ପିକ୍ ପଦକ ଜଣେ କ୍ରୀଡ଼ାବିତ୍‌କୁ ଜୀବନସାରା ଖୁସି ଦେଇଥାଏ। କାରଣ ଏହି ପଦକ ସହିତ ଅବିସ୍ମରଣୀୟ ସ୍ମୃତି ଯୋଡ଼ି ହୋଇ ରହିଥାଏ। ଜଣେ ଆଥଲେଟ୍ କ୍ୟାରିୟରରେ ଏହାଠାରୁ ଆଉ ବଡ଼ ସ୍ମରଣିକା କିଛି ନାହିଁ। ତେଣୁ ଏହା ଟପ୍ କ୍ୱାଲିଟିର ହେବା ଆବଶ୍ୟକ। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଯଦି ଏହାକୁ ରିପ୍ଲେସ କରିବାକୁ ନିଷ୍ପତ୍ତି ନିଅନ୍ତା ତେବେ ବହୁତ ଭଲ ହୁଅନ୍ତା’’ ବୋଲି ଖେଳରତ୍ନ ପୁରସ୍କାର ପାଇବାପରେ ଖବରଦାତାଙ୍କ ସହ ଭାବ ବିନିମୟ ଅବସରରେ ଭାକର କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ଖରାପ ହୋଇଯାଇଥିବା ପଦକ ଗୁଡ଼ିକୁ ପ୍ୟାରିସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ରିପ୍ଲେସ କରାଯିବ ବୋଲି ଆଇଓସି ପକ୍ଷରୁ ଚଳିତ ସପ୍ତାହ ପ୍ରଥମ ଭାଗରେ ପ୍ରକାଶ କରାଯାଇଛି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ